ଶ୍ରୀମଦ୍ଭଗବଦ୍ଗୀତା ।

ନବାକ୍ଷରୀ



ଶ୍ରୀ ଜଗଦ୍ବନ୍ଧୁ ସିଂହ ।

ଷଷ୍ଠ ସଂସ୍କରଣ

ପ୍ରକାଶକ—ପୁରୀ ନାସନାଲ ଷ୍ଟୋର୍ସ

ମୂଲ୍ୟ ଟ ୦ ୫୬

ଭୂମିକା ।

ତୃତୀୟ ସଂସ୍କରଣ ।

ବେଦେଷୁ ପୌରୁଷଂ ସୂକ୍ତଂ ପୁରାଣେଷୁ ଚ ବୈଷ୍ଣବଂ
ଭାରତେ ଭଗବଦ୍ଗୀତା ଶାସ୍ତ୍ରଂ ତ୍ରୈଲୋକ୍ୟଦୁର୍ଲ୍ଲଭଂ ।

ବେଦମଧ୍ୟରେ ପୁରୁଷସୂକ୍ତ; ପୁରାଣମଧ୍ୟରେ ବିଷ୍ଣୁପୁରାଣ, ମହାଭାରତ ମଧ୍ୟରେ ଭଗବଦ୍ଗୀତା ଏହି ତିନୋଟି ଶାସ୍ତ୍ରପରି ଶାସ୍ତ୍ର ତ୍ରିଲୋକ ମଧ୍ୟରେ ଆଉ ନାହିଁ । ଗୀତା କହିଲେ ଭଗବଦ୍ଗୀତାକୁ ବୁଝାଏ । ଗୀତାପରି ଧର୍ମ୍ମଶାସ୍ତ୍ର ପୃଥିବୀମଧ୍ୟରେ ଅନ୍ୟକୌଣସି ଭାଷାରେ ନାହିଁ । ଗୀତାରେ ସକଳ ଧର୍ମ୍ମଶାସ୍ତ୍ରର ଗୁଢ଼ତତ୍ତ୍ୱମାନ ନିହିତ ଅଛି । ମାନବ ସଂସାରରେ ରହି କିପରି ଭାବରେ କର୍ମ୍ମ କଲେ ଜନ୍ମମରଣବନ୍ଧନରୁ ମୁକ୍ତିଲାଭ କରିବ ଗୀତା ସେହି ବାଟ ଦେଖାଇ ଦେଇଛି । ଅନ୍ତ୍ୟଜାଦି ବ୍ରାହ୍ମଣ ପୁରୁଷ ନାରୀ ଗୀତା ପାଠ କରି ଗୀତାର ଉପଦେଶ ଅନୁସାରେ ନିଜ ନିଜ ଜୀବନକୁ ଗଢ଼ିନେଲେ ଏ ମର୍ତ୍ତ୍ୟପୁରୀ ସଂସାର ସ୍ୱର୍ଗରେ ପରିଣତ ହେବ । ଏହି ଉଦ୍ଦେଶ୍ୟରେ ଗୀତାକୁ ଅତିସରଳ ଓଡ଼ିଆ ଭାଷାରେ ଅନୁବାଦ କରିବାପାଇଁ ପ୍ରଥମରୁ ଚେଷ୍ଟା କରିଥିଲି । ଏହି ପୁସ୍ତକଟିର ଇତିମଧ୍ୟରେ ୨ୟ ସଂସ୍କରଣ ହୋଇଯାଇଛି । ଲୋକମାନେ ବଡ଼ଆଗ୍ରହରେ ଏ ଗୀତା ପାଠ କରୁଛନ୍ତି । ଯେତେ ସରଳ ଭାଷାରେ ଲେଖିଥିଲେହେଁ ୨ୟସଂସ୍କରଣ ଗୀତାକୁ ଆଉ ଥରେ ପାଠ କରୁ କରୁ ଦେଖିଲିଯେ ଅନେକସ୍ଥଳ ଟିକିଏ କଠିଣ ଲାଗୁଛି । ସୁତରାଂ ତାକୁ ଆହୁରି ସରଳ କରିବାର

ଚେଷ୍ଟା କରି କେବଳ ସ୍ଥୂଳ ପରିବର୍ତ୍ତନ, ପରିବର୍ଜ୍ଜନ, ଓ ସଂ-
ଶୋଧନ କରିବା ଆବଶ୍ୟକ ପଡ଼ିଲା । ଆଶାକରେ ଲୋକମାନେ
ଗୀତାମୃତ ପାନ କରି ନିଜନିଜ ଜୀବନକୁ କୃତାର୍ଥ କରିବେ ।
ଗୀତା ଅତି କଠୀଣ ଗ୍ରନ୍ଥ କେତେ କେତେ ପଣ୍ଡିତମାନେ
ଏଥିରେ ଦନ୍ତସ୍ଫୁଟ କରିପାରୁନାହାନ୍ତି । ଭଗବାନ ମତେ ସେପରି
ପାଣ୍ଡିତ୍ୟ ଦେଇନାହାନ୍ତି । ତଥାପି ତାଙ୍କ କରୁଣା ତାଙ୍କ ପଦ୍ମ-
ପାଦରେ ମନଃପ୍ରାଣ ନିବେଶ କରି ଯଥାଶକ୍ତି ଗୀତାର ଗୂଢ଼ତତ୍ତ୍ୱ
ସରଳ ଭାଷାରେ ପ୍ରକାଶ କରିବାକୁ ଚେଷ୍ଟା କରିଛି । ବଡ଼ବଡ଼
ଦାର୍ଶନିକ ପଣ୍ଡିତମାନେ ଗୀତାର ଅସଂଖ୍ୟ ଟୀକା ଅନ୍ୱୟ ଅର୍ଥ
ପ୍ରକାଶ କରିଯାଇଛନ୍ତି । ମାତ୍ର ଲୋକସାଧାରଣ ଗୀତା ପାଠକ-
ଙ୍କର ସୁବିଧା ନାହିଁ । ଭାଷାର [illegible] ପଢ଼ି ଶୁଣି ଗୀତା
ମର୍ମ୍ମ ବା ଯାଏ ଗୀତାର ଉଦ୍ଦେଶ୍ୟ ସିଦ୍ଧହେବ ନାହିଁ । ଗୀତା
ସାଧକମାନଙ୍କ ଆଦର୍ଶ ଶିକ୍ଷକ । ମୋର ଏ ପୁସ୍ତକ ଲେଖିବାର
ଉଦ୍ଦେଶ୍ୟ ଏହା, ଗୀତା ଯେପରି ପ୍ରତ୍ୟେକଙ୍କ ଘରେ ପ୍ରତ୍ୟେକ
[illegible] ମଧ୍ୟରେ ସ୍ଥାନ ପାଇବ ଏବଂ ପ୍ରତ୍ୟେକ ଲୋକ ଗୀତା-
[illegible] ସାଧନ [illegible] ହେବେ । ଗୀତାମାହାତ୍ମ୍ୟ ପାଠ-
[illegible] ସାଧାରଣଲୋକ ବୁଝିପାରିବ, ମୁଁ ବିଶେଷ
[illegible] ନାହିଁ । [illegible] ଜଗନ୍ନାଥଦାସଙ୍କ
[illegible] ଯେପରି ଘରଘରେ ପାଠହେଉଛି ଓ ପୂଜା
[illegible] ସେହିପରି ପାଠହେବା ଆବଶ୍ୟକ । ସଂସାରରେ
[illegible] ଜନ୍ମ ହୋଇ ଯେ ଗୀତା ପାଠ ନ କରିଛି ବା ଗୀତା ଧର୍ମ୍ମ
[illegible] ତାହାର ମୁକ୍ତି ନାହିଁ ତାହାର ଜନ୍ମ ବୃଥା । ଭାରତବାସୀ
[illegible] ପାଳନ କରି ଏକଦା ଜଗତରେ ଶ୍ରେଷ୍ଠସ୍ଥାନ ଲାଭ-
କରିଥିଲେ । ଆଜି ଗୀତାଧର୍ମ୍ମ ହରାଇ ଦୁର୍ଗତିର ଶେଷସୀମାରେ
ଉପସ୍ଥିତ; ପୁନର୍ବାର ଗୀତାଧର୍ମ୍ମ ଅନୁସାରେ ଜୀବନକୁ ନ

ଶିଖିଲେ ଦୁର୍ଗତି ନାଶର ଆଶଙ୍କା ନାହିଁ । ସୁତରାଂ ପ୍ରତ୍ୟେକ ଭାରତ-ବାସୀ ଅଦ୍ୟ ଗୀତାଧର୍ମରେ ଅନୁ—ପ୍ରାଣିତ ହେବା ନିତାନ୍ତ ଆବଶ୍ୟକ । କେବଳ ଶୁକପରି କଣ୍ଠସ୍ଥ କଲେ ହେବନାହିଁ ଗୀତାଧର୍ମ ଅନୁସାରେ ସର୍ବଥା ଚଳିବାକୁ ହେବ, କାର୍ଯ୍ୟ କରିବାକୁ ହେବ । ଏହା ମୋର ମତ ନୁହେ ଏହା ଭଗବାନ ଶ୍ରୀକୃଷ୍ଣଙ୍କର ଆଦେଶ, ଗୀତାର ମୂଳଶ୍ଳୋକ ଏକତ୍ରେ ଶେଷରେ ଦିଆ-ଯାଇଛି । ଅନୁବାଦର ସଂଖ୍ୟା ମୂଳଶ୍ଳୋକ ସଂଖ୍ୟାସଙ୍ଗେ ସମାନ ଅଛି । ଯେଉଁମାନେ ଶ୍ଳୋକସହିତ ଅନୁବାଦ ମେଳ କରିବାକୁ ଚାହାନ୍ତି ସେମାନେ ସହଜରେ ମିଳାଇ ପାଠ କରିବେ । ଯେଉଁମାନେ ସଂସ୍କୃତ ନ ଜାଣନ୍ତି ସେମାନେ ଭାଷା ପାଠ କରିବେ, ସଂସ୍କୃତଶ୍ଳୋକକୁ ଉପେକ୍ଷା କରିବେନାହିଁ । ଇତି ।

ଶ୍ରୀ ଜଗବନ୍ଧୁ ସିଂହ



ଶ୍ରୀମଦ୍ଭଗବଦ୍ଗୀତା

ପ୍ରାରମ୍ଭଃ

ଓଁ ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍
ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ।

ଅଖଣ୍ଡ ମଣ୍ଡଳ ଆକାର । ବ୍ୟାପିଛନ୍ତି ଯେହୁ ଚରାଚର ।
ତାହାଙ୍କ ଅଭୟ ଚରଣ । ଯେ ଗୁରୁ ଦେଖାଇଲେ ପୁଣ ।
ଏମନ୍ତ ଗୁରୁ ଯେ ମୋହର । ତାହାଙ୍କ ପଦେ ନମସ୍କାର ।

ଶ୍ରୀ ହୟଗ୍ରୀବାୟ ନମଃ

ଶୁକ୍ଲାମ୍ବରଧରଂ ବିଷ୍ଣୁଂ ଶଶିବର୍ଣ୍ଣଂ ଚତୁର୍ଭୁଜମ୍
ପ୍ରସନ୍ନବଦନଂ ଧ୍ୟାୟେତ୍ ସର୍ବବିଘ୍ନୋପଶାନ୍ତୟେ ।

ଶୁକ୍ଳ ବସନ ପରିଧାନ । ଚତୁର୍ଭୁଜ ଶଶିବର୍ଣ୍ଣ ।
ପ୍ରସନ୍ନ ବଦନ ଯାହାର । ଏମନ୍ତ ବିଷ୍ଣୁ ଧ୍ୟାନ କର ।
ସକଳ ବିଘ୍ନ ଦୂର ହେବ । ଶାନ୍ତିରେ କାଳ କଟାଇବ ।

ନାରାୟଣଂ ନମସ୍କୃତ୍ୟ ନରଞ୍ଚୈବ ନରୋତ୍ତମମ୍
ଦେବୀଂ ସରସ୍ୱତୀଞ୍ଚୈବ ତତୋ ଜୟମୁଦୀରୟେତ୍ ।

ବ୍ୟାସଂ ବଶିଷ୍ଠନପ୍ତାରଂ ଶକ୍ତେଃ ପୌତ୍ରମକଲ୍ମଷମ୍
ପରାଶରାତ୍ମଜଂ ବନ୍ଦେ ଶୁକତାତଂ ତପୋନିଧିମ୍ ।

ବ୍ୟାସାୟ ବିଷ୍ଣୁରୂପାୟ ବ୍ୟାସରୂପାୟ ବିଷ୍ଣବେ ।
ନମୋ ବୈ ବ୍ରହ୍ମବଧୟେ ବାଶିଷ୍ଠାୟ ନମୋ ନମଃ ।

ଅଚତୁର୍ବଦନୋ ବ୍ରହ୍ମା ଦ୍ୱିବାହୁରପରୋ ହରିଃ
ଅଭାଲଲୋଚନଃ ଶମ୍ଭୁର୍ଭଗବାନ ବାଦରାୟଣିଃ ।

ଜୟତି ଧର୍ମ ନାରାୟଣ । ଜଗତ ଆନନ୍ଦ କାରଣ ।
ଜୟତି ନର ନରୋତ୍ତମ । ସୁଜନେ ମୋ ଦୋଷ ନ ଘେନ ।

ନମଇ ଦେବୀ ସରସ୍ୱତୀ । କରୁଣା କର ମା ଭାରତୀ ॥
ଜଗ୍ଧ ହେଉ ଏ ସଂସାରର । ସକଳେ ମିଳ ଦୟା କର ॥
ନମଇ ବ୍ୟାସ ଶୁକତାତ । ନମଇ ପରାଶର ସୁତ ॥
ବନ୍ଦଇ ତପୋନିଧି ବ୍ୟାସ । ବଶିଷ୍ଠ ନାତି ଅକଳୁଷ ॥
ବନ୍ଦଇ ବ୍ୟାସ ବିଷ୍ଣୁରୂପ । ନମଇ ବିଷ୍ଣୁ ବ୍ୟାସରୂପ ॥
ନମଇ ବ୍ରହ୍ମନିଧି ବ୍ୟାସ । ବଶିଷ୍ଠ ନାତି ଅକଳୁଷ ॥
ହେ ବ୍ରହ୍ମା ଅଚତୁର୍ବଦନ । ଦ୍ୱିବାହୁ ହରି ଭଗବାନ ॥
ହେ ଶମ୍ଭୁ ଅଭାଲ ଲୋଚନ । ବାଦରାୟଣି ଭଗବାନ ॥

ଗୀତାପାଠପୂର୍ବରୁ କରନ୍ୟାସଃ

ଅସ୍ୟ ଶ୍ରୀମଦ୍ଭଗବଦ୍ଗୀତାମାଳାମନ୍ତ୍ରସ୍ୟ ଶ୍ରୀଭଗବାନ୍ ବେଦବ୍ୟାସ ଋଷିଃ । ଅନୁଷ୍ଟୁପ୍ ଛନ୍ଦଃ ଶ୍ରୀକୃଷ୍ଣଃ ପରମାତ୍ମା ଦେବତା । ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସ ଇତି ବୀଜମ୍ । ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜେତି ଶକ୍ତିଃ ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମାଶୁଚ ଇତି କୀଳକମ୍ । ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକ ଇତି ଅଙ୍ଗୁଷ୍ଠାଭ୍ୟାଂ ନମଃ । ନଚୈନଂ କ୍ଳେଦୟନ୍ତ୍ୟାପୋ ନଶୋଷୟତି ମାରୁତ ଇତି ତର୍ଜନୀଭ୍ୟାଂ ନମଃ । ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମକ୍ଲେଦ୍ୟୋଽଶୋଷ୍ୟ ଏବ ଚେତି ମଧ୍ୟମାଭ୍ୟାଂ ନମଃ । ନିତ୍ୟଃ ସର୍ବଗତଃ ସ୍ଥାଣୁରଚଳୋଽୟଂ ସନାତନ ଇତି ଅନାମିକାଭ୍ୟାଂ ନମଃ । ପଶ୍ୟ ମେ ପାର୍ଥ ରୂପାଣି ଶତଶୋଽଥ ସହସ୍ରଶ ଇତି କନିଷ୍ଠାଭ୍ୟାଂ ନମଃ । ନାନାବିଧାନି ଦିବ୍ୟାନି ନାନାବର୍ଣ୍ଣାକୃତୀନି ଚେତି କରତଳକରପୃଷ୍ଠାଭ୍ୟାଂ ନମଃ । ଇତି କରନ୍ୟାସଃ ।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକ ଇତି ହୃଦୟାୟ ନମଃ । ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତ ଇତି ଶିରସେ ସ୍ୱାହା । ଅଚ୍ଛେଦ୍ୟୋଽୟ ମଦାହ୍ୟୋଽୟ ମକ୍ଲେଦ୍ୟୋଽଶୋଷ୍ୟ ଏବଚ ଇତି ଶିଖାୟୈ ବଷଟ୍ । ନିତ୍ୟଃ ସର୍ବଗତଃ ସ୍ଥାଣୁରଚଳୋଽୟଂ ସନାତନ ଇତି କବଚାୟ ହୁମ୍ । ପଶ୍ୟ ମେ ପାର୍ଥରୂପାଣି ଶତଶୋଽଥ ସହସ୍ରଶ ଇତି ନେତ୍ରାୟ ବୌଷଟ୍ । ନାନାବିଧାନି ଦିବ୍ୟାନି ନାନାବର୍ଣ୍ଣାକୃତୀନିଚେତି ଅସ୍ତ୍ରାୟ ଫଟ୍ । ଇତି ଅଙ୍ଗନ୍ୟାସଃ ଶ୍ରୀକୃଷ୍ଣ ପ୍ରୀତ୍ୟର୍ଥେ ପାଠେ ବିନିୟୋଗଃ ।

—o—

ଅଥ ଧ୍ୟାନଂ

ଓଁ ପାର୍ଥାୟ ପ୍ରତିବୋଧିତାଂ ଭଗବତା ନାରାୟଣେନ ସ୍ୱୟଂ-
ବ୍ୟାସେନ ଗ୍ରଥିତାଂ ପୁରାଣମୁନିନା ମଧ୍ୟେ ମହାଭାରତେ
ଅଦ୍ୱୈତାମୃତବର୍ଷିଣୀଂ ଭଗବତୀ ମଷ୍ଟାଦଶାଧ୍ୟାୟିନୀଂ
ଅମ୍ବ ତ୍ୱାମନୁସନ୍ଦଧାମି ଭଗବଦ୍ଗୀତେ ଭବଦ୍ୱେଷିଣୀଂ ।

—※—


ମଙ୍ଗଳାଚରଣ ।

ନମଇ ଦେବ ବେଦବ୍ୟାସ । ଯାହାଙ୍କ ବୁଦ୍ଧି ତୋ ଅଶେଷ
ପ୍ରଫୁଲ୍ଲ କମଳ ଲୋଚନ । ଭକ୍ତି ନପାରେ ତୋର ଜ୍ଞାନ ।
ତୋହର ବୁଦ୍ଧି ଯେ ଅମାପ । ଜାଳିଲୁ ଜ୍ଞାନମୟ ଦୀପ ।
ନାଶିଲୁ ଅଜ୍ଞାନ ଅନ୍ଧାର । ଅଚଳରେ ଭାରତ ଉଜ୍ଜ୍ୱଳ ।
ତୋପରି ଜଣେ ଜ୍ଞାନୀ କେହୁ । ସୃଷ୍ଟିରେ ଅନ୍ୟ ଦେଖାନାହିଁ ।

ମାଗେ ତୋହର ଆଶୀର୍ବାଦ । ଘୁଞ୍ଚୁ ଏ ଭ୍ରମର ବିଷାଦ ॥
[illegible] ଗୁରୁ କୃପା କର । ଘୁଞ୍ଚୁ ଏ ଅଜ୍ଞାନ ଅନ୍ଧାର ॥
ତୋର କରୁଣାବଳେ ମୁହିଁ । ଭାଷାରେ ଗୀତା କହୁବଇଁ ॥
ବନ୍ଦଇ ଶ୍ରୀକୃଷ୍ଣ ଚରଣ । ହେ ଦେବ ଦେବକୀ ନନ୍ଦନ ॥
କଂସ ବଇରି ମୁରୁଅରି । ହେ ଦେବ ୨ ହେ ମୁରାରି ॥
ହେ ବସୁଦେବର ନନ୍ଦନ । ଜଗତ ଗୁରୁ ଜନାର୍ଦ୍ଦନ ॥
ପରମାନନ୍ଦ ହେ ମାଧବ । ପୂରି ରହିଛ ସର୍ବ ଜୀବ ॥
ବନ୍ଦଇ ତୋହର ଚରଣ । ହେ ଦେବ ଦେବ ନାରାୟଣ ॥
ତୋର କୃପାରୁ ମୂଢ଼ଜନ । ବାଗ୍ମୀ ହୁଏ ତତକ୍ଷଣ ॥
ପଙ୍ଗୁ ଲଙ୍ଘଇ ମହାଗିରି । ହେ ଦେବ ଦେବ ଗିରିଧାରୀ ॥
ପାଣ୍ଡବେ ତୋର କୃପାବଳେ । କୁରୁଙ୍କୁ ସମରେ ଜିଣିଲେ ॥
ଯେ ମହାଭାରତ ସମର । ଅଟଇ ଭୀମ ଭୟଙ୍କର ॥
ସେ ରଣ ନଦୀତଟ ଦୁଇ । ସମାନ ଭୀଷ୍ମ ଦ୍ରୋଣ ଥାଇ ॥
ଜୟଦ୍ରଥ ଯେ ଜଳଚର । ଗାନ୍ଧାର ନୀଳୋତ୍ପଳ ପଦ୍ମ ॥
ଶଲ୍ୟ ଯହିଁରେ ଗ୍ରାହବତୀ । ବହନୀ କୃପ ଯେ ଅଟନ୍ତି ॥
କର୍ଣ୍ଣ ଅଟଇ ବେଳାକୂଳ । ବିକର୍ଣ୍ଣ ଅଶ୍ୱତ୍ଥାମା ନୀର ॥
ମକର ସଦୃଶ ଏମାନ । ଆବର୍ତ୍ତ ଦୁର୍ଯ୍ୟୋଧନ ପୁଣି ॥
ଏ ରଣ ନଦୀ ଭୟଙ୍କର । ତରିବା ଅଟଇ ଦୁସ୍ତର ॥
କେଶବ କଇବର୍ତ୍ତ ହୋଇ । ପାଣ୍ଡବେ ତହିଁ ନେଲେ ବହି ॥
ପାଣ୍ଡବମାନେ ଅବହେଳେ । ଏ ରଣ ନଦୀ ପାରହେଲେ ॥
ଏସନ୍ତ କେଶବ କୃପା ଛଳେ । ଗାଇବି ଗୀତା ଅବହେଳେ ॥
କୃଷ୍ଣଚରଣେ ମତି ଦେଇ । ଆନନ୍ଦ ହୁଅ ଗୀତା ଗାଇ ॥
ଉପନିଷଦ ଗ୍ରନ୍ଥମାନ । ତାହାଙ୍କୁ ଗାଭୀ ବୋଲି ଘେନ ।
ବତ୍ସ ଅଟଇ ଅର୍ଜୁନ । ଦୁହିଁଲେ ଗୋପାଳନନ୍ଦନ ॥
ଗୀତା ଅମୃତ କ୍ଷୀରହେଲା । ସୁଜ୍ଞାନୀ ତାକୁ ପାନକଲା ॥

ମହତ ଏ ଗୀତା ଅମୃତ । କୃଷ୍ଣ ଜାଣନ୍ତି ତାର ତତ୍ତ୍ୱ ॥
ଶୁକ ଏ ତତ୍ତ୍ୱ ଜାଣିଛନ୍ତି । ବ୍ୟାସ ଜାଣନ୍ତି ନ ଜାଣନ୍ତି ॥
ଅଜ୍ କେ ଅଛୁ ସାମରଥ । ବୁଝିବ ଗୀତା ଗୁଢ଼ତତ୍ତ୍ୱ ॥
କଳି କଳୁଷ ନାଶ ଯିବ । ଯେ ଏହା ପଢ଼ିବ ଶୁଣିବ ॥
ଅଶେଷ ମଙ୍ଗଳ ହୋଇବ । ଘୋର ସଂସାରୁ ତରିବ ॥
କୁରୁପାଣ୍ଡବ ଯୁଦ୍ଧବେଳେ । ଶ୍ରୀକୃଷ୍ଣ ଗୀତା ପ୍ରକାଶିଲେ ॥
ବ୍ୟାସଦେବଙ୍କ ବର ପାଇ । ସଞ୍ଜୟ ହସ୍ତିନାରେ ଥାଇ ॥
କୁରୁକ୍ଷେତ୍ରରେ ଯା' ଘଟିଲା । ସମସ୍ତ ଦେଖିଲା ଶୁଣିଲା ॥
ଧୃତରାଷ୍ଟ୍ରଙ୍କୁ କଥାମାନ । ସଞ୍ଜୟ କହୁଥିଲେ ପୁଣ ॥
ଶ୍ରୀକୃଷ୍ଣ ଅର୍ଜୁନ ସମ୍ବାଦ । ଶୁଣିଲେ ନ ରହେ ପ୍ରମାଦ ॥
କୃଷ୍ଣର ନୋହିଲେ କରୁଣା । ବ୍ରହ୍ମାଙ୍କର ହୋନ୍ତି ବଣା ॥
ରୁଦ୍ର ମରୁତ ବ୍ରହ୍ମା ଇନ୍ଦ୍ର । ବରୁଣ ଦିବାକର ଚନ୍ଦ୍ର ॥
ଏଆଦି ଯେତେ ଯେତେ ଛନ୍ତି । ଯାହାଙ୍କ ସ୍ତୁତି କରୁଛନ୍ତି ॥
ଉପନିଷଦ ବେଦ ଗୀତେ । ଗାଆନ୍ତି ଯାର ଗୁଣ ନିତ୍ୟେ ॥
ଯୋଗୀଏ ଯୋଗଧ୍ୟାନବଳେ । ମନେ ଦେଖନ୍ତି ଯାକୁ ହେଳେ ॥
ସୁର ଅସୁର ଯାର ଅନ୍ତ । ନଜାଣି ଭ୍ରମନ୍ତି ନିୟତ ॥
ଏମନ୍ତ ଯେଉଁ ଦେବଦେବ । ନମଇ ପଦ୍ମପାଦେ ତବ ॥
ବୋଲ ଅନନ୍ୟେ ହରହର । ହରି କରିବେ ଭବୁଁ ପାରି ॥





ଓଁ ତତ୍‌ସତ୍

ଶ୍ରୀମଦ୍‌ଭଗବଦ୍‌ଗୀତା ।



ପ୍ରଥମ ଅଧ୍ୟାୟଃ ।

ଧୃତରାଷ୍ଟ୍ର ଉବାଚ ।

ମୋ ସୁତ ପଣ୍ଡୁ ସୁତ ଗଣ । ରଣ କରିବେ କଲେ ପଣ ।
କୁରୁକ୍ଷେତ୍ରକୁ ଚଳିଗଲେ । କହ ସେଠାରେ କିସ କଲେ
ଧରମସ୍ଥାନେ ଧର୍ମ ବୁଦ୍ଧି । ଉପୁଜେ ପରା ଅଛି ବିଧି ॥
ଧରମକ୍ଷେତ୍ର କୁରୁକ୍ଷେତ୍ର । କି ହେଲା ସେଠାରେ ବିଚିତ୍ର ।
ସେଠାକୁ ଦୁଇ ପକ୍ଷ ଯାଇ । ରଣ କଲେ କି କଲେ ନାହିଁ
ଜନମିଲା କି ଧର୍ମଭାବ । ହେଲେକି ଉଭୟ ନୀରବ ॥
କି ହେଲା କହ ହେ ସଞ୍ଜୟ । ଫେଡ଼ ମୋ ମନରୁ ସଂଶୟ ।୧

ସଞ୍ଜୟ ଉବାଚ ।

ପାଣ୍ଡବସେନା ଚଳିଗଲେ । କୁରୁକ୍ଷେତ୍ରରେ ପ୍ରବେଶିଲେ ॥
ସେନାକୁ ରଖି ନାନା ସ୍ଥାନେ । ସାଜିଲେ ବ୍ୟୂହର ବିଧାନେ ।
ଏକଥା ଦେଖି ଦୁର୍ଯ୍ୟୋଧନ । ଦ୍ରୋଣଙ୍କ ନିକଟେ ଗମନ ।
ଦ୍ରୋଣକୁ ପୁଚ୍ଛେ ପାଶେ ଯାଇ । ଶୁଣିହେ ଗୁରୁ ମନ ଦେଇ ।୨।
ଦେଖ ଆଚାର୍ଯ୍ୟ ପାଣ୍ଡୁସେନା । କେମନ୍ତ ଏ ବ୍ୟୂହ ରଚନା ॥
ଦ୍ରୁପଦସୁତ ଧୃଷ୍ଟଦ୍ୟୁମ୍ନ । ଶିଷ୍ୟ ତୁମ୍ଭର ବୁଦ୍ଧିମାନ ॥
ନାନାପ୍ରକାର ବ୍ୟୂହ ରଚି । ପାଣ୍ଡବସେନାକୁ ସଜିଛି ।୩।
ଭୀମ ଅର୍ଜୁନ ତୁଲ୍ୟ ବଳୀ । ସାତ୍ୟକି ଛନ୍ତି ଏଠି ମିଳି ।୪।

ଦ୍ରୁପଦ ମହାରଥ ରାଜା । ସୁଭଦ୍ରାସୁତ ବୀରୁତ୍ତମୌଜା ।
ଯୁଧାମନ୍ୟୁ ଯେ ବିକ୍ରମଶାଳୀ । କୁନ୍ତୀ ଭୋଜତ ମହାବଳୀ ।୫।
ଶୈବ୍ୟ ମହାଧନୁର୍ଦ୍ଧର । ଧୃଷ୍ଟକେତୁ ଯେ ନରବର ।
ପୁରୁଜିତ ଯେ ମହାବୀର । ଏକକୁ ଏକ ବଳୀଅର ।୬।
ତାହାଙ୍କୁ କେହୁ କହେ ଊଣା । କି ଅବା କହିବା କଳଣା ।।
ଶୁଣିବା ହେଉନ୍ତୁ ଯପଣି । ଅସ୍ମ ପକ୍ଷରେ ଯେ ପ୍ରଧାନ ।।
ଆପଣ ଭୀଷ୍ମ କର୍ଣ୍ଣ କୃପ । ସଂଗ୍ରାମ ବିଜୟୀ ଯେ କୃପ ।।
ବୀର ବିକର୍ଣ୍ଣ ଅଶ୍ୱତ୍ଥାମ । ସୋମଦତ୍ତର ପୁତ୍ର ଯେନ ।୭।୮
ଅଉ ଅନେକ ବୀର ଛନ୍ତି । ମୋ ପାଇଁ ପ୍ରାଣ ଦେଇଛନ୍ତି
ସକଳେ ଯୁଦ୍ଧ ବିଶାରଦ । ସଂଗ୍ରାମ ବିଦ୍ୟାରେ କୋବିଦ
ନାନାଦି ଅସ୍ତ୍ର ଶସ୍ତ୍ର ଧର । ଦୃଢ଼ ପ୍ରତିଜ୍ଞା ଛନ୍ତି କର ।।
ମୋପାଇଁ ସେମାନେ ଲଢ଼ିବେ । ବେଳ ପଡ଼ିଲେ ପ୍ରାଣ ଦେବେ
ଅଛନ୍ତି ଶତ ଶତ ବୀର । ଭୀଷ୍ମ ରକ୍ଷକ ଏହାଙ୍କର ।।
ସୈନ୍ୟସାମନ୍ତ ଏତେ ଅଛି । ତଥାପି ସନ୍ଦେହ ହେଉଛି ।।
ବିପକ୍ଷ ସେନା ବଳୀୟାର । ଭୀମ ରକ୍ଷକ ଯାହାଙ୍କର ।।
ମୋ ସେନା କାତର ହାରିଯିବେ । ଅଥବା ଲଢ଼ି ନପାରିବେ ।୧୦
କେବଳ ଭୀଷ୍ମ ମୋ ଭରସା । ତାହାଙ୍କ ହେତୁ ଜୟ ଆଶା
ତେଣୁ କହୁଛି ଗୁରୁ ଶୁଣ । ଯାଅ ହେ ସକଳେ ବହନ ।।
ବ୍ୟୂହ ପ୍ରବେଶ ପଥ ଯାଇ । ରହ ଯେ ଯାହା ସ୍ଥାନେ ଥାଇ
ଭୀଷ୍ମଙ୍କୁ ରଖ ପ୍ରାଣପଣେ । ଭୀଷ୍ମ ନ ମରୁ କେବେ ରଣେ ।୧୧
ଦୁର୍ଯ୍ୟୋଧନର ବାଣୀ ଶୁଣି । ଭୀଷ୍ମ ଉଠିଲେ ଶିର ଧୁଣି ।।
ସେ ପିତାମହ କୁରୁଙ୍କର । ସ୍ପର୍ଦ୍ଧିବେ ମହା ବଳୀୟାର ।।
ତୋଷିଲେ ଦୁର୍ଯ୍ୟୋଧନ ମନ । ବଜାଇ ଶଙ୍ଖ ଘନ ଘନ ।।
ଉଚ୍ଚରେ ଶଙ୍ଖନାଦ ହେଲା । ରାଜା ଯେ ହରଷ ହୋଇଲା ।୧୨
ତା ପଛେ ପଟହ ମାଦଳ । ଗୋମୁଖ ଶଙ୍ଖ ଭେରୀ ଢୋଲ

ବାଜିଉଠିଲା ଏକାବେଳେ । ତୁମୁଳ ଶବଦ ଉଚ୍ଛୁଳେ ।୧୩।
(୧)ସ୍ୟନ୍ଦନ (୨)ଶ୍ୱେତ ଅଶ୍ୱ ଯୁକ୍ତ । ଉହିଁରେ ଥିଲେ ଅବସ୍ଥିତ ।
ମାଧବ ଆବର ପାଣ୍ଡବ । ବଜାଇଦେଲେ ଶଙ୍ଖ ଦିବ୍ୟ ।୧୪।
ହୃଷିକେଶ ଯେ ପାଞ୍ଚଜନ୍ୟ । ଶଙ୍ଖ ବଜାନ୍ତି ଘନ ଘନ ।।
ଅର୍ଜୁନ ଶଙ୍ଖ ଦେବଦତ୍ତ । ବଜାନ୍ତି ହୋଇ ହରଷିତ ।।
ଭୀମ ଯେ ମହାବଳୀ ବୀର । ଅଦ୍ଭୁତ କ୍ଷମତା ତାହାର ।।
ପଉଣ୍ଡ୍ର ମହାଶଙ୍ଖ ପୁଣ । ବଜାଇଦେଲେ ଘନ ଘନ ।୧୫।
କୁନ୍ତୀନନ୍ଦନ ଯୁଧିଷ୍ଠିର । ଅନନ୍ତ ବିଜୟ ଅବର ।।
ନକୁଳ ସୁଘୋଷ ବଜାଏ । ତାର ଆନନ୍ଦ ବଢୁନୁହେ ।।
ମଣି ପୁଷ୍ପକ ସହଦେବ । ବଜାଇ ଲଗାଏ ତାଣ୍ଡବ ।୧୬।
କାଶୀରାଜନ ଧନୁର୍ଦ୍ଧର । ଶିଖଣ୍ଡୀ ମହାରଥ ବୀର ।
ଦ୍ରୌପଦୀ-ସୁତ ଧୃଷ୍ଟଦ୍ୟୁମ୍ନ । ସାତ୍ୟକି ମହାବଳବାନ ।୧୭।
ବିରାଟ ଦ୍ରୁପଦନନ୍ଦନ । ବଳିଷ୍ଠ ସୁଭଦ୍ରାନନ୍ଦନ । ।
ଏମାନେ ଶୁଣହେ ରାଜନ । ବଜାନ୍ତି ଯେତେ ଶଙ୍ଖମାନ ।୧୮।
ତୁମୁଳ ଶଙ୍ଖଧ୍ୱନି ହେଲା । ନଭ ପୃଥିବୀ ବିଦାରିଲା ।।
ଅନନ୍ତ କୁରୁସେନା ହୃଦ । ବିଦାରିଦେଲା ଶଙ୍ଖନାଦ ।୧୯।
ଏଥିଅନ୍ତରେ କଥା ଶୁଣ । ରହିଁଲେ ବୀର ଅରଜୁନ ।।
ଦେଖନ୍ତି କୁରୁସେନାଗଣ । କରନ୍ତି ମହାଆୟୋଜନ ।
ଯେ ଯାହା ଅସ୍ତ୍ରଶସ୍ତ୍ରମାନ । ପ୍ରୟୋଗେ କରନ୍ତି ବିଧାନ ।
ଏମନ୍ତ ଦେଖି ହେ ରାଜନ । ଧନୁ ଧରିଲେ ଅରଜୁନ ।।
ଧନୁ ଉଠାଇ କରେ ଧରି । କହନ୍ତି ଶୁଣ ହେ ମୁରାରି ।୨୦
ଉଭୟ ସେନା ମଧ୍ୟଭାଗେ । ଅଚ୍ୟୁତ ରଥ ଚଳ ବେଗେ ।
ସେଠାରେ ରଖ ମୋର ରଥ । କାହିଁକି ଶୁଣହେ ଅଚ୍ୟୁତ ।।

(୧) ସ୍ୟନ୍ଦନ—ରଥ (୨) ଶ୍ୱେତଅଶ୍ୱ—ଧଳାଘୋଡ଼ା ।

ଥରେ ମୁଁ ଦେଖିବି ନୟନେ । ଯୁଝିବେ କେଉଁ ବୀରମାନେ ॥
କାହା ସଙ୍ଗତ ମୁଁ ଯୁଝିବି । ଥରେ ମୁଁ ନିରେଖି ଦେଖିବି ॥
ଦେଖିବା କେଉଁ ବନ୍ଧୁମାନେ । ହିତକାମନା କରି ମନେ ॥
ଦୁର୍ଯ୍ୟୋଧନର ହୋଇ ସାଥି । ସମରକ୍ଷେତ୍ରେ ଆସିଛନ୍ତି ॥୨୩

ସଞ୍ଜୟ ଉବାଚ

ଶୁଣ ରାଜନ ସାବଧାନ । ଶୁଣିଣ ଅର୍ଜୁନ ବଚନ ॥
ଚଳାଇନେଲେ ମହାରଥ । ମଝିରେ ନେଇ ଦଳେ ସ୍ଥିତ ।
ନିଦ୍ରାକୁ ଜିଣିଛି ଅର୍ଜୁନ । ଗୁଡ଼ାକେଶ ତେଣୁ ତା ନାମ ।୨୪
ଭୀଷ୍ମ ସହିତ ବୀରଗଣ । ଶୁଣନ୍ତି ଶ୍ରୀକୃଷ୍ଣ ବଚନ ॥
ବୋଲନ୍ତି ଦେବକୀନନ୍ଦନ । ଦେଖହେ ବୀର ଅରଜୁନ ॥
ଦେଖ ହେ ପାର୍ଥ କୁରୁକୁଳ । ଏଠାରେ ହୋଇଛନ୍ତି ଠୁଳ ।୨୫
ଅର୍ଜୁନ ଚଉଦିଗ ଚାହିଁ । ଦେଖନ୍ତି ମାତୁଳ ଅଛଇ ॥
ଅବର ଛନ୍ତି ପିତାପୁତ୍ର । ଗୁରୁ ଶ୍ୱଶୁର ଭାଇ ମିତ୍ର ॥
ପିତାମହ ଆଦି ସ୍ୱଜନ । ଦେଖିଲେ ଉଭୟ ପକ୍ଷେଣ ।୨୬
ଆତ୍ମୀୟ ବନ୍ଧୁ ଦରଶନେ । ଅତ୍ୟନ୍ତ ଦୟାଯୁକ୍ତ ମନେ ॥
ବିଷାଦଯୁକ୍ତ ହେଲ ମନ । ବୋଇଲେ ଏମନ୍ତ ବଚନ ।୨୭

ଅର୍ଜୁନ ଉବାଚ

ହେ କୃଷ୍ଣ ମୋର ପ୍ରିୟଜନେ । ଅଛନ୍ତି ଏ ରଣ ପ୍ରାଙ୍ଗଣେ ॥
ଦେଖି ଏହାଙ୍କୁ ମୋ ଶରୀର । କମ୍ପି ହେଉଛି ଥରହର ॥
ଅଙ୍ଗ ହେଉଛି ଅବସନ୍ନ । ମୁଖ ଶୁଖୁଛି ଘନ ଘନ ।୨୮।
ଶରୀରେ କମ୍ପ ହୁଏ ଜାତ । ରୋମାଞ୍ଚ ହେଉଛି ସତତ ॥
ଜଳିଯାଉଛି ମୋର ଦେହ । କିପରି ସ୍ଥିର ହେବ କହ ॥
ଗାଣ୍ଡୀବଧନୁ ମୋର କରୁ । ଖସିପଡ଼ୁଛି ଧରୁ ଧରୁ ।୨୯।
ଉଭଣର କିକରିବି ମୁହିଁ । ଏଠାରେ ରହିପାରୁନାହିଁ ॥
ମନ ମୋହର ବିଚଳିତ । ଦେଖୁଛି ସବୁ ବିପରୀତ ॥

ନାନାପ୍ର ଅମଙ୍ଗଳ ଚିହ୍ନ । ଦିଶୁଛି ମତେ ପୁନଃପୁନ ।୩୦।
ଯୁଦ୍ଧରେ ନାଶିବି ସ୍ୱଜନ । କି ଶ୍ରେୟ ଲଭିବି ମୁଁ ପୁଣ ।।
କୃଷ୍ଣ ମଙ୍ଗଳ ଦେଖୁନାହିଁ । ବିଜୟ ମୋର ଲୋଡ଼ା ନାହିଁ ।
ରାଜ୍ୟସୁଖ ମୁଁ ଲୋଡୁନାହିଁ । ହେ କୃଷ୍ଣ ରାଜ୍ୟେ କିଛି ନାହିଁ ।୩୧
ଗୋବିନ୍ଦ ଶୁଣ ମୋ ବଚନ । ରାଜ୍ୟ ଲୋଡ଼ଇ କାହା ଜନ ।।
ସୁଖରେ ଆତ୍ମୀୟ ସ୍ୱଜନ । ପାଳିବାପାଇଁ କରେ ମନ ।।
ରାଜ୍ୟସମ୍ପତ୍ତି ବେଶୀ ହେବ । ସ୍ୱଜନ ସୁଖରେ ରହିବ ।।
ହେଲେହେଁ ଶତ ଅପରାଧୀ । ପୋଷିବା ତାଙ୍କୁ ଅଟେ ବିଧି ।।
ସେହି ଆତ୍ମୀୟ ଜନ ପାଇଁ । ସର୍ବେ ମରନ୍ତି ଧନ୍ଦି ହୋଇ ।।
ସେମାନେ ସୁଖ ଆଶା ତେଜି । ଏଠି ଅଛନ୍ତି ରଣେ ମଜି ।।
ନଅଛି କିଏ ଏଠି କହ । ମାତୁଳ ନାତି ପିତାମହ ।।
ଶାଳା ଶ୍ୱଶୁର ଗୁରୁ ଭାଇ । ସକଳ ସ୍ୱଜନ ଅଛଇ ।।
ଏମାନେ ଧନ ପ୍ରାଣ-ମୋହ । ତେଜି ଅଛନ୍ତି କି ନା କହ ?
ଯୁଦ୍ଧକୁ ହୋଇଣ ପ୍ରସ୍ତୁତ । ଆସି ଏଠାରେ ଉପସ୍ଥିତ ।।
ତେବେ ମୋର କି ପ୍ରୟୋଜନ । କାହାଇ କରିବି ମୁଁ ରଣ ।।
ଏ ରାଜ୍ୟେ ନାହିଁ ପ୍ରୟୋଜନ । କାହାଇ ବଧିବି ସ୍ୱଜନ ।।
ଭୋଗ ଐଶ୍ୱର୍ଯ୍ୟ ପୋଡ଼ିଯାଉ । ଜୀବନେ ଲୋଡ଼ା ନାହିଁ ଆଉ ।
ନ ଇଚ୍ଛେ ମାରିବି ଏହାଙ୍କୁ । ଛାର ଏ ରାଜ୍ୟ ଭୋଗିବାକୁ ।
ସେହୁ ମାରନ୍ତୁ ପଛେ ମୋତେ । ମୁଁ ତାଙ୍କୁ ମାରିବି କେମନ୍ତେ ।
ମୋ ହାତେ ଏହାଙ୍କର ନାଶ । ନ ହେବ କେବେ ହୃଷିକେଶ ।
ବୋଲିବ ଅବା ଏହୁ ମଲେ । ରାଜ୍ୟରେ ରଜା ହେବି ବଳେ ।
ତଥାପି ଇଚ୍ଛା ନୁହେ ମୋର । ଭୋଗିବି ମହୀ ଅଧିକାର ।।
ତ୍ରୈଲୋକ ରାଜତ୍ୱ ମିଳିଲେ । ମାରିବି ନାହିଁ ତାଙ୍କୁ ହେଲେ ।
କି ଛାର ରାଜ୍ୟ ଅଧିକାର । ତହିଁରେ ଲୋଭ ନାହିଁ ମୋର ।
ଶୁଣ ହେ ଶ୍ରୀମଧୁସୂଦନ । କଦାପି ନବଳେ ମୋ ମନ ।।

ଏ ଧୃତରାଷ୍ଟ୍ର ପୁତ୍ରଗଣ । ଏମାନଙ୍କୁ ମାରି କି କାରଣ ?
କି ସୁଖ ଏଥିରୁ ପାଇବି । କିମ୍ପାଇ ଏମାନଙ୍କୁ ବଧିବି ॥
ତେଣୁ କହୁଛି ଜନାର୍ଦ୍ଦନ । କି ପ୍ରୀତ ଲଭ ହେବ ପୁଣ ? ॥୩୬
ଏମାନେ ଆତତାୟୀ ହତ । ମାରିବା ନୁହଇ ଉଚିତ ॥
ଯେବେ ଏମାନଙ୍କୁ ମୁଁ ମାରିବି । ଅବଶ୍ୟ ପାପଭାଗୀ ହେବି ॥
ତେଣୁ ଏ ସ୍ୱଜନ ବାନ୍ଧବ । ବଧିବି ନାହିଁ ହେ ମାଧବ ॥
ଉଚିତ ନୁହଇ ମୋହର । ବଧିବା ଆପଣା ସୋଦର ॥
ସ୍ୱଜନ ନାଶି କିବା ଫଳ । କି ସୁଖ କି ଅବା ମଙ୍ଗଳ ॥
ଯେବେ ମୁଁ ଏମାନଙ୍କୁ ବଧିବି । କିପରି ସୁଖରେ ରହିବି ॥
ଏମାନେ କିମ୍ପା ଆତତାୟୀ । ଶୁଣ ମୁଁ ତଥ୍ୟ କହୁବଇଁ ॥
ଗୃହେ ଯେ ଅନଳ ଲଗାଏ । ଯେ ବିଷ ଖାଇବାକୁ ଦଏ ॥
ହାତରେ ହତିଆର ଘେନି । ମାରିବାପାଇଁ ଆସେ ପୁଣି ।
ଧନ ସମ୍ପତ୍ତି ହରିନିଏ । ଜମିବାଡ଼ିରୁ ତଡ଼ିଦିଏ ॥
ଦାରାକୁ କରେ ଯେ ହରଣ । ଅବ୍ୟବହାର କରେ ପୁଣ ॥
ଏ ଦୋ-ଷ ଦୋଷୀ ଅଟେ ଯେହୁ । ଅଟଇ ଆତତାୟୀ ସେହୁ ॥
କୌରବ ଅପରାଧୀ ସତ । ଦେଲେଣି କଷଣ ବହୁତ ॥
ଭୀମକୁ ବିଷଲଡୁ ଦେଲେ । ଜତୁ ଗୃହରେ ଅଗ୍ନି ଦେଲେ ।
କୁଳକାମିନୀ କେଶ ଧରି । ସଭାକୁ ଆଣିଲେ ଓଟାରି ॥
କପଟପଶା ଖେଳ ଖେଳି । ଧନସମ୍ପଦ ନେଲେ ହରି ॥
ଏବେ ହାତରେ ହତିଆର । ଯୁଦ୍ଧକୁ ହେଲେ ଅଗ୍ରସର ॥
ଏ ଷଡ଼ଦୋଷେ ଦୋଷୀ ଯେଣୁ । ଏମାନେ ଆତତାୟୀ ତେଣୁ ।
ଏଥିରୁ ଗୋଟିଏ ଦୋଷରେ । ଯେ ଦୋଷୀ ହେବ ଅବହେଳେ
ଆତତାୟୀ ସେ ବୋଲାଇବ । ତା ବଧେ ଦୋଷ ନ ଲାଗିବ ।
ଏମାନେ ଦୁଷ୍ଟ ଆତତାୟୀ । ତାଙ୍କୁ ବଧିଲେ ଦୋଷ ନାହିଁ ।
ଏ କଥା ଶାସ୍ତ୍ରର ପ୍ରମାଣ । ବୁଝୁଛ ହେ ନନ୍ଦନନ୍ଦନ ॥

ତଥାପି ନଚଳେ ମୋ ଚିତ୍ତ । ବଧିବ ଏହାଙ୍କୁ ମୋ ହାତ ।୩୭
ଲୋଭେ ଏମାନେ ହତଜ୍ଞାନ । ବୁଝୁ ନାହାନ୍ତି କଦାଚନ ॥
ବଂଶ ବିନାଶ ଦୋଷେ ପାପ । ହୋଇବ ଅବଶ୍ୟ ଅମାପ ॥
ମିତ୍ରଦ୍ରୋହରୁ ପାପ ହେବ । କେ ଏହା ଏଡ଼ ନପାରିବ ॥
ଏମାନେ ନବୁଝିଲେ ବୋଲି । ମୁଁ କିମ୍ପା ଧର୍ମ ଯିବି ଭୁଲି ॥
ମୁଁ ହିଁ କପଟ ଜାଣି ଶୁଣି । ସେ ଦୋଷେ ଦୋଷୀ ହେବି ପୁଣି
ସେ ପାପୁଁ ହେବାର ନିବୃତ୍ତି । ଆମ୍ଭର ଅଟଇ ଉଚିତ ॥
ତେଣୁ କହୁଛି ଜନାର୍ଦନ । ମୁଁ କିମ୍ପା ହରାଇବି ଜ୍ଞାନ ॥
ମୋହର ଜ୍ଞାନ ଥାଉ ଥାଉ । ଏପାପେ ନପଡ଼ିବି ଆଉ ।୩୮।
ଯାହାର କୁଳକ୍ଷୟ ହେବ । କୁଳଧରମ ନାଶ ଯିବ ॥
ଧରମ ଯେବେ ନାଶ ଯିବ । ଅଧର୍ମ କ୍ରମେ ବୃଦ୍ଧି ହେବ ॥
ବାକୀ ଯେ ଅବଶିଷ୍ଟ ଥିବେ । ସେ ଅଧର୍ମେ ଭାଗୀ ହେବେ ॥
ଅଧର୍ମ ସେ କୁଳେ ବ୍ୟାପିବ । ମୋତେତ ସେ ପାପ ଲାଗିବ ।୩୯
ଯେ କୁଳ ଅଧର୍ମେ ଜଡ଼ିତ । କୁଳକାମିନୀ କଳଙ୍କିତ ॥
କାମିନୀ ହେଲେ କଳଙ୍କିତ । ବର୍ଣ୍ଣସଙ୍କର ହୁଏ ଜାତ ॥
ବାର୍ଷ୍ଣେୟ ହେ କୃଷ୍ଣ ମୋ ମତ । ଏ ପାପେ ନହେବ ଜଡ଼ିତ ।୪୦
କୁଳ ନାଶନ୍ତି ଯେଉଁମାନେ । ନରକେ ପଡ଼ନ୍ତି ସେମାନେ ॥
କହୁଛି ଏଥିର କାରଣ । ବର୍ଣ୍ଣସଙ୍କର ହେଲେ ଜନ୍ମ ॥
ପିଣ୍ଡ ତର୍ପଣ ଲୋପ ହୁଏ । ଯେ ମରେ ପ୍ରେତ ହୋଇଥାଏ
ପିଣ୍ଡ ତର୍ପଣ ନହୋଇଲେ । ହେତରୁ ତରେ ନାହିଁ ଭଲେ ।
ତେଣୁ ଏ ସଙ୍କର ଜନମ । ହୁଅଇ ନରକ କାରଣ ।୪୧।
କୁଳନାଶନକାରୀ ଯେତେ । ଏ ଦୋଷେ ଦୋଷୀତ ସମସ୍ତେ ॥
ଏ ଦୋଷ ମହା ଭୟଙ୍କର । କରାଏ ଏ ବର୍ଣ୍ଣ-ସଙ୍କର ॥
ଏ ଦୋଷେ ହୁଏ ବିନାଶନ । ଜାତି ଧରମ ସନାତନ ॥
ଆଶ୍ରମ କୁଳଧର୍ମ ଯେତେ । ବିନାଶ ହୁଅନ୍ତି ସମସ୍ତେ ।୪୨।

ଅଗ୍ରଣୀ ଶ୍ରୀମୁଖବଚନ । ଶୁଣିଛୁ ଅହେ ଜନାର୍ଦ୍ଦନ ॥
ଜାତି ଧରମ ଅଧ ଯାର । ବିନାଶ ହୁଅଇ ନିକର ॥
ନରକେ ନିବାସ ନିଶ୍ଚିତ । ହୁଅଇ ତାଙ୍କର ଅଚ୍ୟୁତ ।୪୩
ହାୟ ମୁଁ କେଉଁ ସୁଖ ପାଇ । ଏ ମହାପାପ କରିବଇଁ ॥
ଛାର ଏ ରାଜ୍ୟସୁଖ ପାଇଁ । ବଧିବାପାଇଁ ବନ୍ଧୁ ଭାଇ ॥
କରନ୍ତି ସକଳ ଉଦ୍ୟମ । ଯୁଦ୍ଧରେ ବଳାଇଛି ମନ ॥
ସଂକଳ୍ପ କରିଛୁ ମନରେ । ଏ ମହାପାପ କରିବାରେ ।୪୪
ଦେଖୁଛୁ ଧୃତରାଷ୍ଟ୍ର ସୁତ । ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ॥
ଅସ୍ତ୍ର ଶସ୍ତ୍ର ମୋ ହାତେ ନାହିଁ । ମୁଁ ପ୍ରତିକାର ଲୋଡୁନାହିଁ ॥
ଉଦାସଭାବ ଦେଖି ମୋର । ହେବେ ସେମାନେ ତତ୍ପର ॥
ଯେବେ ବଧିବେ ମୋତେ ରଣେ । ମୋର ମଙ୍ଗଳ ଶତଗୁଣେ ।୪୫

ସଞ୍ଜୟ ଉବାଚ ।

ସମରକ୍ଷେତ୍ରେ ଅର୍ଜୁନ । ଭାଷିଣ ଏସନ ବଚନ ॥
ଶୋକରେ ହୋଇଣ ଆକୁଳ । କରୁ ତେଜିଲେ ଧନୁଶର ॥
ବସିପଡିଲେ ରଥ ପରେ । ଶୋକସନ୍ତାପ-ଗୁରୁଭାରେ ।୪୬
ଜଗତବନ୍ଧୁ କୃପାକର । ଜଗତଜନଙ୍କୁ ଉଦ୍ଧର ॥
ଏହୁ କରୁଣା ସଦା ଥାଉ । ଚଞ୍ଚଳମତି ସ୍ଥିରହେଉ ॥

ଇତି ଶ୍ରୀମହାଭାରତେ ଶତସାହସ୍ର୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଭୀଷ୍ମପର୍ବଣି ଶ୍ରୀ ମଦ୍ଭଗବଦ୍ଗୀତା ସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀ କୃଷ୍ଣାର୍ଜୁନସମ୍ବାଦେ ସୈନ୍ୟଦର୍ଶନ-ଅର୍ଜୁନବିଷାଦଯୋଗୋ ନାମ ପ୍ରଥମୋଽଧ୍ୟାୟଃ ।

୨ୟ ଅଧ୍ୟାୟ

ସଞ୍ଜୟ ଉବାଚ ।

ବିଷାଦପୂର୍ଣ୍ଣ ଅରଜୁନ । ଲୋତକେ ପୂରିଛି ନୟନ ॥
ଦୟାଭାବରେ ଜରଜର । ହୃଦୟ ହୋଇଛି କାତର ॥
ଦେଖିଣ ଶ୍ରୀମଧୁସୂଦନ । ଭାଷନ୍ତି ଏମନ୍ତ ବଚନ ॥୧

ଶ୍ରୀ ଭଗବାନୁବାଚ

ଏହି ବିଷମ ସଙ୍କଟରେ । କିମ୍ପା ତୁ ପଡ଼ିଲୁ ମୋହରେ ॥
ଅର୍ଜୁନ ଆର୍ଯ୍ୟମାନଙ୍କର । ଏ ମୋହ ଅଟେ ଅସୁନ୍ଦର ॥
ଅନାର୍ଯ୍ୟ-ମାନଙ୍କୁ ଏ ପାଏ । ତୋଟତ ଏ ମୋହ ନ ଯୋଗାଏ ॥
ଏ ମୋହ ସାଧୁ ନ କରନ୍ତି । ଲଭିବେ କାଳେ ଅକୀରତି ॥
ଏ ମୋହ ଧର୍ମର ଭଞ୍ଜକ । ଅଟଇ ଏ ଅଧର୍ମଜନକ ॥
ଏ ମୋହ ଅକୀରତିକର । ଅପଣ ପାଇବୁ ନିକର ॥
କିମ୍ପା ଏ ମୋହ ଏତେବେଳେ । ତୁହି ଇଚ୍ଛ ଶୋଚେ ଅବହେଳେ ॥
ହେ ପାର୍ଥ ନହୁଅ କାତର । ତୋ ପ୍ରତି ଅତି ଅସୁନ୍ଦର ॥
ତୁଚ୍ଛାରେ ସାହସ ହରାଇ । ବଚନ ହେଉ କାହିଁ ପାଇଁ ॥
ହୃଦୟ ଦୁର୍ବଳତା ଛାଡ଼ି । ଏ ବୃଥା ମୋହରେ ନପଡ଼ି ॥
ହେ ପରନ୍ତପ ବେଗେ ଉଠ । ଯୁଦ୍ଧକୁ ଯାଅ ନୋହି ମଠ ।୩।

ଅର୍ଜୁନ ଉବାଚ

ଶୁଣିଲେ ଶ୍ରୀମଧୁ ସୂଦନ । କପଟ କହୁଛ ଅପଣ ॥
ଏଠାରେ ଛନ୍ତି ଭୀଷ୍ମଦ୍ରୋଣ । ମୋହର ପୂଜ୍ୟ ଗୁରୁଜନ ॥
ପୁଷ୍ପ ଚନ୍ଦନ ଅର୍ଘ୍ୟ ଦେଇ । ଯାହାଙ୍କୁ ପୂଜିବା ଯୋଗାଇ ॥
ଯୁଦ୍ଧ କରିବି ବୋଲି ମୁହିଁ । ଯାହାଙ୍କୁ କହୁ ନଯୋଗାଇ ॥
କାହିଁର ହେ ଅରିସୂଦନ । ତାହାଙ୍କୁ ପେଶିବି ମୁଁ ବାଣ । ୪

ଅନାର୍ଯ୍ୟ—ଅସଭ୍ୟ ବା ବର୍ବର ମୂର୍ଖ । ଅପଶ-ନିନ୍ଦା । ପରନ୍ତପ-

ନ ମାରି ଗୁରୁମହାଜନ । ଭିକ୍ଷାନ୍ନ କରିବି ଭୋଜନ ॥
ମହାନୁଭାବ ଗୁରୁଜନ । ତାଙ୍କୁ ବଧିଲେ ଅକାରଣ ॥
ଭିକ୍ଷାରେ ପୋଷିବି ଜୀବନ । ଏ ମୋର ମଙ୍ଗଳ ନିଦାନ ॥
ଗୁରୁ ବଧିଲେ ଫଳହେବ । ରକତ ନଦୀ ବହିଯିବ ॥
ସେ ରକ୍ତେ ଯୁକ୍ତ ହେବ ମହୀ । ସେ ମହୀ ଭୋଗେ ବାଞ୍ଛା ନାହିଁ ॥
ସେ ମହୀଭୋଗେ ହେବ ଫଳ । ନରକ ଦୁଃଖଟି କେବଳ ॥
ଅର୍ଥ ଲାଳସା ପୂର୍ଣ୍ଣହେବ । ଧରମ ମୋକ୍ଷ ନମିଳିବ ॥
ଉଚିତ ହେବି ବଇରାଗୀ । ନହେବି ମହାପାପ ଭାଗୀ ।୫।
ଯଦବା ଏ ଯୁଦ୍ଧ କରିବି । ନ ଜାଣେ କି ଫଳ ପାଇବି ॥
ହାରିବ ଅଥବା ଜିଣିବ । ଅଉ ଅଧିକ କିସ ହେବ ॥
ହାରିବା ଜିଣିବା ମଧ୍ୟରେ । କେ ଗୁରୁତର କହ ବାରେ ॥
ଏ କଥା ବୁଝିପାରୁନାହିଁ । ଏ ଦୁଇ ସମାନ ଦିଶଇ ॥
ଯାହାଙ୍କୁ ବିନାଶି ଏ ରଣେ । ନ ଇଚ୍ଛେ ରହିବି ଜୀବନେ ॥
ସେ ଧୃତରାଷ୍ଟ୍ର ପୁତଗଣ । ମୋ ଆଗେ ଛନ୍ତି ବର୍ତ୍ତମାନ ॥
ମୋ ପୂର୍ବେ ଭାଗେ ଛନ୍ତି ରହି । ଯୁଦ୍ଧକୁ ଅଗ୍ରସାର ହୋଇ ॥
ମୁହିଁକୁ ଚାହିଁ ତାହାଙ୍କର । କିପରି ପେଷିବି ମୁଁ ଶର ? ୬
ସନ୍ଦେହ ହୁଏ ମୋ ମନର । ଏ କାଳେ କେଉଁ ଧର୍ମ ସାର ॥
ସ୍ୱଜନମାନଙ୍କୁ ମାରିଣ । କିପରି ଧରିବି ପରାଣ ॥
ବଂଶ ବିନାଶ ପାପ ତାପ । ମୋ ମନେ ହେଉଛି ଅମାପ ।
ଏହି ଚିନ୍ତାରେ ଦୀନହୀନ । ବ୍ୟାକୁଳ ହେଉଛି ମୋ ମନ ॥
କି ଧର୍ମ କଲେ ଆଚରଣ । ଏଥୁ ଲଭିବି ପରିତ୍ରାଣ ॥
ଏହି ଚିନ୍ତାରେ ମୋର ଚିତ୍ତ । ସନ୍ଦିଗ୍ଧ ହେଉଛି ସତତ ॥
ମୋ ହିତ ହେତୁ ଅଟେ ଯାହା । ନିଶ୍ଚୟ କରି କହ ତାହା ॥
ମୁଁ ତବ ଶିଷ୍ୟ ଅଟେ ଯେଣୁ । ତବ ଶରଣ ନେଲି ତେଣୁ ॥

ଶତ୍ରୁନାଶକ—ଶତ୍ରୁଦମନକାରୀ, ଅରିସୂଦନ, ମଧୁସୂଦନ ।

ନିଶ୍ଚିତ ଶିକ୍ଷା ଦିଅ ମୋତେ । ସଂଶୟ ନ ରଖି କହିବେ ।୭।
ନ ଦିଶେ ଏମନ୍ତ ଉପାୟ । ଛେଦିବ ମୋମନୁ ସଂଶୟ ॥
ଏ ଲୋକଚକ୍ରବର୍ତ୍ତି ହେଲେ । ଦେବଙ୍କ ଆସନ ଲଭିଲେ ॥
ଏ ଶୋକ ନହେବ ବିନାଶ । ଦେଉଛି ମତେ ବଡ଼ କ୍ଲେଶ ॥
ଅତି ଭୀଷଣ ଏହୁ ଶୋକ । ଇନ୍ଦ୍ରିୟମାନଙ୍କ ଶୋଷକ ।୮।

ସଞ୍ଜୟ ଉବାଚ

ପରନ୍ତପ ଯେ ଅର୍ଜୁନ । ଗୋବିନ୍ଦ କହିଲେ ଏସନ ॥
ଯୁଝିବି ନାହିଁ କଦାଚନ । କହି ମଉନ ଅର୍ଜୁନ ॥
ଗୋବିନ୍ଦ ନାମ ହୃଷିକେଶ । ଅର୍ଜୁନ ନାମ ଗୁଡ଼ାକେଶ ।୯।
ଆହେ ଭରତ ପୁଣି ଶୁଣ । ଶ୍ରୀ ହୃଷିକେଶଙ୍କ ବଚନ ॥
ଉଭୟ ସେନା ମଧ୍ୟେ ସ୍ଥିତ । ଅର୍ଜୁନ ବିଷାଦ ଜଡ଼ିତ ॥
ଦେଖି ଏ ଭାବ ହୃଷିକେଶ । କହନ୍ତି ହୋଇ ହସହସ ।୧୦।

ଶ୍ରୀଭଗବାନୁବାଚ

ହସି କହନ୍ତି ଭଗବାନ । ଶୋକ କରୁଛ ଅକାରଣ ॥
ଯାହାଙ୍କ ପାଇଁ ଶୋକ କର । ନୁହନ୍ତି ଶୋକର ପାତର ॥
ପଣ୍ଡିତ ପରି କଥା କହୁ । ଶୋକ କରୁଛ କାହିଁପାଇଁ ॥
ମୃତ ଜୀବିତ ଲୋକପାଇଁ । ପଣ୍ଡିତ ଶୋକ କରେନାହିଁ ॥
ପଣ୍ଡିତ ପରି କଥା କହୁ । ପ୍ରକୃତ ପଣ୍ଡିତ ତୁ ନୋହୁ ॥
ଶୁଣ ତୁ ଏଥିର କାରଣ । ମୁଁ ଯେ ଅଟଇ ଭଗବାନ ॥
ଲୀଳାରେ ଧରିଛି ଶରୀର । ମର୍ତ୍ତ୍ୟରେ ହେଲି ଅବତାର ॥
ଏ ଦେହ ଆସୁଛି ଯାଉଛି । ଜନମ ମରଣ ଲାଗିଛି ॥
ମୁହିଁ ଅନାଦି ବୋଲି ଜାଣ । ମୋର ବିନାଶ ନାହିଁ ପୁଣ ॥
ଚିନ୍ତି ତୁ ବୁଝ ମନଦେଇ । ପୂର୍ବେ ନଥିଲି କି ମୁହିଁ ।୧୧।
ପୂର୍ବେ ନଥିଲି କେବେ ମୁହିଁ । ଏକଥା କହ ନ ଯୋଗାଇ ॥
ଏ ଅବତାର ପୂର୍ବେ ମୁହିଁ । ଅବଶ୍ୟ ଥିଲି ଜାଣ ତୁହି ॥

ଯେପରି ତୁମ୍ଭ ଥିଲୁ ଜାଣ । ନଥିଲୁ ବୋଲି ତୁ ନମଣ ॥
ଏ ରାଜାମାନେ ସେହିପରି । ନଥିଲେ ବୋଲି ନ ବିଗୁରି ॥
ମୋହର ନାହିଁଟି ବିନାଶ । ତୁମ୍ଭେ ସକଳେ ମୋର ଅଂଶ ॥
ମୋର ବିନାଶ ନାହିଁ ଯେଣୁ । ତୁମ୍ଭର ନାଶ ନାହିଁ ତେଣୁ ॥
ଏହାପରେ ଯେ ଅମ୍ଭେମାନେ । ନଥିବା କ ପାଞ୍ଚିବୁ ମନେ ॥
ମଲେ ଶରୀର ବିନାଶନ । ଅମ୍ଭର ନ ହୁଏ ମରଣ ॥
ରହିବୁଁ ଥିଲୁଁ ଅଛୁ ଜାଣ । ଅନାଦି ଅନନ୍ତ ପ୍ରମାଣ ॥
ତୁମ୍ଭେ ଅମ୍ଭେ ଏ ରାଜାମାନେ । ଥିଲେ ରହିବେ ସବୁଦିନେ ॥
ଜନ୍ମ ମରଣ ନାହିଁ ଯାର । ତାପାଇଁ କମ୍ପା ଶୋକ କର ॥
ଜୀବାତ୍ମା ଏହି ଦେହେ ଥାଇ । ନାନାଦି ଅବସ୍ଥା ଭୋଗଇ ॥
ଅଜି ବାଳକ କାଲି ଯୁବା । ଅପରଦିନ ବୃଦ୍ଧ ଅବା ॥
ମରନ୍ତେ ପୁଣି ଅନ୍ୟଦେହ । ଧରିବ ଏକଥା ନିଶ୍ଚୟ ॥
ଏହିଯେ ଜନମ ମରଣ । ଜ୍ଞାନୀକି ନଦିଏ କଷଣ ॥
ଜନମ ମରଣ ଏ ଦୁଇ । ଜ୍ଞାନୀଙ୍କି ସମାନ ଦିଶଇ ॥
ଜନମ ହୋଇଲେ ମରିବ । ଏହା କେ ରଖି ନ ପାରିବ ॥
ଯାହାର ହୁଏ ଏହି ଜ୍ଞାନ । ମୋହେ ନପଡ଼ନ୍ତି ସେହିଜନ ।
ଜନମମରଣେ ସମାନ । ଆନନ୍ଦ ଲଭେ ଜ୍ଞାନୀ ଜନ ॥
ଜନମେ ସୁଖ ନ ମଣଇ । ମରଣେ ଶୋକ ନକରଇ ॥
ହେ କୁନ୍ତୀସୁତ ପୁଣି ଶୁଣ । ଏ ସୁଖଦୁଃଖର କାରଣ ।
ଇନ୍ଦ୍ରିୟ ବୋଲି କାକୁ କହି । ଶୁଣ ତା କହିବା ବୁଝାଇ ।
ଚକ୍ଷୁ ନାସିକା ଜିହ୍ୱା କାନ । ଇତ୍ୟାଦି ଇନ୍ଦ୍ରିୟରେ ଗଣ ।
ସଂସାରେ ଯା ସବୁ ଦେଖୁଛୁ । ଯାହାବା କାନରେ ଶୁଣୁଛୁ ।
ସେସବୁ ଅଟଇ ବିଷୟ । ଭୋଗକରଇ ସେ ଇନ୍ଦ୍ରିୟ ॥
ଭୋଗକାଳରେ ସୁଖ ମଣେ । ଅଭୋଗ ହେଲେ ଦୁଃଖମନେ ॥
ଇନ୍ଦ୍ରିୟ ସହିତ ବିଷୟ । ସଂଯୋଗେ ସୁଖର ଉଦୟ ॥

ବିୟୋଗେ ଦୁଃଖ ଉତପତ । ଏ କଥା ଘଟେ, ଅଛି ନିତ ॥
ସମୟେ ସୁଖ ଉପୁଜଇ । ପୁଣି ସମୟେ ଦୁଃଖ ଦେଇ ॥
କ୍ଷଣକେ ସୁଖ କ୍ଷଣେ ଦୁଃଖ । ଏଥିପାଇଁ କି କାମା ଦୁଃଖ ॥
ତେଣୁ ଏ ସୁଖଦୁଃଖ ଦୁଇ । ସ୍ୱଭାବେ ଅନିତ୍ୟ ଅଟଇ ॥
ସୁଖ ବା ଦୁଃଖ ଯାହା ହେବ । ସମାନ ଭାବରେ ସହିବ ॥
ନ ସହି କରିବ ବା କିସ । ଉଭୟ ଘଟିବ ଅବଶ୍ୟ ॥
ଶୋକ କଲେ ବା କିସ ହେବ । ଶୋକେ କି ଦୁଃଖ ନାଶହେବ
ତେଣୁ ଏ ସୁଖଦୁଃଖ ଦୁଇ । ବ୍ୟାରଟି ନକରିବ କେହି ॥
ଏ ଦୁଇ ଅଟଇ ଅନିତ୍ୟ । ସହିବା ତୋହର ଉଚିତ ॥୧୪॥
ଯେ ଏହି ସୁଖଦୁଃଖ ସହେ । ସନ୍ତାପେ ମନ ଦହି ନହେ ॥
ସୁଖଦୁଃଖରେ ସମଜ୍ଞାନ । ଅଛି ଯାହାର ଅର୍ଜୁନ ॥
ମୁକତି ଲଭିବ ସେ ନର । ସଂଶୟ କିଛିହିଁ ନ କର ॥
ତେଣୁ ସେ ପୁରୁଷ ପ୍ରଧାନ । ତେଜ ଏ ଶୋକ ଅକାରଣ ॥
ସବୁକାଳ ଯେ ଅଛି ରହି । ଯାହାର କେବେ ନାଶ ନାହିଁ
ସେ ନିତ୍ୟ ସେହି ସଦା ଥାଏ । ଅନିତ୍ୟ କେବେହେଁ ନରହେ
ଏ ନିତ୍ୟ ଅନିତ୍ୟ ବିଚାର । କାହାର ସୀମା କେତେଦୂର ॥
ଏ ତତ୍ତ୍ୱ ଯେ ଜନ ବୁଝଇ । ତତ୍ତ୍ୱଦରଶୀ ତାକୁ କହି ॥
ତତ୍ତ୍ୱଦରଶୀ ଧୀରଜନ । ସୀମା କରନ୍ତି ନିରୂପଣ ॥୧୬॥
ଯେ ଆତ୍ମା ସକଳ ଘଟରେ । ବ୍ୟାପିଅଛନ୍ତି ଜଗତରେ ॥
ସେ ଅବିନାଶୀ ଅଟେ ଜାଣ । ନାହିଁ ତାହାର ବିନାଶନ ॥
ଏମନ୍ତ କେ ଅଛି ମହୀରେ । ତାର ବିନାଶ ସାଧିପାରେ ॥
ଆତ୍ମା ଯେ ଅବିନାଶୀ ନିତ୍ୟ । ସେ ପୁଣି ଜ୍ଞାନର ଅତୀତ ॥
ଏ ଦେହ ଅଟଇ ଅନିତ୍ୟ । ବିନାଶ ହୋଇବ ନିଶ୍ଚିତ ॥
ବିନାଶ ହେଲେହେଁ ଶରୀର । ଏ ଆତ୍ମା ଅଟଇ ଅମର ॥
ତେଣୁ କହୁଛି ହେ ଭାରତ । ଶୋକ କରିବା ଅନୁଚିତ ॥

କେତେବ ତେଜନାହିଁ । ଯୁଦ୍ଧକୁ ବେଗେ ଯାଅ ତୁହି ॥
ଆତ୍ମା ନ ମରେ କଦାଚନ । ତାହାର ଜାଣ ଅରଜୁନ ॥
ଆତ୍ମା କାହାକୁ ନ ମାରଇ । ଆତ୍ମା କେବେହେଁ ନ ମରଇ ॥
ଯେ କହେ ଆତ୍ମା ନାଶଗଲା । ଅଥବା ଆତ୍ମା ନାଶ କଲା ॥
ଏମନ ଯେ ଲୋକ ଭାବଇ । ଅଜ୍ଞାନୀ ମୂର୍ଖ ଅଟଇ ସେହି ।୧୯
ଏମନ୍ତ ଲୋକ କେହି ନାହିଁ । ଆତ୍ମାକୁ ବିନାଶି ପାରଇ ॥
ଜନ୍ମମରଣ ନାହିଁ ତାର । ଅନାଦି ଅଜର ଅମର ॥
ତାହାର ନାହିଁ କ୍ଷୟବୃଦ୍ଧି । ସନ୍ତତ ଏକରୂପ ସିଦ୍ଧି ॥
ଏକରୂପରେ ବିରାଜିତ । ପୁରାଣପ୍ରସିଦ୍ଧ ନିତ୍ୟତ ।
ଦେହଲେହେଁ ଶରୀର ବିନାଶ । ଆତ୍ମାର କ୍ଷୟ ନାହିଁ ଲେଶ ।୨୦
ଯେ ଆତ୍ମା ଅବିନାଶୀ ନିତ୍ୟ । ଅକ୍ଷୟ ଜନମ ରହିତ ॥
ଏ ତତ୍ତ୍ୱ ଜାଣେ ଯେଉଁ ଜନ । ସେ କାକୁ ବଧିବ କେମନ ।
ତାହାକୁ ବଧ କରାଇବ । କଏବା କପଟ ମଣ୍ଡିବ ।୨୧।
ଶରୀର ବସନ ସମାନ । ଆତ୍ମା କରଇ ପରିଧାନ ॥
ଜନମ ହୋଇଲେ ପିନ୍ଧଇ । ମରଣେ ତାହାକୁ ତେଜଇ ॥
ପୁଣି ଜନମ ହେଲାବେଳେ । ପଶଇ ଆରେକ ଶରୀରେ ॥
ଏପରି ନାନାଦି ଶରୀରେ । ଆତ୍ମାଯେ ସର୍ବଦା ବିହରେ ।
ପୁରୁଣା ଶରୀର ତେଜଇ । ନବ ଶରୀରେ ପ୍ରବେଶଇ ॥
ପୁରୁଣା ଲୁଗା ଚିରିଗଲେ । ଲୋକେ ଛାଡ଼ନ୍ତି ତାକୁ ବଳେ ॥
ନୂତନ ବସନ ପିନ୍ଧନ୍ତି । ପୁରୁଣା ବସନ ଛାଡ଼ନ୍ତି ॥
ଜନ୍ମମରଣ ଏହିପରି । ବୁଝ ତୁ ଭଲେ ହେତୁ କରି ।
ଜାତ ଲାଗିଛି ଏଥି ନାଟ । କିମ୍ପା ହେଉଛୁ ଛଟପଟ ।୨୨।
ଆତ୍ମାଯେ ଅବିନାଶୀ ଅଟେ । ଅସ୍ତ୍ରଶସ୍ତ୍ର ତାକୁ ନ କାଟେ ॥
ଅଗ୍ନିରେ ଦହନ ନୁହଇ । ପବନ ନ ପାରେ ଶୁଖାଇ ॥
ଜଳ ଭିଜାଏ ଓଦା କରି । ଆତ୍ମାର ଗୁଣ ଏହିପରି ।୨୩।

ତେଣୁ ଏ ଅଚ୍ଛେଦ୍ୟ ଅଦାହ୍ୟ । ଅକ୍ଲେଦ୍ୟ ଅଶୋଷ୍ୟ ନିଶ୍ଚୟ ।
ଅସ୍ତ୍ରରେ କାଟି ନୁହେ ଯେଣୁ । ଅଚ୍ଛେଦ୍ୟ ବୋଲାଏ ସେ ତେଣୁ ।
ଅନଳ ପୋଡ଼ି ନପାରଇ । ତେଣୁ ଏ ଅଦାହ୍ୟ ବୋଲାଇ ॥
ପବନେ ଶୁଷ୍କ ନୁହେ ଯେଣୁ । ଅଶୋଷ୍ୟ ବୋଲାଏ ସେ ତେଣୁ ।
ଜଳରେ ସଡ଼ି ନପାରଇ । ତେଣୁ ଏ ଅକ୍ଲେଦ୍ୟ ବୋଲାଇ
ଏହାର ଷଡ଼ବୃତ୍ତି ନାହିଁ । ଅନାଦି ନିତ୍ୟ ସେ ଅଟଇ ॥
ସ୍ଥିର ସ୍ୱଭାବ ଏ ଅଚଳ । ସନାତନ ଏହି ରୂପ ତାର ॥
ସବୁଠି ବ୍ୟାପି ଅଛି ରହି । ଇନ୍ଦ୍ରିୟ ଅଗୋଚର ସେହି ॥
ମନରେ ଜାଣି ନପାରଇ । ମନର ଅଗମ୍ୟ ଅଟଇ ॥
କର୍ମ ଇନ୍ଦ୍ରିୟ ନଜାଣଇ । ଚିନ୍ତାର ବିଷୟ ନୁହଇ ॥
ଭବରେ ଏ ଆତ୍ମା ବିଷୟ । କେ କହିନପାରେ ନିଶ୍ଚୟ ।୨୪।
ଯେ ଜାଣେ ଆତ୍ମାର ଏ ତତ୍ତ୍ୱ । ଶୋକ କରିବା ଅନୁଚିତ ।୨୫।
ଯଦିବା ବୋଲିବୁ ଏମନ୍ତ । ଏ ଆତ୍ମା ନିତ୍ୟ ଜାତମୃତ ॥
ଶରୀର ସହିତ ଜନ୍ମଇ । ଶରୀର ସଙ୍ଗେ ନାଶ ଯାଇ ।
ତେବେ କାହିଁକି ଶୋକ କର । ହେ ମହାବାହୁ ତୁ ବିଗ୍ଭର ।
ଶରୀର ସଙ୍ଗେ ଆତ୍ମାନାଶ । ନରହେ କିଛି ଅବଶେଷ ।୨୬।
ଜନମ ହୋଇଲେ ମରିବ । ମରିଲେ ଜନମ ହୋଇବ ॥
ଏ କଥା ଧ୍ରୁବ ସତ୍ୟ ଜାଣ । କେ ଏହା କରିବ ବାରଣ ॥
ଏ ବିଧି କାହାର ଶକତି । ଲଙ୍ଘି ପାରିବ ଏ ନିୟତି ॥
ଯେ କଥା ଅବଶ୍ୟ ଘଟିବ । ଶୋକ କଲେକି ନଘଟିବ ॥
ଶୋକ କରିବା ଅନୁଚିତ । ଜନ୍ମ ମରଣ ନିତ୍ୟ ସତ୍ୟ । ୨୭।
ଆହୁରି ଶୁଣ ତୁ ଭାରତ । ଦେଖ ତୁ ଏ ବିଶ୍ୱ ଜଗତ ॥
ମୂଳକାରଣ ଜଗତର । ଅବ୍ୟକ୍ତ ଅଟଇ ନଜର ॥
ଉତ୍ପତ୍ତିପୂର୍ବ ଭୂତଗଣ । ଅବ୍ୟକ୍ତ ଥିଲେ ଏକେ ଜନ ॥
ଘଟ ଭାଙ୍ଗିର ଏ ଶରୀର । ପାଣି ଫୋଟକା ପରକାର ॥

ଅଦ୍ୱ ଅନ୍ତରେ ରୂପସ୍ଥାନ । କେବଳ ମଧ୍ୟେ ଭେଦଜ୍ଞାନ ।।
ଜନ୍ମମାତାଙ୍କୁ ମୃତ୍ୟୁ ପାଏ । ସୁନ୍ଦର ବପୁ ଧରି ରହେ ।।
ଏ ଭେଦଜ୍ଞାନ ପ୍ରକାଶିତ । ସାଧନେ ହୁଅଇ ଅବ୍ୟକ୍ତ ।।
ପ୍ରକୃତି ଦେହେ ହୁଏ ଲୀନ । ପୁନଶ୍ଚ ହୁଅଇ ଜନମ ।।
ଜନ୍ମ ମରଣ ପୂର୍ବାପର । ପ୍ରକାଶ ନଥାଏ ତାହାର ।।
ଅସିଦ୍ଧ ନିଷ୍ଠେ ଗୃହସ୍ଥିବ । ଏଥକୁ କି ଦୁଃଖ କରିବ ।।
ସ୍ୱପନେ ନାନା କଥାମାନ । ଲୋକ କରଇ ଦରଶନ ।।
ନିଦ୍ରା ଭାଙ୍ଗିଲେ ହୁଏ ଲୀନ । ସେସବୁ ନ ଦେଖଇ ଜନ ।।
ତେବେକି ଲୋକ ସେଥିପାଇଁ । ଶୋକ ବିଳାପ କରୁଥାଇ ।।
ଜନ୍ମ ମରଣ ସେହିମତ । ଶୋକ କରିବା ଅନୁଚିତ ।।୮।।
ସ୍ୱଭାବେ ଆତ୍ମା ଅଟେ ନିତ୍ୟ । ଅନିତ୍ୟ ପରି ସେ ପ୍ରତୀତ ।।
ଆତ୍ମା ସ୍ୱରୂପ ଚଇତନ । ହେଲେହେଁ ଜଡ଼ ପରିମାଣ ।।
ଆତ୍ମାର ସ୍ୱରୂପ ଆନନ୍ଦ । ତଥାପି ଦିଶେ ନିରାନନ୍ଦ ।।
ଆତ୍ମା ଅଟଇ ନିର୍ବିକାର । ସ୍ଥୂଳରେ ନାନାଦି ବିକାର ।।
ପ୍ରକାଶ ସ୍ୱରୂପ ଅଟଇ । ଅପ୍ରକାଶିତ ଥାଏ ସେହୁ ।।
ଆତ୍ମା ଅଟଇ ସଦା ମୁକ୍ତ । ଆବଦ୍ଧ ପରାଏ ପ୍ରତୀତ ।।
ଏକଇ ରୂପ ଅଟେ ତାର । ଦିଶଇ ଅନେକ ଆକାର ।।
ସବୁଠି ସର୍ବେ ମିଶିଥାଏ । ପୃଥକପରି ଜଣାଯାଏ ।।
ଜ୍ଞାନ ଅନ୍ତର ବୃତ୍ତିମାନ । ମିଥ୍ୟା ବା ଅସତ ପ୍ରମାଣ ।।
ହେଲେହେଁ ଏ ଜ୍ଞାନ ଅସତ । ତଥାପି ପ୍ରକାଶଇ ସତ୍ୟ ।।
ଏହୁ ଅସତ ଜ୍ଞାନ ବଳେ । ଆତ୍ମା ପ୍ରକାଶ ପାଏ ଭଲେ ।।
ଅବିଦ୍ୟା କାର୍ଯ୍ୟ ଅଟେ ଜ୍ଞାନ । କରେ ଅବିଦ୍ୟା ବିନାଶନ ।।
ଅବିଦ୍ୟା [illegible] ବିନାଶ । ଜ୍ଞାନ ଅବଶ୍ୟ ଯାଏ ନାଶ ।।
କେ ଗୁରୁ ଉପଦେଶ ପାଇ । ଶାସ୍ତ୍ର ପଢିଣ କେ ବୁଝଇ ।।
ଏ ଜ୍ଞାନବଳେ ଅମୃତତ୍ୱ । କେହୁ ବା ବୁଝନ୍ତି ନିଶ୍ଚିତ ।।

[illegible] । ଅର୍ଜୁନ ଶୁଣ ସାବଧାନେ ।
ଭଜିଲେହେଁ ଆତ୍ମା ଦରଶନ । ପାଇ ଆଶ୍ଚର୍ଯ୍ୟ ସମାନ ।
ଭଜନେ କହିନେ ଯାହା । ପ୍ରକାଶ ନ ହୁଅଇ ତାହା ।
ମନ ବଚନ ପରାହତ । କାଏ କହିବ ଆତ୍ମ-ତତ୍ତ୍ୱ ।
ତେଣୁ କେ ଯେ ତତ୍ତ୍ୱ ବଖାଣେ । ଆଶ୍ଚର୍ଯ୍ୟ ଏବ ତାକୁ ମଣେ ।
ଏ ଆତ୍ମତତ୍ତ୍ୱ ନୁହେଁ କହି । ଶ୍ରୁତିର ଅଗମ୍ୟ ଅଟଇ ।
ପୂର୍ବଜନମ ତପ ଫଳେ । ଚିତ୍ତ ନିର୍ମଳ ନ ହୋଇଲେ ।
ଏ ତତ୍ତ୍ୱ କାହିଁ ଶୁଣିବ । ଶୁଣିଲେ କାହିଁ ବୁଝିବ ।
ତେଣୁ ଏ ତତ୍ତ୍ୱ ଯେ ଶୁଣଇ । ଆଶ୍ଚର୍ଯ୍ୟ ସମାନ ମଣଇ ।
କେହି ବା ଏହି ତତ୍ତ୍ୱ ଶୁଣେ । ଶୁଣିଲେ ମଧ୍ୟେ ନ ଜାଣେ ।
ଯେହୁ ଲଭଇ ଆତ୍ମ ଜ୍ଞାନ । ପାପ ହୁଅଇ ବିନାଶନ ।
ଅବିଦ୍ୟା ଅନ୍ଧାର ବିନାଶ । ତଥାପି ଥାଏ କର୍ମଦୋଷ ।
ପ୍ରାରବ୍ଧ କର୍ମ ବଳୀୟାର । ଭଙ୍ଗଇ ସମାଧି ତାହାର ।
କେବେ ସମାଧି ଯୁକ୍ତ ଥାଏ । କେବେ ବା ସମାଧି ଭଙ୍ଗ ହୁଏ ।
ଆତ୍ମଦରଶୀ ଯୋଗୀଜନ । ଆଶ୍ଚର୍ଯ୍ୟ ତୁଲ୍ୟ ତାକୁ ମଣ ।
ଯେ କରେ ଆତ୍ମା ଦରଶନ । ସେ ସଦା ସମାଧିରେ ମଗ୍ନ ।
କାହିଁ ଧ୍ୟାନ ଭଙ୍ଗ ହେବ । ଏ ତତ୍ତ୍ୱ ଉପଦେଶ ଦେବ ।
ଭଜିଲେ ଯୋଗ ଭଙ୍ଗ ହେବ । ଅନ୍ୟଥା ଅଜ୍ଞା ରହିବ ।
ଏ ଉପଦେଶ ଦେବ କିଏ । ଆତ୍ମାଦରଶୀ ଯେହୁ ନୁହେ ।
ତାଙ୍କର ନାହିଁ ପ୍ରୟୋଜନ । କହିବେ ଉପଦେଶ ଦାନ ।
ଯେବେ ଦିଅନ୍ତି ଉପଦେଶ । ହୋଇଣ ଦୟା ପରବଶ ।
ଦୟାଳୁ ଈଶ୍ୱର ସଦୃଶ । ବୁଦ୍ଧିରେ କିଛି ଯେ ଅବଶ୍ୟ ।
[illegible] ଗୁରୁ ସୁଦୁର୍ଲ୍ଲଭ । ମିଳିଲେ ଆଶ୍ଚର୍ଯ୍ୟ ମଣିବ ।
ଗୁରୁ ନ ଥିଲେ ଅର୍ଜୁନ । କାଏସେ ଦେବ ଆତ୍ମଜ୍ଞାନ ।
ଗୁରୁ ବଚନ ଶୁଣି କର୍ଣ୍ଣେ । ଅଟଳ ଶ୍ରଦ୍ଧା ଥିବ ମନେ ।

ଶାସ୍ତ୍ରବଚନ ସତ୍ୟ ମଣି । ବିଶ୍ୱାସେ ପାଳବ ତା ପୁଣି ॥
ଏମନ୍ତ ଗୁଣ ଯାର ଥିବ । ଉତ୍ତମ ଶିଷ୍ୟ ସେ ହୋଇବ ॥
ଏମନ୍ତ ଶିଷ୍ୟ ସୁଦୁର୍ଲ୍ଲଭ । ମିଳିଲେ ଆଶ୍ଚର୍ଯ୍ୟ ମଣିବ ॥
ତେଣୁ ଏ ତତ୍ତ୍ୱ କେ ଶୁଣିଲେ । ଜାଣି ନପାରେ ତାହା ଭଲେ ॥
ଜଳେ ଯେସନେ ଚନ୍ଦ୍ରଛାଇ । ଥାଏ ଯାବତ ଜଳ ଥାଇ ॥
ତାବତ ଚନ୍ଦ୍ରରୂପ ଦିଶେ । ଜଳ ନ ଥିଲେ ସେ ନ ଦିଶେ ॥
ଏମନ୍ତ ଦେଖି କେ ପାଞ୍ଚଇ । ଜଳ ନ ଥିଲେ ଚନ୍ଦ୍ର ନାହିଁ ॥
ଘଟରୁ ଜଳ ହେଲେ ଶେଷ । ଚନ୍ଦ୍ରର ନ ହୁଏ ବିନାଶ ॥
ଚନ୍ଦ୍ର ଯେଉଁଠି ସେଠି ଥାଏ । ଘଟରେ ସେ ଦେଖା ନ ଯାଏ ॥
ତେସନ ଦେହ ନାଶଗଲେ । ଆତ୍ମା ବିନାଶ ନୁହେ ଭଲେ ॥
ସକଳ ଘଟେ ଆତ୍ମା ଥାଇ । ଜଳେ ଯେସନ ଚନ୍ଦ୍ରଛାଇ ॥
କେ ତାଙ୍କୁ ମାର ନ ପାରଇ । ସର୍ବ ଶରୀରେ ଅଛୁ ରହି ॥
ତେଣୁ ସକଳ ପ୍ରାଣୀ ପାଇ । ଶୋକ କରିବା ନ ଯୋଗାଇ ॥
ଶରୀର ହୋଇଲେ ପତନ । ଆତ୍ମା ନ ମରେ କଦାଚନ ॥
ଯେବେ ଏ ଆତ୍ମା ଅଛୁ ରହି । କାନ୍ଦିବୁ ତୁହି କାହାପାଇଁ ॥
ସକଳ ଦେହ ନାଶ ଯିବ । କେତେ ବା କାହାଇଁ କାନ୍ଦିବ ॥୩୦
ନିଜ ଧରମେ ଦୃଷ୍ଟି ଦିଅ । ଦେଖିବୁ କିଛି ନାହିଁ ଭୟ ॥
ଧର୍ମ୍ମ ହେତୁରୁ ଥରହର । ଏ କଥା ଅତି ଅସୁନ୍ଦର ॥
ଧରମ ଯୁଦ୍ଧ କ୍ଷତ୍ରିୟର । ଭୂଷଣ ମଙ୍ଗଳ ନିକର ॥
ଏଥିରୁ ବଳି ଆଉ କିଛି । କଲ୍ୟାଣଦାୟକ କି ଅଛି ? ୩୧
ହେ ପାର୍ଥ ! ନିଜ ଇଚ୍ଛାବଳେ । ସ୍ୱର୍ଗଦ୍ୱାର ତୋ ପାଖରେ ॥
ଖୋଲି ହୋଇଛି ସ୍ୱଇଚ୍ଛାରେ । ସୁଯୋଗ କିଏ ଛାଡ଼ିପାରେ ॥
କ୍ଷତ୍ରିୟେ ତେବେ ସୁଖୀ ହେଲେ । ଏମନ୍ତ ଯୁଦ୍ଧ ଘଟେ ଭଲେ ॥
ଏ ଯୁଦ୍ଧ ସ୍ୱର୍ଗଦ୍ୱାର ସମ । ଖୋଲିଛି ସ୍ୱଇଚ୍ଛାରେ ଜାଣ ୩୨
ଏ ଧର୍ମ୍ମଯୁଦ୍ଧ ତୁ ନ କଲେ । ସ୍ୱଧର୍ମ୍ମ ନାଶ ଯିବ ହେଲେ ॥

ଅବର ଅକୀର୍ତ୍ତି ଲଭିବୁ । ମହାପାପରେ ଭାଗୀ ହେବୁ ॥
ଧରମଯୁଦ୍ଧ ଏ କୁମାର । ଶୁଣ ଚିତ୍ତକୁ ମନ ଦେଇ ॥
ଏ ଯୁଦ୍ଧେ ପ୍ରାଣୀହତ୍ୟା ଦୋଷ । ଲାଗିବ ନାହିଁ ତେବେ ଲେଶ ॥
ଧରମଶାସ୍ତ୍ରର ପ୍ରମାଣ । କେ ବଧ୍ୟ କେ ଅବଧ୍ୟ ପୁଣ ॥
ଯାହାର ରଥ ଭାଙ୍ଗି ଯାଏ । ତେଣୁ ଯେ ଭୂମିପରେ ଥାଏ ॥
ଯାହାର କେଶ ଫିଟିଯାଏ । ନିଦ୍ରାରେ ଯେହୁ ଶୋଇଥାଏ ॥
ଦେହରେ ରୋଗ ଥାଏ ଯାର । ଉଲଗ୍ନ ଭୟାତୁ ଅବର ॥
ଅଙ୍ଗରେ ଯାର ବସ୍ତ୍ର ଛିଡ଼ । ପଳାଇଯାଏ ଯେ ନିସ୍ପୃତ ॥
କବଚ ଯା ଅଙ୍ଗରେ ନାହିଁ । ଅନ ସହିତ ଯୁଝୁଥାଇ ॥
ଯାହାର ଅସ୍ତ୍ର ଶସ୍ତ୍ର ନାହିଁ । ଯେ ଅବା ଶରଣ ପଶଇ ॥
ଯେହୁ ଅଟଇ ନପୁଂସକ । ଯେ ଅବା ଅଟଇ ଦର୍ଶକ ॥
ଏମାନେ ଅବଧ୍ୟ ପ୍ରମାଣ । ମାରିଲେ ପାପ ହେବ ଜାଣ ॥
ତୋର ଶପଥ ବୀରଗଣ । ଅବଧ୍ୟ କୁହନ୍ତି ପ୍ରମାଣ ॥
ସେମାନେ ପୁଣ ଆତତାୟୀ । ତାଙ୍କୁ ମାରିଲେ ଦୋଷ ନାହିଁ ॥
ତାହାଙ୍କୁ ନମାରିଲେ ପାପ । ହୋଇବ ଜାଣ ତୁ ଅମାପ ॥୩୩॥
ଚିରକାଳକୁ କଥା ଥିବ । ଲୋକରେ ଅକୀର୍ତ୍ତି ହୋଇବ ॥
ଛୋଟବଡ଼ ଲୋକଙ୍କର । ଅକୀର୍ତ୍ତି ଅତି ଅସୁନ୍ଦର ॥
ମରଣୁ ଅଧିକ ହୋଇବ । ଅକୀର୍ତ୍ତି ତେବେ ଶୁଣାଯିବ ॥୩୪॥
ପାଞ୍ଚିବେ ମହାରଥିମାନେ । ଡରି ପଶିଲ ନାହିଁ ରଣେ ॥
ଯେ ତୋର ଯଶ ଗାଉଥିଲେ । ଉଣା ମଣିବେ ଅବହେଳେ ॥
ଯେ ତୋତେ କରନ୍ତି ଆଦର । କହିବେ ନାନା ପରବାଦ ॥
କଇଁପଣ ତାକୁ ଦେଇ । ହସିବେ ନିନ୍ଦାଗୀତ ଗାଇ ॥୩୫॥
ନିନ୍ଦିବେ ତବ ଶତ୍ରୁଗଣ । କହିବେ କଟୁ କଥାମାନ ॥
ତବ ସାମର୍ଥ୍ୟ ନିନ୍ଦା କରି । ଅକଥା କହିବେ ବଇରୀ ॥
ବୋଲିବେ ଅଛି ବଳବାନ । ଡରଣ କଲା ପଳାୟନ ॥

ଏ[illegible] ଦୁଃଖ ଅଛି ବଳି । ପାର୍ଥଙ୍କୁ ଏକଥା ସମ୍ଭାଳି ।୩୬।
ମାରିଲେ ସ୍ୱର୍ଗକୁ ଯିବ । ଜିଣିଲେ ରାଜ୍ୟ ରାଜା ହେବ ।
ତେଣୁ ମୋହର ବାଣୀ ଶୁଣ । ଉଠ କୁନ୍ତିପୁ କର ରଣ ।୩୭।
ବିଜୟ ପରାଜୟ ପୁଣି । ହାନିଲାଭକୁ ସମ ମଣି ॥
ସୁଖଦୁଃଖକୁ ସମମଣି । ନ ହେବ ପାପ କଲେ ରଣ ।୩୮।
କହିଲି ଜ୍ଞାନଯୋଗ ତତ୍ତ୍ୱ । ତହିଁରେ ମାନିଲ୍କି ଚିତ୍ତ ॥
ନ ହୋଇଥିଲେ ତହିଁ ଜ୍ଞାନ । କରମଯୋଗ ତତ୍ତ୍ୱ ଶୁଣ ॥
ଏଯୋଗେ ମନ ବଳାଇଲେ । ବନ୍ଧନ ତୁଟିଯିବ ହେଳେ ॥
ଜନମ ମୃତ୍ୟୁ ଜରା ତତେ । ଲାଗିବ ନାହିଁ କଦାଚିତେ ॥
କରେ ଯେ ନିଷ୍କାମ କରମ । ତାହାର ଚିତ୍ତ ଶୁଦ୍ଧ ଜାଣ ॥
ଚିତ୍ତ ନିର୍ମଳ ହେବ ଯାର । ହୋଇବ ତତ୍ତ୍ୱଜ୍ଞାନ ତାର ।୩୯।
ନିଷ୍କାମ କରମଯୋଗରେ । ଯେ ବୁଦ୍ଧି ବଳାଏ ପ୍ରେମରେ ॥
ତାହାର ବାଧାବନ୍ଧ ନାହିଁ । ବିଫଳ ତାର କିଛି ନାହିଁ ॥
ବୁଝ ତୁ ଏଥିର ମରମ । ନିଷ୍କାମ କରମ ଲକ୍ଷଣ ॥
ଈଶ୍ୱରପାଇଁ କରେ ଯାହା । ନିଷ୍କାମ କରମଟି ତାହା ॥
ନିଜ ବାସନା କିଛି ନାହିଁ । ନଇଛେ ଫଳଲାଭପାଇଁ ॥
କରଇ ଯାବତ ଧରମ । ଈଶ୍ୱରପାଇଁ ସବୁ ଗୁଣ ॥
ସେଥିରେ କିଏ ବାଧା ଦେବ । ଏକଥା ଅଟେ ଅସମ୍ଭବ ॥
ଏମନ୍ତ ଯୋଗ ଅଭ୍ୟସିଲେ । କିଞ୍ଚିତ ମାତ୍ରକ ସାଧିଲେ ॥
ମହାଭୟରୁ ତରିଯିବ । ସଂସାର-ଦୁଃଖ ନ ଲାଗିବ ॥
ଏମନ୍ତ ଯୋଗ ଅଭ୍ୟସିଲେ । ନାଶ ନହୁଏ ତାର ତଳେ ॥
ତେଣୁ କହୁଛି ଅର୍ଜୁନ । ନିଷ୍କାମ କର୍ମେ ଦିଅ ମନ ।୪୦।
ଜମାଇ ଦେବ ଯେତେ ମନ । ଶୁଣ କହୁଛି ଅରଜୁନ ॥
ନିଷ୍କାମ କର୍ମ ଯେ କରଇ । ନାନାଦି କଥା ନ ପାଞ୍ଚଇ ॥
ନଥାଏ ନାନା ଫଳେ ଆଶା । କେବଳ ଗୋବିନ୍ଦ ଭରସା ॥

ଏକା ଈଶ୍ୱର ଭକ୍ତିବଳେ । ତରଇ ସଂସାର ନିଶ୍ଚଳେ ॥
ଏହି ନିଷ୍ଠାରେ ବୁଦ୍ଧି ହୋଇ । ସକଳ କରମ କରଇ ॥
ଈଶ୍ୱରପାଇଁ କର୍ମ କରେ । ନଥାଏ ଫଳବାଞ୍ଛା ତହେଁ ॥
ଏକା ଈଶ୍ୱର ଭକ୍ତି ମୂଳ । ଅନ୍ୟଥା ସକଳ ବିଫଳ ॥
ଏମନ୍ତ ଦୃଢଭକ୍ତି ଯାର । ବୁଦ୍ଧିଟି ଏକନିଷ୍ଠା ତାର ॥
ଈଶ୍ୱରେ ନିଷ୍ଠାବୁଦ୍ଧି ଯହିଁ । ସକଳ ବାସନା ଉପେକ୍ଷି ॥
ବ୍ୟବସାୟାତ୍ମିକା ନାମରେ । ଏ ବୃତ୍ତି ବୋଲାଏ ସଂସାରେ ॥
ଯେ କରେ ଏ ଭାବେ କରମ । ନିଷ୍କାମ କର୍ମ ତାର ନାମ ॥
ଯାର ଏପରି ନିଷ୍ଠା ନାହିଁ । ଅବ୍ୟବସାୟୀ ସେ ବୋଲାଇ ॥
ଈଶ୍ୱରବିମୁଖ ଯେଉଁ ଜନ । ନାନା ଦିଗରେ ତାର ମନ ॥
ଅନନ୍ତ କାମନା ତାହାର । ବାସନା ନାନା ପରକାର ॥
ନାନାବିଧ ଫଳ ମନାସଇ । ନାନାବିଧ କରମ କରଇ ॥
ତାହାର ବୁଦ୍ଧିଟି ଅନନ୍ତ । ବହୁ ଶାଖାରେ ଥାଏ ଯୁକ୍ତ ॥
ଲୁବ୍ଧ ଚଞ୍ଚଳ ମନ । ଘୂରଇ ସଦା ନିଶିଦିନ ॥
ଈଶ୍ୱରେ ନିଷ୍ଠା ନାହିଁ ଯାର । ବୁଦ୍ଧି ନିଶ୍ଚଳ ନୁହେ ତାର ॥
କୁକର୍ମ କଲେ କେଉଁ ଫଳ । ମିଳିବ ପାଞ୍ଚଇ କେବଳ ॥
ନାନା ବୁଦ୍ଧିରେ କର୍ମ କରେ । ସନ୍ତୁଷ୍ଟ ନୁହଇ କାହିଁରେ ॥
ଏହାଙ୍କୁ କହନ୍ତି କାମୀ ଜନ । ଫଳରେ ସଦା ଥାଏ ମନ ॥
ନିଷ୍କାମୀ କାମୀର ଏ ଭେଦ । ସ୍ଥିରଚିତ୍ତେ ବୁଝହେ କୋବିଦ ॥୪୧॥
ଏକଥା ଶୁଣି ତୁ ପାଞ୍ଚିବୁ । ଅଥବା ମନେ ପଚାରିବୁ ॥
ନିଷ୍କାମ କର୍ମ ଶ୍ରେଷ୍ଠ ଯେବେ । କାମୀ ନବୁଝନ୍ତି କାମ୍ୟା କେବେ ॥
କରେ କଠିଣ କର୍ମମାନ । ଈଶ୍ୱରେ ନଦିଅଇ ମନ ॥
ଶୁଣ ତୁ ଏଥିର କାରଣ । ଅର୍ଜୁନ ଦେଇଚିତ୍ତେ ଘେନ ॥
ଯେଉଁ ଜନ ମୂଢ ଅପଣ୍ଡିତ । ବେଦକର୍ମରେ ଥାନ୍ତି ରତ ॥
ଏମନ୍ତ ମନରେ ପାଞ୍ଚଇ । ଈଶ୍ୱର ତତ୍ତ୍ୱ କିଛି ନାହିଁ ॥

ବେଦ ବିହିତ କର୍ମ କଲେ । ସଂସାରୁ ତରିଯିବ ହେଲେ ।
ଏଥୁଁ ଅଧିକ ବଳ ନାହିଁ । ବେଦରେ ସକଳ ଅଛଇ ।
ବେଦର କର୍ମକାଣ୍ଡ ପଢ଼ି । ପ୍ରକୃତ ପଥ ଯାନ୍ତି ଛାଡ଼ି
ସ୍ୱରଗ ମିଳିବା ଆଶାରେ । ମୋହିତ ହୁଅନ୍ତି ସୁଖରେ
ସକଳ କରମ କରନ୍ତି । ସ୍ୱରଗ ସମ୍ପଦେ ଭୁଲନ୍ତି
ସ୍ୱର୍ଗଠୁ ବଳି କିଛି ନାହିଁ । କର୍ମ କରନ୍ତି ତହିଁ ପାଇଁ
ସ୍ୱର୍ଗ ଇଚ୍ଛନ୍ତି ସେହିମାନେ । ଐଶ୍ୱର୍ଯ୍ୟଭୋଗୀ ହେବା ଜ୍ଞାନେ
କରନ୍ତି ନାନାଦି କରମ । ତହିଁର ଅନ୍ତ ନାହିଁ ଜାଣ
ବହୁତ କ୍ରିୟା ସେ କରନ୍ତି । ବହୁ ସାଧନା ଆଚରନ୍ତି
ଫଳକାମନା ରଖି ମନେ । ରସନ୍ତି ଏ କର୍ମ ସାଧନେ
କେ ପାଞ୍ଚେ ଏ କର୍ମ କରିବ । ଅନ୍ତେ ମୁଁ ସ୍ୱରଗେ ରହିବ
ରମ୍ଭା ଉର୍ବଶୀ ସଙ୍ଗମେଳେ । କାଳ କାଟିବି ଅବହେଳେ
ଅମୃତ ପାନ କରୁଥିବି । କାଳେ ସ୍ୱରଗେ ଇନ୍ଦ୍ର ହେବି
ନନ୍ଦନକାନନେ ବିହରି । ରହିବି ଦିବସ ଶର୍ବରୀ
ପାରିଜାତକ ଫୁଲମାଳ । ଗଳେ ଲମ୍ବାଇ ମାଳ ମାଳ
ସେ ବୃକ୍ଷ ଛାୟା ତଳେ ବସି । ପୁହାଇବି ମୁଁ ଦିବାନିଶି
ସ୍ୱର୍ଗ ଗଙ୍ଗାର ଜଳପାନ । କରି ଜୀବନ ହେବ ଧନ୍ୟ
ଏପରି ନାନା ସୁଖଭୋଗ । ମିଳିବ ପାଇଲେ ସ୍ୱରଗ
ଏପରି ନାନାଦି ବଚନ । ସୁନ୍ଦର ବେଦ ଅର୍ଥମାନ
ଦିଶଇ ଯଥା ବିମ୍ବଫଳ । ମନକୁ କରଇ ଆକୁଳ
ଦିଶଇ ଅତ୍ୟନ୍ତ ସୁନ୍ଦର । ମନ ମୋହଇ ନିରନ୍ତର
ମାତ୍ର ଏ ବିଷଫଳ ସମ । ଅପାତ ମଧୁର ଜାଣିମ
ତାହାକୁ କରଇ ବରଣି । ହରି ଏ ଦିବ୍ୟ ତତ୍ତ୍ୱଜ୍ଞାନ
ଭୋଗ ଐଶ୍ୱର୍ଯ୍ୟ ତାର ଗତି । ଭୁଲାଇ ରଖଇ ସେ ମତି
ସମ୍ପଦ ଲୋଭେ ସେ ଭୁଲନ୍ତି । ହିତ ଅହିତ ଭୁଲିଯାନ୍ତି

ବେଦର କିମ୍ବା କର୍ମ ଯେତେ । ତ୍ରିଗୁଣ ଜଡ଼ିତ ସମସ୍ତେ ।
ଫଳ କାମନା ରଖି ମନେ । ଦଅନ୍ତି ଏ କର୍ମ ସାଧନେ ।
ମାନେ ଯେ ଏ କର୍ମ କରନ୍ତି । ଜନମ ମରଣ ଭୋଗନ୍ତି ।
ବେଦ କିମ୍ବାର ଏ ମହିମା । କଳି ନ ଯାଏ ତାର ସୀମା ।
କାମ କରମରେ ମାତି । କଠିଣ ହେଲେହେଁ କରନ୍ତି ।
ଏପର ହୁଏ ଯେ ଅସକ୍ତ । ଭୋଗବିଳାସେ ଉନମତ୍ତ ।
ଏମନ୍ତ ଲୋକଙ୍କର ମନ । ଯୋଗସାଧନେ ନୁହେ କ୍ଷମ ।
ନିଷ୍କାମ କର୍ମେ ବୁଦ୍ଧି ତାର । ହୋଇ ନ ପାରେ କେବେ ସ୍ଥିର ।
ତେଣୁ ନିଷ୍କାମ କର୍ମ ତେଜି । ସକାମକର୍ମେ ଥାନ୍ତି ମଜି ।୪୪
ବେଦ ବିଷୟ ଅଛି ଯେତେ । ତ୍ରିଗୁଣ ଜଡ଼ିତ ସମସ୍ତେ ।
ତ୍ରିଗୁଣେ ହୋଇଲେ ଜଡ଼ିତ । କରମ ଫଳ ହୁଏ ଜାତ ।
ଯାବତ କର୍ମ ଫଳ ଥିବ । ଜନ୍ମ ମରଣ ଭୋଗୁଥିବ ।
ତେଣୁ କହୁଛି ଅରଜୁନ । ହୁଅ ତୁ ତ୍ରିଗୁଣ ବିହୀନ ।
ତ୍ରିଗୁଣ ନାଶଗଲେ ତୋର । ନିଷ୍କାମୀ ହେବୁ ତୁ ନିଡର ।
ଯାବତ ଥିବ ଏ ତ୍ରିଗୁଣ । ସତ୍ୱ ଅବର ରଜତମ ।
କାମନା ଜାତ ହେଉଥିବ । ନିଷ୍କାମୀ ହୋଇ ନ ପାରିବ ।
ଏବେ ହେବୁ ଗୁଣହୀନ । କହୁଛି ଶୁଣ ଅରଜୁନ ।
ଶୀତୋଷ୍ଣ ସୁଖଦୁଃଖ ଯେତେ । ଦ୍ୱନ୍ଦ ରହିଛି ଏ ଜଗତେ ।
ତ୍ୟାଜି ସକଳ ଦ୍ୱନ୍ଦ ଭାବ । ସବୁ ସମାନ ବୋଲି ଭାବ ।
କେବେହେଁ ନୁହ ତୁ ଅଧୀର । ସର୍ବଦା ହୁଅ ଧୈର୍ଯ୍ୟଶୀଳ ।
ପାଇବାପାଇଁ ଯାହା ନାହିଁ । ଥିବା ବସ୍ତୁର ରକ୍ଷାପାଇଁ ।
ଚିନ୍ତା ନ କର କଦାଚିତେ । ଏ ବସ୍ତୁ ମିଳିବ କେମନ୍ତେ ।
ତୋ ଅନ୍ତ ସଦା ରହୁଥିବ । ଚୈତ୍ର ତତ୍ତ୍ୱର ନ ଛୁଇଁବା ।
ଆସକ୍ତି ନ ରଖିଣ ମନେ । କର ବେଭାର ହାବିଥାନେ ।
ଏ ସବୁ ଭାବ ମନୁ ଗଲେ । ନିଷ୍କାମୀ ହୋଇପାରୁ ଭଲେ ।୪୫

ଏ କର୍ମ କଲେ ଏହି ଫଳ । ମିଳିବ ନ ହୁଅ ଅକୁଳ ॥
କ୍ଷୁଦ୍ର ଜଳାଶୟମାନ । ଅନେକ ଅଛି ହେ ଅର୍ଜ୍ଜୁନ ॥
କୂପ ତଡ଼ାଗ ପୁଷ୍କରିଣୀ । ବାପ୍ପି ଡ଼ିଅ ଝୋଲ ପ୍ରଣି ॥
ଯେ ଭରେ କୂପୁଁ ଜଳପାନ । ତଡ଼ାଗେ ଯେ କରେ ସ୍ନାନ ।
ଯେ ଝାଡେଲ ବସନ କାଚଇ । ଏମନ୍ତେ ନାନା କାର୍ଯ୍ୟ ହୋଇ ॥
ଗୋଟିଏ ବଡ଼ ହ୍ରଦ ଥିଲେ । ସକଳ କାର୍ଯ୍ୟ ଉଦ୍ଧରି ଚଳେ ॥
ବେଦ ବିହିତ କର୍ମମାନ । ଛୋଟିଆ ତଡ଼ାଗ ସମାନ ॥
ନିଷ୍କାମ କରମ ଯେସନ । ଅଟଇ ବଡ଼ ହ୍ରଦ ଜାଣ ॥
ଏକାଗ୍ରଚିତ୍ତ ବୁଦ୍ଧି ଯାର । ବ୍ରହ୍ମରେ ନିଷ୍ଠା ଥାଏ ତାର ॥
ନିଷ୍କାମ କର୍ମ ଯେ କରଇ । ପରମାନନ୍ଦ ସୁଖ ପାଇ ॥
ବେଦବିହିତ କର୍ମମାନ । ଠୁଳରେ ପାଏ ସେହି ଜନ ॥
ତେଣୁ ଏ ନିଷ୍କାମ କରମ । କରିବା ସବୁଠୁ ଉତ୍ତମ ।୪୬॥
କର୍ମ କରନ୍ତେ ଅଧିକାର । ନିଶ୍ଚୟ ଅଛଇ ତୋହର ॥
ଫଳରେ ନାହିଁ ଅଧିକାର । ଏ କଥା ଜାଣି ତୁ ନିକର ॥
ଫଳର ବାଞ୍ଛା ରଖି ମନେ । କର୍ମ କରନ୍ତି ଯେଉଁମାନେ ॥
ନ ହୁଅ ସେମାନଙ୍କ ସମ । କହୁଛି ତତେ ଅର୍ଜ୍ଜୁନ ॥
ଫଳଟି ବନ୍ଧନ କାରଣ । ସେ ଭୟେ ନ ତେଜ କରମ ॥
କେବେ କରମ ନ କରିବୁ । ଏମନ୍ତ ମନେ ନ ଭାବିବୁ ॥
ଫଳ ବାସନା ମନୁ ତେଜ । କର୍ମରେ ସଦା ଥାଅ ମଜ୍ଜା ।୪
ମୁଁ କର୍ତ୍ତା ବୋଲି ନ ଭାବିବୁ । ଯୋଗରେ ନିଷ୍ଠଳ ହୋଇବୁ ॥
ଫଳକାମନା ମନୁ ତେଜ । ସିଦ୍ଧି ଅସିଦ୍ଧି ସମ ହେଜ ॥
ଏମନ୍ତ ଯୋଗେ କର୍ମ କଲେ । କାମନାଶୂନ୍ୟ ହେବୁ ଭଲେ ।୪୮
ହେ ଧନଞ୍ଜୟ ତେଣୁ ଶୁଣ । ନିଷ୍କାମ କର୍ମ ଯୋଗ ଗୁଣ ॥
କରିବୁ ଯେ ସବୁ କରମ । କର ଈଶ୍ୱରେ ଅର୍ପଣ ॥
ଏହି ବୁଦ୍ଧିରେ କର୍ମ କଲେ । ପ୍ରମାଦ ନ ଲାଗିବ ଭଲେ ॥

ଏହାକୁ ବୁଦ୍ଧି ଯୋଗ କହି । ଜ୍ଞାନଯୋଗଟି ଏ ବୋଲଇ ॥
ଏ ଯୋଗ ସବୁଠାରୁ ଶ୍ରେଷ୍ଠ । ସକାମ କରମ ନିକୃଷ୍ଟ ॥
ଫଳ ଆଶାରେ ଯେଉଁମାନେ । କର୍ମ କରନ୍ତି ନିଶିଦିନେ ॥
ସେମାନେ ଅଟନ୍ତି କୃପଣ । ନିକୃଷ୍ଟ ଅତି ଧନହୀନ ॥
ନ ହୁଅ ସେମାନଙ୍କ ସମ । କର ତୁ ନିଷ୍କାମ କରମ ॥
ଈଶ୍ୱର କର୍ମ କରତା । ସେହି କେବଳ ପରିତ୍ରାତା ॥
ନେଲେ ତୁ ଈଶ୍ୱର ଶରଣ । ପାଇବୁ ନିଶ୍ଚେ ପରିତ୍ରାଣ ॥
ତେବେ ଲଭିବୁ ଦିବ୍ୟ ଜ୍ଞାନ । କର୍ମ ଫଳରେ କି କାରଣ ॥୪୯॥
ସୁକୃତ କଲେ ସ୍ୱର୍ଗ ମିଳ । ଦୁଷ୍କୃତେ ବାସ ନରକରେ ॥
ସୁକର୍ମ କୁକର୍ମ ଏ ଦୁଇ । ଏହାକୁ ସୁଖ ଦୁଃଖ କହି ॥
ସେହୁ ବୋଲାଏ ପାପପୁଣ୍ୟ । ମଣ ତୁ ଏ ଦୁହେଁ ସମାନ ॥
ଉତ୍ତମ ଜ୍ଞାନ ଯୋଗୀଗଣ । ଈଶ୍ୱର ପରସାଦେ ପୁଣ ॥
ଭବ ଜନମେ ହେଲେ ଦୂର । ସ୍ୱର୍ଗ ନରକ ନ ବୁଝଇ ॥
ମଣାଇ ଏ ଦୁଇ ସମାନ । ସୁକୃତ ଦୁଷ୍କୃତ ବିଧାନ ॥
ତେଣୁ କହୁଛି ଅରଜୁନ । ନିଷ୍କାମ କର୍ମେ ଦିଅ ମନ ॥
କରମ ଏକ ବୁଦ୍ଧି ଭଲ । ଫଳ ଯେ ବନ୍ଧନ ମୋଚନ ॥
ସକାମ ଭାବେ କର୍ମ କଲେ । ସ୍ୱର୍ଗ ନରକ ଫଳ ଫଳେ ॥
ବଢ଼ଇ ସଂସାର ବନ୍ଧନ । କେବେହେଁ ନାହିଁ ପରିତ୍ରାଣ ॥
ସେହି କର୍ମକୁ କଉଶଳେ । ଯେ କରେ ନିଷ୍କାମ ଭାବରେ ॥
ଈଶ୍ୱରେ କରେ ଅରପଣ । ଏହାଟି ତା ଚତୁର ପଣ ॥
ଈଶ୍ୱର ଆରାଧନା କରୁ । ସେ କର୍ମ କରିଯାଏ ତରି ॥
ଏ କଉଶଳେ କଲେ କର୍ମ । କରମ ଯୋଗ ତାକୁ ଜାଣ ॥
ତେଣୁ କହୁଛି ଅରଜୁନ । କରମ ଯୋଗେ ଦିଅ ମନ ॥୫୦॥
କରମ ଫଳଟି କେବଳ । ସଂସାର କ୍ଷେତ୍ରର ମୂଳ ॥
ତେଣୁ ସୁଜ୍ଞାନୀ ଜନମାନେ । ନ ରଖି ଫଳ ବାଞ୍ଛା ମନେ ॥

ନିଷ୍କାମ କରମ କରନ୍ତି । ଘୋର ସଂସାରୁ ତରିଯାନ୍ତି ।
ମୋକ୍ଷ ପଦକୁ ସେ ଲଭନ୍ତି । ସୁଖଦୁଃଖରୁ ବାହ୍ୟ ପାନ୍ତି ।
ପରମ ପଦ ଯେ ବୋଲଇ । ଶୁଣ ଅର୍ଜୁନ ମନଦେଇ ॥୫୧
ଚୋଳିବୁ ଅବା ଯେତେବେଳେ । ପରମ ପଦ ମିଳାପାଇର
ନକର ଏମନ୍ତ ସଂଶୟ । କାଳେ ତୁ ପାଇବୁ ନିଶ୍ଚୟ
କର ଈଶ୍ୱର ଆରାଧନା । ନକର ତୁ ଅନ୍ୟ କାମନା
ସେ ଆରାଧନା କରୁ କରୁ । ପ୍ରସନ୍ନ ଈଶ୍ୱର ପ୍ରସାଦରୁ
ଯେତେବେଳେ ମୋହ ଅନ୍ଧକାର । ବିନାଶ ହୋଇଯିବ ତୋର ।
ଦେହକୁ ଆତ୍ମା ବୋଲି ମଣୁ । ମାୟାରେ ଅନ୍ଧ ତୁହି ହେଣୁ
ଏ ମୋହ ଦୁର୍ଗଟି ଗହନ । ଏ ଦୁର୍ଗେ ବନ୍ଦୀ ତୋର ଜ୍ଞାନ
ସେ ଦୁର୍ଗ ପାର ହେବୁ ଯେବେ । ନିର୍ମଳ ଜ୍ଞାନ ହେବ ତେବେ
ମୁଁ ମୋହର ଭାବ ଯିବ । ମୋହ ବନ୍ଧନ ଫିଟିଯିବ
ସେତେବେଳେ ସ୍ୱର୍ଗ ଆଦି ଫଳ । ଅସାର ମଣିବୁ କେବଳ
କରମ ଫଳ ବିଷୟରେ । ଯାହା ତୁ ଶୁଣିଛୁ କର୍ଣ୍ଣରେ
ଶୁଣିବା ଯୋଗ୍ୟ ଯାହା ଅଛି । ସବୁ ମଣିବୁ ତୁଚ୍ଛ ତୁଚ୍ଛ
ବିରାଗ ଜନମିବ ତୋର । ଏହି ନିଷ୍କାମ କର୍ମଫଳ
ସେତେବେଳେ ବଇରାଗ ହେବ । ନିଷ୍କାମ ତତ୍ତ୍ୱ ଦେଖାଯିବ ।୫୨
ବେଦ ବେଦାନ୍ତ ଆଦି ଶୁଣି । ଫଳ ପ୍ରାପତ ହେବ ଜାଣି
ତୋ ବୁଦ୍ଧି ଅଛି ବିଚଳିତ । ନିଗମ ବୁଝିବୁ କେମନ୍ତ
ତୋ ବୁଦ୍ଧି ନିଶ୍ଚଳ ନ ହେଲେ । ଜ୍ଞାନ ତୁ ନ ଲଭିବୁ ଭଲେ
ସକଳ ମନ ମୂଳ ତୋର । ଏକା ଈଶ୍ୱରେ କର ଠୁଳ
ଏକାଗ୍ର ଚିତ୍ତ ତେବେ ହେବ । ନିଶ୍ଚଳ ବୁଦ୍ଧି ବୋଲାଇବ
ତେବେ ପାଇବୁ ଯୋଗଫଳ । ଅନ୍ୟଥା ସକଳ ବିଫଳ ।୫୩

ଅର୍ଜୁନ ଉବାଚ ।

ନିଶ୍ଚଳ ବୁଦ୍ଧି ଅଛି ଯାର । କି କି ଲକ୍ଷଣ ଅଛି ତାର ।

ସେ ଅବା କି କଥା କହନ୍ତି । କିପରି ଅବା ସେ ଚଳନ୍ତି ।
କେଉଁ ପ୍ରକାରେ ଗତ ତାର । କହ ହେ କେଶବ ନିକର ।୫୪

ଶ୍ରୀ ଭଗବାନୁବାଚ ।

ହେ ପାର୍ଥ ଶୁଣ ଦେଇ ମନ । ନିଶ୍ଚଳ ବୁଦ୍ଧିର ଲକ୍ଷଣ ।
ସକଳ ପରକାର କାମ । ମନରୁ ଛାଡ଼େ ଯେଉଁ ଜନ ।
କ୍ଷୁଦ୍ର ବିଷୟ ଅଭିଳାଷ । ମନେ ନ ଥାଏ ଯାର ଲେଶ ।
କେବଳ ଆତ୍ମା ସ୍ୱରୂପ ରତ । ତହିଁରୁ ଲଭଇ ଯେ ଶାନ୍ତି ।
ସେ ଅଟେ ସଦା ଆତ୍ମାରାମ । ନିଶ୍ଚଳ ବୁଦ୍ଧି ତାର ଜାଣ ।
ତା ନାମ ସ୍ଥିତପ୍ରଜ୍ଞ ଜାଣ । ହୃଦେଲ ତୁ ଜାଣ ଅରଜୁନ ।୫୫
ପଡ଼ିଲେ ମହା ଘୋର ଦୁଃଖ । କେବେ ତହିଁ ନ ହୁଏ ବିମୁଖ ।
ଦୁଃଖରେ ନ ହୁଏ କାତର । ସୁଖ ଆନନ୍ଦ ନାହିଁ ତାର ।
ସୁଖ ଭୋଗରେ ଇଚ୍ଛା ନାହିଁ । କାହିଁରେ ଅନୁରାଗୀ ନୋହି ।
କ୍ରୋଧ ବା ଭୟ ନାହିଁ ତାର । ସ୍ଥିତଧୀ ଅଟେ ସେହୁ ନର ।୫୬
କାହାରିଠାରେ ସ୍ନେହ ନାହିଁ । କାହାକୁ ମୋର ନ ବୋଲଇ ।
ଉତ୍ତମ ପଦାର୍ଥ ପାଇଲେ । ତହିଁରେ ନ ରସଇ ଭଲେ ।
ମନ୍ଦ ବିଷୟ ଯେବେ ଦେଖେ । ତା ନିନ୍ଦା ନ ଧରଇ ମୁଖେ ।।
ନାହିଁ ସନ୍ତୋଷ ଅସନ୍ତୋଷ । ସବୁଠି ସମାନ ଉଦାସ ।।
ତାହାର ପ୍ରଜ୍ଞା ପ୍ରତିଷ୍ଠିତ । ନିଶ୍ଚଳବୁଦ୍ଧି ସେ ନିସ୍ପୃହ ।୫୭
କଚ୍ଛପ ନିଜ ଅଙ୍ଗ ନେଇ । ଭିତରେ ଲୁଗୁର ରଖଇ ।।
ବିହାର କରେ ଇଚ୍ଛାକଲେ । ପୁଣି ଭିତରେ ନିଏ ହେଲେ ।
ସେପରି ସବୁ ଇନ୍ଦ୍ରିୟକୁ । ଆକର୍ଷି ନେଇ ଭିତରକୁ ।।
ଆତ୍ମାରେ କରେ ସବୁ ଲୀନ । ବିଷୟେ ନ ରଖଇ ମନ ।।
ଏମନ୍ତ ହୁଏ ଯେତେବେଳେ । ପ୍ରଜ୍ଞା ପ୍ରତିଷ୍ଠା ସେତେବେଳେ ।
ନିଶ୍ଚିନ୍ତ ବୁଦ୍ଧି ତାକୁ କହୁ । ଶୁଣ ଅର୍ଜୁନ ମନ ଦେଇ ।୫୮
ନାହାର ବିଷୟ ସହିତ । ଇନ୍ଦ୍ରିୟ ନ ହେଉଛି ପ୍ରୀତ ।।

ଘ୍ରାଣ ତ ଦ୍ୱାର ଯାଏ କ୍ଷୟ । ତେଣୁ ସେ ନ ରମେ ବିଷୟ ।
ଇନ୍ଦ୍ରିୟ ବିଷୟ ତେଜିଲେ । ସେ ନିରାହାର ହୁଏ ଭଲେ ।
ଯାତେ ବିଷୟ ବେଭାର । ଇନ୍ଦ୍ରିୟମାନଙ୍କ ଆହାର ।
ଅନ୍ଧ ବଧୀର ମୂକ ରୋଗୀ । ବିଷୟ ନ ପାରଇ ଭୋଗି ।
ଅନ୍ଧର ନଥାଏ ନୟନ । ନକରେ ବିଷୟ ଦର୍ଶନ ।
ବଧୀର ଶୁଣି ନ ପାରଇ । ମଧୁର ଗୀତେ ନୁହେ ମୋହି ।
ଏମନ୍ତ ଭାବରେ ଦେଖିଲେ । ଏମାନେ ନିରାହାରୀ ଭଲେ ।
କିନ୍ତୁ ଏ ନିରାହାରୀଙ୍କର । ସନ୍ତତ ମନରେ ବିଚାର ॥
ଅନ୍ଧ ବିଚାରେ ଚକ୍ଷୁ ଥିଲେ । ଜଗତ ଦେଖନ୍ତା ସେ ହେଲେ ।
ବଧୀର ପାଙ୍ଗେ ଥିଲେ କର୍ଣ୍ଣ । କରନ୍ତା ସଙ୍ଗୀତ ଶ୍ରବଣ ।
ବିଷୟଭୋଗୀ ହେବାପାଇଁ । ଉତ୍ସଳ ଚିତ୍ତ ହୁଅଇ ।
ଏଣୁ ଏ ନିରାହାରୀ ଜନ । ବିଷୟ ଭୋଗେ ଦିଏ ମନ ।
କାମନା ନ ମରେ ତାହାର । ଅନ୍ତରେ କରଇ ବିହାର ।
ଯାହାର ଥାଏ ସ୍ଥିର ବୁଦ୍ଧି । ତାକୁ ନ ବାଧେ ଏହୁ ବ୍ୟାଧି ।
ଆତ୍ମଦର୍ଶନ ବଳେ ତାର । କାମନା ମରଇ ନିକର ।
ପ୍ରବୃତ୍ତି ବାହାରେ ନ ଥିଲେ । ନିଶ୍ଚଳ ବୁଦ୍ଧି ନୁହେ ଭଲେ ।
ପ୍ରବୃତ୍ତି ମନରୁ ମରିବ । ତେବେ ନିଶ୍ଚଳ ବୁଦ୍ଧି ହେବ ॥
ମୋକ୍ଷ ଲଭିବ ବୋଲି ଜନ । କଲେହେ ଯେ ଯେତେ ଯତନ ।
ଇନ୍ଦ୍ରିୟମାନେ ବଳଶାଳୀ । ବଳେ ଦିଅନ୍ତି ମନ ଟାଳି ।
ଅନେକ ବିଭ୍ରମ ଦେଖାଇ । ବିବେକ ଦିଅନ୍ତି ହଜାଇ ।
ବିଷୟେ ଫେରାଇଲେ ମନ । ବଳେ କରନ୍ତି ଆକର୍ଷଣ ।
ନିଶ୍ଚଳ ବୁଦ୍ଧି ଯାର ଥିବ । ଇନ୍ଦ୍ରିୟ ଦାଉ ସେ ସହିବ ।
ଅନ୍ୟଥା ଅଟେ ଅସମ୍ଭବ । ସହଜେ ପ୍ରାଣୀ ନାଶଯିବ ।
ଏଭଳି ଇନ୍ଦ୍ରିୟ ପ୍ରବଳ । ନାଶ କରଇ ପ୍ରାଣୀକୁଳ ।
ଦୁଷ୍ଟ ଇନ୍ଦ୍ରିୟ କୁରଙ୍ଗର । ଅଛଇ ଅତ୍ୟନ୍ତ ପ୍ରବଳ ।

ମଧୁର ସଙ୍ଗୀତ ଶୁଣିଲେ । କୁରଙ୍ଗ ଯାଇଁ ପଡ଼େ ଜାଲେ ॥
ରୂପରେ ମୋହିତ ପତଙ୍ଗ । ଅନଳେ କରେ ତନୁ ତ୍ୟାଗ ॥
ଭ୍ରମର ନିଜ ଶକ୍ତିବଳେ । କଠିନ କାଷ୍ଠ କାଟିପାରେ ॥
ସେ ପୁଣି ସୁଗନ୍ଧ ଲୋଭରେ । ବନ୍ଦି ହୁଅଇ କମଳରେ ॥
ସ୍ପର୍ଶ ସୁଖକୁ ବଡ଼ ମଣେ । ହସ୍ତୀ ଯେ ପଡ଼ଇ ବନ୍ଧନେ ॥
ବଡ଼ଶୀ ଥୋପ ଲୋଭେ ମୀନ । ରସସୁଖରୁ ମରେ ପ୍ରାଣ ॥
ଏକ ଇନ୍ଦ୍ରିୟ ବଶ ହୋଇ । ଏ ପ୍ରାଣୀ ଏମନ୍ତେ ମରଇ ॥
ପଞ୍ଚ ଇନ୍ଦ୍ରିୟ ବଶ ହେଲେ । ରକ୍ଷା କି ଅଛି ଭୂମଣ୍ଡଳେ ॥
ଏମନ୍ତ ଯେ ଇନ୍ଦ୍ରିୟଗଣ । ଯୋଗୀ ତାକୁ କରିବ ଦମନ ॥
ଇନ୍ଦ୍ରିୟ ଦମନ ନହେଲେ । ବୁଦ୍ଧି କି ରହିବ ନିଶ୍ଚଳେ ୬୦
କାରଣ ଇନ୍ଦ୍ରିୟ ଦମନ । ମୋଠାରେ ପଶିବ ଶରଣ ॥
ଯେ ଯାର ଶରଣ ନଥାଇ । ସେ ତାକୁ ଅବଶ୍ୟ ରଖଇ ॥
ଯାହାର ସାହା ନାରାୟଣ । ସେ କରେ ଅସାଧ ସାଧନ ॥
ଦେଖ ଏ ମୀନ ମତ୍ସ୍ୟଗଣ । ଜଳରେ କରେ ସନ୍ତରଣ ॥
ସ୍ରୋତର ବିପରୀତ ଦିଗେ । ପହଁରି ଯାଏ ଅନାୟାସେ ॥
ପ୍ରବଳ ଗଜରାଜ ପୁଣି । ପହଁରି ନପାରେ ଡ଼ଜାଣି ॥
ଜଳସ୍ରୋତରେ ଭାସିଯାଏ । ସହଜେ କୂଳ ସେ ନପାଏ ॥
ବିବେକୀ ନିଜ ବୁଦ୍ଧିବଳେ । ଇନ୍ଦ୍ରିୟ ନ ଜିଣଇ ଭଲେ ॥
ମୁଁ ଯାକୁ ହୁଅଇ ସହାୟ । ଇନ୍ଦ୍ରିୟ ଜିଣେ ସେ ନିଶ୍ଚୟ ॥
ମୋର ଆଶ୍ରିତ ଭକ୍ତଗଣ । କରନ୍ତି ଇନ୍ଦ୍ରିୟ ଦମନ ॥
ମୋଠାରେ ଭକତି ଭାବରେ । ମନ ନିବେଶ ଯେହୁ କରେ ॥
ଇନ୍ଦ୍ରିୟ ତାର ବଶୀଭୂତ । ତା ପ୍ରଜ୍ଞା ନୁହେ ବିଚଳିତ ୬୧ ॥
ବିଷୟ ଧ୍ୟାନ କଲେ ନର । ଆସକ୍ତି ବଢ଼ଇ ତାହାର ॥
ଆସକ୍ତି ହେତୁ କାମ ଜାତ । କାମରୁ କ୍ରୋଧ ଯେ ନିସୃତ ।୬୨ ॥
କ୍ରୋଧରୁ ମୋହ ଜାତହୁଏ । ମୋହ ଯେ ବିଭ୍ରମ ଘଟାଏ ॥

[illegible] ସ୍ମୃତି ନାଶ । ବୁଦ୍ଧିର ବିନାଶ ଅବଶ୍ୟ ।
ବୁଦ୍ଧି [illegible] ନାଶଯାଏ । ସଂସାର ବାଟଗାଟେ ରହେ ।
କେବେହେଁ ନ ଲଭେ ମୁକତି । ସଂସାରେ ଥାଏ ଘୋର ମତି ।
ଜନ୍ମ ମରଣ ଭୋଗୁଥାଏ । ଶେଷରେ ସର୍ବନାଶ ହୁଏ ।୬୩
ଇନ୍ଦ୍ରିୟ ମନର ଅଧୀନ । ମନକୁ ଜିଣେ ଯେହୁ ଜନ ।
ମନ ଯା ଆୟତ୍ତେ ରହିବ । ତାହାର ରାଗ ଦ୍ୱେଷ ଯିବ ।
ଇନ୍ଦ୍ରିୟ ତାର ବଶ ହୁଏ । ବିଷୟଭୋଗେ କ୍ଳେଶ ନୁହେ ।
ଏପରି ହେଲେ ଯୋଗୀଜନ । ଅକ୍ଳେଶେ ଲଭେ ଆତ୍ମଜ୍ଞାନ ।
ଯେ ଆତ୍ମଜ୍ଞାନ ଲାଭ କରେ । ଶାନ୍ତି ଲଭଇ ସେ ସଂସାରେ ।୬୪
ଇନ୍ଦ୍ରିୟ ମନର ଅଧୀନ । ମନକୁ ଜିଣେ ଯେହୁ ଜନ ।
ମନ ଯା ଆୟତ୍ତେ ରହିବ । ତାହାର ରାଗ ଦ୍ୱେଷ ଯିବ ।
ଇନ୍ଦ୍ରିୟ ତାର ବଶ ହୁଏ । ବିଷୟଭୋଗେ କ୍ଳେଶ ନୁହେ ।
ଏପରି ହେଲେ ଯୋଗୀଜନ । ଅକ୍ଳେଶେ ଲଭେ ଆତ୍ମଜ୍ଞାନ ।
ଯେ ଆତ୍ମଜ୍ଞାନ ଲାଭ କରେ । ଶାନ୍ତି ଲଭଇ ସେ ସଂସାରେ ।
ଶାନ୍ତି ଲଭଇ ଯେଉଁ ଜନ । ସଦା ପ୍ରସନ୍ନ ତାର ମନ ।
ମନଟି ପ୍ରସନ୍ନ ଯାହାର । ସକଳ ଦୁଃଖ ନାଶ ତାର ।
ମନ ପ୍ରସନ୍ନ ଯାହାଙ୍କର । ଚଞ୍ଚଳ ବୁଦ୍ଧି ହୁଏ ସ୍ଥିର ।୬୫
ଇନ୍ଦ୍ରିୟ ଯାର ନୁହେଁ ବଶ । ତାହାର ବୁଦ୍ଧି ଯାଏ ନାଶ ।
ବୁଦ୍ଧି ବିନାଶ ହୁଏ ଯାର । ଆତ୍ମ ଭାବନା ନାହିଁ ତାର ।
ଆତ୍ମଭାବନା ଯାର ନାହିଁ । ଶାନ୍ତି ଲଭିବ କାହୁଁ ସେହି ।
ଶାନ୍ତି ନଥିଲେ ସୁଖ ନାହିଁ । ଶୁଣ ଅର୍ଜୁନ ମନ ଦେଇ ।୬୬
ସମୁଦ୍ରେ ବୋଇତକୁ ନେଇ । ନାବିକ ନେଉଥାଏ ବାହି ।
ନାବିକ ପ୍ରମତ୍ତ ହୋଇଲେ । ଏଣେତେଣେକୁ ମନ ଦେଲେ ।
ପବନ ଏ ସୁଯୋଗ ପାଇ । ନାବକୁ ଉଡ଼ାନିଏ କାହିଁ ।
କେଉଁଠି ଦଅଇ ବୁଡ଼ାଇ । ନାବିକ ଜାଣି ନ ପାରଇ ।

ଇନ୍ଦ୍ରିୟମାନେ ସ୍ୱେଚ୍ଛାଗାମୀ । ମନକୁ କରନ୍ତି ସେମାନ ॥
ଇନ୍ଦ୍ରିୟ ପଛେ ଯେଉଁ ଜନ । ଟୋଡ଼ାଏ ନୌକା ସ ପବନ ॥
ଇନ୍ଦ୍ରିୟ ବୁଦ୍ଧିକୁ ହରଇ । ସ୍ଥାନ ଅସ୍ଥାନେ ଯାଏ ନେଇ ।୬୭
ହେ ମହାବାହୁ ତେଣୁ ଶୁଣ । ଯେ କରେ ଇନ୍ଦ୍ରିୟ ଦମନ ॥
ବିଷୟଭୋଗେ ନ ରସଇ । ସକଳ ବାସନା ତେଜଇ ॥
ପ୍ରଜ୍ଞା ତାହାର ପ୍ରତିଷ୍ଠିତ । ନଷ୍ଟ କୁବୁଦ୍ଧି ସେ ଶାନ୍ତିତ ।୬୮
ସର୍ବଭୂତର ନିଶାକାଳ । ଜାଗ୍ରତ ସଂଯମୀ କେବଳ ॥
ଯେ କାଳେ ସର୍ବେ ଉଜାଗର । ସେ କାଳ ନିଶା ମୁନିଙ୍କର ॥
ଶୁଣ ଅର୍ଜୁନ ମନ ଦେଇ । ଏ ତତ୍ତ୍ୱ କହୁବା ବୁଝାଇ ॥
ପେଚକ ରଜନୀରେ ଜାଗଇ । ଦିବସେ ଦେଖି ନପାରଇ ॥
ଦିବସେ ସକଳ ପ୍ରକାଶ । ରଜନୀରେ ଥାଏ ଅପ୍ରକାଶ ॥
ଦିବସେ ସକଳ ଜାଗ୍ରତ । ନିଶାରେ ହୁଅନ୍ତି ନିଦ୍ରିତ ॥
ଦିବସେ ଭ୍ରମି ଚରନ୍ତି । ରଜନୀରେ ବିଶ୍ରାମ ନିଅନ୍ତି ॥
ଏ ଅଟେ ଜଗତ ନିୟମ । ଏଥି ରହସ୍ୟ ଅଛି ଜାଣ ॥
ଅଜ୍ଞାନୀ ବିଷୟକୁ ରସେ । ଆତ୍ମଜ୍ଞାନରେ ସେ ନପଶେ ॥
ସଂଯମୀ ଆତ୍ମଜ୍ଞାନ ପାଇ । ପରମ ଆନନ୍ଦ ଲଭଇ ॥
ଅଜ୍ଞାନୀ ବିଷୟ ଭୋଗରେ । ପରମ ସୁଖ ଲଭିକରେ ॥
ତେଣୁ ଜାଣ ଏ ଆତ୍ମଜ୍ଞାନ । ଅଟଇ ସଂଯମୀର ଧନ ॥
ବିଷୟ ତାର ନିଶି ପୁଣ । ବିଷୟେ ସଦା ଉଦାସୀନ ॥
ତେଣୁ ମୂଢର ନିଶିଦିନ । ଜ୍ଞାନୀର ବିପରୀତ ଜାଣ ॥
ସଂଯମୀ ଜାଗ୍ରତ ଯେ କାଳେ । ମୂଢ ନିଦ୍ରିତ ତେତେବେଳେ ॥
ମୂଢ ଯେବେଳେ ଶୋଇଥାଏ । ସଂଯମୀ ଉଜାଗର ଥାଏ ।୬୯।
ନାନା ଦିଗରୁ ଜଳ ଆସେ । ଅନନ୍ତ ସମୁଦ୍ରରେ ପଶେ ॥
ତଥାପି ସମୁଦ୍ର ଅଚଳ । ଅଟଳ ଭାବେ ଥାଏ ସ୍ଥିର ॥
ସର୍ବଦା ଏକରୂପ ଥାଏ । ଊଣା ଅଧିକ କେବେ ନୁହେଁ ॥

Digitized by PPRACHIN, SOA

ଯେତେ ନଦୀ ପଶଇ ପ୍ରଶାନ୍ତ । ତେବେ ନହୁଏ ବିଚଳିତ ।
ସେବେ ନଲଙ୍ଘେ ତାର କୂଳ । ଯେତେ ଅଧିକ ପଶୁ ଜଳ ।
ତେମନ୍ତ ମୁନିମାନଙ୍କର । ଅନ୍ତରେ ବୃଷ୍ଟି ଥାଏ ଯାଇ ।
ଚିତ୍ତଟି ସର୍ବଦା ଅଚଳ । ଯଥା ଅନନ୍ତ ପାରାବାର ।
ବିଷୟ ଭୋଗ ଯେବେ ମିଳେ । ତା ଚିତ୍ତ କେବେହେଁ ନଟଳେ ।
ଅଦୃଷ୍ଟବଶୁଁ ସବୁ ପାଏ । ତହିଁରେ ଆସକ୍ତ ନୁହେ ।
ବିଷୟ ଭୋଗିଲେ ପାପଛ । ତଳେ ନହୁଏ ବିଚଳିତ ।
ନଥିଲେ ବିଷୟ ଯେମନ୍ତ । ବିଷୟ ପାଇଲେ ତେମନ୍ତ ।
ତେଣୁ ସେ ଲଭେ ସଦା ଶାନ୍ତି । ସର୍ବଦା ପ୍ରସନ୍ନ ମୂରତି ।
ଭୋଗ ବିଳାସେ ଯାର ମନ । ଶାନ୍ତି ନ ଲଭେ କଦାଚନ ।୭୦।
ଯାର ବିଷୟ ଅଛି ଯେତେ । ଉପେକ୍ଷା କରଇ ନିସ୍ପୃହେ ।
ତହିଁରେ କେବେ ନରସଇ । ଅଧିକ ବାଞ୍ଛା ନକରଇ ।
ମୁହିଁ ମୋହର ଜ୍ଞାନ ନାହିଁ । ପ୍ରାରବ୍ଧ କର୍ମ ଭୋଗୁଥାଇ ।
ଉଦାସଭାବେ ନିଏ ଦିନ । ଇଚ୍ଛାରେ କରଇ ଭ୍ରମଣ ।
ଯେଠାକୁ ସେଠାକୁ ଗମନ । ଶାନ୍ତି ଲଭଇ ସେହି ଜନ ।
ସବୁଠି ସବୁ ସମୟରେ । ବ୍ରହ୍ମ ଆନନ୍ଦ ଭୋଗକରେ ।୭୧।
ହେ ପାର୍ଥ ଶୁଣ ମନ ଦେଇ । ଏହାକୁ ବ୍ରହ୍ମ ସ୍ଥିତି କହି ।
ଏ ନିଷ୍ଠା ଏହୁ ପରକାର । ହେ ପାର୍ଥ ମନେ ଦେଖୁଥର ।
ଯେ ବ୍ରହ୍ମସ୍ଥିତି ଲାଭ କରେ । ନପଡେ ସଂସାର ମୋହରେ ।
ଚିତ୍ତ ନିର୍ମଳ ଅଟଇ ତାର । ଈଶ୍ୱର ସେବା ତତପର ।
ମରଣକାଳେ ଏହି ସ୍ଥିତି । ଥିଲେ ଲଭଇ ସଦ୍‌ଗତି ।
କ୍ଷଣ ମାତ୍ରକ ଥିଲେ ସ୍ଥିର । ବ୍ରହ୍ମ ନିର୍ବାଣ ସେ ପାଇବ ।
ବାଲ୍ୟକାଳରୁ ଯେ ସାଧଇ । ବ୍ରହ୍ମନିଷ୍ଠାରେ ରହୁଥାଇ ।
ତାର ମୁକତି ଯେ ହୋଇବ । ତହୁଁ ଅଧିକ କିସ ହେବ ।୭୨।
ଶ୍ରୀନ ଜଗତବନ୍ଧୁ ଭଣି । ଏ ବର ଦିଅ ଚକ୍ରପାଣି ।।

ଇତି ଶ୍ରୀମଦ୍ଭଗବଦ୍ଗୀତାସୁପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ ସାଂଖ୍ୟଯୋଗୋ ନାମ ଦ୍ୱିତୀୟୋଽଧ୍ୟାୟଃ ।

—o—

ତୃତୀୟୋଽଧ୍ୟାୟଃ ।

ଅର୍ଜୁନ ଉବାଚ ।

ଅର୍ଜୁନ ବୋଲେ ଜନାର୍ଦ୍ଦନ । ଯାହାଙ୍କୁ କହିଲ ଆପଣ ॥
ଜ୍ଞାନଯୋଗକୁ ଶ୍ରେଷ୍ଠ ବଲି । କରମଯୋଗକୁ ନିନ୍ଦିଲ ॥
କେବେ କର୍ମକୁ ପ୍ରଶଂସିଲ । କେବେ ବା ଜ୍ଞାନକୁ ନନ୍ଦିଲ ॥
ଯେବେ ବା ଜ୍ଞାନଯୋଗ ସାର । ନିକୃଷ୍ଟ ଅଟଇ ସମର ॥
ତେବେ ମୁଁ କାହିଁର ଯୁଝିବି । ହିଂସା କରମ ଆଚରିବି ॥
କେଶବ କାହିଁକି ଆପଣ । ବୋଲୁଛ କରିବାକୁ ରଣ ॥
ତାହାଙ୍କ ମତେ ବଳାଇଣ । ନିଯୁକ୍ତ କରୁଛ ଆପଣ ॥ ୧ ॥
ଆପଣଙ୍କର ମିଶା କଥା । ଶୁଣି ବୁଲଇ ମୋର ମଥା ॥
ମୋ ବୁଦ୍ଧି ହେଉଛି ମୋହିତ । ବୁଝି ନ ପାରେ ହିତାହିତ ॥
ଏକ କଥା ଏ ସ୍ଥିର କର । ତରିବି ଯେ ଧର୍ମ ଆଚରି ॥
ଆନ କରମ ବୃଜାଥ । ତାହାକୁ ଧରିଲେ ମୋ ହିତ ॥
କେଉଁ ପଥରେ ଗଲେ ମୋର । ଅବଶ୍ୟ ହୋଇବ ମଙ୍ଗଳ ॥
ଏମନ୍ତ ନିଶ୍ଚିତ ବଚନ । କହିଲେ ମାନିବ ମୋ ମନ ॥ ୨

ଶ୍ରୀଭଗବାନୁବାଚ ।

ଶୁଣିଣ ଅର୍ଜୁନ ବଚନ । ପୁଣି କହନ୍ତି ଭଗବାନ ॥
ତୁ ମତେ ପଚାରିଲୁ ଯାହା । ଉଚିତ ଦେଉନାହିଁ ତାହା ॥
ମୁଁ ଏ ଏକଥା କହୁନାହିଁ । ଜ୍ଞାନ କରମ ପଥ ଦୁଇ ॥
ପୂର୍ବେ ପଥ ଭିନ୍ନ ଭିନ୍ନ । କେ ସାର କେ ଅସାର ପୁଣ ॥

ଏହେ ପାର୍ଥ ଅର୍ଜ୍ଜୁନ । ପୂର୍ବେ ମୁଁ କହିଅଛି ଜାଣ ॥
ଜଗତୁ ପଥେ ପଲେ ଦେଖିଲେ । ଏକାଇ ଦ୍ୱିଶ୍ରୁ ନିଷ୍ଠା ମିଳେ ॥
ସେ ପଥେ ଯେତୁ ଅଧିକାରୀ । ସେ ପଥେ ଗଲେ ସେହୁ ତରି ॥
ଏ କଥା କହିଥିଲି ମୁହିଁ । ମରମ ତୁ ବୁଝିଲୁ ନାହିଁ ॥
କର୍ମ-ଯୋଗରେ ଉଣା ଫଳ । ଜ୍ଞାନ-ଯୋଗରେ ମୁଖ୍ୟ ଫଳ ॥
ତଥାଚ ଏହୁ ଯୋଗ ଦୁଇ । ବସ୍ତୁରେ ବିଭିନ୍ନ ନୁହଇ ॥
କେବଳ ଅଧିକାରୀ ଭିନ୍ନ । ପ୍ରକାର ଭେଦ ତେଣୁ ଜାଣ ॥
ଇହଲୋକରେ ନିଷ୍ଠା ଦୁଇ । ପ୍ରକାର ଭେଦରେ ଅଛଇ ॥
ଚିତ୍ତ ନିର୍ମ୍ମଳ ଯାହାଙ୍କର । ଜ୍ଞାନ ପଥରେ ଅଧିକାର ॥
ନିଷ୍କାମ କରମ ସାଧିଲେ । ଚିତ୍ତ ନିର୍ମ୍ମଳ ହୁଏ ଭଲେ ॥
ଯେ ଯୋଗୀ ଜ୍ଞାନ ଲଭପାଇଁ । ଚିତ୍ତ ନିର୍ମ୍ମଳ କରିବଇ ॥
କରମଯୋଗ-ପଥେ ଗଲେ । ସେ ଯୋଗୀ ନିଷ୍ଠା ଲଭେ ହେଲେ ॥
ନ କଲେ କରମ ସାଧନ । ଜ୍ଞାନ ନହୁଏ କଦାଚନ ॥
କରମ ସାଧନା କରିବ । ତା ପରେ ଚିତ୍ତ ଶୁଦ୍ଧି ହେବ ॥
ଚିତ୍ତ ନିର୍ମ୍ମଳ ନୁହେ ଯାର । ଜ୍ଞାନ ନ ଲଭେ ସେହୁ ନର ॥
ଯାବତ ଜ୍ଞାନ ନାହିଁ ତାର । କରିବ ଚିତ୍ତ ନିରମଳ ॥
ଜ୍ଞାନ ନ ହେବା ପର୍ଯ୍ୟନ୍ତ । କରମ କରିବ ନିୟତ ॥
ବର୍ଣ୍ଣ ଆଶ୍ରମ କର୍ମ୍ମମାନ । କରିବା ଅଟଇ ଧରମ ॥
ଯେହୁ ଏମନ୍ତ ନ କରିବ । ନହେବ ତାର ସିଦ୍ଧି ଲାଭ ॥
କେବେ ମୁକତି ନ ପାଇବ । କେବଳ ବନ୍ଧ ହୋଇଥିବ ॥୪॥
ଏମନ୍ତ ଜଣେ କେହୁ ନାହିଁ । କରମ ନକରି ରହଇ ॥
ଜ୍ଞାନୀ ବା ଅଜ୍ଞାନୀ ସକଳେ । କର୍ମ୍ମ କରନ୍ତି ଅବହେଳେ ॥
ଯାବତ ଅଛି ଏ ତିଗୁଣ । ଛାଡ଼ି ନ ପାରେ କେବେ କର୍ମ୍ମ ॥
ପ୍ରକୃତି ଅଧୀନ ସମସ୍ତେ । କର୍ମ୍ମ କରନ୍ତି ଅନାୟତ୍ତେ ॥
ସକଳେ ସ୍ୱଭାବ ଅଧୀନ । ଅବଶ୍ୟ କରିବେ କରମ ॥୫॥

ଏପରି ଜଣେ ଜଣେ ଥାନ୍ତି । ସଂଯମୀ ବୋଲି ସେ ବୋଲାନ୍ତି
ରୁନ୍ଧନ୍ତି ନାହିଁ ସେ ଇନ୍ଦ୍ରିୟ । ବୋଲେ ଇନ୍ଦ୍ରିୟ ଦେଖି ଥାନ୍ତି
ବାହାରେ ଯେ ତାକୁ ଦେଖିବ । ସଂଯମୀ ବୋଲିଣ କହିବ ।
ଇନ୍ଦ୍ରିୟ ସିନା ନ ଚଳଇ ।। ମନରେ ଝୁରି ହେଉଥାଇ ।।
ବିଷୟ-ସୁଖ ମନେ ସ୍ମରି । ନିୟତ ହେଉଥାଏ ଧାଇଁ ।
ବାହାରେ କରମ ତେଜଇ । ଭିତରେ ସକଳ ପାଞ୍ଚଇ ।
ଏମନ୍ତ ମୂର୍ଖ ଯେଉଁ ଜନ । କପଟାଚାରୀ ତାକୁ ଜାଣ ।
ଧାର୍ମିକ ବୋଲି ତାକୁ କହି । ମନ ନିର୍ମଳ ତାର ନାହିଁ ।୬
ଶୁଣ ହେ ବୀର ଅର୍ଜ୍ଜୁନ । କହେ ସବୁଠୁ ଶ୍ରେଷ୍ଠ ପୁଣ ।
ଯେ ତେଜେ ମନୁ ଫଳବାଞ୍ଛା । ଭୋଗ ବିଳାସ ସୁଖ ଇଚ୍ଛା ।
ଜ୍ଞାନ ଇନ୍ଦ୍ରିୟମାନେ ତାର । ସଂଯତ ହୁଅନ୍ତି ନିକର ।
ଈଶ୍ୱରଠାରେ ରଖି ମନ ।। ଯେ କରେ ସକଳ କରମ ।।
କର୍ମ ଇନ୍ଦ୍ରିୟମାନେ ତାର । କରମେ ହେଲେ ତତପର ।
କରମେ ନହୁଏ ବନ୍ଧନ । ସେହି ପ୍ରକୃତ ଜ୍ଞାନବାନ ।
ମନ ଏଥିର ମୂଳଗୁରୁ । ଅର୍ଜ୍ଜୁନ କେତେ ତୁ ପଚାରୁ ।।
ମୁକତି ଅଥବା ବନ୍ଧନ । କରାଏ ଶୁଦ୍ଧାଶୁଦ୍ଧ ମନ ।
ନିର୍ମଳ ଅଟଇ ଯାର ମନ । ମୁକତି ଲଭଇ ସେ ଜନ ।
ଯାହାର ମନ ଅନିର୍ମଳ । ଅବଶ୍ୟ ବନ୍ଧନ ତାହାର ।
ମନକୁ କର ତୁ ଦମନ ।। କରମ କର ଅନୁଷ୍ଠାନ ।।
ଏମନ୍ତ କଲେ ହେବ ଧନ୍ୟ । ହୋଇବ ଚତୁର ମହାନ ।
ନିଷ୍କାମ ବ୍ୟକ୍ତି ଯେ ଅଟଇ । ଉତ୍କୃଷ୍ଟ ପ୍ରଶଂସା ଲଭଇ ।୭
ନିୟତ କର୍ମ କର ତୁହି ।। କରମ ବିନା କେ ବଞ୍ଚଇ ।
ଖାଇ ନ ପିଇ କେ ଜନ ।। ଶରୀର କରିବ ଧାରଣ ।
ଆହାର ବିନା ଏ ସଂସାରେ । କିଏ ମୁହୂର୍ତ୍ତେ ବଞ୍ଚିପାରେ ।
କରମ ନ କଲେ କାହାର । ଜୀବନ ଚଳିବ ଦେହଭାର ।

[illegible] ଭୋଜନ ସ୍ନାନ ॥ ବିନା କରମେ ନୁହେ ଜାଣ ॥
ତେଣୁ କହୁଛି ଅରଜୁନ । କରମ କର ଅନୁକ୍ଷଣ ॥
କେବଳ ମନେ ରଖିଥିବୁ । ଫଳ କାମନା ନ କରିବୁ ।୮।
ବିଷ୍ଣୁର ଆରଧନା ପାଇଁ । କରମ କଲେ ଦୋଷ ନାହିଁ ॥
ଅନ୍ୟ ସକଳ କର୍ମମାନ । ତୁଅର ବନ୍ଧନ କାରଣ ।
ତେଣୁ କହୁଛି କୁନ୍ତୀ ସୁତ । କରମ କର ତୁ ନିୟତ ॥
ଈଶ୍ୱର ପ୍ରୀତିଅର୍ଥେ ତୁହି । କରମ କଲେ ଦୋଷ ନାହିଁ ॥
ଫଳକାମନା ମନୁ ତେଜି । ନିଷ୍କାମ କର୍ମେ ଯାଅ ମଜ୍ଜି ॥
ଭବବନ୍ଧନ ତୁଟିଯିବ । କଦାପି ପାପ ନ ଲାଗିବ ।୯।
ପ୍ରଥମେ ସୃଷ୍ଟି ଆରମ୍ଭରେ । ବ୍ରହ୍ମା ଯେ କାଳେ ସୃଷ୍ଟି କଲେ
ଯଜ୍ଞ ସହିତ ପ୍ରଜା କଲେ । ତାହାଙ୍କୁ ଏହୁ ଅଜ୍ଞାଦେଲେ ॥
ହେ ପ୍ରଜା ସର୍ବେ ଯଜ୍ଞ କର । ବୃଦ୍ଧି ହୋଇବ ନିରନ୍ତର ॥
ଅଭୀଷ୍ଟ ଫଳ ଦେବ ସିଦ୍ଧି । ତରିବ ସଂସାର-ବାରିଧି ।୧୦।
ଦେବତା ଅର୍ଥେ ଯେଉଁ କର୍ମ । ଯଜ୍ଞ ଅଟଇ ତାର ନାମ ॥
ଯଜ୍ଞାଦି କର୍ମ ଆଚରିଲେ । ଦେବତା ତୋଷ ହୋନ୍ତି ଭଲେ
ଦେବତାମାନେହେଲେତୋଷ । କଲ୍ୟାଣ ବାଞ୍ଛିବେ ଅବଶ୍ୟ ॥
ଯଜ୍ଞରେ ଅହୁତି ପାଇଲେ । ଦେବତା ଅଭିବୃଦ୍ଧି ଭଲେ ॥
ଦେବତା ହୋଇଲେ ସନ୍ତୋଷ । ବୃଷ୍ଟ୍ୟାଦି ହୋଇବ ଅବଶ୍ୟ ॥
ବୃଷ୍ଟି ହୋଇଲେ ଶସ୍ୟ ହେବ । ସୁଖରେ ସଂସାର ଚଳିବ ॥
ପରସ୍ପରର ସମ୍ବର୍ଦ୍ଧନ । ହୋଇବ ଏହିପରି ଜାଣ ॥
ପରମ ମଙ୍ଗଳ ହୋଇବ । ତେଣୁ ଏ ଯଜ୍ଞ ଆଚରିବ ।୧୧।
ଦେବତା ହୋଇଲେ ତୃପତ । କଲ୍ୟାଣ କରିବେ ବହୁତ ।
ଶସ୍ୟରେ ମହୀ ପୂର୍ଣ୍ଣ ହେବ । ସକଳେ ସୁଖରେ ବଞ୍ଚିବ ।
ଦେବତା ପ୍ରସାଦୁଁ ଯେ ବିତ୍ତ । ଜଗତଜନ ଲଭେ ନିତ୍ୟ ।
ଆଗେ ଦେବଙ୍କୁ ସମର୍ପିବ । ପଛନ୍ତେ ନିଜେ ଭୋଗୀ ହେବୁ

ଏ ଖାଏ ଦେବଙ୍କୁ ନ ଦେଇ । କଷ୍ଟପ୍ର ଚୋର ସେ ଅଟଇ ।୧୨।
ଙ୍କୋ କରିବ ପ୍ରତିଦିନ । ପରେ ଭୁଞ୍ଜିବ ଶେଷଅନ୍ନ ।
ଋଷି ଦେଷ୍ଟି ଯେ ଦେବପଣ୍ଡ । ଭୂତ, ନୃ, ପୁଣି ପିତୃଙ୍କ ।
ଏ ପଞ୍ଚଙ୍କ କଲେ ଯଜ୍ଞ । ପଞ୍ଚସୂନାରୁ ପାଏ ମୁକ୍ତି ।
ଶୁଣ ଅର୍ଜୁନ ମନ ଦେଇ । ତାହାଙ୍କୁ ପଞ୍ଚସୂନା କହି ।
ଚୂଲି, ଛାଞ୍ଚୁଣି, ଚକି, ଢିଙ୍କି । ଅବର ଜଳକୁମ୍ଭ ଲେଖି ।
ଏପର ପାଞ୍ଚସ୍ଥାନେ ଜାଣ । ପ୍ରାଣୀର ହିଂସା ଅକାରଣ ।
ଙ୍କଟ ପତଙ୍ଗ ଆଦ ଯେତେ । ଏଠାରେ ନାଶ ଯାନ୍ତି ନିତ୍ୟେ ।
ଏସବୁ ସ୍ଥାନ ପାପମାନ । ଗୃହସ୍ଥ ଅବଶ୍ୟ କରଣ ।
ସେ ପାପ ମୁକ୍ତ ହେବାପାଇଁ । ଗୃହସ୍ଥ ଯେ ଯଜ୍ଞ ଆଚରଇ ।
ଙ୍କର ବେଦ ଅଧ୍ୟୟନ । ଅବର ସନ୍ଧ୍ୟା ଉପାସନ ।
ଏହାକୁ ଋଷିଯଜ୍ଞ କହି । ଶୁଣ ଅର୍ଜୁନ ମନ ଦେଇ ।
ହୋମାଦ କର୍ମ ଅଛି ଯେତେ । ଦେବତାଙ୍କ ସେ ସମସ୍ତେ ।
ଅବର ପୂଜା ବୈଶ୍ୱଦେବ । ଭୂତଯଜ୍ଞଟି ସେ ଜାଣିବ ।
ଅତିଥି ସକାଆଦ ଯେତେ । ନୃଯଜ୍ଞ ଅଟଇ ନିଶ୍ଚିତେ ।
ଶ୍ରାଦ୍ଧତର୍ପଣଆଦ ପୁଣ । ପିତୃଯଜ୍ଞରେ ତାକୁ ଗଣ ।
ଏହାର ପଞ୍ଚଯଜ୍ଞ କଲେ । ପାପ ବିନାଶ ଯାଏ ହେଲେ ।
ଯଜ୍ଞଶେଷରେ ଯେଉଁ ଅନ୍ନ । ବଳିବ କରିବ ଭୋଜନ ।
ଏକେବଳ ନିଜ ପେଟପାଇଁ । ଯେ ଅନ୍ନ ରନ୍ଧନ କରଇ ।
ସେ ପଞ୍ଚସୂନା ପାପ କରେ । କେବେହେଁ ସେ ପାପୁଁ ନତରେ ।
ଶୁଣ ଅର୍ଜୁନ ତତ୍ତ୍ୱଜ୍ଞାନ । କର୍ମରୁ ଯଜ୍ଞ ଉତପନ୍ନ ।
ଯଜ୍ଞହୋମରୁ ଧୂମ ଜାତ । ସେ ଧୂମ୍ରୁଁ ମେଘ ଯେ ସମ୍ଭୂତ ।
ମେଘରୁ ବୃଷ୍ଟି ଉତପତ । ତହୁଁରୁ ଶସ୍ୟ ଜନମନ୍ତି ।
ଶସ୍ୟ ଅଟଇ ସିନା ଅନ୍ନ । ଅନ୍ନରୁ ପ୍ରାଣୀ ଉତପନ୍ନ ।୧୪।
ସେହି କର୍ମ ବେଦୁଁ ଜାତ । ଶୁଣ ଅର୍ଜୁନ ଏହୁ ତତ୍ତ୍ୱ ।

ବେଦ ଅକ୍ଷର ମୂର୍ତ୍ତି ଜାତ । ପରମବ୍ରହ୍ମ ସେ ନିଯୁତ ।
ବ୍ରହ୍ମ ଅଛଇ ସବୁଠାରେ । ସେ ବ୍ରହ୍ମ ଯଜ୍ଞର ସଙ୍ଗରେ ।
ତେଣୁ ନିଷ୍କାମେ ଯଜ୍ଞକର୍ମ । କଲେ ପ୍ରାପତ ହୁଏ ବ୍ରହ୍ମ ।୧୫।
ଜନମରଣ ଏ ଚକ୍ରରେ । ବୁଲେ ଏପରି ନିରନ୍ତରେ ।
ଯେହୁ ଇନ୍ଦ୍ରିୟବଶ ହୋଇ । ଯେପଥେ ଗତି ନକରଇ ।
ତାର ଜୀବନ ଅକାରଣ । ହେ ପାର୍ଥ ନିଶ୍ଚୟ ତୁ ଜାଣ ।
ଫଳରେ ନୀଚଯୋନି ପାଏ । ନାନା ଯାତନା ଭୋଗୁଥାଏ ।୧୬।
ଆତ୍ମା ଦର୍ଶନେ ଯାର ପ୍ରୀତି । ଲଭଇ ପରମ ତୃପତି ।
ଜାହୁଁ ଭୋଗଇଲା ନାହିଁ । ଆତ୍ମାରେ ସନ୍ତୋଷ ଲଭଇ ।
ଆତ୍ମା ଦର୍ଶନ କଲାବେଳେ । ସବୁ ଆନନ୍ଦ ତାକୁ ମିଳେ ।
ଏମନ୍ତ ସାଧୁ ଜ୍ଞାନୀଜନ । କର୍ମରେ ନାହିଁ ପ୍ରୟୋଜନ ।
ଆନ କର୍ତ୍ତବ୍ୟ କିଛି ନାହିଁ । କେବଳ ଆତ୍ମାରେ ରମଇ ।୧୭
ଏମନ୍ତ ଆତ୍ମଜ୍ଞାନୀ ଜନ । ଇହଜନ୍ମରେ କଲେ କର୍ମ ।
କାହୁଁ ପୁଣ୍ୟ ନଲଭଇ । ଆତ୍ମାରେ ସଦା ବିହରଇ ।
କର୍ମ ନକଲେ ପାପ ନାହିଁ । ତହିଁର ହେତୁ ଶୁଣ ତୁହି ।
ମନେ ନଥାଏ ଅହଙ୍କାର । କିଛି ନିଷେଧ ନାହିଁ ତାର ।
ସେ ଜ୍ଞାନୀ ମୋକ୍ଷଲାଭ ପାଇଁ । କାର ଆଶ୍ରୟ ନଲୋଡ଼ଇ ।୧୮।
ତେଣୁ କହୁଛି ଅରଜୁନ । କରମ କର ତୁ ସାଧନ ।
ଆସକ୍ତିଶୂନ୍ୟ ହୋଇ କର । ଫଳ କାମନା ପରିହର ।
ଅବଶ୍ୟ କର୍ତ୍ତବ୍ୟ କରମ । କରିବା ତୋହର ଧରମ ।
ନିତ୍ୟ ନିମିତ୍ତ କର୍ମମାନ । ସର୍ବଦା କର ଅରଜୁନ ।
ନିଷ୍କାମ ଭାବେ କର୍ମ କଲେ । ପୁରୁଷ ମୋକ୍ଷ ଲଭେ ହେଲେ ।୧
ଜନକ ଆଦି ମୁନିଜନ । ମୁକ୍ତ ହୋଇଲେ କରି କର୍ମ ।
ତୁ ଯେବେ କରିବୁ କରମ । ଲୋକେ ଶିଖିବେ ତୋଠୁ ପୁଣ ।
ଆପଣା ଧରମ ପାଳିବେ । ତୋଠାରୁ କରମ ଶିଖିବେ ।

ତେଣୁ ତୁ କର୍ମ ଆଚରଣ । କଲେ ମଙ୍ଗଳ ହେବ ଜାଣ ୨୦
ଯେ କର୍ମ କରେ ଶ୍ରେଷ୍ଠଜନ । ଦେଖି ତାହାକୁ ଆନ ଜନ ।।
ସେହି ପଥରେ ଚଳଯାନ୍ତି । ମନେ ସଂଶୟ ନ କରନ୍ତି ।।
ପ୍ରମାଣ କଲେ ଶ୍ରେଷ୍ଠଜନ । ଇତର କରେ ଆଚରଣ ।।
ତେଣୁ ସକଳ ଶ୍ରେଷ୍ଠଜନ । କରମ କରିବା ଧରମ ।।
ତାହାଙ୍କ ପଥ ଅନୁସରି । ଆନ ସକଳେ ଯିବେ ଚଳି ।୨୧
ମୁହିଁ ତ ଏଥିର ଦୃଷ୍ଟାନ୍ତ । ମୋର କର୍ତ୍ତବ୍ୟ ନାହିଁ ସତ ।।
ହେ ପାର୍ଥ ଏ ତିନିଲୋକରେ । କିଛିହିଁ ନାହିଁ ପାଇବାରେ ।।
ମୋର ଅଭାବ ପ୍ରୟୋଜନ । ନିଂଲକେ କିଛି ନାହିଁ ଜାଣ ।।
ତଥାପି ମୁଁ କର୍ମ କରଇ । କେବଳ ଲୋକେ ଶିକ୍ଷାପାଇଁ ୨୨।
ମୁଁ ଯେବେ କର୍ମ ନ କରିବି । ଅନସ୍ୟଭାବେ ଧନ ନେବି ।।
ତେବେ ଏ ବିଶ୍ୱବାସୀ ଜନ । କରିବେ ମୋପଥେ ଗମନ ।।
ଦେଖିଣ ମତେ କର୍ମହୀନ । କରିବେନାହିଁ ଲୋକେ କର୍ମ ୨୩
ଯେବେ ମୁଁ କର୍ମ ନ କରିବି । ଲୋକେ ଅକର୍ମ ଶିଖାଇବି ।।
ଲୋକେ ହୋଇବେ କର୍ମହୀନ । ନାଶିବେ ସକଳ ଧରମ ।।
ବର୍ଣ୍ଣସଙ୍କର ହେବେ ଜାତ । ମୁଁ ହେବି କାରଣ ନିଯୁତ ।।
ମୁହିଁ ଏ ପ୍ରଜାଙ୍କୁ ନାଶିବି । ଏ ପାପେ ମୁହିଁ ଭାଗୀ ହେବି ୨୪।
କର୍ମେ ଆସକ୍ତ ମୂଢ଼ମାନେ । କର୍ମ କରନ୍ତି ନିଶିଦିନେ ।।
ସେପରି ଅନାସକ୍ତଜ୍ଞାନୀ । କରମ କରୁଥିବ ପୁଣି ।।
ଲୋକମାନଙ୍କ ଶିକ୍ଷାପାଇଁ । କରମ ନଛାଡ଼ିବ କେହି ।।
ତେଣୁ କହୁଛି ହେ ଭାରତ । କରମ କର ଅବିରତ ।୨୫।
ଶୁଣ ଅର୍ଜୁନ ଦିବ୍ୟତତ୍ତ୍ୱ । ଜ୍ଞାନୀର କି କର୍ମ ଉଚିତ ।।
[illegible]ନୀଏ ହେଲେ ସାବଧାନ । ନ ଦେବେ ମୂର୍ଖେ ତତ୍ତ୍ୱଜ୍ଞାନ ।।
[illegible]ନ ତତ୍ତ୍ୱଜ୍ଞାନ ଦେଲେ । ବିଫଳ ହେବ ହେତୁ ଭଲେ ।।
[illegible] ନ ବୁଝେ ତାର ଚିତ୍ତ । ସେ ଥାଏ ଫଳରେ ଆସକ୍ତ ।

[illegible] କର୍ମ କରେ । ତାହାଙ୍କରେ ମନ୍ଦ ଭାବନ୍ତେ ।
[illegible] ତା ଚିତ୍ତ ବିଭ୍ରମ । [illegible] କରମ ।
ତାହା ନକରୁଁ ସେ ହୁଡ଼ିବେ । କର୍ତ୍ତବ୍ୟ କରମ ତେଜିବେ ।
ଏ ହେତୁ ଶୁଣ ଜ୍ଞାନୀଜନ । କରମ କର ଅନୁଷ୍ଠାନ ।
ଅଜ୍ଞାନୀ ଭ୍ରମ ପଥେ ଯିବେ । ଘୋର ନରକେ ନ ପଡ଼ିବେ ।
ଜ୍ଞାନୀ ଏ କରମ କରିବେ । ଅନମାନଙ୍କୁ କରାଇବେ ।୨୬
ଏବେ କହିବା ପୁଣି ଶୁଣ । ଜେଉଁଠୁ କର୍ମ ଉତପନ୍ନ ।
ଯେ ମାୟା ପ୍ରକୃତି ଯେହୁ । ତା ଗୁଣେ କରମ ହୁଅଇ ।
ପ୍ରକୃତି ତ୍ରିଗୁଣ ଜଡ଼ିତ । ସତ୍ତ୍ୱ ରଜ ତମ ନାମ୍ବୃତ ।
ଇନ୍ଦ୍ରିୟ ଦେହ ମନ ପ୍ରାଣ । ଏମାନେ କ୍ରିୟାର କାରଣ
ଯେମନ୍ତ ଇନ୍ଦ୍ରିୟ ସାହାଯ୍ୟରେ । ପ୍ରକୃତି ସବୁ କର୍ମ କରେ
ଜ୍ଞାନୀ ଏ ତତ୍ତ୍ୱ ଜାଣନ୍ତି । ଅଜ୍ଞାନୀ ଜାଣି ନ ପାରନ୍ତି
ଯେହୁ ଅଜ୍ଞାନୀ ମୂଢ଼ଜନ । ଦେହକୁ ଆତ୍ମା କରେ ଜ୍ଞାନ
ତାହାର ବଡ଼ ଅହଙ୍କାର । ସେହି କରତା କରମର ।୨୭
ହେ ମହାବାହୁ ଜ୍ଞାନୀଙ୍କର । ନାହିଁ ଯେପରି ଅହଙ୍କାର
ଗୁଣ କରମ ତତ୍ତ୍ୱଜ୍ଞାନ । ଲଭନ୍ତି ଯେଉଁ ଜ୍ଞାନୀ ଜନ
ସେମାନେ ଉତ୍ତମ ଜାଣନ୍ତି । ଇନ୍ଦ୍ରିୟ କରମ କରନ୍ତି,
ପ୍ରକୃତି ଇନ୍ଦ୍ରିୟକୁ ନେଇ । ସକଳ କରମ କରଇ
ଆତ୍ମା କରମ ନ କରଇ । ଏ ତତ୍ତ୍ୱ ବୁଝି ପାରେ ସେହି
ମୁଁ କର୍ତ୍ତା ବୋଲି ଅଭିମାନ । ନ କରେ କେବେ ଜ୍ଞାନୀ ଜନ ।୨୮
ପ୍ରକୃତି-ଗୁଣରେ ମୋହିତ । ହୁଅଇ ଯେ ମୂଢ଼ ନିୟତ
ଇନ୍ଦ୍ରିୟ ବିଷୟେ ଆସକ୍ତ । କରମ କରଇ ସତତ
ସେ ଅତି ଅଳ୍ପ-ବୁଦ୍ଧିମତି । ଇନ୍ଦ୍ରିୟଗୁଣେ ଆସକତି
ସର୍ବଜ୍ଞ ଜନର ଉଚିତ । ତାକୁ ନ କର ବିଚଳିତ ।୨୯
ସକଳ କରମ ମୋଠାରେ । ବିଶ୍ୱାସେ ସମରପ ବାରେ,

ନିଷ୍କାମ ଭାବରେ କର୍ମ କର । ଶୋକ ସନ୍ତାପ ପରିହର ॥
ମନରୁ ଛାଡ଼ି ଅହଙ୍କାର । ଅର୍ଜୁନ ଯାଅ ଯୁଦ୍ଧ କର ॥
ଜଗତ ଅଟେ ବ୍ରହ୍ମମୟ । ଏକଥା ବୁଝ ତୁ ନିଶ୍ଚୟ ॥
ପରମେଶ୍ୱରର ଅଧୀନ । ହୋଇ କରୁଛ କର୍ମମାନ ॥
ଏ କର୍ମ-ମାନ ଶ୍ରୀକୃଷ୍ଣର । ଫଳ ସାଧନ ତାହାଙ୍କର ॥
କର ତୁ ଏ ଦୃଢ଼ ବିଶ୍ୱାସ । କରମ କଲେ ନାହିଁ ଦୋଷ ॥
ଏହି ବିଶ୍ୱାସେ ଯୁଦ୍ଧ କଲେ । ସ୍ୱଧର୍ମ ପାଳିବୁ ତୁ ଭଲେ ।୩୦
ଯେଉଁ ଜନ ଅତ୍ୟନ୍ତ ଶ୍ରଦ୍ଧାରେ । ମୋର ଏ ମତ ଅନୁସାରେ ॥
ମନେ ନ ଚିନ୍ତି କଦାଚନ । ଏ ଦୁଃଖ ଦେଲେ ଭଗବାନ ॥
ଦୁଃଖ-ଦାୟକ କରମରେ । କ୍ଷମା ଭାବ ପକାଇଲେ ॥
ଏମନ୍ତ ଦୋଷ ନଦେଖିଣ । ଶ୍ରଦ୍ଧାରେ ଯେ କରେ କରମ ॥
ଏମନ୍ତ ବିବେକୀ ଯେ ଜନ । ଆନନ୍ଦେ କରଇ କରମ ॥
ସେହିତ କରମ ବନ୍ଧନେ । ତରଇ ଜ୍ଞାନୀଙ୍କ ସମାନେ ॥
କରମ କରି ହୁଏ ମୁକ୍ତ । ମୋର ବାକ୍ୟ ପାଳ ତୁ ନିଯୁତ ।୩୧
କହିଲି ଯେ ସବୁ ବ୍ୟବସ୍ଥା । ନପାଳେ ଯେହୁ ନିନ୍ଦି ବୃଥା ॥
ମିଥ୍ୟା କରଇ ଦୋଷ ଦେଇ । ମୋ ମତ ଅବଜ୍ଞା କରଇ ॥
ସେହି ବିବେକହୀନ ଜନ । ସକଳ ଜ୍ଞାନେ ମୂଢ଼ମଣି ॥
ତାହାର ପ୍ରଶ୍ୟ ହୁଏ ନାଶ । ଏକଥା ବୁଝ ତୁ ଅବଶ୍ୟ ।୩୨
ବୈଧବିଧାନକୁ ଜାଣି । ପଥ ହୁଡ଼ନ୍ତି କେମା ପ୍ରାଣୀ ॥
କେତେ କିମ୍ପାଇଁ ଭୁଲନ୍ତି । ନିଷ୍କାମ କର୍ମ ନକରନ୍ତି ॥
[illegible] ଗନ୍ଧିସ୍ତ ନିଗୂଢ଼ । ଏପର ହେଲେ ହୋ ସଂଶୟ ॥
[illegible] କହନ୍ତି ଅରଜୁନ । ଶୁଣ ତୁ ଏଥିର କାରଣ ॥
[illegible]ଲୋକେହେଁ ଯେତେ ମହାଜ୍ଞାନୀ । ଥାଇଣ ପ୍ରକୃତିକି ମାନି ॥
[illegible] କରଇ ନିଯୁତ । ପ୍ରକୃତି ବଶ ଏ ଯେମନ୍ତ ॥
[illegible]ର ପ୍ରାଣୀଗଣ । ଅଟନ୍ତି ସ୍ୱଭାବ ଅଧୀନ ॥

ଆତ୍ମା ମହା ବଳବାନ । ପ୍ରକୃତଠାରୁ ସେ ଜନମ ।
ତେଣୁ ସ୍ୱଭାବ ଅନୁସାର । ପ୍ରାଣୀଏ ସବୁ କମ ଧର ।
କେ ଭଲ କେ ମନ୍ଦ ବୁଝନ୍ତି । ସ୍ୱଭାବ ଛାଡ଼ି ନପାରନ୍ତି ।
ଇନ୍ଦ୍ରିୟ ନିଗ୍ରହେ କି ଫଳ । ସ୍ୱଭାବ ଅଟଇ ପ୍ରବଳ । ୩୩ ।
ପ୍ରବୃତ୍ତି ପ୍ରକୃତି ଅଧୀନ । ବିଧି ନିଷେଧ ଅକାରଣ ।
ଶାସ୍ତ୍ରର ମୂଲ୍ୟ ତେବେ କାହିଁ ? । ଏହି ସଂଶୟ ତେଜ ତୁହି ।
ଦେଖ ଏ ଇନ୍ଦ୍ରିୟ ସକଳ । ବିଷୟେ ରସନ୍ତି କେବଳ ।
ଯାହାକୁ ଯେମନ୍ତ ରସନ୍ତି । ତାଠାରେ ହୁଅଇ ପୀରତି ।
ଯାହାକୁ ବଇରୀ ନରସେ । ତାହାର ବଇରୀ ଅଟେ ସେ ।
ମଧୁର ରସ ଜିହ୍ୱାପ୍ରିୟ । କଟୁ ଯେ ଅତ୍ୟନ୍ତ ଅପ୍ରିୟ ।
ତେଣୁ ମଧୁରେ ପ୍ରୀତି ତାର । କଟୁରେ ଶତ୍ରୁତା ନିକର ।
ଏମନ୍ତେ ବୁଝ ସବୁଭାବ । ବୁଝିଲେ ମରମ ପାଇବ ।
ପ୍ରିୟ ଅପ୍ରିୟ ଭାବ ଦୁଇ । ଇନ୍ଦ୍ରିୟ ସନ୍ତତ ପୋଷଇ ।।
ଯେ ବସ୍ତୁ ସୁଖ ନଦାଅଇ । ସେ ତାର ବଇରୀ ଅଟଇ ।।
ଏକଥା ଅବଶ୍ୟ ଘଟିବ । କେ ଏହା ବାରଣି କରିବ ।।
ତଥାପି ଇନ୍ଦ୍ରିୟ ଅଧୀନ । ନହେବ ଥାଇ ସାବଧାନ ।।
ଏହା ବଇରୀ ଭାବ ଦୁଇ । ମୋକ୍ଷର ବଇରୀ ଅଟଇ ।।
ଏହାକୁ ଜିଣି ନପାରିଲେ । ମୁକତି ନଲଭିବ ତିଳେ ।।
ଶାସ୍ତ୍ର ଏ କଥା ଅଛି କହି । ବୁଝ ଅର୍ଜୁନ ମନ ଦେଇ ।
ଈଶ୍ୱର ଉପାସନା ଭଲେ । ଏ ସବୁ ଜିଣିପାର ହେଳେ ।
ଅସାବଧାନ ଏ ମାନବ । ବିଷୟଭୋଗକୁ ରସିବ ।
ପ୍ରକୃତି ବିଷୟ ସ୍ମରଣି । କରାଇଦିଏ ଅନୁକ୍ଷଣ
ପ୍ରୀତି ଅପ୍ରୀତି ଭାବମାନ । ମନେ କରାଏ ଉତପନ୍ନ ।
ସେ ଭାବ ହୋଇଲେ ଜାଗ୍ରତ । ମାନବ ହୁଏ ଅନାୟତ୍ତ ।
ବଳେ ତାହାକୁ ଟାଣିନିଏ । ଘୋର ଅନର୍ଥରେ ପକାଏ ।

ଅନର୍ଥ ସ୍ରୋତେ ଯାଏ ଚଢ଼ି । ନିଜର ପଥ ଯାଏ ଛାଡ଼ି ।
ଏମନ୍ତ ଦଶା ଭୋଗେ ଜନ । ଏଥିକୁ ପ୍ରତିକାର ଶୁଣ ।
ଯାର ନଉକା ଅଛି ଥିବ । ସେ ଏହି ସ୍ରୋତେ ନପଡ଼ିବ ।
ସେହି ନଉକା ଭଗବାନ । ଯେ ନିଏ ତାହାଙ୍କ ଶରଣ ।
ସେ ଏକା ହୁଏ ଏଥୁଁ ପାର । ଅନ୍ୟଥା ନାହିଁ ପ୍ରତିକାର ।
ସେ ଏହି ବିପଦରୁ ତରେ । ମୁକତି ଲଭେ ଅକ୍ଳେଶରେ ।
ଏ ଅଟେ ଶାସ୍ତ୍ରର ବିଧାନ । ଅପନ୍ତୁ ହୁଅ ସାବଧାନ ।
ଧରମପଥେ ଦିଅ ମନ । ନହୁଅ ପଶୁପକ୍ଷୀ ସମ ।
ପ୍ରବୃତ୍ତି ପରିତ୍ୟାଗ କର । ତେବେ ନୋହିବ ହରବର. ।
ଶ୍ରଦ୍ଧା ବଇଶ ଭାବମାନ । ମନରୁ ତେଜ ଜ୍ଞାନୀ ଜନ ।
ଦୁଃଖସୁଖକୁ ମନୁ ତେଜ । ସମାନ ଜ୍ଞାନେ ତାକୁ ଦେଖ ।
ଶତ୍ରୁ ମଇତ୍ର କିଛି ନାହିଁ । ସକଳ ସମାନ ଅଟଇ ।
ଏମନ୍ତ ଧର୍ମ୍ମ ଆଚରଣ । କର ଚତୁର ଜ୍ଞାନୀ ଜନ ।୩୪।
ସ୍ୱଧର୍ମ୍ମ ହେଲେ ଅଙ୍ଗହୀନ । ତଥାପି ଶ୍ରେଷ୍ଠ ବୋଲି ଜାଣ ।
ପରଧରମ ଉତ୍ତମରେ । ସାଧିଲେ ଅମଙ୍ଗଳ କରେ ।
ସ୍ୱଧର୍ମ୍ମେ ହୋଇଲେ ନିଧନ । ଶ୍ରେୟ ଅଟଇ ଅରଜୁନ ।
ପର ଧରମ ଭୟାବହ । ଏକଥା ଜାଣି ତୁ ନିଶ୍ଚୟ ।
ଆପଣା ଧର୍ମ ରକ୍ଷା କର । ଭାବି ଯେ ତେଜର ନିକର ।
ପର ଧରମ ଆଚରଇ । ନରକଗତି ସେ ଲଭଇ ।
ଚେଷ୍ଟା କରିବ ପ୍ରାଣପଣେ । କେବଳ ସ୍ୱଧର୍ମ ସାଧନେ ।
କରି ନପାରି ପ୍ରାଣ ଗଲେ । ସ୍ୱରଗ ଲାଭ ହୁଏ ଭଲେ ।
ଏଣୁ ଆଶ୍ରମ ଧର୍ମମାନ । ପ୍ରକୃତ କରନ୍ତି ସର୍ଜନ ।
ଯାହା ପ୍ରକୃତି ଆଦେଶ । ଧର୍ମସାଧନେ କଲେ ଆଶ ।
...ତ ଦଣ୍ଡ ନିଶ୍ଚୟ । ଏଥିରେ ନଲର ସଂଶୟ ।
...ଏ ନିଜଧର୍ମ ବଡ଼ । କଠିନ ବୋଲି ତା ନଛାଡ଼ ।

ପର ଧରମ କରି ମତି । ସ୍ୱଧର୍ମ ନତେଜ ତୁ ପୁଣି ॥
ଯେ କୁଳେ ତାହାର ଜନମ । ସେ କୁଳଧର୍ମ ଧର୍ମମାନ ॥
ତାହାର ଅଟଇ ସ୍ୱଧର୍ମ । ଅନ୍ୟାନ୍ୟ ସବୁ ପରଧର୍ମ ॥
କ୍ଷତ୍ରିୟକୁଳେ ଜନ୍ମ ହୋଇ । ଯୁଦ୍ଧ ତେଜିବୁ କହ ତୁହି ॥
ତୁ ଯେବେ ଏମନ୍ତ କରୁ । କୁଳଧରମ ତୁ ତେଜିବୁ ॥
ତୋପରି ଅନ୍ୟମାନେ ଯିବେ । କ୍ଷତ୍ରିୟ ଧରମ ତେଜିବେ ॥
ତେଣୁ କହୁଛି ମନେ ହେଜ । ସ୍ୱଧର୍ମ କେବେହେଁ ନତେଜ ।୩୫

ଅର୍ଜୁନ ଉବାଚ

ଅର୍ଜୁନ ବୋଲେ ହେ ବାର୍ଷ୍ଣେୟ । କଥାଏ ଲାଗିଲା ସନ୍ଦେହ ॥
କେ ପାପ କେ ପୁଣ୍ୟ ବିଚାର । ଜ୍ଞାନତ ଥାଏ ମନୁଷ୍ୟର ॥
କିଏବା ବଳେ ଟାଣିନିଏ । ସେ ପାପ-ପଙ୍କରେ ପକାଏ ॥
ଇଚ୍ଛା ନଥିଲେ ମାନବର । ତଥାପି ପାପେ ମନ ତାର ॥
ଅଗୋଚରରେ ପାପଜ୍ଞାନ । ଥାଏତ ହେ ଯଦୁନନ୍ଦନ ॥
ଯେ କାଳେ କରେ ପାପକର୍ମ । କିମ୍ପା ସେକାଳେ ହତଜ୍ଞାନ ?୩୬

ଶ୍ରୀ ଭଗବାନୁବାଚ

ମୂଳ କାରଣ ଅଟେ କାମ । ରଜୋ ଗୁଣରୁ ତାର ଜନ୍ମ
ପ୍ରଚଣ୍ଡ ଉଗ୍ରମୂର୍ତ୍ତି ତାର । ବଶ ନୁହଇ ସେ କାହାର
ଅତୃପ୍ତ ଅଟେ ସେ ସତତ । ଅର୍ଜୁନ ଜାଣ ତୁ ନପୁତ
ସଫଳ ନହୋଇଲେ କାମ । କ୍ରୋଧକୁ କରଇ ଜନମ
ଅନଳ ମୁଖେ ଘୃତ ଦେଇ । କେ ପାରେ ତାହାକୁ ଲିଭାଇ
ଦ୍ୱିଗୁଣ ହୋଇ ଜଳଉଠେ । ଅଧିକ ତେଜରେ ପ୍ରକଟେ
କାମର କାମନା ତେସନ । ତେଣୁ ତା ନାମ ମହାଶନ
ଯେତେ ଅଧିକ ଖାଉଥାଇ । ତେତେ ତା ଶକତି ବଢ଼ଇ
କେବେହେଁ ନହୁଏ ତୃପତ । ବାଞ୍ଛଇ ପୁଣି ସେ ବହୁତ
ଏମନ୍ତ କାମଟି ବଇରି । ମୁକତି ପଥରେ ସବୁରି ॥

ଯଜ୍ଞରେ ଧୂମ ଥାଇ । ଅଗ୍ନିକୁ ଘୋଡ଼ାଇ ରଖଇ ।
ଅନଳ ନ ଦିଶଇ ନିଦାଗଇ । ଯାବତ ଧୂମ ଥାଏ ରହି ।
ଅଗ୍ନିର ଦାହିକା ଶକତ । ତାହା ନହୁଏ ଏ ନିବୃତ୍ତ ।
ଅଗ୍ନି ଜଳିଲେ ଅଧିକରେ । ଧୂମକୁ ନାଶ କରେ ଭଲେ ।
ତା ତେଜ ଦିଶଇ ଉଜ୍ଜ୍ୱଳ । ଯେସନ୍ତ ବିନାଶ ଯାଏ ମଳ ।
ଧୂଳି ଯେସନ ଆସେ ଉଡ଼ି । ଦର୍ପଣ ଅଙ୍ଗେ ବସେ ମାଡ଼ି ।
ପଡ଼ିଲେ ଧୂଳି ଆବରଣ । ମଳିନ ଦିଶେ ଦରପଣ ।
କନାରେ ଧୂଳି ପୋଛିଦେଲେ । ପୁଣି ନିର୍ମଳ ଦିଶେ ଭଲେ ।
ଏ ପ୍ରାଣୀ ଜନନୀ ଜଠରେ । ରହିଲ ଜରାୟୁ ମଧ୍ୟରେ ॥
ଚର୍ମ ଥାଳୁଣୀ ମଧ୍ୟେ ଥାଇ । ନାନାଦି କଷଣ ଲଭଇ ॥
ରହଇ ଘୋର ଅନ୍ଧକାରେ । ଯାବତ ଥାଏ ସେ ମୁଣାରେ ।
ପୂଜରକଟେ ଦାଣ୍ଡିହୁଏ । ସେଠାରେ ନାନା ଦୁଃଖ ସହେ ॥
କାତରେ କରେ ନାନା ସ୍ତୁତି । କାନେ ଈଶ୍ୱର ତା ଶୁଣନ୍ତି ॥
ସନ୍ତୋଷ ହୋଇ ନାରାୟଣ । ଫେଡ଼ନ୍ତି ତାହାର କଷଣ ॥
ସେ ଚର୍ମମୁଣା ଫାଟିଗଲେ । ଜନମ ଲଭେ ଶିଶୁ ହେଲେ ॥
ଏହି ପ୍ରକାରେ ବୁଝ ତୁହି । ଅର୍ଜୁନ ସାବଧାନ ହୋଇ ॥
ଜ୍ଞାନର ସ୍ୱରୂପ ଉଜ୍ଜ୍ୱଳ । ସତତ ଅଟେ ନିରମଳ ॥
ସକଳ ପ୍ରାଣୀ ହୃଦୟରେ । ଜ୍ଞାନ ଯେ ଥାଏ ସବୁଠାରେ ॥
କାମ ତାହାର ଆବରଣ । ଯାବତ ଥାଏ ସେହି କାମ ॥
ଜ୍ଞାନର ପରକାଶ ନାହିଁ । ଅଜ୍ଞାନୀ ପରି ସେ ହୁଅଇ ॥
କାମନା ହୋଇଲେ ବିନାଶ । ଜ୍ଞାନର ହୁଏ ପରକାଶ ॥
ଧୂମ ଅନଳ ସମ ଜାଣ । ସତ୍ତ୍ୱଗୁଣୀର ଥାଏ ଜ୍ଞାନ ॥
ଅଗ୍ନିଶିଖର ବୃଦ୍ଧି ହେଲେ । କାମନା ଧୂମ ନାଶ ଭଲେ ॥
ମଳିନ ଧୂଳି ଦରପଣ । ଯେସନ ରଜୋଗୁଣୀ ଜ୍ଞାନ ॥
ସାଧନ କରି କାମ ନାଶ । ଜ୍ଞାନ ହୋଇବ ପରକାଶ ॥

ତମ ମଧ୍ୟରେ ଯେ ସନ୍ତାନ । ଘୋର ତମଗୁଣୀ ଜ୍ଞାନ ॥

ଅନେକ ଜନ୍ମ ଯତ୍ନ କଲେ । ସେ ଅବସ୍ଥା ତୁଟେ ଭଲେ ॥

ସନ୍ତାପେ ମନ ଦଗ୍ଧହେବ । ଈଶ୍ୱରେ ଶରଣ ପଶିବ ॥

ସେ ଭଗବାନ ଦୟା କଲେ । କାମଡାଙ୍କୁଣୀ ତୁଟେ ଭଲେ ॥

ସହିଲେ ଅନେକ କଷଣ । ତୁଟଇ କାମ ଆବରଣ ॥

ବିବେକ ଜ୍ଞାନ ପରକାଶି । ତମ ଅଜ୍ଞାନ ଦିଏ ନାଶି ।୩୮।

ସେ କାମ ଅନଳ ସମାନ । ସନ୍ତୁଷ୍ଟ ନୁହେ କଦାଚନ ॥

ଭୋଗିବା ବସ୍ତୁ ଯେତେ ପାଏ । ଲୋଭ ତାହାର ବଢୁଥାଏ ॥

ଅଧିକେ ଅଧିକ ଲୋଡନ୍ତ । କେବେହେଁ ନହୁଏ ତୃପତ ॥

ଏମନ୍ତ ଜ୍ୱଳନ୍ତା କାମର । ସେ କାମ ବଇରୀ ଜ୍ଞାନୀର ॥

ଜ୍ଞାନକୁ ଘୋଡ଼ାଇ ରଖଇ । ସ୍ୱରୂପ ନଦିଏ ଦେଖାଇ ॥

ଜ୍ଞାନୀର ସେ ଚିର ବଇରୀ । ଜ୍ଞାନକୁ ରଖଇ ଅବୋରି ।୩୯।

ଇନ୍ଦ୍ରିୟଗଣ ବୁଦ୍ଧି ମନ । କାମର ଅଟେ ବାସସ୍ଥାନ ॥

ସେ ବାସସ୍ଥାନ ଆଶ୍ରା ଧରି । ମୋହିତ କରେ ନରନାରୀ ॥

ଜ୍ଞାନକୁ ରଖଇ ଘୋଡ଼ାଇ । ତାର ଅସ୍ତିତ୍ୱ ନରହଇ ।୪୦।

ଶୁଣହେ ବୀର ଅରଜୁନ । ବୀର ବଂଶରେ ତବ ଜନ୍ମ ॥

ବଇରୀ ଦଳନେ ସମର୍ଥ । କାତର ନହୁଅ ହେ ପାର୍ଥ ॥

ପ୍ରଥମେ ଇନ୍ଦ୍ରିୟ ଦମନ । କର ହେ ବୀର ଅରଜୁନ

ଇନ୍ଦ୍ରିୟ ହୋଇଲେ ଦମନ । ବିନାଶ ହୋଇଯିବ କାମ

କାମ ନ ମରେ ଯେତେଦିନ । ନାହିଁ ଜ୍ଞାନ ବା ବିଜ୍ଞାନ

କାମ ସାକ୍ଷାତ ପାପଘର । ଅଟଇ ସବୁର ବଇରୀ ।୪୧।

ଇନ୍ଦ୍ରିୟ ନକଲେ ଯତନ । ନହୁଏ କାହୁଁ ଧରମ

ଦେହ ଇନ୍ଦ୍ରିୟ ସହାୟରେ । ଯାବତ କର୍ମମାନ କରେ

ତେଣୁ ଇନ୍ଦ୍ରିୟ ଅଟେ ଶ୍ରେଷ୍ଠ । ଶରୀର ଅଟଇ ନିକୃଷ୍ଟ

ଯେ କର୍ମ ମନ ନ ଇଛଇ । ଇନ୍ଦ୍ରିୟ ତାହା ନକରଇ

ତେଣୁ ଇନ୍ଦ୍ରିୟଠାରୁ ମନ । ବିଶ୍ବରେ ଅଟଇ ପ୍ରଧାନ ॥
ବୁଦ୍ଧିର ଆଶ୍ରୟ ନଥିଲେ । ସଂକଳ୍ପ ନ ଜନ୍ମେ ମନରେ ॥
ମାନବ ସଂକଳପ ନାହିଁ । କିଛି କରମ ନହୁଅଇ ॥
ତେଣୁ ମନଠୁ ବୁଦ୍ଧି ଶ୍ରେଷ୍ଠ । ଜ୍ଞାନକୁ କରଇ ପ୍ରକଟ ॥
ଆତ୍ମା ସନ୍ନିଧି ଯେବେ ନାହିଁ । ବୁଦ୍ଧି ବିକାଶ ନହୁଅଇ ॥
ତେଣୁ ଏ ଆତ୍ମା ଅରଜୁନ । ଅଟଇ ସବୁଠୁଁ ପ୍ରଧାନ ।୪୨॥
ହେ ମହାବାହୁ ଏବେ ଶୁଣ । ବୁଦ୍ଧିଠୁ ଆତ୍ମା ଯେ ପ୍ରଧାନ ॥
ମନକୁ କର ତୁ ନିଶ୍ଚଳ । କେବେହେଁ ନହୁଅ ଚଞ୍ଚଳ ॥
ନିଶ୍ଚୟାତ୍ମିକା ବୁଦ୍ଧିବଳେ । ମନକୁ କର ତୁ ନିଶ୍ଚଳେ ॥
ଏମନ୍ତ କରପାରୁ ଯେବେ । କାମକୁ ଜିଣିପାରୁ ତେବେ ॥
କାମ ଦୁର୍ଜୟ ରପୁସମ । ସଂହାର କରପାରୁ କାଣ ।୪୩।
ଜଗତବନ୍ଧୁ ସିଂହ ଭଣେ । ମୋ ମନ ଥାଉ ତୋ ଚରଣେ ॥

ଇତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ କର୍ମଯୋଗୋ ନାମ ତୃତୀୟୋଽଧ୍ୟାୟଃ ।

—୦—

ଚତୁର୍ଥୋଽଧ୍ୟାୟଃ ।

ଶ୍ରୀଭଗବାନୁବାଚ ।

ଏ ଜ୍ଞାନଯୋଗ ମୋକ୍ଷଦାୟୀ । ସାଧିଲେ ମୁକତି ମିଳଇ ॥
ଅକ୍ଷୟ ଅବ୍ୟୟ ଅଟଇ । ଏହାର କ୍ଷୟବୃଦ୍ଧି ନାହିଁ ॥
ସୃଷ୍ଟି ଆଦ୍ୟରେ ଜାଣ ମୁହିଁ । ସୂର୍ଯ୍ୟଦେବଙ୍କୁ କହିଥିଲଇଁ ॥
ସୂର୍ଯ୍ୟ ଯେ ମନୁଙ୍କୁ କହିଲେ । ମନୁଠୁ ଇକ୍ଷ୍ବାକୁ ଶୁଣିଲେ ।୧॥
ଏମନ୍ତେ ଯୁଗ ଏହିମତେ । ରାଜଋଷି-ମାନେ ନିଶ୍ଚିତେ ॥
ଏହି ପରମର୍ଥ କ୍ରମେ । ଜାଣନ୍ତି ଜଣେଠାରୁ ଜଣେ ॥
ଏହିଲେ ଏ ଯୋଗ ଶ୍ରେୟ । ପାଇଛୁ ଜାଣ ପରନ୍ତପ । ୨ ॥

ତୁମ୍ଭେ ତ ଆମ୍ଭର ଭକତ । ଅବର ସଖା ଯେ ନିପୁଣ ।
ତୁମ୍ଭଙ୍କୁ କହିବା ବୁଝାଇ । ଶୁଣ ଅର୍ଜୁନ ମନ ଦେଇ ।
ଏ ଯୋଗ ଅଟଇ ପୁରାତନ । ଗୁହ୍ୟ ଉତ୍ତମ ବୋଲି ଜାଣ ।୩।

ଅର୍ଜୁନ ଉବାଚ ।

ସୂର୍ଯ୍ୟଙ୍କ ଜନମ ପ୍ରାଚୀନ । ତୁମ୍ଭ ଜନମ ଅଳ୍ପଦିନ ।
ସୂର୍ଯ୍ୟଙ୍କୁ କହିଲ କିପରି । ନପାରେ ଏ କଥା ବିଚାରି ।୪।

ଶ୍ରୀଭଗବାନୁବାଚ ।

ତୁମ୍ଭର ମୋହର ଜନମ । ହୋଇଛି କେତେଥର ପୂର୍ବ ।
ମୁହିଁ ସେ ସମସ୍ତ ଜାଣଇ । ତୁମ୍ଭେ କିଛି ଜାଣନାହିଁ ।୫।
ବିନାଶ ନାହିଁ ଈଶ୍ୱରର । ଜନମ ନାହିଁ ତାହାଙ୍କର ॥
ତେଣୁ ସନ୍ଦେହ ହେବ ତୋର । ମୋହର ଜନ୍ମ କି ପ୍ରକାର ॥
ଏ କଥା କହିବା ବୁଝାଇ । ଶୁଣ ଅର୍ଜୁନ ମନ ଦେଇ ॥
ଈଶ୍ୱର ଅବିନାଶୀ ସତ । ଜନମ ମରଣ ରହିତ ॥
କିନ୍ତୁ ମୋ ପ୍ରକୃତି ଆଦରି । ଜନମ ହୁଏ ଦେହ ଧରି ॥
ନିଜ ମାୟାର ବଶ ହୋଇ । ମୁଁ ଦେହ ଧରି ଜନମଇ ॥
ନିର୍ମ୍ମଳ ଉଜ୍ଜ୍ୱଳ ଶରୀର । ଧରି ମୁଁ ହୁଏ ଅବତାର ॥
ଇତର ଜୀବପରି ମୁହିଁ । ଦେହଧାରଣ କରିଥାଇଁ ।୬।
ଯେ କାଳେ ଧର୍ମଗ୍ଳାନି ହୁଏ । ଅଧର୍ମ ବେଶୀ ବୃଦ୍ଧି ହୁଏ ॥
ସେ କାଳେ ଶୁଣ ହେ ଭାରତ । ମୁଁ ପୁଣି ହୁଏ ଆବିର୍ଭୂତ ॥
ମୁହିଁ ଯେ ମତେ ସୃଜଇ । ଶରୀର ଧାରଣ କରଇ ॥
ଏପରି ଅବତାର ମୋର । ହୁଏ ମର୍ତ୍ତ୍ୟରେ ବାରବାର ।୭।
ଯେହୁ ସ୍ୱଧର୍ମ ପରାୟଣ । ତାହାକୁ ବୋଲି ସାଧୁଜନ ॥
ପାପ କରନ୍ତି ଯେଉଁମାନେ । ଦୁଷ୍କୃତ ଲୋକ ସେହିମାନେ ॥
ସାଧୁମାନଙ୍କ ପରିତ୍ରାଣ । ପାପୀମାନଙ୍କ ବିନାଶନ ॥
ଧରମ ଥାପିବାର ପାଇଁ । ଯୁଗକୁ ଯୁଗ ମୁଁ ଆସଇ ॥

ଦୁଷ୍ଟ ବିନାଶ ସନ୍ଥ ପାଳେ । ଧରମ ରକ୍ଷା କରେ ହେଳେ ॥
ଏଣୁ ପୁନ ପ୍ରତିଯୁଗ । ଜନମ ହୁଏ ଦେହ ଧରି ॥
ଯେ ଏବା ସଂଶୟ ଛଡ଼ିବ । କର୍ମାଇ ମୋର ଏହୁଭାବ ॥
ଜାଣିକୁ ଜନ୍ମାଇ ଛାଡ଼ିବ । ଅନନ୍ତୁ କର୍ମ ବିନାଶିବ ॥
ନିଷ୍ଠୁର ବୋଲି କେ ପାରିବ । କେ ପକ୍ଷପାତୀ ଦୋଷ ଦେବ ॥
ତେଣୁ କହୁଛି ଶୁଣ ତୁହି । ଏଥିରେ ନିଷ୍ଠୁରତା ନାହିଁ ॥
ମାତା ଯେ ଶିଶୁକୁ ପାଳଇ । ଅନେକ ତାଡ଼ନା ଦଅଇ ॥
ମାତାର ସ୍ନେହ କିଛି ନାହିଁ । କେହୁ କି ସନ୍ଦେହ କରଇ ॥
ଅବାଟେ ନ ଯିବ ସନ୍ତାନ । ମାତାର ସଦା ଥାଏ ମନ ॥
ଅତି ସ୍ନେହରେ ତାକୁ ପାଳେ । ଅବାଟେ ଗଲେ ଗିନା ମାରେ ॥
ଦୁଷ୍ଟ ନିଗ୍ରହ ସେହିପରି । ନିଷ୍ଠୁର ନୁହନ୍ତି ସେ ହରି ॥
କରୁଣାନିଧାନ ଭଗବାନ । ଏ କଥା ଅସମ୍ଭବ ଜାଣ ॥
ଦୋଷ ଗୁଣର ସେ ନିୟନ୍ତା । ସ୍ୱଭାବେ ଜଗତ କରତା ॥
ସକଳେ ତାହାଙ୍କ ସନ୍ତାନ । କରୁଣାମୟ ଭଗବାନ ॥
ଦୁଷ୍ଟର ନିଜ ହିତପାଇଁ । ସେ ଦଣ୍ଡ ଦଳନ କରଇ ।୮।
ନିଜ ଇଚ୍ଛାରେ ଜନମଇ । ଦିବ୍ୟ କରମ ମୁଁ କରଇ ॥
ଧର୍ମପାଳନ ମୋ କରମ । ଦିବ୍ୟ ଜନମ ତାକୁ ଜାଣ ॥
ପ୍ରାଣୀମାନଙ୍କ ହିତପାଇଁ । ଜନମ ଧରେଁ ସିନା ମୁହିଁ ॥
ଏ ତତ୍ତ୍ୱ ବୁଝେ ଯେଉଁ ଜନ । ଲଭଇ ସେହି ଦିବ୍ୟଜ୍ଞାନ ॥
ତାହାର ହୋଇଲେ ମରଣ । ନ ଲଭେ ସେ ଆନ ଜନମ ॥
ଅନ୍ତେ ପାଏ ସେ ଭଗବାନ । ଏ କଥା ଜାଣ ଅରଜୁନ ।୯।
[illegible] ବିଷୟ-ସୁଖ ଛାଡ଼ି । ଅବର କ୍ରୋଧଭୟ ଏଡ଼ି ॥
ମୋଠାରେ ଶରଣ ପଶିବ । ଏକାଗ୍ର ଚିତ୍ତେ ଭଜୁଥିବ ॥
ଏମନ୍ତ ଜନ ଜ୍ଞାନବଳେ । ମୋଠାର ତପ ଆଚରନ୍ତେ ॥
[illegible] ମୋଠାରୁଁ ଅମୃତ[illegible] । ଲଭନ୍ତି ସେହି ସାଧୁଜନ ॥

[illegible] ଆଚରଣ । ଏମନ୍ତ ତପେ ହୋଇ ମନ ।
[illegible] ହୁଏ । ମନନ୍ତୁ ଦ୍ୱନ୍ଦଭାବ ଯାଏ ।
ପବିତ୍ର ଅଟନ୍ତି ସେ ଜନ । କେ ନାହିଁ ତାହାଙ୍କ ସମାନ ।
ସେହି ମହାତ୍ମା ଜନମାନେ । ବସନ୍ତି ମୋର ସନ୍ନିଧାନେ ।
ନିଷ୍ଟପୂ ଲଭନ୍ତି ମୁକତ । ଭେଟେ ଏପର ତରିଛନ୍ତି ।୧୦।
ଯେ ମତେ ଯେପରି ଭଜଇ । ସେପରି ଫଳ ସେ ଲଭଇ ।
ସକାମ ଅବା ନିଷ୍କାମରେ । ଯେପରି ଇଚ୍ଛା ଭକ୍ତିଯାରେ ।
ମୁଁ ତାକୁ ଅନୁଗ୍ରହ କରି । ଫଳ ଦିଅଇ ସେହିପରି ।
ଆପଣା ବାଞ୍ଛା ଅନୁସାରେ । ତାର ବାଞ୍ଛିତ ଫଳ ମିଳେ ।
ମନୁଷ୍ୟ ସକଳ ପ୍ରକାରେ । ମୋହର ପଥ ଅନୁସରେ ।
ମୋହର ନାହିଁ ପରାପର । ଧର୍ମାନୁସାରେ ମିଳେ ଫଳ ।୧୧।
ଯେମନ୍ତ ଫଳ ଯେ ବାଞ୍ଛଇ । ସେମନ୍ତ ଦେବତା ପୂଜଇ ।
ଇନ୍ଦ୍ରାଦି ଦେବତା ପୂଜଇ । ସାକ୍ଷାତେ ମତେ ନ ପୂଜଇ ।
ଅର୍ଜୁନ ମନୁଷ୍ୟ ଲୋକରେ । ଚଞ୍ଚଳ କର୍ମ୍ମବୃକ୍ଷ ଫଳେ ।
କରମଫଳେ ମଗ୍ନ ହୋଇ । ମତେ ସାକ୍ଷାତେ ନ ଭଜଇ ।
ଦୁର୍ଲ୍ଲଭ ଅଟେ ଜ୍ଞାନଫଳ । ସେ ବୃକ୍ଷ ଫଳିବା ଦୁଷ୍କର ।୧୨।
କାଳେ ତୁ ପାଞ୍ଚିବୁ ଏମନ୍ତ । ମୁହିଁ ଏଥିର ମୂଳସୂତ୍ର ।
କେବା ସକାମ ଭାବରେ । କେବା ନିଷ୍କାମେ କର୍ମ୍ମ କରେ ।
କିସ ତା ଏଥିର କାରଣ । କେ କରେ ଏ ସବୁ ଭିଆଣ ।
ଯେତେ ବଷମ ଭାବମାନ । କାରଣ ସିନା ଭଗବାନ ।
ଏମନ୍ତେ ପାର୍ଥି ପାରୁ ମନେ । ତେଣୁ କହୁଛି ସାବଧାନେ
ତେଣୁ କହୁଛି ଅର୍ଜୁନ । ମୁଁ ନୁହଇ ଏଥିର କାରଣ
ଗୁଣ କରମ ଅନୁସରି । ସରଜି ଅଛୁ ବର୍ଣ୍ଣ ଚାରି
ସତ୍ତ୍ୱରଜାଦି ତିନିଗୁଣ । ଶମଦମାଦି ଯେ କରମ
ଏଥିର କର୍ତ୍ତା ବୋଲି ମତେ । କହନ୍ତି ଦେବତା ସମସ୍ତେ

[illegible] ତୋତେ ଜଣାଇଲି ଏ । ପ୍ରକୃତ କରତା ମୁଁ ନୁହେ ॥
ମୋହର ଆସକତି ନାହିଁ । ତେଣୁ ମୁଁ ଅକର୍ତ୍ତା ଅଟଇ ॥
ମୋହର ନାହିଁ ବିନାଶନ । ଅବ୍ୟୟ ବୋଲି ମତେ ଜାଣ ।୧୩।
ମୋହର ଅହଂକାର ନାହିଁ । ଏ କର୍ମ କରୁଅଛି ମୁହିଁ ॥
ଏ କର୍ମ କଲେ ଏହୁ ଫଳ । ପାଇବି ବାଞ୍ଛା ନାହିଁ ମୋର ॥
ତେଣୁ କରମମାନେ ମୋତେ । ବନ୍ଧନ କରିବେ କେମନ୍ତେ ॥
ଯେ ମତେ ଏହିପରି ଜାଣେ । ନ ପଡ଼େ କରମ ବନ୍ଧନେ ।୧୪।
ଏମନ୍ତ ତତ୍ତ୍ୱ ମୋର ଜାଣି । ପୂର୍ବକାଳରେ ଋଷି ମୁନି ॥
ମୋକ୍ଷ ଆଶାରେ କର୍ମ କଲେ । କେବଳେ ସଂସାରୁ ତରିଗଲେ ॥
ଯେ ପନ୍ଥେ ଗଲେ ମହାଜନ । କରହେ ସେ ପଥେ ଗମନ ।୧୫।
କିସ କରମ ଅକରମ । ନିର୍ଣ୍ଣୟ କରିବା କଠିନ ॥
ଅତି ବିବେକୀ ଜନ ଚିତ୍ତ । ଏଥିରେ ହୁଅଇ ମୋହିତ ॥
ଏ ତତ୍ତ୍ୱ ବୁଝି ନପାରନ୍ତି । ଠିକଣା କରିବେ କେମନ୍ତି ॥
[illegible]ମେରୁ ଅନ୍ତ ମୃତ ପରି । ପାରନ୍ତି ନାହିଁ ସ୍ଥିର କରି ॥
ତେଣୁ କହୁଛି ଅରଜୁନ । ଏ ତତ୍ତ୍ୱ ମନ ଦେଇ ଶୁଣ ॥
ଯେବେ ତୁ ଏ ତତ୍ତ୍ୱ ଜାଣିବୁ । ଘୋର ସଂସରୁ ତରିଯିବୁ ॥
ଅଶୁଭ ଫଳ ନପାଇବୁ । ଅବଶ୍ୟ ମୁକତି ଲଭିବୁ ॥
ତେଣୁ କହୁଛି କର୍ମ ତତ୍ତ୍ୱ । ଶୁଣ ତୁ ହୋଇ ଧୀରଚିତ୍ତ ।୧୬।
[illegible] ଶାସ୍ତ୍ର ବିହିତ କରମ । କିସ ବା ନିଷିଦ୍ଧ କରମ ॥
[illegible]ର୍ମ ସନ୍ନ୍ୟାସ ତତ୍ତ୍ୱ ଯାହା । ଅକର୍ମ ବୋଲୁ ଏଟି ତାହା ॥
[illegible] ତିନି କର୍ମ ତତ୍ତ୍ୱ ପୁଣି । ବୁଝିବେ ଅଟଇ ଗହନ ॥
[illegible]ଣିବା ବିଷୟ ଏଥିରେ । ଅଛି ଅର୍ଜୁନ ସବୁଥିରେ ॥
[illegible] ତତ୍ତ୍ୱ ବଡ଼ଇ କଠିନ । ବୁଝନ୍ତି ଏଥି ସାଧୁଜନ ।୧୭।
[illegible]କର୍ମେ ଅକର୍ମ ଦେଖଇ । ଅର୍ଜୁନ ବୁଦ୍ଧିମାନ ସେହି ।
[illegible]ର୍ମ୍ମ କର୍ମ ଦରଶନ । ସଦା କରନ୍ତି ଯୋଗୀଜନ ।

ଠ

କରମେ ଅକର୍ମ ଜାଣଇ । ଯେଉଁମାନେ ବୁଦ୍ଧି ଯୁକ୍ତ ନିତ୍ୟ ॥
ପରମେଶ୍ୱର ଅଧୀନ । ଯେତେକ କର୍ମ ସେ କରମ ॥
ସେ କର୍ମେ ନ ଲାଗେ ବନ୍ଧନ । ତେଣୁ ଅକର୍ମ ତାକୁ ଜାଣ ॥
ଏ ଜ୍ଞାନ ଥାଇ କର୍ମ କଲେ । ବନ୍ଧନ ଛୁଟି ଯାଏ ହେଲେ ॥
ତେଣୁ ଏ ସକଳ କରମ । କରମ ମଧ୍ୟେ ନୁହେ ଗଣ୍ୟ ॥
ସେ ସବୁ ଅକର୍ମ ଅଟଇ । ଏମନ୍ତ ଅର୍ଥ ବୁଝ ତୁହି ॥
ଏମନ୍ତ ଯାହାର ବିଶ୍ୱାସ । କରନ୍ତି ଅକର୍ମ ଅବଶ୍ୟ ॥
ଏ ଭାବେ ଥାନ୍ତି ଯେଉଁମାନେ । ବଟେକା ସିନା ସେହିମାନେ ॥
ବିହିତ କର୍ମ ଅକରଣ । ପ୍ରକୃତ ଅଟଇ କରମ ॥
ଶାସ୍ତ୍ର ବିହିତ କର୍ମ ଯେତେ । ବନ୍ଧନ ହେତୁ ସେ ସମସ୍ତେ ॥
ଯେହେତୁ ସେ ବନ୍ଧନ କାରଣ । କରିବା ନୁହଇ ଧରମ ॥
ପ୍ରକୃତ କରମ ସେଥାନ । ନ କରେ ତାକୁ ବୁଦ୍ଧିମାନ ॥
ଏ ତତ୍ତ୍ୱ ବୁଝେ ଯେଉଁ ଜନ । ମନୁଷ୍ୟ ମଧ୍ୟେ ବୁଦ୍ଧିମାନ ॥
ପ୍ରକୃତ ଯୋଗୀ ସେ ଅଟଇ । କରମ କର ନ କରଇ ॥
ଯେଉଁଠି ଯାହା ଯେତେବେଳେ । ପ୍ରାପତ ହୁଏ ଅବହେଳେ ॥
ଆହାର ଆଦି କର୍ମ କରେ । ଯୋଗରେ ବସଇ ନିଶ୍ଚଳେ ।
ଏମନ୍ତ ଯେହୁ ଯୋଗୀଜନ । ସେ ଜାଣେ କର୍ମ ତତ୍ତ୍ୱ ମନ
ଆମ୍ଭ ନ କରେ କିଛି କର୍ମ । ଇନ୍ଦ୍ରିୟ କରଇ କରମ
ଏମନ୍ତ ଭେଦ ଯୋଗୀଜନ । ବୁଝିପାରନ୍ତି ଅବକୂଳ
କର୍ମେ ଅକର୍ମ ସେ ଦେଖନ୍ତି । ଅକର୍ମେ କର୍ମ ଦେଖୁଥାନ୍ତି
କଲେହେଁ ସକଳ କରମ । ଆହାର ବିହାର ସ୍ନାହାନ
ଥାଏ ତାଙ୍କର ଅନୁଜ୍ଞାନ । "ନ କରେ ମୁଁ କିଛି କରମ"
ତେଣୁ ସେ ପ୍ରକୃତ ପଣ୍ଡିତ । ସେହି କେବଳ ବୁଦ୍ଧିଯୁକ୍ତ
ଯେ ଏହି ତତ୍ତ୍ୱ ନ ଜାଣଇ । ମୂର୍ଖ ସେ ଅଜ୍ଞ ଅଟେ ସେହି
[illegible] କରନ୍ତି କରମ । ମନେ ଆସକ୍ତି ଭାବ ଥାଇ

ଯାହାଁ ବୁଦ୍ଧି ଅହଂକାର । ମନରେ ସନ୍ତତ ତାହାର ॥
ଏ କର୍ମ ଭଲ ଏହୁ ଫଳ । ଅବଶ୍ୟ ଲଭେ ହେବ ମୋର ॥
ତେଣୁ ତାହାର ହୁଏ ଦୋଷ । ଭୋଗଇ ଯନ୍ତ୍ର ସେ ଅବଶ୍ୟ ॥
ଯେ ନ ରଖେ କର୍ମେ ଉଦ୍ୟୁକ୍ତ । ବୁଝ ଅର୍ଜୁନ ଏହୁ ତତ୍ତ୍ୱ ।୧୮।
ଶୁଣ ଅର୍ଜୁନ ଦେଇ ଚିତ୍ତ । ତାହାକୁ କହନ୍ତି ପଣ୍ଡିତ ॥
ଯାହାର ଆରମ୍ଭ ସକଳ । ଦେହାଦି ଇନ୍ଦ୍ରିୟ ବ୍ୟାପାର ॥
କାମ ସଂକଳ୍ପ ବିବର୍ଜିତ । ସେହୁଟି ପ୍ରକୃତ ପଣ୍ଡିତ ॥
ତାହାଙ୍କ ସକଳ କରମ । ଜ୍ଞାନ-ଅଗ୍ନିରେ ଦଗ୍ଧ ଜାଣ ॥
ଜୀବନେ ଥାଇ ସେ ମୁକତ । ମହାପୁରୁଷ ନାମେ ଖ୍ୟାତ ॥
ତାହାଙ୍କୁ ଜ୍ଞାନୀଲୋକଗଣ । ପଣ୍ଡିତ ବୋଲନ୍ତି ଅର୍ଜୁନ ॥
ମନରେ ସଂକଳ୍ପ ନାହିଁ । କଲେ କରମ ନ ବାନ୍ଧଇ ॥
ତାହାଙ୍କ ଜ୍ଞାନ ଅଗ୍ନି ବଳ । ଦହଇ ସବୁ କର୍ମ ଫଳ ॥
ସେମାନେ ନିଜ କର୍ମବଳେ । ବୁଝିଅଛନ୍ତି ଅହଂକାରେ ॥
ପ୍ରକୃତ ସକଳ କରଇ । ଆତ୍ମା କର୍ତ୍ତା ନ ହୋଇ ।୧୯।
ଏମନ୍ତ ଯେତୁ ଜ୍ଞାନୀଜନ । ସଂକଳ୍ପ କରି ବିସର୍ଜନ ॥
କର୍ମ ବା କରମ ଫଳରେ । ଆସକ୍ତି ନ ଥାଏ ମନରେ ॥
ନିତ୍ୟାନନ୍ଦରେ ତୃପ୍ତ ଥାନ୍ତି । ବିଷୟେ ରତ ନ କରନ୍ତି ॥
ଯାହା ବା ଯେବେଳେ ମିଳିଲା । ଅଥବା କିଛି ନ ମିଳିଲା ॥
[illegible] ବିଷୟ ପାଶେ ଥିଲା । କେହି ବା ତାକୁ ହରିନେଲା ॥
ଉଦାସଭାବ ମନେ ବହି । ସକଳ ଦେଖୁଥାନ୍ତି ସେହି ॥
[illegible] ଗଣି ଲାଭ ଲୋକସାନ । ସଦା ଆନନ୍ଦେ ଥାଏ ମନ ॥
[illegible] କର୍ମମାନ କଲେ । ଚିନ୍ତା ନଥାଏ ମନେ ତିଳେ ॥
[illegible] କରୁଛନ୍ତି ସେହି । ମନେ ଭାବନା ତିଳେ ନାହିଁ ॥
[illegible] କର ନ କରନ୍ତି । ବୁଝ ଅର୍ଜୁନ ମନେ ଚିନ୍ତି ।୨୦।
[illegible]ରେ ଆଶା କିଛି ନାହିଁ । ସକଳ କାମନା ତେଜଇ ॥

ନିତ୍ୟ ତୃପ୍ତ ନିରାଶ୍ରଇ । ଚିତ୍ତକୁ ବ୍ରହ୍ମରେ ଲଗାଇ ॥
ବିଷୟୁ ଆରମ୍ଭ ମୁକଳ । ଛାଡ଼ିପାରୁଛି ଯେଉଁ ନର ॥
ତାଙ୍କ ମନେ ନାହିଁ ଅହଂକାର । କରୁଛନ୍ତି ଏ କର୍ମ ସକଳ ॥
ସଂଯତ କରି ଚିତ୍ତମନ । କରନ୍ତି ଯାବତ କରମ ॥
ଶରୀର ରକ୍ଷା ହେବାପାଇଁ । ବନ୍ଧନ ତାଙ୍କୁ ନ ଲାଗଇ ॥
ଏ ଦେହ ନ କଲେ ଧାରଣ । ଯୋଗ ସାଧିବେ କାହିଁ ପୁଣ ॥
ତେଣୁ ଏ ଦେହ ରକ୍ଷାପାଇଁ । ସ୍ୱଭାବେ ଭିକ୍ଷାଦି ମାଗଇ ॥
ତେବେ ବିହିତ କର୍ମମାନ । କରନ୍ତିନାହିଁ ସେ ଭରମ ॥
ତଥାପି ଦୋଷ ନଲାଗଇ । ତାର ବନ୍ଧନ ତେଣୁ ନାହିଁ ।୨୧
ଅକ୍ଳେଶେ ଯାହା ଯେତେବେଳେ । ନମାଗି ମିଳେ ଅବହେଳେ ॥
ତହିଁରେ ସନ୍ତୁଷ୍ଟ ରହଇ । ଅଧିକ ପାଇଁ ଆଶା ନାହିଁ ॥
କାହିଁ ଦ୍ୱନ୍ଦ୍ୱଭାବ ନାହିଁ । ଶୀତୋଷ୍ଣ ସମାନ ମଣଇ ॥
ସୁଖଦୁଃଖରେ ସମଜ୍ଞାନ । ଯାହାର ଥାଏ ଅରଜୁନ ॥
କାହାକୁ ନମଣେ ଶତ୍ରୁ । ମିତ୍ର ଅଟଇ ସେ ସବୁର ॥
ସବୁଠି ବ୍ରହ୍ମ ଦରଶନ । ସକଳ ଅଟଇ ସମାନ ॥
ହର୍ଷ ବିଷାଦ କରୁ ନାହିଁ । ସିଦ୍ଧି ଅସିଦ୍ଧି ସମ ତୁଲ ॥
ଏମନ୍ତ ସ୍ୱଭାବ ଯାହାର । କଲେହେଁ କରମ ସକଳ ॥
ନାହିଁଟି ସଂସାର ବନ୍ଧନ । ଏ କଥା ଅଟଇ ପ୍ରମାଣ ॥
ଏମନ୍ତ ଲୋକ କର୍ମ କଲେ । ନପଡ଼େ କେବେ କର୍ମଜାଲେ ।୨୨
ଏମନ୍ତ ନିଷ୍କାମୀ ପୁରୁଷ । ଯାର ଆସକ୍ତି ନାହିଁ ଲେଶ ॥
କାମକ୍ରୋଧରୁ ସେ ମୁକତ । ସଦା ବ୍ରହ୍ମରେ ଥାଏ ଚିତ୍ତ ॥
ବ୍ରହ୍ମଜ୍ଞାନରେ ଥାଏ ମଜ୍ଜି । ଫଳ କାମନା ମନୁ ତେଜି ॥
ଏମନ୍ତ ଲୋକ ଯଜ୍ଞ କଲେ । ପ୍ରମାଦ ନଲାଗଇ ଭଲେ ॥
ଈଶ୍ୱର ଆରାଧନା ପାଇଁ । ଯଜ୍ଞ କରମ ସେ କରଇ ॥
କେବଳ ଲୋକ ଶିକ୍ଷା ହେତେ । ଯଜ୍ଞ କରଇ ସେ ଜଗତେ ॥

ତାହାର ଯେ ଯଜ୍ଞ କରମ । ତାହା ପ୍ରଳୟରେ ପୁଣ ।
ସମଗ୍ର କର୍ମ ହୁଏ ନିଃଶେଷ । ହନାଶ ଭଜଇ ନିସ୍ପୃହ ।
ଫଳ ଶକ୍ତିଭ ଯାଏ ନାଶ । ଏଥେଣି ସଂଶୟ ନାହିଁ କ୍ଲେଶ ।୨୩।
ଧାତ୍ରିଁ ଶ୍ରୀ ଏବେ କହଇ । ଶୁଣ ଅର୍ଜୁନ ମନ ଦେଇ ।
ଯାହାର ଅଛି ବ୍ରହ୍ମଜ୍ଞାନ । ସବୁଠି ବ୍ରହ୍ମ ଦେଖେ ଜାଣ ।
ଏମନ୍ତ ଲୋକ ଯଜ୍ଞ କଲେ । ବ୍ରହ୍ମ ଦେଖନ୍ତି ସେ ଯଜ୍ଞରେ ।
ହୋମରେ ଦ୍ରବ୍ୟ ପ୍ରୟୋଜନ । ସ୍ରୁବ, ଅନଳ, ଘୃତ, ପୁଣ ।
ହୋମର ଯେ ଉପକରଣ । ହୋମକରତା ଯଜମାନ ।
ସବୁଠି ବ୍ରହ୍ମକୁ ଦେଖଇ । ତାହାର ଆନ ଜ୍ଞାନ ନାହିଁ ।
ଏମନ୍ତ ବ୍ରହ୍ମ କର୍ମେ ମନ । ଯାହାର ଥାଏ ଅରଜୁନ ।
ବ୍ରହ୍ମରେ ଚିତ୍ତ କରେ ଠୁଳ । ଲଭଇ ସେ ବ୍ରହ୍ମ କେବଳ ।
ନ ଲଭେ ସେହୁ ଆନ ଫଳ । ଏଣେ ତୁ ସଂଶୟ ନ କର ।
ଏମନ୍ତ ବ୍ରହ୍ମଜ୍ଞାନୀ ଜନ । ବ୍ରହ୍ମରେ ହୁଅନ୍ତି ସେ ଲୀନ ।୨୪।
ଅପର କର୍ମ ଯୋଗୀଗଣ । କରନ୍ତି ଦୈବଯଜ୍ଞ ପୁଣ ।
ଇନ୍ଦ୍ରବରୁଣ ଆଦି ଯେତେ । ଦେବତା ଅଛନ୍ତି ଜଗତେ ।
ତାଙ୍କ ଅର୍ଥେ ଯଜ୍ଞକର୍ମ । ଶ୍ରଦ୍ଧାରେ କରନ୍ତି ଅର୍ଜୁନ ।
ଅପର ଜ୍ଞାନଯୋଗୀ ପୁଣ । ତାହାଙ୍କ ଯଜ୍ଞଅଥ ଭିନ୍ନ ।
ବ୍ରହ୍ମକୁ ମଣନ୍ତି ଅନଳ । ଆହୁତ ଦିଅନ୍ତି କେବଳ ।
ଯଜ୍ଞାଦି ଯେତେ କର୍ମମାନ । ବ୍ରହ୍ମରେ କରେ ଅରପଣ ।
ଏହାକୁ ଜ୍ଞାନ ଯଜ୍ଞ କହି । ଶୁଣ ଅର୍ଜୁନ ମନ ଦେଇ ।୨୫।
କେ ନିଷ୍ଠାପର ବ୍ରହ୍ମଚାରୀ । କଠୋର ସଂଯମ ଆଚରି ।
ସେହି ସଂଯମ ଅନଳରେ । ଇନ୍ଦ୍ରିୟଗଣ ହୋମ କରେ ।
ଶ୍ରୋତ୍ରାଦି ଇନ୍ଦ୍ରିୟ ସକଳ । ସଂଯତ କରି ବାରବାର ।
ବିଷୟଠାରୁ କାଢିନିଏ । ଅନ୍ତରମୁଖୀ କରିଦିଏ ।
ଏ ଯଜ୍ଞ ହୋଇଲେ ସାଧନ । ବିଷୟେ ନ ଭ୍ରମଇ ମନ ।

ଏମନ୍ତ ସଂଯମ ପ୍ରଧାନ । ଚିତ୍ତଇ ରହନ୍ତି ଯେଉଁ ଜନ
ଅତ୍ ଥୋଇଥାଏ ଛନ୍ଦ ଗୁହ୍ୟ । ମୁକତି ଲଭିବାର ପାଇଁ ॥
ବିଷୟ ମଧ୍ୟେ ଥାନ୍ତି ସେହି । କେବଳ ଅନାସକ୍ତ ହୋଇ ॥
ବିଷୟ ଭୋଗ କରୁଥାନ୍ତି । ତେବେଣ ନଥାଏ ଆସକତି ॥
ଇନ୍ଦ୍ରିୟ-ଅନଳରେ ନେଇ । ବିଷୟ ହବନ୍ତି ପକାଇ ॥
ମଧୁର ସଙ୍ଗୀତ ଶୁଣଇ । କର୍ଣ୍ଣ ତହିଁରେ ନ ଭୁଲଇ ॥
ମଧୁର ଅମ୍ଳ ରସ ପାଇ । ଜିହ୍ୱାର ଲୋଭ ନ ବଢ଼ଇ ॥
ଏପରି ଅନାସକ୍ତ ହୋଇ । ବିଷୟ-ଭୋଗେ ଗୃହସ୍ଥ ଥାଇ ॥
କର୍ଣ୍ଣରେ ଧର୍ମ କଥା ଶୁଣେ । ଜିହ୍ୱାରେ ପ୍ରସାଦ ସେବନେ ॥
ଚକ୍ଷୁରେ ଦେବତା ଦର୍ଶନ । ଚର୍ମରେ ଶୀତୋଷ୍ଣ ସହନ ॥
ଏମନ୍ତେ ଇନ୍ଦ୍ରିୟ ସଂଯମ । କରନ୍ତି ଗୃହୀ ଯୋଗୀଜନ ॥
ଇନ୍ଦ୍ରିୟ କର୍ମ କରୁଥିବ । ବିଷୟ ଅଧୀନ ନ ହେବ ॥
ବିଷୟ ମସ୍ତକେ ପାଦ ଦେଇ । ବିଷୟ ଭୋଗୁଥିବ ଗୃହୀ ।୨୭।
ଅପର ଯୋଗୀ କଥା ଶୁଣ । ନିସ୍ପୃହରେ କରନ୍ତି ସେ ଧ୍ୟାନ ॥
ସେ ଧ୍ୟାନ ହୋଇଲେ ନିଶ୍ଚଳ । ଜଳଇ ଆତ୍ମଜ୍ଞାନାନଳ ॥
ଆତ୍ମ ସଂଯମ ଯୋଗାନଳେ । ସେ ଯୋଗୀ ହୋମ କରେ ବଳେ
ଲଭଇ ସେହୁ ଆତ୍ମ ଜ୍ଞାନ । ଜାଣଇ ସେତ ନିଜେ ବ୍ରହ୍ମ ॥
ଧ୍ୟାନ ଲଗାଏ ଆତ୍ମାଠାରେ । ଏକାଗ୍ର ଚିତ୍ତ ଯେତେବେଳେ ।
ଏ ଯୋଗ ଅଟେ ଅଗ୍ନି ସମ । ଏହି ଅନଳେ କରେ ହୋମ ।
ଇନ୍ଦ୍ରିୟ ପ୍ରାଣ କର୍ମମାନ । ଏ ହୋମେ ଆହୁତି ଦେଲଣି ।
ସକଳ ଭରମ ଛାଡ଼ିଇ । ଇନ୍ଦ୍ରିୟମାନଙ୍କୁ ଜିଣଇ ॥
ଲଗାଏ ଆତ୍ମାଠାରେ ମନ । ନ ହୁଏ ଅନ୍ୟଆଡ଼େ ମନ ॥
ମନ—ବ୍ରହ୍ମରେ ବିଚରଇ । ବିଷୟ କର୍ମ ପାସୋରଇ ।
ପ୍ରାଣ ଇନ୍ଦ୍ରିୟମାନେ ତାର । ଅବଶ ହୁଅନ୍ତି ନାହିଁ ।୨୮।
କେ ବହୁ ଅର୍ଥ ଦାନ ଦିଏ । କୂପ ପୁଷ୍କରିଣୀ ଖୋଳାଏ ॥

ନେଉତା ମନ୍ଦିର ନିର୍ମାଣ । ତେବେ ଭିତର ଅଛି ପୂଜନ ॥
କେ ଧର୍ମଶାଳା ନିର୍ମାଣ । କେତ୍ତୁ କରଇ ଅନ୍ନଦାନ ॥
ଏମନ୍ତେ ନାନା କର୍ମ କରି । ଦ୍ରବ୍ୟ-ଯଜ୍ଞକୁ କେ ଆଚରି ॥
କେତ୍ତୁ ଏ ତପ-ଯଜ୍ଞ ରତ । କରନ୍ତି ନାନା ଓଷା ବ୍ରତ ॥
କେ ଯୋଗଯଜ୍ଞ ଆଚରଣ । ଯମ ନିୟମ ଯେ ଆସନ ॥
ଧ୍ୟାନ ଧାରଣା ପ୍ରତ୍ୟାହାର । ଅବର ପ୍ରାଣାୟାମ ପର ।୨୮
ଯେ ପ୍ରାଣାୟାମ ପରପୃଣ । ଶୁଣ ତହିଁର ବିଧାନ ॥
...ଠ ଅସନେ ବସିବ । ଦକ୍ଷିଣ ହସ୍ତକୁ ଗୃକିବ ॥
... ଅଙ୍ଗୁଳି ଗୃକିନେଇ । ଦକ୍ଷିଣ ନାସାପୁଟେ ଥୋଇ ॥
... କରିବ ନାସାଦ୍ୱାର । ବାମ ପୁଡାରେ ବାୟୁ ଗୃଣ ॥
... ବାୟୁ ଦଶାପିନେଇ । ଏମନ୍ତେ ପୂରକ ହୁଅଇ ॥
...ଶ୍ୱାସ ପ୍ରଶ୍ୱାସରେ ମେଣି । ଅଙ୍ଗଣା ଗୁଣ ଦଶ ନାଗି ॥
...ନେ ପ୍ରାଣବାୟୁ ହୋମ । ଏହାକୁ କହନ୍ତି ଜାଣି-ମ ॥
...ନ୍ତୁ ଅନାମିକା ଦୁଇ । ଅଙ୍ଗୁଳମାନ ଗୃକି ନେଇ ॥
... ବାମନାସା ରୁନ୍ଧି । କରିବ ପବନକୁ ବନ୍ଦି ॥
... ବୋଲି ତାକୁ ଜାଣ । ଜିବ୍ୟ ଚିତ୍ତରେ ଅଚଳନ ॥
...କ ଯେ ପବନ ଯିବ । କୁମ୍ଭକ ତାହା ବନ୍ଦି-କର ॥
... ନାସା ଖୋଲିଦେଇ । ରୁଦ୍ଧ ପବନ ଛାଡ଼ିଦେଇ ॥
... ଭବନେ ମେଣିବ । ରେଚକ ଏହାକୁ ଜାଣିବ ॥
...ନାସାରେ ଏହୁପର । ପବନ ଗୃକିବ ବିଗୁର ॥
... ନାସାରେ ଛାଡ଼ିବ । ଏପର ପ୍ରାଣାୟାମ ହେବ ॥
... ଭଲେ ଉଚ୍ଚାରଣ । ଯେତେ ସମୟ ଲାଗେ ଜାଣି ॥
... ଥର ଉଚ୍ଚାରଣ । ପୂରକ କାଳ ବୋଲି ଗଣି ॥
... ଥର କୁମ୍ଭକ । ଷୋଡ଼ଶ ଥର ଯେ ଟେଟିକ ॥
... ମ ଜ୍ଞାନୀ ଜନ । କରନ୍ତି ଏ ଯୋଗ ସାଧନ ।୨୯

ଯେମନ୍ତେ ଯୋଗୀ ଅନ୍ନ ଖାଏ । ଅର୍ଦ୍ଧେକ ଉଦର ପୂରଏ ॥
ଭାଗେକ ଜଳେ କରଇ ପୂର୍ଣ୍ଣ । ଅନ୍ୟଭାଗେ ରଖେ ପବନ ॥
ଏ ବିଧି ଯେହୁ ଆଚରନ୍ତି । ପ୍ରାଣକୁ ପ୍ରାଣରେ ମିଶାନ୍ତି ॥
ଆହାର କରନ୍ତି ଏ ଜନ । ହୋଇଣ ନିୟମ ଅଧୀନ ॥
ଏମନ୍ତେ ଦ୍ୱାଦଶ ପ୍ରକାରେ । ଯୋଗ କରନ୍ତି ଯେଉଁ ନରେ ॥
ସେ ସର୍ବେ ଯଜ୍ଞକୁ ଜାଣନ୍ତି । ତେଣୁ ସେ ପାପଶୂନ୍ୟ ହୋନ୍ତି ।୩୦
କହିଲୁଁ ଯେତେ ପରକାର । ଯଜ୍ଞ ହୁଅଇ ହେତୁକର ॥
ସର୍ବେ ଏମାନେ ଯଜ୍ଞଜ୍ଞାନୀ । ଜାଣହେ ବୀର ଫାଲ୍‌ଗୁନି ॥
ଏମାନଙ୍କର କଲମଷ । ବିନାଶ ହୁଅଇ ଅବଶ୍ୟ ॥
ଭକ୍ଷଣ ଯଜ୍ଞର ବିଧାନ । ପାପ ହୋଇଛି ବିନାଶନ ॥
ସକଳେ ନଷ୍ଟାପ ଅଛନ୍ତି । ଯଜ୍ଞରେ ପାପ ଧୋଇଛନ୍ତି ॥
ଯଜ୍ଞର ଅବଶିଷ୍ଟ ଅନ୍ନ । ଅଟଇ ଅମୃତ ସମାନ ॥
ଏମାନେ ସେ ଅନ୍ନ ଭୁଞ୍ଜନ୍ତି । ଅନ୍ୟଥା ଅନ୍ନ ନ ଛୁଅନ୍ତି ॥
ଏମନ୍ତ ଯେହୁ ଯୋଗୀଜନ । ଲଭଇ ବ୍ରହ୍ମ ସନାତନ ॥
ବ୍ରହ୍ମଗତିରେ ଯାଏ ପ୍ରାଣ । ସେହି ବ୍ରହ୍ମ ଜ୍ଞାନଦ୍ୱାର ଜାଣ ।୩୧
କୁରୁ ସତ୍ତମ ପୃଥୀ ଶୁଣ । ନ କଲେ ଯଜ୍ଞ ଅନୁଷ୍ଠାନ
ମନୁଷ୍ୟଲୋକ ସେ ନପାଏ । ଅତଏ ସୁଖ ଯହିଁ ଥାଏ
ଆଉ ଅଧିକ କି ପାଇବ । ଏଥିରୁ ସକଳ ବୁଝିବ ।୩୨
ଯଜ୍ଞ ବହୁତ ପରକାର । ବେଦ ଯେ କରନ୍ତି ବିସ୍ତାର
ସେ ସବୁ କରମରୁ ଜାତ । ଏ କଥା ଜାଣ ତୁ ନିଶ୍ଚିତ
ଶରୀର ବାକ୍ୟ ଅବା ମନ । ତହିଁରୁ ଜନମେ କରମ
ସେହି କରମୁଁ ଯଜ୍ଞ ଜାତ । ଯେ ଯଜ୍ଞ ବେଦରେ ବିହିତ
ଆତ୍ମା କର୍ମର ଅଗୋଚର । ଏ କଥା ଜାଣି ତୁ ନିକର
ଯଜ୍ଞ କରମମାନ ଯେତେ । ଆତ୍ମାରୁ ଭିନ୍ନ ସେ ସମସ୍ତେ
ଯଜ୍ଞ ସହିତ ଏ ଆତ୍ମାର । ସମ୍ବନ୍ଧ ନାହିଁ ହେତୁ କର

ଆତ୍ମା ଯଜ୍ଞର କର୍ତ୍ତା ନୁହେ । ଏ କଥା ବୁଝି ତୁ ନିଶ୍ଚୟେ ।
ଏ ଦୃଢ଼ଜ୍ଞାନ ଯାର ଥିବ । ମୁକତି ଅବଶ୍ୟ ଲଭିବ ।
ଜନ୍ମ ମରଣ ତାର ନାହିଁ । ସଂସାର ବନ୍ଧନ ତୁଟଇ ।୩୩।
ହେ ପାର୍ଥ ପରନ୍ତପ ଶୁଣ । ଜ୍ଞାନ ଯଜ୍ଞକୁ ଶ୍ରେଷ୍ଠ ଜାଣ ।
କରମ ଯଜ୍ଞ ଦ୍ରବ୍ୟଜାତ । ତେଣୁ ସେ ନୁହଇ ପ୍ରଶସ୍ତ ।
ଏଥିର ହେତୁ ଶୁଣ ତୁହି । ବିସ୍ତାରି ତୋତେ କହିବଇଁ ।
ସକଳ ପ୍ରକାର କରମ । ଯା ଅଛି ଶାସ୍ତ୍ରର ବିଧାନ ।
ଲୋକରେ ଯାହା ପ୍ରଚଳିତ । ଜ୍ଞାନରେ ହୁଏ ସମାପତ ।
ଫଳ ସହିତ କର୍ମମାନ । ଜ୍ଞାନରେ ହୁଅଇ ବିଲୀନ ।
କର୍ମ ସହିତ ଫଳ କ୍ଷୟେ । ଲବଧ ଜ୍ଞାନମାତ୍ର ରହେ ।
ତେଣୁ ଏ ଜ୍ଞାନ-ଯଜ୍ଞ ଜାଣ । ଗୁଣରେ ସବୁଠୁ ପ୍ରଧାନ ।୩୪।
ଏପରି ଯେଉଁ ଆତ୍ମଜ୍ଞାନ । କିପରି କରିବେ ସାଧନ ।
ଜାଣିବା ପାଇଁ କଲେ ମନ । ମୋ ଉପଦେଶ ମନେ ଘେନ ।
ଉତ୍ତମ ଜ୍ଞାନୀ ପାଶେ ଯାଅ । ସେବାରେ ତାହାଙ୍କୁ ମନାଅ ।
ତାହାଙ୍କୁ ତୋର ଗୁରୁ କର । କର ତାହାଙ୍କୁ ନମସ୍କାର ।
ପଚାର ଜ୍ଞାନ ସମାଚାର । କେଉଁଠୁ ହେଲା ମୋ ସଂସାର ?
କିପରି ନିବୃତ୍ତ ହୋଇବ । ସଂସାର ବନ୍ଧନ ତୁଟିବ ।
[illegible]ଆଦ ଜ୍ଞାନ କଥାମାନ । ପଚାର ତାଙ୍କୁ ଅର୍ଜୁନ ।
[illegible] ସେବାରେ ଦେଲେ ମନ । ମିଳିବ ତୋତେ ତତ୍ତ୍ୱଜ୍ଞାନ ।
[illegible] ଅଟେ ଶାସ୍ତ୍ରର ପଣ୍ଡିତ । ସେ ଜାଣିଥିବ ଏହି ତତ୍ତ୍ୱ ।
[illegible] ବ୍ରହ୍ମଜ୍ଞାନୀ ଯେହୁ । ଶିଖାଇଦେବ ତତେ ସେହୁ ।
[illegible]ମାନେ ପ୍ରସନ୍ନ ହୋଇବେ । ଉଚିତ ଉପଦେଶ ଦେବେ ।୩୫।
[illegible] ଲଭିବୁ ଦିବ୍ୟଜ୍ଞାନ । ମୋହ ହୋଇବ ବିନାଶନ ।।
[illegible]ହିବ ବଧ ପାଇଁ । ଶୋକ କରିବୁ ନାହିଁ ତୁହି ।।
[illegible] ମୋହର ଭେଦଭାବ । ଜ୍ଞାନ ଲଭିଲେ ସବୁ ଯିବ ।।

... ସେ ... । ଉତ୍ତମ ଗୁରୁଙ୍କଠାରୁ ସେବ ॥
ନିର୍ମଳ ଜ୍ଞାନ ହେଲେ ତୋର । ପଥ ଦେଖିବ ପରିଷ୍କାର ॥
ସକଳ ପ୍ରାଣୀଙ୍କୁ ସମାନ । ଦେଖିପାରିବୁ ଅର୍ଜୁନ ॥
ପଶୁ ଆଦି କରି ଯେତେ ଜୀବ । ସକଳ ସମାନ ଦିଶିବ ॥
ଏକଇ ଆତ୍ମା ସର୍ବଦେହେ । ବିରାଜି ଅଛନ୍ତି ନିଶ୍ଚୟେ ॥
ସେ ଆତ୍ମା ପରମାତ୍ମା ଏକ । ଲୀଳାରେ ହୁଅନ୍ତି ଅନେକ ॥
ମୋଠାରେ ତୋ ଆତ୍ମା ଦେଖିବୁ । ପୁଣି ଭ୍ରମରେ ନ ପଡ଼ିବୁ ॥
କଳ୍ପନାଜାତ ଯେତା ସୃଷ୍ଟି । ଏ ସବୁ ଅବିଦ୍ୟା ସମ୍ଭୂତ ॥
ମାନବ ମାୟାମୁଗ୍ଧ ହୋଇ । ଶୋକାଦି ସମ୍ଭବ କରଇ ॥
ଅବିଦ୍ୟା ହୋଇଗଲେ ନାଶ । ଦେଖିପାରିବୁ କାଏ ଜଗ ॥
ଏକଇ ଆତ୍ମା ସବୁଠାରେ । ଦିଶଇ ନାନା ପରକାରେ ॥
ଏକଇ ଆତ୍ମା ନୁହେ ଭିନ୍ନ । କରିପାରିବୁ ଦରଶନ ॥
ତୋ ନିଜ ଆତ୍ମାକୁ ମୋଠାରେ । ଦେଖିବୁ ସମାନ ପ୍ରକାରେ ॥
କାହିଁ ନାହିଁ ଭିନ୍ନାଭିନ୍ନ । ତୋ ଆମ୍ଭ ମୁହିଁ ଟି ସମାନ ॥
ଏମନ୍ତ ଜ୍ଞାନ ହେଲେ ତୋର । ତରିବୁ ଏ ଘୋର ସଂସାର ।୩୫
ହେଲେହେଁ ପାପୀ ଶିରୋମଣି । ତରିବ ପାପ-ତରଙ୍ଗିଣୀ ॥
ଜ୍ଞାନ-ନଉକା ଅଗ୍ରେ କରି । ତରିବୁ କହୁଛି ନିଚର ॥
ପାପ-ସମୁଦ୍ର ଅଥଳ ଜଳ । ତରିବୁ ସେ ନଉକା ବଳେ ॥
ଭୀଷ୍ମାଦିବଧ ପାପମାନ । ସକଳ ହୋଇବ ମୋଚନ ॥
ଜ୍ଞାନ-ବୋଇତ ଥିବ ଯାର । ପାପକୁ ତାର କାହିଁ ଡର ॥
ଅତି ସହଜେ ପାରିହେବ । ଏ କଥା ଅନ୍ୟଥା ନହେବ ।୩୬
ଜଳନ୍ତା ଅନଳ ଯେସନ । କାଷ୍ଠକୁ ଭସ୍ମ କରେ ପୁଣ ॥
ଜ୍ଞାନ-ଅନଳ ସେ ପ୍ରକାରେ । କର୍ମ-କାଷ୍ଠକୁ ଭସ୍ମ କରେ ॥
ପ୍ରାକ୍ତନ କର୍ମଫଳମାନ । କେବଳ ନ ହୁଏ ଦହନ
ଆନ ସକଳ କର୍ମ ଯେତେ । ଭସ୍ମ ହୁଅଇ ଅନାୟାସେ ।୩୭

ଶ୍ରମ । ଏବନ୍ତ ନାହିଁ କିଛୁ ଅନ୍ୟ ॥
ସାଧନ । କରିପାରିଲେ ବହୁଦିନ ॥
ଯୋଗସିଦ୍ଧ ହେବ । ନିର୍ମଳ ଜ୍ଞାନ ଉପୁଜିବ ॥
ହୋଇବ ଯଥାକାଳେ । ଜାଗିବ ଆପଣା ଅନ୍ତରେ ॥
ଯୋଗ ନ ସାଧିଲେ । ପ୍ରକୃତ ଜ୍ଞାନଟି ନ ମିଳେ ।୩୯।
ଶ୍ରୀଗୁରୁ ଉପଦେଶମାନ । ଶ୍ରଦ୍ଧାରେ କରିବ ପାଳନ ॥
ଗୁରୁ ଉପଦେଶ ଶୁଣି । ମନରେ ସଂଶୟ ନ ଗଣି ॥
ଶ୍ରଦ୍ଧା ସହିତରେ । ନିଷ୍ଠାରେ ମନ ଦେଇ ପାଳେ
ଜିତିନ୍ଥି ଯେ ଜନ । ଲଭଇ ସେହୁ ଆତ୍ମଜ୍ଞାନ ॥
ତତ୍ତ୍ୱଜ୍ଞାନ ହେବ । ପରମଶାନ୍ତି ସେ ଲଭିବ ॥
ଲଭିବ ମୁକତି । ଜିତିଛି ଇନ୍ଦ୍ରିୟ ଯେ ବ୍ୟକ୍ତି ॥
ଲଭିବାପରେ କର୍ମ । କରିବା ନାହିଁ ପ୍ରୟୋଜନ ॥
ଲଭିବାପୂର୍ବେ କର୍ମ । କରିବା ଅଟେ ପ୍ରୟୋଜନ ॥
କର୍ମ ଅନୁଷ୍ଠାନ । ଚିତ୍ତ ବିଶୁଦ୍ଧ ନୁହେ ଜାଣ ।୪୦।
ମୂର୍ଖ ଶ୍ରଦ୍ଧାହୀନ । ସଂଶୟୟୁକ୍ତ ଯାର ମନ ॥
ଗୁରୁ ନ ସେବଇ । ଯାହାକୁ ଗୁରୁ ଆଜ୍ଞା ନାହିଁ ॥
ଗୁରୁ ଉପଦେଶ । ନ କରେ ତହିଁରେ ବିଶ୍ୱାସ ॥
ସହିତ ନ ଶୁଣଇ । ସଂଶୟ ଚିତ୍ତରେ ଶୁଣଇ ॥
ଅଟେ ଯେହୁ ନର । ବିନାଶ ଘଟଇ ତାହାର ।
ଇହ ପର ନାହିଁ । ବିଷୟ-ଭୋଗ ସୁଖ ନାହିଁ ।
ଆରେ ଅବିଶ୍ୱାସ । ତାହାର ସୁଖ ନାହିଁ ଲେଶ ।୪୧
ଜ୍ଞାନ ପ୍ରତି ଶ୍ରଦ୍ଧା । ଯେହୁ ଲଭଇ ଆତ୍ମଜ୍ଞାନ ॥
ଆରାଧନାପାଇଁ । ସକଳ କରମ କରଇ ॥
ତତ୍ତ୍ୱ ଜନମ । ଈଶ୍ୱରେ କରେ ଅର୍ପଣ ॥
ଧର କରେ । ସଂଶୟ ଛେଦିଲ ସତ୍ତ୍ୱରେ ॥

[illegible] ନ ମଣଇ । ଏଥି ସଂଶୟ ଛଳେ ନାହିଁ ।
[illegible] ଜନ । କଲେହେଁ ସ୍ୱର୍ଗ ଜରମ ।
[illegible] ନ ପଡ଼ଇ । ନରକ ପଥ ନ ଦେଖଇ ।୪୨।
ତେଣୁ କହୁଛି ଅରଜୁନ । ନିର୍ମ୍ମଳ କର ତୋର ମନ ।
ଧର ତୁ ବେଗେ ଜ୍ଞାନଅସି । ମନୁ ସଂଶୟ ପକା ନାଶି ।
କରମ ଯୋଗ ଅବଶ୍ୟ କର । ବୁଦ୍ଧିତ ଅଛଇ ତୋହର ।
ଅଜ୍ଞାନ ଭାବ ମନୁ ଛାଡ଼ । ଏ ମାୟାମୋହରେ ନ ପଡ଼ ।
[illegible] ଭାରତ ବେଗେ ଉଠ । ମୁକତି ପାଅ ନୋହି ମଠ ।୪୩
[illegible] ଜଗନ୍ନାଥଙ୍କ ସିଂହ । ହେ ପ୍ରଭୁ ମତେ ଅଶ୍ରା ଦିଅ ।

ଇତି ଶ୍ରୀମଦ୍ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ
ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜ୍ଜୁନସମ୍ବାଦେ ଜ୍ଞାନଯୋଗୋ ନାମ
ଚତୁର୍ଥୋଽଧ୍ୟାୟଃ ।

ପଞ୍ଚମ ଅଧ୍ୟାୟ

ସନ୍ନ୍ୟାସଯୋଗ

ଅର୍ଜ୍ଜୁନ ଉବାଚ

ଆଗେ କହିଲ କର୍ମ୍ମ ତ୍ୟାଗ । ପୁଣି କହୁଛ କର୍ମ୍ମ ଯୋଗ ।
ମୋତେ ତ ଲାଗିଲା ସଂଶୟ । ହେ କୃଷ୍ଣ ଥୟ କରି କହ ।
କେଉଁଟି ଏ ଦୁଇ ମଧ୍ୟରୁ । ଶ୍ରେଷ୍ଠ ଅଟଇ ଅଟେ ଗୁରୁ ।
ତାହାକୁ କହତି ଅଶୟ । କେଉଁଟି ମୋ ପକ୍ଷରେ ଶ୍ରେୟ ।
ନିଶ୍ଚୟ କରି ମତେ କହ । ଯେପରି ନଥିବ ସଂଶୟ ।୧।

ଶ୍ରୀଭଗବାନୁବାଚ

ସନ୍ନ୍ୟାସ କର୍ମ୍ମଯୋଗ ଦୁଇ । ଉଭୟ ଅଟେ ମୋକ୍ଷଦାୟୀ ।
କର୍ମ୍ମ ସନ୍ନ୍ୟାସଠାରୁ ଜାଣି । କରମ ଯୋଗଟି ପ୍ରଧାନ ।୨।

[illegible] ନାହିଁ ଯାର ବାଞ୍ଛା । ଶତ୍ରୁତା ନକରଇ ଇଚ୍ଛା ।
[illegible] ଦୁଃଖରେ ସମାନ । ନିତ୍ୟ ସନ୍ନ୍ୟାସୀ ତାଙ୍କୁ ଜାଣ ।
[illegible] କର୍ମ ଯେ କରଇ । ସହଜେ ବନ୍ଧନ ତୁଟଇ ।୩।
ସନ୍ନ୍ୟାସ କର୍ମଯୋଗ ଦୁଇ । ବେଦରେ ଅଭେଦ ଅଟଇ ।
ଦୁହିଁ ନପାରି ମୂଢ଼ଜନ । ବୋଲନ୍ତି ସିନା ଭିନ୍ନ, ଭିନ୍ନ ।
ବୁଝିପାରନ୍ତି ଜ୍ଞାନୀ ଜନ । ଜାଣନ୍ତି ଉଭୟ ସମାନ ।
[illegible] କରମ ସାଧନ । କର୍ମ ତ୍ୟାଗର ଅନ୍ୟ ନାମ ।
[illegible]ହିଁ ଦିଅନ୍ତି ଏକ ଫଳ । ତହୁଁ ହୋଇଲେ ନିରମଳ ।୪।
ସନ୍ନ୍ୟାସୀ ଲଭେ ଯେଉଁ ସ୍ଥାନ । ଯୋଗୀର ତହିଁକି ଗମନ ।।
ଏ ଦୁହେଁ ଭିନ୍ନ ପଥେ ଯାନ୍ତି । ଏକ ସ୍ଥାନରେ ଭେଟ ହୋନ୍ତି ।।
[illegible] ଲକ୍ଷ ମୋକ୍ଷ ସ୍ଥାନ । ଏ ତତ୍ତ୍ୱ ଦିବ୍ୟଚିତ୍ତେ ଘେନ ।।
[illegible] ଜାଣଇ ଏହି ତତ୍ତ୍ୱ । ତତ୍ତ୍ୱଦରଶୀ ସେ ନିଶ୍ଚିତ ।୫।
[illegible]ତମ ଯୋଗ ନସାଧିଲେ । ସନ୍ନ୍ୟାସ ଲଭ ନୁହେ ଭଲେ ।
[illegible]ତମ ଯୋଗୀ ମୁନିଗଣ । ନିର୍ମଳ ଯେଣୁ ତାଙ୍କ ମନ ।
[illegible]ରେ ବ୍ରହ୍ମପଦ ପାନ୍ତି । ପରମ ଆନନ୍ଦ ବହନ୍ତି ।୬।
[illegible] ନିରମଳ ଚିତ୍ତ । ଶରୀର ଇନ୍ଦ୍ରିୟ ଆୟତ୍ତ ।।
[illegible] ଭୂତରେ ସମଜ୍ଞାନ । କରନ୍ତି କର୍ମ ଆଚରଣ ।।
[illegible] ନୁହନ୍ତି ଜଡ଼ିତ । କମଳ ପତ୍ରେ ନୀର ମତ ।।
ତେଣୁ କରମ ଫଳମାନ । ନକରେ ତାହାଙ୍କୁ ବନ୍ଧନ ।୭।
ତତ୍ତ୍ୱଦରଶୀ ଯୋଗୀଜନ । କଲେହେଁ ଦର୍ଶନ ଶ୍ରବଣ ।।
ସ୍ପର୍ଶନ ଆଘ୍ରାଣ, ଭୋଜନ । ଗମନ ନିଃଶ୍ୱାସ ଗ୍ରହଣ ।୮।
[illegible], କଥନ, ଗ୍ରହଣ । ମଳମୂତ୍ରର ବିସର୍ଜନ ।।
[illegible] ମୁଦିବା ଉନ୍ମୀଳନ । ଏ ଆଦି ଯେତେକ କର୍ମମାନ ।
ଇନ୍ଦ୍ରିୟମାନେ କରୁଥାନ୍ତି । ଜୀବାତ୍ମା କିଛି ନକରନ୍ତି ।
[illegible]ରେ ମୋହର କିଛି ଅଛି । ଭରବା ବାଲୁ କରୁଅଛି ।୯।

[illegible] ଆଶା ଦେଖି ତେଜି | ଯେ ଥାନ୍ତି କଣ୍ଠମତର ମଜି ||
କରନ୍ତି କରମ ସାଧନ | ଈଶ୍ୱରେ କର ଅରପଣ ||
କମଳଦଳେ ଜଳ ସମ | ପାପ ନଲାଗେ କଦାଚନ ||୧୦
ଦେହ ଇନ୍ଦ୍ରିୟ ବୁଦ୍ଧି ମନ | ଏମାନେ କରନ୍ତି କରମ ||
ଏମନ୍ତ ଜାଣି ଯୋଗୀଜନ | କରନ୍ତି ନାନା କର୍ମମାନ ||
ଚିତ୍ତ ନିର୍ମଳ ମୂଳ ଇଛା | ନାରଖି ମନେ ଅନ୍ୟ ବାଞ୍ଛା ||୧୧
ଫଳ ବାସନା ଯାର ନାହିଁ | ନିଷ୍କାମ କର୍ମ ଯୋଗୀ ସେହି ||
ଏକାଗ୍ର ଚିତ୍ତ ଅଟେ ତାର | ଶାନ୍ତି ଲଭଇ ସେ ନିକର ||
ଫଳ ବାସନା ଯାର ଥାଏ | ସଂସାରେ ବନ୍ଧନ ସେ ହୁଏ ||
ଏ କର୍ମ କଲେ ଏହୁ ଫଳ | ଲଭିବେ ବୋଲି ଶ୍ରେ କେବଳ ||
ଏମନ୍ତେ କରମ କରନ୍ତି | ନିଷ୍କାମ ଯୋଗୀ ସେ ନୁହନ୍ତି ||୧୨
ଶୁଣ ଅର୍ଜୁନ ଏ ଶରୀର | ଅଟଇ ନବଦ୍ୱାର ପୁର ||
ଦୁଇ ନାସିକା ଦୁଇ କର୍ଣ୍ଣ | ଥିବର ମୁଖ ଦୁଇ ନୟନ ||
ପାୟୁ ଉପସ୍ଥ ଦ୍ୱାର ଦୁଇ | ଏମନ୍ତେ ନବଦ୍ୱାର ହୋଇ ||
ଏ ପୁରେ ଅତ୍ମାର ନିବାସ | ନିଷ୍କାମ ଯୋଗୀର ବିଶ୍ୱାସ ||
ବିଦେଶେ ବସାଘର ପରି | ଦେହକୁ ମଣେ ବ୍ରହ୍ମଚାରୀ ||
ସକଳ କର୍ମ ମନୁ ତେଜ | ଦେହେ ରହନ୍ତି ସୁଖେ ମଜି ||
ନ କରେ ନ କରାଏ କର୍ମ | ନିଷ୍କାମଯୋଗୀର ଏ ଧର୍ମ ||
ଦେହୀ ଦେହର ଏ ସମ୍ବନ୍ଧ | ସୁଚିତ୍ତେ ବୁଝ ବେଦ କୋବିଦ ||[illegible]
ଲୋକର କର୍ତ୍ତୃକର୍ମମାନ | ଈଶ୍ୱର ନକରେ ଭିଆଣ ||
କେଉଁ କର୍ମର କେଉଁ ଫଳ | ରଚନ୍ତି ନାହିଁ ଅଦମୂଳ ||
ଜୀବର ସୁଖ ଦୁଃଖ ଯେତେ | ନୁହଇ ଈଶ୍ୱର ଅଧୀନରେ ||
ଏ ସବୁ ପ୍ରକୃତି ଭିଆଣ | ଆତ୍ମା ଯେ ନୁହଇ କାରଣ ||୧୪
କାହାର ପାପ ଅବା ପୁଣ୍ୟ | ଈଶ୍ୱର ନ କରେ ଗ୍ରହଣ ||
ମୂଢ଼ ଅଜ୍ଞାନୀ ମୋହ ହୋଇ | ବୃଥାରେ ଈଶ୍ୱର ନିନ୍ଦଇ ||

...ନ | ଦଅନ୍ତି ସୁଖ-ଦୁଃଖମାନ ||
... ଉର୍ଦ୍ଧ ନେନ୍ତି | ତାହାଙ୍କୁ ମାରଇ ତାରଇ ||
... ଇ ସ୍ୱର୍ଗ ଭୋଗେ | ତାହାଙ୍କୁ ପକାଏ ନରକେ ||
ଅଜ୍ଞାନ-ଜଡ଼ିତ | ଲୋକେ ମଣନ୍ତି ଏହୁ ମତ ।୧୫
... ଅର୍ଜୁନ ମନ ଦେଇ | ଶୁଣିବା ଏ ତଥ୍ୟ ବୁଝାଇ ||
... ତପନ କିରଣ | ଜଳରେ ହୋଇଲେ ପତନ ||
... ଜଳ ରବିତାପ ପାଏ | ଜଳୀୟବାଷ୍ପ ଉପୁଜାଏ ||
... ବାୟୁର ସଂଯୋଗ | ପାଇଲେ ବାଷ୍ପ ହୁଏ ମେଘ ||
... ମେଘ ଉପରକୁ ଯାଇ | ସୂର୍ଯ୍ୟଙ୍କୁ ଘୋଡ଼ାଇ ରଖଇ |
... ଦୂର କରିଦେଲେ | ଯାବତ ସେ ମେଘ ଘୋଡ଼ାଏ |
... ମେଘକୁ ଉଡ଼ାଏ | ସୂର୍ଯ୍ୟ ସ୍ୱରୂପ ଦେଖାଯାଏ ||
... ରବିରୁ ଉତ୍ପନ୍ନ | ଉଠେ ରବିଙ୍କି ଅଚ୍ଛାଦନ ||
... ମେଘ ଏହିପରି | ବ୍ରହ୍ମକୁ ରଖଇ ଅବୋରି ||
... ସାଧନା ବାୟୁବଳେ | ଅଜ୍ଞାନ ଦୂର କର ହେଲେ ||
...ନପରି ଅତ୍ମଜ୍ଞାନ | ପ୍ରକାଶ ହେବ ଭଲେ ଜାଣ |
...ରେ ହେଲେ ଅଲୋକିତ | ଲଭିବ ଈଶ୍ୱର ସାକ୍ଷାତ ।୧୬
... ସଂଶୟ ନାହିଁ ଲେଶ | ଈଶ୍ୱରେ ଅଟଳ ବିଶ୍ୱାସ ||
...ତାରେ ଯତ୍ନ ଥାଇ | ପରମ ନିଷ୍ଠାପର ହୋଇ ||
... ଅଶ୍ରୟ ଈଶ୍ୱର | ଏ ଜ୍ଞାନ ଉଦେ ହେଲେ ତାର |
... ପାପ ନାଶ ଯାଏ | ମୋକ୍ଷ ଲଭଇ ସେ ନିଶ୍ଚୟେ ।୧୭
...ତ ବିନୟୀ ବ୍ରାହ୍ମଣ | ଚଣ୍ଡାଳ ଗୋରୁ ହସ୍ତୀ ଶ୍ୱାନ |
... ଅକାର ବିଭିନ୍ନ | ଏକଇ ଅତ୍ମା ବିଦ୍ୟମାନ |
... ଜ୍ଞାନୀଜନ ମଣେ | ସମଭାବରେ ତାଙ୍କୁ ଗଣେ ।୧୮
... ବ୍ରହ୍ମ ସର୍ବଦେହେ | ଏମନ୍ତ ଜ୍ଞାନ ଯାର ହୁଏ ||
...ବ୍ରହ୍ମରୁ ଭିନ୍ନ ହୋଇ | ସଂସାରେ କିଛି ବସ୍ତୁ ନାହିଁ |

[illegible]ର । ଜୀବନ୍ତେ ଜିଣେ ସେ ସଂସାର ॥
ଯେ ଏହିର ନିର୍ଦ୍ଦୋଷ ସମସ୍ୱରୂପ ସେ ବିଶେଷ ॥
ସକଳ ବସ୍ତୁ ତତ୍ତ୍ୱପର । ମଣନ୍ତି ଯେଉଁ ନରନାରୀ ॥
ଅନ୍ତେ ଲଭନ୍ତି ବ୍ରହ୍ମଭାବ । ବ୍ରହ୍ମରେ ପାଆନ୍ତି ସେ ଠାବ ।୧୯
ବ୍ରହ୍ମଜ୍ଞାନୀ ବ୍ରହ୍ମ ନିଷ୍ଠ । ମନୁଷ୍ୟମଧ୍ୟେ ଅଟେ ଶ୍ରେଷ୍ଠ ॥
ପାଇଲେ ପ୍ରିୟବସ୍ତୁ ସେହୁ । କଦାଚିତେ ଆନନ୍ଦ ନୁହଇ ॥
ଅପ୍ରିୟ ବସ୍ତୁ ଲଭ ହେଲେ । ଅଧୀର ନୁହନ୍ତି ସେ ଭଲେ ॥
ଯେଣୁ ତାଙ୍କର ସମଜ୍ଞାନ । ସକଳ ବସ୍ତୁରେ ସମାନ ॥
ତୋହର ମୋହର ନ ଜାଣେ । ସକଳ ବ୍ରହ୍ମମୟ ମଣେ ॥
ପ୍ରିୟ ଅପ୍ରିୟ କିଛି ନାହିଁ । ଶୁଣ ଅର୍ଜୁନ ମନ ଦେଇ ।୨୦
ଯାହାର ବାହାର ବସ୍ତୁରେ । ଆସକ୍ତି ନାହିଁ କଦାଚରେ ॥
ଶବ୍ଦ ସ୍ପର୍ଶ ରୂପ ରସେ ॥ ଗନ୍ଧଆଦିରେ ଯେ ନ ରସେ ।
ସେ ଆତ୍ମସୁଖୀ ହୋଇ ଭବେ । ଶାନ୍ତିରେ ସଦାକାଳ ହରେ ।୨୧
ବିଷୟ-ସୁଖ କ୍ଷଣସ୍ଥାୟୀ । ଦୁଃଖର କାରଣ ଅଟଇ ॥
ଜ୍ଞାନୀ ତା ଜାଣଇ ନିଶ୍ଚିତ । ସେ ସୁଖେ ନୁହେ ଅସକତ ।୨୨।
ଇନ୍ଦ୍ରିୟ ସୁଖଭୋଗ ପାଇ । ମନରେ ଲୋଭ ଜାତ ହୋଇ
ଲୋଭର ନାମ ଅଟେ କାମ । ନ ହେଲେ ବାସନା ପୂରଣ ॥
ମନ ହୁଅଇ ଉତ୍ତେଜିତ । କ୍ରୋଧ ତା ଅଟଇ ନିଶ୍ଚିତ ॥
କାମ କ୍ରୋଧର ବଡ଼ ଦାଉ । ଅଜନୁ ସହୁପାରେ ଯେହୁ ॥
ସେ ମହାଯୋଗୀ ସୁଖୀ ଜାଣ । ଅଟେ ହେ ବୀର ଅର୍ଜୁନ ।୨୩
ଯାହାର ଆତ୍ମାରେ ପୀରତି । ଆତ୍ମାରେ ଖେଳା କରୁଥାନ୍ତି ॥
ଆତ୍ମାରେ ଦୃଷ୍ଟି ସଦା ଥାଏ । ସେ ବ୍ରହ୍ମନିର୍ବାଣକୁ ପାଏ ।୨୪।
ଯେ ଋଷି ନିଷ୍କାମ ଭାବରେ । ବେଦବିହିତ କର୍ମ କରେ ॥
ତେଣୁ ସେ ପାପଶୂନ୍ୟ ହୋଇ । ମନକୁ ସଂଯତ କରଇ ॥
ଯୋଗ ସାଧନାବଳେ ଯାହି । ଏକାଗ୍ରଚିତ୍ତ ଯେ ହୁଅଇ ॥

ସକଳ ପ୍ରାଣୀଙ୍କର ହିତେ । କର୍ମ କରଇ ଯେ ନିୟତେ ।
ଏମନ୍ତ ଯୋଗୀ ଋଷିଗଣ । ଲଭନ୍ତି ଏ ବ୍ରହ୍ମନିର୍ବାଣ ।୨୫।
ଯାହାର ଅନ୍ତଜ୍ଞାନ ହୁଏ । କାମକ୍ରୋଧରେ ବହୁନ୍ତି ହେ ।
ଥିଲେହେଁ ନାନାଦି କାରଣ । ଆୟତ୍ତେ ରଖିପାରେ ମନ ।
ଚଞ୍ଚଳ ନୁହେ ତାର ଚିତ୍ତ । ଅଚଳ ଯେସନ ପର୍ବତ ।
ଜୀବନ୍ତେ ମରଣେ ସେ ଯୋଗୀ । ମୋକ୍ଷଲାଭରେ ହୁଏ ଭାଗୀ ।୨୬
ମନୁ ବିଷୟ-ସୁଖ ତେଜି । ଦୃଷ୍ଟିକି ଭ୍ରୂମଧ୍ୟେ ଖଞ୍ଜି ।
ନାସାରେ ଚଳାଇ ପବନ । କୁମ୍ଭକ କରଇ ଯତନ ।
ଜିଣିପାରଇ ବୁଦ୍ଧି ମନ । ଇନ୍ଦ୍ରିୟ କରଇ ଦମନ ।୨୭।
ବାସନାଭୟ କ୍ରୋଧ ନାଶି । କେବଳ ମୋକ୍ଷ-ଅଭିଳାଷୀ ।
ଏମନ୍ତ ଜନ ଯୋଗଯୁକ୍ତ । ନିୟତ ଅଟେ ସେ ମୁକତ ।୨୮
ମୁଁ ତପଯଜ୍ଞର ପାଳକ । ସକଳ ପ୍ରାଣୀର ରକ୍ଷକ ।
ସକଳ ଜନ ଉପକାରୀ । କେ ନୁହେ ମୋହର ବଇରି ।
ଏମନ୍ତେ ଏତେଭାବେ ଜାଣେ । ମୁକତ ଲଭନ୍ତି ସେ ଜନେ ।୨୯
ଅନ୍ତେ ଏ ଭାଗ୍ୟ ଦେଖାଯିବ । ଜଗତବନ୍ଧୁ ମୁକ୍ତ ହେବ ।

ଇତି ଶ୍ରୀ ମହାଭାରତେ ଶତସାହସ୍ର୍ୟାଂ ସଂହିତାୟାଂ
ବୈୟାସିକ୍ୟାଂ ଭୀଷ୍ମପର୍ବଣି ଶ୍ରୀ ଭଗବଦ୍ଗୀତା-
ସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ
ଶ୍ରୀକୃଷ୍ଣାର୍ଜୁନସମ୍ବାଦେ ସନ୍ନ୍ୟାସଯୋଗୋ
ନାମ ପଞ୍ଚମୋଽଧ୍ୟାୟଃ ।

—ଃ୦ଃ—

ଷଷ୍ଠ ଅଧ୍ୟାୟ ।

ଧ୍ୟାନଯୋଗ

ଶ୍ରୀ ଭଗବାନୁବାଚ ।

ଶୁଣନା ମନୁ ତେଜି । କର୍ତ୍ତବ୍ୟ କର୍ମେ ଥିବ ମତି ।

ଅନାସ କରିବାକୁ ହେବ । କରିବା ଅଟଇ କର୍ତ୍ତବ୍ୟ ॥
ବିହିତ କର୍ମମାନଙ୍କରେ । କି ଫଳ ହେବ ନ ବିଚାରଇ ॥
ଏ ଭାବେ ଯେ କର୍ମ କରଇ । ଯୋଗୀ ସନ୍ନ୍ୟାସୀ ଅଟେ ସେହି ॥
ଯାବତ କର୍ମଫଳେ ଆଶା । ମନ ମଧ୍ୟରେ କରେ ବସା ॥
ସନ୍ନ୍ୟାସୀ ଯୋଗୀ ସେ ନୁହଇ । ଶୁଣ ଅର୍ଜୁନ ମନ ଦେଇ ॥
କେବଳ ଯଜ୍ଞକର୍ମମାନ । ଅଥବା ଅନ୍ୟାନ୍ୟ କରମ ॥
କରଇ ନାହିଁ ଯେଉଁ ଜନ । ଯୋଗୀ ସନ୍ନ୍ୟାସୀ ନୁହେ ଜାଣ
କେବଳ କରମ ଛାଡ଼ିଲେ । ଯୋଗୀ ସନ୍ନ୍ୟାସୀ ନୁହେ ଭଲେ
କରିପାରିବା ବଳ ନାହିଁ । ତେଣୁ ଯେ କରମ ତେଜଇ ॥
ଯୋଗୀସନ୍ନ୍ୟାସୀ ନୁହେ ସେହି । ଏ ତତ୍ତ୍ୱ ବୁଝ ପାର୍ଥ ତୁହି ॥
ଚିତ୍ତ ଅଶୁଦ୍ଧି ଥାଏ ଯେଣୁ । ଯୋଗୀ ସନ୍ନ୍ୟାସୀ ନୁହେ ତେଣୁ ॥ ୧
ପାଣ୍ଡବ ଭଲେ ତୁହି ଜାଣ । ଯେ ଯୋଗ ସେ ସନ୍ନ୍ୟାସ ପୁଣ
ଫଳ କାମନା ନାହିଁ ଯାର । ସେ ଯୋଗୀ ସନ୍ନ୍ୟାସ ନକର ॥
ଫଳ ବାସନା ମନେ ଥାଇ । କେ ଯୋଗୀ ସନ୍ନ୍ୟାସୀ ନୁହଇ
ଫଳ ବାସନା ଯାର ନାହିଁ । ତା ଚିତ୍ତ ନିର୍ମଳ ହୁଅଇ ॥
ଚିତ୍ତ ହୋଇଲେ ନିରିମଳ । ସ୍ୱଭାବେ ହୁଅଇ ନିଶ୍ଚଳ ।
ଚିତ୍ତ ନିଶ୍ଚଳ ଯେତେବେଳେ । ଯୋଗ ଅବସ୍ଥା ସେତେବେଳେ
ଯୋଗ ସନ୍ନ୍ୟାସ ଭେଦ ନାହିଁ । ଯେ ଯୋଗ ସନ୍ନ୍ୟାସଟି ସେହି
ହେ ମୁନି ଜ୍ଞାନଯୋଗ କରେ । ଜ୍ଞାନ ଲଭିବା ବାଞ୍ଛା କରେ
ସେ ପଥେ କଲେ ଆରୋହଣ । କର୍ମଟି ତାହାର କାରଣ
ଅଗ୍ରେ ନ କଲେ କରମ । ଚିତ୍ତ ବିଶୁଦ୍ଧ ନୁହେ ଜାଣ
ନହେଲେ ଚିତ୍ତ ନିରିମଳ । ନ ଲଭେ ଜ୍ଞାନ ସେ ନିଶ୍ଚଳ
ତେଣୁ କହୁଛୁ ଅରଜୁନ । ଜ୍ଞାନ ଲଭିବାପାଏ ଜାଣ
କରମଯୋଗ କରୁଥିବ । ଯାବତ ଜ୍ଞାନ ଲାଭ ହେବ
ହୋଇଲେ ଜ୍ଞାନ ପରାପତ । କରମ ତେଜିବା ବିହିତ

ଯୋଗାରୂଢ଼ ଆତ୍ମଜ୍ଞାନ । କରମେ ନାହିଁ ପ୍ରୟୋଜନ ॥
ଯୋଗାରୂଢ଼ ହୋଇଲେ । କରମ ଉପରମ ବୋଲେ ।
ପୁଣି କାହୁଁ ତହୁଁ । ଶୁଣ ଅର୍ଜୁନ ମନ ଦେଇ ॥
ଇନ୍ଦ୍ରିୟ ଭୋଗ ବିଷୟରେ । ଇଚ୍ଛା ନକରେ ଯେତେବେଳେ ।
ତାହାଙ୍କ ସେ ବିଷୟ । କରମ ନ କରେ ନିଶ୍ଚୟ ॥
ଯାହାଙ୍କର ଅସକତ ନାହିଁ । ସକଳ କାମନା ତେଜଇ ॥
ସେହି ମହାତ୍ମା ତ୍ୟାଗୀ ଜନ । ଯୋଗ ଅରୂଢ଼ ବୋଲି ଜାଣ ।
ଆପଣା ବନ୍ଧନ ମୋଚନ । ଅପେକ୍ଷି ତହିଁର କାରଣ ।
ଆପଣା ଉତ୍ଥାନ ପତନ । ଅର୍ପଣା ହାତେ ଅଛୁ ପୁଣ ॥
ଆପେ ଆପଣା ବନ୍ଧୁ ଅରି । ଏ ତତ୍ତ୍ୱ ବୁଝ ହେତୁ କରି ।
ତାହା ଏ କହୁବା ଏମାନ । ଅର୍ଜୁନ ମନ ଦେଇ ଶୁଣ ।
ସଂସାର ପାରାବାର । ପୂରଇ ତହିଁ ମାୟାଜଳ ।
କାମକ୍ରୋଧାଦ ରିପୁମାନେ । ଅଛନ୍ତି ତହିଁରେ ବିଧାନେ ।
ଏ ଉତ୍ପାଟନ ଭୟଙ୍କର । ତମିକୁମ୍ଭୀର ପରକାର ।
ଏ ପାରାବାର ପାର ହେଲେ । ଉଭବ ଅଜ୍ଞାନ ହେଲେ ।
ଏହି ପାରାବାର । ମନଟି ନଉକା ନିକର ॥
ଜ୍ଞାନ ହେଲେ ତଳେ । ବୁଡ଼ିମରିବ ଅବହେଲେ ।
ଇନ୍ଦ୍ରି ରିପୁଗଣ । କାମୁଡ଼ି ଖାଇଯିବେ ଜାଣ ॥
ଯାତନା ଭୋଗିବ । କେବେବେହେଁ ଉଠି ନପାରିବ ।
ଅତଏ ଅତିଲ ନାହଂସି । ତା ବଳେ ହୋଇପାର ପାରି ।
ହୁଅ ସାବଧାନ । ବିବେକ ଯୁକ୍ତ କର ମନ ।
ଧର୍ମ ସୁବଶ ହେଲେ । ନରକେ ପକାଇବ ହେଲେ ।
ବାଧୁଅ ଯେ ଇତରେ । ବସଇ ସେହୁ ସ୍ୱର୍ଗରେ ।
ଇନ୍ଦ୍ରିୟ ଅଧୀନ । ସେ ମନ ବଇରି ସମାନ ।
ଅଧୀନେ ଇନ୍ଦ୍ରିୟ । ସେ ମନ ବନ୍ଧୁଟି ନିଶ୍ଚୟ ।

ବିଷୟାସକ୍ତ ଯାର ମନ । ସେ ମନ ବଇରି ପ୍ରଧାନ ।
ବିଷୟ-ମୁକ୍ତ ହେଲେ ମନ । ପରମ ବନ୍ଧୁ ତାକୁ ଜାଣ ।୫।
ମନକୁ କରେ ଯେ ଆୟତ୍ତ । ଜିଣଇ ସେ ଏ ତିନି ଜଗତ ।
ନିଜ ବଶରେ ଥିଲେ ମନ । ସେ ମନ ଅତି ମିତ୍ର ଜାଣି ।
ମନ ଅଧୀନେ ଯେହୁ ରହେ । ସେ ମନ ତା ବଇରି ହୁଏ ।୬।
ଅହୁରି କହିବା ବୁଝାଇ । ଶୁଣ ଅର୍ଜୁନ ମନ ଦେଇ ।
ସକଳ ଇନ୍ଦ୍ରିୟ ଜିଣିବ । ମନକୁ ନିଶ୍ଚଳ କରିବ ।
ଛାଡ଼ିବ ସବୁ ଅହଙ୍କାର । ମାନ ଅପମାନ ଅବର ।
ପ୍ରକୃତି ତାର ସମଜ୍ଞାନ । ସୁଖ ଦୁଃଖ ଶୀତ ଉଷ୍ମ ।
ସଦା ପ୍ରସନ୍ନ ଯାର ମନ । ମନକୁ ଜିଣେ ସେହୁ ଜାଣି ।
ଏମନ୍ତ ଲୋକ ହୃଦୟରେ । ପରମ ଆତ୍ମା ବାସ କରେ ।
ନିଶ୍ଚଳଭାବରେ ଭଗବାନ । ରହନ୍ତି ତା ହୃଦୟେ ଜାଣ ।୭।
ଶୁଣିଲେ ଉପଦେଶମାନ । ତହିଁରୁ ଲବଧ ଯେ ଜ୍ଞାନ ।
ସାକ୍ଷାତ ଅନୁଭବମାନ । ତହୁଁ ଲବଧ ଯେ ବିଜ୍ଞାନ ।
ସେ ଜ୍ଞାନ ବିଜ୍ଞାନରେ ଚିତ୍ତ । ସର୍ବଦା ଥାଏ ପରିତୃପ୍ତ ।
ପୁଣି ଅଟଇ ନିର୍ବିକାର । ଇନ୍ଦ୍ରିୟ ଜିଣଇ ନିକର ।
ମୃତ୍ତିକା ପାଷାଣ ସୁବର୍ଣ୍ଣ । ଯାହାକୁ ଦିଶଇ ସମାନ ।
ଏମନ୍ତ ଯେହୁ ଯୋଗୀଜନ । ଯୋଗ ଆରୂଢ ତାକୁ ଜାଣ ।୮।
ସ୍ୱଭାବେ ଯେ ହିତ ପାଞ୍ଚଇ । ସୁହୃଦଜନ ସେ ବୋଲାଇ
ସ୍ନେହରେ ହିତ ପାଞ୍ଚେ ଯେହୁ । ମିତ୍ର ବୋଲାଏଁ ସିନା ସେହୁ
ଅନର ଯେ ପାଞ୍ଚେ ଅହିତ । ଅରି ତାହାର ସେ ନିଶ୍ଚିତ
ମିତ୍ର ବଇରି ଯାର ନାହିଁ । ଅର୍ଜୁନ ଉଦାସୀନ ସେହି
ବିବାଦ ଭାଙ୍ଗି ଦେବାପାଇଁ । ଯେ ଲୋକ କାମନା କରଇ
ବାଦୀ ବିବାଦୀ ଦୁଇଜଣ । ତା ପ୍ରତି ଅଟଇ ସମାନ
ଉଭୟପକ୍ଷ ହିତପାଇଁ । ସ୍ୱତନ୍ତ୍ର ଚେଷ୍ଟା ଯେ କରଇ

ମାହାନ୍ତି ଅଟେ ସେହି ଜନ । ଅର୍ଜୁନ ଭଲେ ଏହା ଜାଣ ॥
ଯେ ଜନ ହିଂସା କରଇ । ତାହାର ଦ୍ୱେଷୀ ଅଟେ ସେହି ।
ଯେ ... ଯା ସହିତ । ସେ ତାର ବନ୍ଧୁ ନିଶ୍ଚିତ ॥
ମଧ୍ୟସ୍ଥ ଉଦାସୀନ । ଅରି ଅପ୍ରିୟ ବନ୍ଧୁଜନ ॥
ମାଧ୍ୟସ୍ଥ ସାଧୁ ପାପିଠାରେ । ସମାନ ଜ୍ଞାନ ଯେହୁ କରେ ॥
ସେ ଲୋକ ଅଟେ ଶ୍ରେଷ୍ଠଜନ । ଏହା ତୁ ଜାଣ ଅରଜୁନ । ୯॥
ଏବେ କହିବା ଅରଜୁନ । ଯୋଗାରୂଢର କି କରମ ॥
ନିର୍ଜନ ସ୍ଥାନରେ ରହିବ । ସତତ ଏକାକୀ ବସିବ ॥
ଘଣ ମେଳରେ ନ ରହିବ । ମନକୁ ଅନୁଗତ କରିବ ॥
ଶରୀର ଆତ୍ମା ପୁଣ ଚିତ୍ତ । ସକଳ କରିବ ସଂଯତ ॥
ଆଶା ନ ଥିବ କିଛିରେ । ବାସନା ନ ଥିବ ମନରେ ॥
ଏ ଦ୍ରବ୍ୟ ସେ ଦ୍ରବ୍ୟ ପାଇବ । ମନ ଚଞ୍ଚଳ ନ କରିବ ॥
କାମକ୍ରୋଧକୁ ମନୁ ତେଜି । ନିଦ୍ରା ବା ତନ୍ଦ୍ରାରେ ନ ମଜ୍ଜି ॥
ଏକାନ୍ତ କରି ମନମୁନ୍ତ । କରିବ ହରି ଆରାଧନ ॥
ଏକାଗ୍ରରେ ରଖି ମନ । ନ ହେବ କାମନା ଅଧୀନ ॥
... ପରି ବସିଥିବ । ଅନାଦେ ସବୁ ସହୁଥିବ ॥
ମନକୁ ନିଶ୍ଚଳ କରିବ । ବିଷୟ ସୁଖକୁ ତେଜିବ ॥
... ରଖି ହରିଠାରେ । ବସିବ ଯୋଗ ସାଧନରେ ।୧୦
... ସ୍ଥାନ ବାଛିନେବ । କୁଶଆସନ ପକାଇବ ।
... ରେ ଥୋଇ ମୃଗଚର୍ମ । ଅଥବା ବାଘଚର୍ମ ଘେନ ।
... ରେ ପକାଇ ବସନ । ନିଶ୍ଚଳେ ଥାପିବ ଆସନ ।୧୧।
... ଉଚ୍ଚ ବା ନୀଚ ନ । ନୋହିବ କେବେହେଁ ଆସନ ।
... ଆସନେ ବସିବ । ମନ-ଇନ୍ଦ୍ରିୟ ନିରୋଧିବ ।
... ବାହାର ବିଷୟ । ଅନ୍ତରେ ସବୁ ହେବ ଲୟ ।
... ନିଶ୍ଚଳ କରିବ । ଏକାଇ ଲକ୍ଷ୍ୟରେ ସାଧିବ ।

ଓ ନିର୍ମ୍ମଳ ହେବାପାଇଁ । ଯୋଗ ସାଧିବ ସ୍ଥିର ହୋଇ ।୧୨
କେବଣ ଦିଗେ ନ ଗୁହ୍ନିଁବ । ଅଚଳ ଭାବରେ ବସିବ ॥
ଶିର ସଙ୍ଗ ଗ୍ରୀବାଶିର । ଏକରେଖାରେ ହେବ ସ୍ଥିର ॥
ଏମନ୍ତ ଭାବରେ ବସିବ । ଆସନ କେବେ ନ ଟଳିବ ॥
ନିଜ ନାସାର ଅଗ୍ରଦେଶେ । ଦୃଷ୍ଟି ରଖିବ ଅନିମିଷେ ।୧୩।
ପ୍ରଫୁଲ୍ଲ ଚିତ୍ତରେ ବସିବ । ମନରୁ ଭୟକୁ ତେଜିବ ॥
ପ୍ରଶାନ୍ତ ଚିତ୍ତରେ ବସିବ । ନିନ୍ଦା ସ୍ତୁତିକି ନ ଡରିବ ॥
ରକ୍ଷିବ ବ୍ରହ୍ମଚର୍ଯ୍ୟବ୍ରତେ । ଭୟ ନ ଥିବ କିଛି ଚିତ୍ତେ ॥
ମନକୁ ଆୟତ୍ତ କରିବ । ସକଳ କାମନା ତେଜିବ ॥
ମୋଠାରେ ଚିତ୍ତକୁ ରଖିବ । ମୋ ବିନୁ ଅନ ନ ଭାବିବ ॥
ମୋଠାରେ ଚିତ୍ତ ସମର୍ପଣ । କରିବ ପୁଣ ଯୋଗପଣ ॥
ବ୍ରହ୍ମରୁ ନୁହେ ସେହୁ ଭିନ୍ନ । ସ୍ୱୟଂ ବ୍ରହ୍ମ ସେ ଭଗବାନ ॥
ଏମନ୍ତ ଭାବ ରଖି ମନେ । ବସିବ ଆସନେ ମଉନେ ।୧୪।
ଏପରି ମନମୂନ ଦେଇ । ଚିତ୍ତକୁ ନିରୋଧ କରଇ ॥
ଯେ ଯୋଗୀ କରଇ ସାଧନ । ଲଭେ ସେ ନିର୍ବାଣ ପରମ ॥
ସା[illegible] ମୁକତି ଲଭଇ । ପରମ ଶାନ୍ତି ଲଭେ ସେହୁ ॥
ଅତ୍ୟନ୍ତ ସୁଖ ଲାଭ କରେ । ନ ପଡ଼େ ଏ ଘୋର ସଂସାରେ ।୧୫।
ଯେ କରେ ବହୁତ ଭୋଜନ । ଅତ୍ୟନ୍ତ ନିରାହାରୀ ଜନ ॥
ବହୁତ ଶୟନ କରଇ । ଅତିଜାଗ୍ରତ ଯେ ରହଇ ॥
ଯୋଗ ସାମାର୍ଥ୍ୟ ଏ ଲୋକର । ନ ହେବ ଜାଣ ତୁ ନିକର ।୧୬।
ଅତି ଅଧିକ ନ ଶୋଇବ । ଅତି ଅଧିକ ନ ବୁଲିବ ॥
ଇଚ୍ଛା ଅଧିକ ନ ହୋଇବ । ସକଳ କରମ କରିବ
ଅଧିକ ଜାଗ୍ରତ ନ ହେବ । ନିୟମ ଧରି ଚଳୁଥିବ
ଶୟନ, ଭୋଜନ, ଭ୍ରମଣ । କର୍ମ୍ମ ସାଧନ ଜାଗରଣ
ଇଚ୍ଛା ଅଧିକ ନ ହୋଇବ । ସଂଯତ ଭାବରେ ଚଳିବ

ଏମନ୍ତେ ଯେ ଯୋଗ ସାଧିବ । ସଂସାର ଦୁଃଖ ନ ରହିବ ।୧୭।
ଯେତେକାଳେ ହୁଏ ସ୍ଥିର । ସଂଯତ ହୁଅଇ ନିକର ।
ସକଳ ବିଷୟ ଭୁଲଇ । ବିଷୟ ସୁଖେ ନ ରସଇ ।
ଚିତ୍ ଚୈତନ୍ୟ ଜ୍ଞାନଧ୍ୟାନ । ଯାବତ କ୍ରିୟାକର୍ମମାନ ।
ସକଳ ହୋଇଣ ନିଶ୍ଚଳ । ଆତ୍ମାରେ ହୁଏ ଯାଇ ଲୀନ ।
ଆତ୍ମା ସହିତ କରେ ମେଳ । ଆତ୍ମାରେ ପୀରତି କେବଳ ।
ମନ ଏ ଅବସ୍ଥା ଲଭିଲେ । ଯୋଗ ପ୍ରାପତ ହେତେବେଳେ ।୧୮।
ଯୋଗୀର ମନ ଆତ୍ମାଠାରେ । ରହିବ ଅଚଳଭାବରେ ।
ଅନ୍ୟ ଦିଗକୁ ନ ଟଳିବ । ଅଭ୍ୟାସେ ମନ ସ୍ଥିର ହେବ ।
ଏଥିର ଦୃଷ୍ଟାନ୍ତ ତୁ ଶୁଣ । ଯେଉଁଠି ନଥିବ ପବନ ।
ସେଠାରେ ଦୀପକୁ ରଖିବ । ତା ଶିଖା କେବେ ନ ହଲିବ ।
ନ ହେବ ତଳେ ହଲଚଲ । ରହିବ ଅଚଳ ଅଟଳ ।
ଯୋଗୀର ମନ ଆତ୍ମାଠାରେ । ରହିବ ଏହି ପରକାରେ ।୧୯।
ଯୋଗୀର ମନ ଯେତେବେଳେ । ବିଷୟଭୋଗଆଦି ଭୁଲେ ।
କେବଳ ଆତ୍ମାକୁ ଦେଖଇ । ଦେହର ଜ୍ଞାନ କିଛି ନାହିଁ ।
ଯାଏ ହୁଅଇ କ୍ରିୟାଶୂନ୍ୟ । ବିଶୁଦ୍ଧ ନିରମଳ ମନ ।
ମନ ଆତ୍ମାକୁ ଦେଖଇ । ଆତ୍ମାରେ ସନ୍ତୋଷ ଲଭଇ ।
ଏମନ୍ତ ଅବସ୍ଥାକୁ ତାର । ଯୋଗ ଅବସ୍ଥା ବୋଲି ବୋଲ ।୨୦।
ଆତ୍ମା ସହିତ ରତ କଲେ । ନିତ୍ୟ ଅନନ୍ତ ସୁଖ ମିଳେ ।
ଅନନ୍ତ ସୁଖ ଅଟେ ତାହା । ବଚନେ କହି ନୁହେ ଏହା ।
କେବଳ ବୁଦ୍ଧିର ଗୋଚର । ଇନ୍ଦ୍ରିୟ ପଥ ଅଗୋଚର ।
[illegible] ସୁଖ ଯେ ଲଭଇ । ତା ମନ ଆଉ ନ ବସଇ ।
[illegible] ସୁଖେ ବୁଡ଼ିରହେ ଚିତ୍ତ । ନନ୍ଦ [illegible]
[illegible] ଅବସ୍ଥାକୁ ତାର । ଯୋଗ ଅବସ୍ଥା ବୋଲି ବୋଲ
[illegible] ଆତ୍ମା ସୁଖଲଭି । ଯେ କାଳେ ସାଧକର ହେବ

[illegible] ସୁଖ ତାକୁ ମଣେ । ତା ସଙ୍ଗେ ଆନକୁ ନ ଗଣେ
ଅଧିକ ସୁଖ ତହୁଁ ବଳି । କି ଅଛି ନପାରଇ କଳି
ଅଣିମାଆଦ ସୁଖ ଯେତେ । ମଣଇ ତୁଚ୍ଛା ତା ସହୁତେ
ସେ ସୁଖ ଭୋଗୁଥିବା କାଳେ । ଶୀତବରଷାଆଦ ଭୂଲେ ॥
ଇନ୍ଦ୍ରିୟମନଆଦ ବୃତ୍ତି । ସକଳ ହୁଅଇ ନିବୃତ୍ତି ॥
କେ ସୁଖ ଦୁଃଖକୁ ଜାଣିବ । ଚିତ୍ତ ଚଞ୍ଚଳ କରାଇବ ॥
ଯେତେ ଅଧିକ ଦୁଃଖ ହେଲେ । ଚିତ୍ତ ଚଞ୍ଚଳ ନୁହେ ତଳେ ॥
ଏହି ଅବସ୍ଥା ଯେତେବେଳେ । ଯୋଗ ଲଭଇ ତେତେବେଳେ
ଆତ୍ମାରେ ପରମାତ୍ମା ମିଳେ । ଯୋଗ ହୁଅଇ ତେତେବେଳେ
ସେ କାଳେ ସୁଖଦୁଃଖ ନାହିଁ । ଯୋଗ ଅବସ୍ଥା ତାକୁ କହି ॥
ଏହାକୁ ଯୋଗ ବୋଲି ଜାଣ । ଅଭ୍ୟାସ କର ଅନୁକ୍ଷଣ ॥
ଦୃଢ ଚିତ୍ତରେ ତୁ ସାଧିବୁ । କାଳେ ନହେବ ନ ପାଞ୍ଚିବୁ ॥
ଅଥବା କଲେ ଏ ସାଧନ । ମିଳିବ ବହୁତ କଷଣ ॥
ଏମନ୍ତ ମନେ ନ କରିବୁ । ତଳେ କଷ୍ଟକୁ ନ ଡରିବୁ ॥
ଶାସ୍ତ୍ର ଗୁରୁଙ୍କ ଉପଦେଶ । ଏଥିରେ ନାହିଁ ଅବିଶ୍ୱାସ ॥
ଉତ୍ତମରୂପେ ଏହା ଜାଣ । କର ତୁ ଏ ଯୋଗ ସାଧନ ॥
ମନର ସଂକଳ୍ପମାନ । କାମନା ବୋଲି ତାକୁ ଜାଣ ॥
ଯାବତ ଏ କାମନା ଥିବ । ଯୋଗରେ ସିଦ୍ଧି ନହୋଇବ ॥
ତେଣୁ କହୁଛି ଭଲେ ଜାଣ । କାମନା କର ବିନାଶନ ।
ସମୂଳେ ସେ ସବୁ ନାଶିବୁ । କାହିଁତେ ହେଲେ ନ ରଖିବୁ ।
ମନକୁ କରିବୁ ଆୟତ୍ତ । ଇନ୍ଦ୍ରିୟ ହୋଇବ ସଂଯତ
ମନ ଯା ଆୟତ୍ତରେ ନାହିଁ । ସେ ଯୋଗ ସାଧି ନପାରଇ
ଇନ୍ଦ୍ରିୟ ହେଲେ ବିନାଶନ । ସଂଯତ ନହୋଇବ . ମନ
କେହି ମୂରୁଖ ଜନ ଥାନ୍ତି । ଏମନ୍ତ ଉପାୟ ପାଞ୍ଚନ୍ତି
ଫୁଟାଇ ଦିଅନ୍ତି ନୟନ । ବଧୀର କରନ୍ତି ବା କର୍ଣ୍ଣ

[illegible] ନାହିଁ । ମନ ଯେ ସକଳ ପାଞ୍ଚଇ ।
[illegible] ନ ପାରଇ । ମନରେ ସକଳ ଦେଖଇ ।
[illegible] ଦେଖୁଥାନ୍ତି । ଏମନ୍ତ ମନରେ ପାଞ୍ଚନ୍ତି ।
[illegible] ଲଗାଇବ ଯେଣେ । ଲାଗିରହିବ ମନ ତେଣେ ।
[illegible]କାଠିରେ ପକ୍ଷୀପର । ଲାଗିବ ନ ଆସିବ ଫେରି ।
[illegible] ଯହିଁକି ନରସିବ । ଇନ୍ଦ୍ରିୟ ସେଠାକୁ ନ ଯିବ ।
[illegible] ଅଟେ ଏ ଧରମ । ବୁଝ ତୁ ଦୃଢେ ଏ ମରମ ।
[illegible] ଲକ୍ଷଣ ଚିତ୍ତ ତୋର । ଯୋଗ ଅଭ୍ୟାସ ତୁ କର ।୨୪
[illegible] କରମଫଳୁ ତୋର । ମନ ତୋ ହୋଇବ ଚଞ୍ଚଳ ।
[illegible] ହୋଇବ ବିରକ୍ତ । ସାଧିବୁ ଏ ଯୋଗ ନମୃତ ।
[illegible] କରବୁ ତୁ ସ୍ଥିର । କେବେହେଁ ନହେବୁ ଅଧୀର ।
[illegible] ତୁ ଅଭ୍ୟାସ କରବୁ । କେବେହେଁ ଚଞ୍ଚଳ ନ ହେବୁ ॥
[illegible] କାହୁଁହିଁ ନ ଛାଡିବୁ । ଆତ୍ମାରେ ଲୟ ରଖିଥିବୁ ।
[illegible] ତୋ ମନ ଧୀରେ୨ । ଆତ୍ମାରେ ଲାଗିଯିବ ବଳେ ।
[illegible] ଯେବେ ବା ନହେବ । କେବେହେଁ କାରଣ ନହେବ ।
[illegible] କର ବାର ବାର । ଚଞ୍ଚଳ ମନ ହେବ ସ୍ଥିର ।୨୫।
[illegible] ନ ମନ ଦେଇ । ଏ ମନ ଚଞ୍ଚଳ ଅଟଇ ।
[illegible] ଏ ସହଜରେ । ନାନା ଦାଗକୁ ଗଢ କରେ ।
[illegible] କରବ ଯେତେବେଳେ । ଯତନେ ଫେରଅଣ ବଳେ ।
[illegible] ଅସ୍ୱାରେ ନିଯୁତ । ଅଭ୍ୟାସେ ହୋଇବ ସଂଯତ ।
[illegible] ପଶୁପକ୍ଷିମାନେ । ସ୍ୱଚ୍ଛନ୍ଦେ ବୁଲୁଥାନ୍ତି ବନେ ।
[illegible] ହେଲେ ଜାଣ । ବ୍ୟଥିତ ହୁଏ ତାଙ୍କ ମନ ।
[illegible] ସୁଯୋଗ ମିଳିଲେ । ପୁଣି ପଳାନ୍ତି ବନେ ଭଲେ ।
[illegible] ହେଲେ [illegible] । ପାଶଣାରେ ପକାନ୍ତି ସେ ବନ ।
[illegible] ସମ ମଣି । ଆନନ୍ଦେ ରହେ ହୋଇ ତୁନି ।

...ଳେ ମନ । ଅଭ୍ୟାସେ ବଶ ହେବ ଜାଣ ॥
...ମେ ପ୍ରଥମେ ଚଞ୍ଚଳ । ହୋଇବ ନ ହୋଇ ନିଶ୍ଚଳ
...ଠରେ ଅମିତ୍ର ବେଗେ ଫେର । ମୁଣ୍ଡି ଲଗାଅ ଧୀର କର
...ପରି ଭଳ୍ପେ ବାର ବାର । ମନ ଅପୂର୍ବ ହେବ ତୋର ॥୧୬
ଅଭ୍ୟାସ କରୁ କରୁ ମନ । ସ୍ଥିର ହୋଇବ ଦୃଢ଼େ ଜାଣ ॥
ମନ ଯାହାର ସ୍ଥିର ହେବ । ତା ରଜଗୁଣ ନାଶ ଯିବ ।
ପ୍ରଶାନ୍ତ ହେବ ତାର ମନ । ନିଷ୍ପାପ ହୋଇବ ସେ ପୁଣ ॥
ଧର୍ମ ଅଧର୍ମ ପାପପୁଣ୍ୟ । ସକଳ ତାହାର ସମାନ ॥
ନିଶ୍ଚେ ସେହୁ ବ୍ରହ୍ମଜ୍ଞାନ । ଏମନ୍ତ ଯେହୁ ଯୋଗୀଜନ ॥
ଉତ୍ତମ ସୁଖ ସେ ଭୋଗଇ । ତାହାରୁ ସୁଖୀ କେହୁ ନାହିଁ ॥
ସମାଧି ସୁଖ ଲଭ ତାର । ଏ କଥା ଜାଣ ତୁ ନିଶ୍ଚର ॥୧୭
ଏମନ୍ତେ ଅତ୍ମାଠାରେ ମନ । ସଦା ଲଗାଏ ଯେହୁ ଜନ ॥
ପାପ ସକଳ ଯାଏ ନାଶ । ନ ରହେ କଳମଷ ଲେଶ ॥
ସହଜେ ବ୍ରହ୍ମ ଦରଶନ । ଲଭଇ ସେହୁ ଯୋଗୀଜନ ॥
ପରମ ସୁଖ ସେ ଲଭଇ । ଜୀବନ୍ତେ ମୁକତ ହୁଅଇ ॥୧୮
ଏମନ୍ତ ଯେଉଁ ଯୋଗୀଜନ । ଯୋଗଧ୍ୟାନରେ ସଦା ମନ ॥
ସବୁଠି ସମାନ ଦେଖଇ । ସମଦରଶୀ ସେ ନିଶ୍ଚଇ ॥
ସବୁଠି ବ୍ରହ୍ମ ଛନ୍ତି ରହି । ସକଳ ସମାନ ଦିଶଇ ॥
ସ୍ଥାବରଅଦ ଭୂତ ଯେତେ । ଅଛନ୍ତି ଏ ବିଶ୍ୱ ଜଗତେ ॥
ସବୁଠି ବ୍ରହ୍ମ ଅଛି ରହି । କେ କାହାଠାରୁ ଭିନ୍ନ ନୋହି ॥
ଦେହଟା ତାଙ୍କୁଣି କେବଳ । ଦିଶଇ ନାନା ପରକାର
ଏକଇ ବ୍ରହ୍ମ ସବୁ ଦେହେ । ବିରାଜିଛନ୍ତି ଜାଣିନୁହେ
ଅଜ୍ଞାନ୍ୟ ନ ହେଲେ ବିନାଶ । ଏ ଜ୍ଞାନ ନ ହୋଇବ ଲେଶ
ଯୋଗୀର ଥାଏ ବ୍ରହ୍ମଜ୍ଞାନ । କରଇ ବ୍ରହ୍ମ ଦରଶନ
ଆପଣା ପର ନାହିଁ ଜ୍ଞାନ । ସବୁଠି ସମ ଦରଶନ

ନିଜଠାରେ । ସେ ଅଛି ସକଳ ଭୂତରେ ॥
ପର୍ଯ୍ୟନ୍ତ । ଯହିଁରେ ପୂରିଛି ଜଗତ ॥
ଆତ୍ମାକୁ ଦେଖଇ । ଆତ୍ମାରେ ସକଳ ଦେଖଇ ॥
ଯେ ଏମନ୍ତ ଦେଖଇ । ଆନ କେ ଦେଖି ନପାରଇ ॥ ୨୯
ଆତ୍ମରୂପେ ଭଗବାନ । ସବୁଠି ଅଛି ଯାର ଜ୍ଞାନ ॥
ମତେ ସବୁଠି ଦେଖଇ । ସକଳ ମୋଠାରେ ଦେଖଇ ॥
ଯେ ଦେଖିପାରଇ । ସେ ମତେ ଅବଶ୍ୟ ଦେଖଇ ॥
ତାକୁ ଦେଖଇ ନିଶ୍ଚୟ । ଏଥିରେ ନାହିଁଟି ସଂଶୟ ॥
ତାକୁ କରେ ଅନୁଗ୍ରହ । ମୋ କୃପା ଲଭେ ସେ ନିଶ୍ଚୟ ॥ ୩୦
ଦେବେ ନାରାୟଣ । ବସନ୍ତି ଅନାଦି କାରଣ ॥
ଭଗବାନ ମତେ । ପୂଜଇ ଯେଉଁ ଯୋଗୀ ନିତ୍ୟେ ॥
ଜ୍ଞାନେ ଅରାଧଇ । ସବୁଠି ଯେ ମତେ ଦେଖଇ ॥
ଯେଉଁ ଯୋଗୀ ଜନ । ଅନ୍ତେ ମୋଠାରେ ପାଏ ସ୍ଥାନ ॥
ଥଙ୍ଗେ ସେ ମିଶଇ । ସାଯୁଜ୍ୟ ମୋକ୍ଷ ସେ ଲଭଇ ॥
କେବେ ନାହିଁ ନାଶ । ଏ କଥା ଜାଣ ତୁ ଅବଶ୍ୟ ॥
ତେଜୁ ସେ କରମ । କେତେ ବା କର୍ମଫଳମାନ ॥
ଯାହା କରେ । ଯେ ଭାବେ ଥାଉ ଏ ସଂସାରେ ॥
ବୋଲେ ଶିଷ୍ଟ ବା ଅଶିଷ୍ଟ । କେ ବୋଲେ ଦୁରାଚାର ଦୁଷ୍ଟ ॥
ଭବନ୍ତୁ ଯାହା ତାହା । ଶୋଚନା ନ କରଇ ତାହା ॥
ମୋଠାରେ ଥାଏ ଲୟ । ମୁଁ ତାର କେବଳ ଆଶ୍ରୟ ॥
ମତେ ଯେ ଭଜଇ । ଜୀବନ୍ତେ ମୁକତି ଲଭଇ ॥ ୩୧ ॥
ଯେତେକ ଭକ୍ତଜନ । ସବୁଠୁ ଶ୍ରେଷ୍ଠ ତାକୁ ଜାଣ ॥
ଦୁଃଖେ ହୁଏ ଦୁଃଖୀ । ଅଥବା ପର-ସୁଖେ ସୁଖୀ ॥
ମଣେ । ସମଦରଶୀ ସବୁ ଜନେ ॥
ଦୁଃଖ କଥା ଶୁଣି । ଆପଣା ଦୁଃଖ ହେଲା ମଣି ॥

ଯେ ଦୁଃଖେ ମୁଁ ଯଥା କାତର । ସେ ବିନା ସେହୁ ପରକାର ॥
କେହୁ ଭୋଗିବ ଦୁଃଖ ସହୁ । ଆହା ମୁଁ କିଛି କଲନାହିଁ ॥
ସକଳେ ରହନ୍ତୁ ସୁଖରେ । କାହାର ଦୁଃଖ ନୋହୁ ତଳେ ॥
ଏମନ୍ତ ବାଞ୍ଛଇ ଯେ ଜନ । ଅଟେ ସେ ଭକତ ପରମ ॥ ୩୨

ଅର୍ଜୁନ ଉବାଚ ।

ପୁଣି ପଚାରେ ଅରଜୁନ । ଶୁଣ ହେ ଶ୍ରୀ ମଧୁସୂଦନ ॥
ଯେ ଯୋଗ କହିଲେ ଆପଣ । କିପରି ସ୍ଥିର ହେବ ମନ ॥
ମନତ ବଡ଼ଇ ଚଞ୍ଚଳ । ସ୍ଥିର ନୋହିବ କେଉଁବେଳ ॥
ପବନ ଧରିବା ମୁଠାରେ । କେ ଜାଣି ସମ୍ଭବ ବା ପାରେ ॥
ମନ ଧରିବା ତହୁଁ କଷ୍ଟ । ଯୋଗ ଅବଶ୍ୟ ହେବ ନଷ୍ଟ ।୩୩।
ସ୍ୱଭାବେ ଚଞ୍ଚଳ ଏ ମନ । ଅଜେୟ ଅଭେଦ୍ୟ ଏ ପୁଣ ॥
ସ୍ୱଭାବେ ଅଟେ ବଳଶାଳୀ । ଯେଣିକି ଗୃହେ ଯାଏ ଚଳି ।
ବିଷୟ ବାସନାରେ ବୁଡ଼ି । ରହିଛି ସଦା ମନ ବୁଡ଼ି ।
କାହାର ଅଛି ସାମରଥ । ଭେଦିପାରିବ ସେହୁ ପଥ ।
ଶରୀର ଇନ୍ଦ୍ରିୟ ସହିତ । ସଦା ଏ ମନର ଅଧୀନ ॥
ମନର ଯେଉଁ ଉପଦ୍ରବ । କାଏ ବା କେମନ୍ତେ ଏଡ଼ିବ ।
ଯାହା ବିଷୟେ ତାହା କରେ । ଇନ୍ଦ୍ରିୟ ଥାନ୍ତି ସଦା ଜ୍ୱରେ ।
ଦେହକୁ ଅବଶ କରଇ । ଯେତେଣେ ବିଷୟରେ ତେଣେ ନେ
ଏମନ୍ତ ମନ ଥାଇ ଦେହେ । ଯୋଗ ସମ୍ଭବ କେବେ ନୁହେଁ
ପବନ ଧରିବ କେସନ । ମନର ନିଗ୍ରହ ତେସନ
ହେ କୃଷ୍ଣ ଫେଡ଼ ମୋ ସଂଶୟ । କିପରି ମନର ନିଗ୍ରହ ।୩୪।

ଭଗବାନୁବାଚ ।

ହେ ମହାବାହୁ ଅରଜୁନ । ଯାହା ପୁଚ୍ଛିଲ ଏବେ ଶୁଣ
ଏ ବଡ଼ କଠିନ ବ୍ୟାପାର । ଚଞ୍ଚଳମନ ହେବ ସ୍ଥିର
ଏଥିରେ ନାହିଁଟି ସଂଶୟ । ଦୁଃସାଧ୍ୟ ମନର ନିଗ୍ରହ

ଜାଣ ହେ କ୍ଷାନ୍ତ । ଉପାୟ ଅଛି କୁନ୍ତୀସୁତ ॥
ଅଭ୍ୟାସ ବଇରାଗ ଦୁଇ । ପ୍ରଧାନ ଉପାୟ ଅଟଇ ॥
ପ୍ରାପ୍ତ ଇଛା ତ୍ୟାଗ । ଅଟଇ ଏହା ବଇରାଗ । ୩୫ ।
ମନ ଯାହାର ନୁହେ ବଶ । ଏ ଯୋଗ ନ ପାଏ ଅବଶ୍ୟ ॥
ଯତନେ ମନ ବଶ ହେଲେ । ଏ ଯୋଗ ସ୍ୱଳ୍ପରେ ମିଳେ ।୩୬

ଅର୍ଜୁନ ଉବାଚ ।

ପୁଣି ପଚାରେ ଅରଜୁନ । ଅଉ କଥାଏ କୃଷ୍ଣ ଶୁଣ ॥
ଯୋଗେ ଯାହାର ଶ୍ରଦ୍ଧା ଥାଇ । ନାନାଦ ଯତନ କରଇ ॥
ନ ପାରେ ବଶ କରି ମନ । ନ ହୁଏ ଯୋଗ ସିଦ୍ଧି ପୂର୍ଣ ॥
ଏମନ୍ତ ଭ୍ରଷ୍ଟ ଯୋଗୀମାନେ । ଲଭନ୍ତି କି ଗତି କେସନେ ।୩୭
ଏମନ୍ତ ଭ୍ରଷ୍ଟ ଯୋଗୀଜନ । ଉଭୟପଥ ହରାଇଣ ।
ଉତ୍ତର ମାରଗ ନ ଚିହ୍ନି । ଏମନ୍ତ ନିରାଶ୍ରୟ ପ୍ରାଣୀ ।
ନ ହେଲା କେଉଁ କୂଳ ତୀର । କି ଦଶା ଭୋଗିବ ସେ ନର ।
କର୍ମଫଳକୁ ତେଜିଲା । ଜ୍ଞାନ ମାର୍ଗତ ନ ପାଇଲା ॥
ଦୁଇନାବରେ ଗୋଡ଼ ଦେଲା । କେଉଁଟି ଧରି ନପାରିଲା ॥
ଚିନ୍ତୁଅଛି ମନେ ମୁହିଁ । ଏସନ ଦଶା କି ଲଭଇ ॥
ଯେସନ୍ତ ମେଘ ଛିନ୍ନ ହୋଇ । ଚେଭ୍ରରେ ଷୁଦ୍ର ସେ ଅଟଇ ।
ଏ ମିଶିପାରେ ବଡ଼ ସଙ୍ଗେ । ଗୁଳିତ ହୁଏ ବାୟୁବେଗେ ॥
ଅବସ୍ଥା ନ ପାଇ କାହିଁ ସ୍ଥାନ । ବାୟୁରେ ହୋଇଯାଏ ଲୀନ ।
ଏସନ ଭ୍ରଷ୍ଟ ଯୋଗୀଗଣ । ହେବେ କି ପଥେ ବିନାଶନ ।୩୮
ହେ କୃଷ୍ଣ ଏ ମୋର ସଂଶୟ । ଛେଦନ କର ହେ ନିଶ୍ଚୟ ।
ତୁମ୍ଭ ବିନୁ କେହୁ ନାହିଁ ଆନ । ହରିବ ସଂଶୟ ମୋହନ ।୩୯

ଶ୍ରୀଭଗବାନୁବାଚ ।

ଶ୍ରୀପ୍ରଭୁ ଭଗବାନ । ହେ ପାର୍ଥ ଧୀରମନେ ଶୁଣ ।
ତାହାର ବିନାଶ ଯେ ନାହିଁ । ଭଲରେ ମନ୍ଦ ଅଛି କାହିଁ ॥

[illegible] ଯେ ଯାଉଥିଲା । ଯାଇବେ ଯେଥ ବାଟୀ ହେଲା ॥
ତେଣୁ ସେ ଇନ୍ଦ୍ରଲୋକେ ଥିଲେ । ନନ୍ଦନ୍ତି ନାହିଁ କେତେ ଭଲେ ॥
ହୋଇଲେ ତାର ପରଲୋକ । ନ ଭୁଞ୍ଜେ କେବେହେଁ ନରକ ॥
ଶାସ୍ତ୍ରବିହିତ କର୍ମମାନ । କରୁ ଯେ ଥାଏ ଅଜୀବନ ॥
ନିଷ୍କାମକରମ କରଇ । ତାକୁ ଦୁର୍ଗତି ନଲାଗଇ ॥
ଏମନ୍ତେ ଶୁଣ ଅରେ ବାପ । ତାହାକୁ ନଲାଗଇ ପାପ ।୪୦
ଏବେ କହିବା ପାର୍ଥ ଶୁଣ । ଏ ଯୋଗଭ୍ରଷ୍ଟର କାରଣ ॥
ଥୋକାଏ ଯୋଗୀ ମନେ ଚିନ୍ତି । ବିଷୟସୁଖ ନ ଛାଡ଼ନ୍ତି ॥
ମନ ତାଙ୍କର ସ୍ଥିର ନୁହେ । ତେଣୁ ସେ ଯୋଗଭ୍ରଷ୍ଟ ହୁଏ ॥
ଏମନ୍ତ ଯୋଗୀ ପୁଣ୍ୟସ୍ଥାନ । କାଳେ ଲଭଇ ନିଷ୍ଟେ ଜାଣ ॥
ସେଠାରେ ରହେ କଷ୍ଟଦନ । କ୍ଷୟ ହୋଇଲେ ତାର ପୁଣ୍ୟ ॥
ଜନମ ଲଭେ ମର୍ତ୍ତ୍ୟପୁରେ । ପବିତ୍ର ଧର୍ମାଲୋକ ଘରେ।୪୧।
ଥୋକାଏ ଯୋଗୀ ଅଳ୍ପଜ୍ଞାନ । କି ହେବ ବୈରାଗ୍ୟ ଲକ୍ଷଣ ॥
ଏଣୁ ସେ ଅକ୍ଷମ ହୁଅନ୍ତି । ସାଧନା କରି ନ ପାରନ୍ତି ॥
ବଣା ହୋଇଲା ଯୋଗ ଯେଣୁ । ବନ୍ଧନ ନ ତୁଟଇ ତେଣୁ ॥
କେବଳ ଯୋଗୀଙ୍କ ଗୃହରେ । ଜନମ ହୁଏ ମର୍ତ୍ତ୍ୟପୁରେ ॥
ସଂସାରେ ଏମନ୍ତ ଜନମ । ଦୁର୍ଲ୍ଲଭ ଅଟଇ ଜାଣିମ ।୪୨।
ପୂର୍ବବାସନା ଦେହେ ଯେନ୍ନ । ଯୋଗ ଅଭ୍ୟାସେ ସେହୁ ମନ
ପୂର୍ବସଂସ୍କାର ଥାଏ ତାର । ମୁକ୍ତିବିଷୟେ ତତପର ॥
ତେଣୁ ସେ ଅଧିକ ଯତନ । କରଇ ହେ ପାଣ୍ଡୁନନ୍ଦନ ।୪୩।
ନ କର ଅଧିକ ଯତନ । ବିଶେଷ ଫଳ ପାଏ ଜାଣ ॥
ପୂର୍ବବାସନା ଟାଣିନିଏ । ବଳେ ଯୋଗରେ ପ୍ରବର୍ତ୍ତଏ ॥
ତା ମନ ରହ୍ନ ଅକ୍ଳେଶରେ । ତତ୍ତ୍ୱବିଷୟ ଜାଣିବାରେ
ତା ଇଚ୍ଛା ଏଡ଼େ ବଳବତୀ । ଅଧିକ ଫଳ ହୁଏ ପ୍ରାପ୍ତି ।୪୪
ଯତନଶୀଳ ଯୋଗୀ ଯେବେ । ଅଧିକ ଯତନ କରବେ

[illegible] ର ଉଦୟେ ॥
[illegible] ପଢ଼ିକି ଲଭନ୍ତି ।
[illegible] ଲଭନ୍ତେ ।୪୫
[illegible] । [illegible] ଶ୍ରେଷ୍ଠ ଯୋଗୀ ଜାଣ ।
[illegible] । [illegible] ଜାଣ ॥
[illegible] । ଅଟଇ ସକଳ ପ୍ରଧାନ ॥
[illegible] ଯୋଗ ମତ । ତୁ ଯୋଗୀ ହୁଅ ହେ ନୃପତ ୪୬
[illegible] ଯେଉଁ ଜନ । ଶ୍ରଦ୍ଧାରେ ଦେଇ ମୋରେ ମନ ॥
[illegible] ମୋ ଭଜନ । ଅଟେ ସେ ଯୋଗୀ ଶ୍ରେଷ୍ଠତମ ।୪୭
[illegible] ଭଣେ । ଭକତ ଥାଉ ତୋ ଚରଣେ ॥

[illegible] ମହାଭାରତେ ଶତସାହସ୍ର୍ୟାଂ ସଂହିତାୟାଂ ବୈୟାସିକ୍ୟାଂ [illegible] ଶ୍ରୀମଦ୍ ଭଗବଦ୍ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ [illegible] ଶ୍ରୀକୃଷ୍ଣାର୍ଜ୍ଜୁନସମ୍ବାଦେ ଧ୍ୟାନଯୋଗୋ ନାମ [illegible]ଧ୍ୟାୟଃ ।

—❉—

ସପ୍ତମ ଅଧ୍ୟାୟ

ବିଜ୍ଞାନଯୋଗ

ଶ୍ରୀଭଗବାନୁବାଚ

[illegible] କହନ୍ତି ଭଗବାନ । ଅର୍ଜୁନ ଏ ବାକ୍ୟଟିକେ ଶୁଣ ।
[illegible] ମୋ ଠାରେ ମନ । ରଖିଣ ଦୃଢ଼େ କର ଧ୍ୟାନ ।
[illegible] ମୋହଠାରେ । ଭଜ ତୁ ଏକାନ୍ତ ଚିତ୍ତରେ ॥
[illegible] ଅଭ୍ୟାସ ଏହୁପର । କର ତୁ ଆନ ନବିଗୁର ॥
[illegible] ତେବେ ମତେ । ସଂଶୟ ନଥିବ କାହିଁତେ ॥
[illegible] । ସବୁ ବିଭୂତ ବଳବୀର୍ଯ୍ୟ ॥
[illegible] ତୁ ନିଶ୍ଚୟ । କହୁଛି ଶୁଣ ଧନଞ୍ଜୟ । ୧ ।

ଯେ ଗୁହ୍ୟ ଏ ଯତ୍ନ ଜାଣିଲେ । ଜ୍ଞାନ ଲଭିବୁ ଅବହେଳେ ॥
ଅଧିକ ଯାଣିବାକୁ ତୋର । ବାକି ନଥିବ ଯେ ପ୍ରକାର ॥
ସେ ସବୁ ବିଷୟ ତୁ ଶୁଣ । ବୁଝାଇ କହିବା ବିଜ୍ଞାନ ॥
ସକଳ ଶାସ୍ତ୍ର ଉପଦେଶ । ଗୁରୁଙ୍କ ଆଦେଶ ବିଶେଷ ॥
ଯା ଅନୁଭବେ ଅଛୁ ଜାଣି । ସେ ସବୁ କହିବି ବଖାଣି ॥
ମୋର ବିଷୟେ ଅଛି ଯାହା । ସମସ୍ତ କହିବି ମୁଁ ତାହା ॥
ଶୁଣିଲେ ସଂଶୟ ତୁଟିବ । କିଛିହିଁ ବାକି ନରହିବ ।୨।
ଦେଖ ଏ ସାରା ଜଗତରେ । ଅସଂଖ୍ୟ ପ୍ରାଣୀ ବାସ କରେ ॥
ପ୍ରାଣୀ ମଧ୍ୟରେ ଏ ମାନବ । କରିପାରଇ ଶ୍ରେୟ ଲାଭ ॥
ସହସ୍ର ମନୁଷ୍ୟ ମଧ୍ୟରେ । କେହି ବା ଜଣେ ଯତ୍ନ କରେ
ଲଭିବାପାଇଁ ଅତ୍ମଜ୍ଞାନ । ଥାଏ ଯାହାର ତେତେ ପୁଣ୍ୟ ॥
ଏପରି ସାଧକ ମଧ୍ୟରେ । କେହି ବା ଜଣେ ଥାଇପାରେ ॥
ସେ ମତେ ଯଥାର୍ଥ ଜାଣଇ । ପରମ ଅତ୍ମା ବୋଲି ମୁହିଁ ॥
ପ୍ରାକ୍ତନ ପୁଣ୍ୟ ଥାଏ ଯାର । ଏ ଜ୍ଞାନ ଲଭେ ସେହି ନର ।୩।
ମୋହର ପ୍ରକୃତ ଅବର । ଅଟଇ ଅଠ ପରକାର ॥
ପୃଥିବୀ ଜଳ ତେଜ ବାୟୁ । ଆକାଶ ମନ ବୁଦ୍ଧି ଏହୁ ॥
ଅହଂକାରକୁ ଘେନ ପୁଣି । ଅଷ୍ଟ ପ୍ରକୃତ ହେ ଫାଲ୍ଗୁନୀ ॥
ଏ ଅଷ୍ଟ ପ୍ରକୃତ ମୋ ଜାଣ । ନିକୃଷ୍ଟ ଅଟେ ଅରଜୁନ ॥
ଏଥିରୁ ଭିନ୍ନ ଅଛି ଜାଣ । ଜୀବ ପ୍ରକୃତ ମୋର ପୁଣ ॥
ପରା ପ୍ରକୃତ ତାକୁ କହି । ସେହି ସେ ଉତ୍କୃଷ୍ଟ ଅଟଇ ॥
ଏହି ପ୍ରକୃତ ବଳେ ମୁହିଁ । ଜଗତ ଧାରଣ କରଇ ।୪।
ସ୍ଥାବର ଜଙ୍ଗମ ସହିତ । ଅର୍ଜୁନ ଏ ପ୍ରାଣୀ ଜଗତ ॥
ଏ ଦୁଇ ପ୍ରକୃତିରୁ ଜାତ । ଏହା ତୁ ଜାଣିଥା ନିଶ୍ଚିତ ॥
ଏ ସୃଷ୍ଟି ପ୍ରଳୟ କାରଣ । ଅଟଇ ମୁଁହି ହେ ଅର୍ଜୁନ ।୫।
ସୂତାରେ ଗୁନ୍ଥା ମଣି ପରି । ଜଗତ ମୋତେ ଅଶ୍ରା କରି

[illegible] ପାର ଅରଜୁନ । ମୋଠାରୁ ଅନ୍ୟ ନାହିଁ ଜାଣ ।
[illegible] ସୂତ୍ରେ ଥାଏ । ବାହାରେ ତା ଦେଖା ନଯାଏ ।
[illegible] ଜାଣି ସେହ୍ନପର । ସକଳ ମଧ୍ୟେ ଅଛୁ ପୂର ।
[illegible] ଯେତେକ ଅଜ୍ଞଜନ । ନପାନ୍ତି ମୋର ଦରଶନ ।୭।
[illegible] ଶୁଣି କୁନ୍ତୀ ସୁତ । ମୁଁ ଅଟେ ସର୍ବଜ୍ଞ ବଦାତ ।
ଜଳରେ ରସରୂପେ ଥାଇ । ଚନ୍ଦ୍ରସୂର୍ଯ୍ୟର ପ୍ରଭା ମୁଁ ହି ।
ବେଦେ ମୁଁ ପ୍ରଣବ ଓଁକାର । ଅକାଶେ ଶବ୍ଦରୂପ ମୋର ।
ମାନବ ଜାତର ଉଦ୍ୟମ । ସାର ଶକତ ମୁଁ ଜାଣିମ ।୮।
ପବନ ଗନ୍ଧ ପୃଥିବୀର । ଅଗ୍ନିର ତେଜ ମୁଁ ନକର ।
ଏ ସର୍ବ ଭୂତର ଜୀବନ । ତପୀର ତପ ମତେ ଜାଣ ।୯।
ଏ ଚରାଚର ଜଗତର । ମୂଳ କାରଣ ମତେ ଧର ।
ବୁଦ୍ଧିମାନର ବୁଦ୍ଧି ମୁଁ ହି । ତେଜସ୍ୱୀ ତେଜ ମୁଁ ଅଟଇ ।୧୦।
ବଳବାନର ବଳ ମୁହିଁ । ଯେ ବଳେ କାମକ୍ରୋଧ ନାହିଁ ।
ପ୍ରାଣୀର କାମ ଅଟେ ମୁହିଁ । ଧର୍ମ ବଇରୀ ଯେ ନୁହଇ ।୧୧।
ସାତ୍ତ୍ୱିକ ରାଜସ ତାମସ । ଏ ଅଦ ଭାବ ଯେ ବିଶେଷ ।
ସର୍ବେ ମୋଠାରୁ ଉତପନ୍ନ । ମୁଁ ନୁହେ କାହାର ଅଧୀନ ।
ସକଳ ମୋହର ଅଧୀନ । ମୋତହୁଁ ନାହିଁ କେହୁ ଅନ ।୧୨।
[illegible] ତ୍ରିଗୁଣ ଜଡତ । ମୋହିତ କରେ ଏ ଜଗତ ।
[illegible] ମୋହେ ପଡ଼ି ଯେ ବୁଲନ୍ତି । ମୋତେ ସେ ଚିହ୍ନି ନପାରନ୍ତି ।
ମୁଁ ଅଟେ ପରମ ପ୍ରଧାନ । ମୋହର ନାଶ ନାହିଁ ଜାଣ ।୧୩।
[illegible] ଗୁଣମୟ ମାୟା ମୋର । ଅଟଇ ଅତି ଚମତ୍କାର ।
[illegible] ବଳ ଅଛି କାର । ତରିବ ଏ ମାୟା ଦୁସ୍ତର ।
[illegible] ମୋଠାରେ ଯେ ହୁଏ ପ୍ରପନ୍ନ । ଏକାନ୍ତେ ଭଜେ ଦେଇ ମନ ।
[illegible] କେବଳ ସହଜରେ । ଦାଇବୀ ମାୟା ତରିପାରେ ।୧୪।
[illegible] ପାପୀ ଅବିବେକ ଜନ । ମାୟା ମୋହିତ ଜ୍ଞାନହୀନ ।

ଆସୁର ସ୍ୱଭାବ । ସେ କାହିଁ ଚରଣ ପଶିବ ।୧୫
ଶୁଣ ଅର୍ଜୁନ ମନ ଦେଇ । ଯେ ମତେ ଯେ ଭାବେ ଭଜଇ ।
ଅପଦ ବିପଦ ପଡ଼ିଲେ । ଥୋକାଏ ଭଜନ୍ତି ସେ ଭଲେ ।
ରୋଗରେ ହେଲେ କଳବଳ । ଡାକନ୍ତି ରଖ ଅଦମୂଳ ।
ଥୋକାଏ କରନ୍ତି ଭଜନ । ଇଚ୍ଛନ୍ତି ଦିବ୍ୟ ଆତ୍ମଜ୍ଞାନ ।
ଧନସମ୍ପତ୍ତି ଲଭ ଆଶେ । କେହୁ ବା ଭଜନ୍ତି ଅଶେଷେ ।
ଯେ ଲଭିଥାଏ ଦିବ୍ୟ ଜ୍ଞାନ । ସେ କରେ ମୋହର ଭଜନ ।
ସୁକୃତାତ୍ମା ଶୁଦ୍ଧଜାତି ଜାଣି । ମୋତେ ଭଜନ୍ତି ଅର୍ଜୁନ ।୧୬
ମୋଠାରେ ରଖି ସ୍ଥିରମତି । ମୋ ବିନୁ ନାହିଁ ଆନ ଗତି ।
ଏମନ୍ତ ଲକ୍ଷ୍ୟ ରଖି ମୋରେ । ଜ୍ଞାନୀ ଭଜଇ ନିରନ୍ତରେ ।
ତେଣୁ ସେ ଜ୍ଞାନୀ ଭକ୍ତ ମୋର । ପ୍ରଧାନ ଅଟଇ ନିକର ।୧୭।
ଏ ଗୁଣ ଭକତ ପ୍ରଧାନ । ଜ୍ଞାନୀ ମୋ ଆତ୍ମାର ସମାନ ।
ଭଜଇ ମୋତେ ଏକଧ୍ୟାନେ । ମୋ ବିନୁ ଆନକୁ ନ ଜାଣେ ।
ଅନ୍ୟ ଯେ ତିନି ଭକ୍ତଜନ । ସକାମ ତାହାଙ୍କ ଭଜନ ।
ଫଳ ଆଶାରେ ସେ ପୂଜନ୍ତି । ତେଣୁ ସେ ସୁକୃତି ଅଟନ୍ତି ।
ଯେ ମତେ ଯେମନ୍ତେ ଭଜଇ । ମୁଁ ତାକୁ ତେମନ୍ତ ମିଳଇ ।
ଅଭକ୍ତଠାରୁ ସେ ପ୍ରଧାନ । ଶୁଣ ହେ ବୀର ଅରଜୁନ ।୧୮
ବହୁତ ଜନ୍ମ ଜନ୍ମାନ୍ତରେ । ଜ୍ଞାନୀ ମୋ ରୂପ ଜାଣିପାରେ ।
ଜଗତ ବାସୁଦେବମୟ । ଏ ତତ୍ତ୍ୱ ଜାଣନ୍ତି ନିଶ୍ଚୟ ।୧୯।
ଆଉ ଯେତେକ ଭକ୍ତ ଜନ । ହରାଇ ଦିବ୍ୟ ଆତ୍ମଜ୍ଞାନ ।
ପୂଜନ୍ତି ନାନାଦି ଦେବତା । ଯେ ଯେଉଁ ଫଳର ଦାତା ।
ଇନ୍ଦ୍ରାଦି ଦେବତା ପୂଜନ୍ତି । ପୁତ୍ର କଳତ୍ର ଲଭ ଚିନ୍ତି ।
କେହୁ ବା ଭୈରବ ସାଧନ । ମାରଣ ବଶ ଉଚ୍ଚାଟନ ।
ଯେ ବିଧି ଯେଉଁ ଦେବତାର । ପୂଜନ୍ତି ସେହି ପ୍ରକାର ।୨୦
ଯେ ଯେଉଁ ଦେବତା ପୂଜଇ । ଶ୍ରଦ୍ଧାଭକ୍ତିରେ ମନ ଦେଇ ।

... ନ । ମୁଁ ପୁଣି କରଇ ଅଚଳ ॥
... ଭଜଇ । ସେ ମୂରତିରେ ଫଳ ଦେଇ ॥୧
... ପ୍ରକାରେ । ଶ୍ରଦ୍ଧା ଯେ ବଢ଼ାଏ ମନରେ ।
... ଅଚଳ କରାଇ । ଭକତି ଦୃଢ଼ କରେ ମୁହିଁ ॥
... ଯେତୁ ମନାସନ୍ତି । ସେ ଫଳ ସେ ଦେବ ଦିଅନ୍ତି ॥
... ଦେବ ପୂଜଇ । ଦେବତା ଦେବ ଅବା ଭଜଇ ।
... ଫଳର କରତା । ପ୍ରକାନ୍ତି ସେ ସେହୁ ଦେବତା ।
ମୁଁ ସେହୁ ଫଳର କରତା । ମୋ ବିନୁ ନାହିଁ ଅନ ଧାତା ॥
ଦେବତାଆଦି ଛନ୍ତି ଯେତେ । ମୋହର ଅଧୀନ ସମସ୍ତେ ॥
... ଦେବତାମଧ୍ୟେ ମୁଁ ହି । ମୁଁ ଅନ୍ତର୍ଯ୍ୟାମୀରୂପେ ଥାଇ ॥
... ଦେବତା ଦିଏ ଯାହା । ମୋହର ବଧାନଟି ତାହା ॥
... ଗତ ଫଳ ଲଭେ ନର । ମୁଁ ତାର ବିଧାତା ଈଶ୍ୱର ॥୨୨
... ଅର୍ଜୁନ ଧୀରେ ଶୁଣି । ଏଥିରେ ଅଛି ତାରତମ୍ୟ ॥
... ଫଳ ନୁହେ ଚିରସ୍ଥାୟୀ । କାଳେ ସେ ବିନାଶ ହୁଅଇ ।
... ଅଳ୍ପ ବୁଦ୍ଧି ଯାହାଙ୍କର । ଲଭନ୍ତି ସେହୁ ଏହା ଫଳ ॥
ନାନାଦି ଦେବତା ପୂଜନ୍ତି । ନାନାଦି ଫଳ ମନାସନ୍ତି ॥
... ଣା ବାଞ୍ଛା ଅନୁସାରେ । ଫଳ ଲଭନ୍ତି ସେହୁ ନରେ ।
... ଫଳ ଯଦି ମୁଁ ଦିଅଇ । ତଥାପି ନୁହଇ ଚିରସ୍ଥାୟୀ ॥
... ଦେବତା ଯେହୁ ପୂଜେ । ସେ ତାଙ୍କୁ ମିଳନ୍ତି ସହଜେ ।
... ଲୋକରେ ସେ ବସନ୍ତି । ଅଳପ କାଳ ତହିଁ ସ୍ଥିତି ।
... ଯେ ଏକାନ୍ତେ ପୂଜଇ । ମୋର ସାକ୍ଷାତ ସେ ଲଭଇ ।
... ଫଳ ଅଟେ ଚିରସ୍ଥାୟୀ । ଜନ୍ମ ମରଣ ନାଶ ଯାଇ ॥
... ମୋକ୍ଷ ନିତ୍ୟାନନ୍ଦ । ମୁଁ ଦେଣ୍ଟୁ ପରମ ଆନନ୍ଦ ।୨୩
... ପାଞ୍ଚିବୁ ଏମନ୍ତ । କିମ୍ପା ନଭଜେ ମୋର ଚିତ୍ତ ।
... ଏ ଫଳ ତାରତମ୍ୟ । କିମ୍ପା ଭୁଲନ୍ତି ଏହୁ ଜନ ॥

ଶ୍ରମତ ଅଟଇ ସମାନ । ଫଳରେ ଏତେ ଭେଦ ପୁଣ ?
ମତେ ନଭଜି ତାହିଁ ପାଇଁ । କ୍ଷୁଦ୍ର ଦେବତା ପୂଜେ କେହୁ ॥
କହୁଛି ଏଥିର କାରଣ । ଅର୍ଜ୍ଜୁନ ସାବଧାନେ ଶୁଣ
ଅଜ୍ଞାନୀ ଅଳ୍ପବୁଦ୍ଧି ଜନ । ନଜାଣେ ମୋ ଗୁଣ ଧର୍ମ ॥
ଅବ୍ୟକ୍ତ ଅବିନାଶୀ ମୁହିଁ । ସବୁଠୁ ଉତ୍ତମ ଅଟଇ ॥
ପରମ ସ୍ୱରୂପ ମୋହର ତାହାଙ୍କୁ ନହୁଏ ଗୋଚର ॥
ମୁଁ ଅଟେ ମାୟାରୁ ଅତୀତ । ଏ କଥା ନଜାଣେ କହିତ ॥
ମୋର ସ୍ୱରୂପ ଜଣାନାହିଁ । ଭ୍ରମରେ ପଡ଼ିବଣା ହୋଇ ॥
ସଂସାର ରକ୍ଷା ହେତୁ ମୋର । ନାନାବିଧ ଲୀଳା ଅବତାର ॥
ସେ ଲୀଳାବଶୁଁ ଦେହ ଧରେ । ସଂସାରେ ଦେବତାରୂପରେ ॥
ଅଜ୍ଞାନୀ ଜନର ବିଶ୍ୱାସ । ଏସବୁ ଦେବତା ବିଶେଷ ॥
ମୋଠାରୁ ଅଟନ୍ତି ସେ ଭିନ୍ନ । ଦଅନ୍ତି ଫଳ ତତକ୍ଷଣ ॥
ତେଣୁ ସେ ତାହାଙ୍କୁ ଭଜନ୍ତି । ମତେ ଆଦର ନକରନ୍ତି ॥
ତେଣୁ ଲଭନ୍ତି ଯେଉଁ ଫଳ । ବିନାଶ ଯୋଗ୍ୟ ତା କେବଳ ॥
କ୍ଷଣଭଙ୍ଗୁର ଅଟେ ତାହା । ଜାଣି ନପାରେ ମୂଢ଼ ଏହା ॥୨୪॥
ଯୋଗମାୟାରେ ସମାବୃତ । ରହଇ ଯେଣୁ ମୁଁ ନିୟତ ।
ସକଳ ଲୋକରେ ପ୍ରକାଶ । ତେଣୁ ମୁଁ ନହୁଏ ଅବଗ୍ୟ ॥
ଜନ୍ମମରଣ ମୋର ନାହିଁ । ମୂଢ଼ ଏ କଥା ନଜାଣଇ ॥
ତେଣୁ ଯେତେକ ଅଜ୍ଞଜନ । ନପାନ୍ତି ମୋର ଦରଶନ ॥
ମୋହର ମାୟା ଚମତ୍କାର । ଅଘଟ ଘଟାଏ ନିକର ॥
ମୋହର ପ୍ରଜ୍ଞାର ବିଳାସ । ସେ ମାୟା ଅଚିନ୍ତ୍ୟ ଅବଶ୍ୟ ॥
ଗୁଣତ୍ରୟ-ପୂର୍ଣ୍ଣ ମୋରମାୟା । ତମ-ସ୍ୱରୂପ ତାର କାୟା ।
ମୋହରଠାରୁ ହୋଇ ଜାତ । ଘୋଡ଼ାଏ ମତେ ସେ ନିୟତ ।
ଯେ ମାୟା ଭେଦ ନ ପାରିବ । ମତେ ସେ ଦେଖି ନପାରିବ ॥
ଭୂତ ଭବିଷ୍ୟ ବର୍ତ୍ତମାନ । ଏ ତିନିକାଳ ପ୍ରାଣୀଗଣ ॥

ମୋଷୀଙ୍କି ଜାଣିଇ । ମତେ କେ ଜାଣି ନ ପାରଇ ॥
ମୋହଠାରୁ ଜାତ । ମୁଁ ତାର ଅଣପୃ ନିଶ୍ଚିତ ॥
ମାୟା ମୋହର ଅଧୀନ । ମୁଁ ନୁହେ ମାୟା-ମୁଗ୍ଧ ଜାଣ ॥
... ସେ ନ କରେ ମୋହିତ । ମୁଁ ନୁହେ ତାହାର ଆୟତ୍ତ ॥
... ଛଡ଼ା ଅନ ଅଜ୍ଞଜନ । ହୁଅଇ ମୋ ମାୟା ଅଧୀନ ॥
ମାୟାମୋହରେ ବଣ ହୋଇ । ମୋ ତଥା କେହି ନ ଜାଣଇ ॥
... ରେ ମୋହର ଭଜନ । ମୋ ନାମ ନଦରେ ସ୍ମରଣ ॥୨୬
... ପରନ୍ତପ ହେ ଭାରତ । ଶୁଣ କହୁଛୁ ହେତୁ ତତ୍ତ୍ୱ ॥
... କାଳରେ ଯେତେବେଳ । ଏ ସ୍ଥୂଳ ଦେହ ଜାତ ହେଲା ॥
... ତ୍ରି ହୁଏ ଇଚ୍ଛା ଦ୍ୱେଷ । ଘଟାଏ ଦ୍ୱନ୍ଦ ସେ ବଶେଷ ॥
... ହାଙ୍କୁ ମଣେ ଅନୁକୂଳ । କାହାକୁ ଅବା ପ୍ରତିକୂଳ ॥
... ନ୍ତ ଦ୍ୱନ୍ଦରେ ପଡ଼ଇ । ବବେକ ହଏ ସେ ହଜାଇ ॥
... ବିକ ହୋଇଲେ ବନାଶ । ମୋହ ଯେ ଘୋଟଇ ବିଶେଷ ॥
... ସୁଖୀ ଅବା ଦୁଃଖୀ ମଣେ । ଧାଉଥିଅଇ ଅନୁକ୍ଷଣେ ॥
... ତାହାର ଦେଳ କାହିଁ । ତେଣୁ ସେ ମୋତେ ନଲଭଇ ॥୨୭
... ଜନ ପୁଣ୍ୟ କର୍ମମାନ । କରିପାରଇ ଆଚରଣ ॥
... ପାର ପାପ ନାଶଯାଏ । ସକଳ ଦ୍ୱନ୍ଦ-ମୁକ୍ତ ହୁଏ ॥
... ଜନ ମାୟାରେ ନ ହୁଡ଼ । ମୋହକୁ ଦଅଇ ଘଉଡ଼ ॥
... ତା ଚତ୍ତ ଥୟ ହୁଏ । ଭଜଇ ମତେ ଏକାଲୟେ ॥
... ନ୍ତର୍ଯ୍ୟାମୀ ପରଂବ୍ରହ୍ମ । ମୋ ଭନ୍ନ ଅନ ନାହିଁ ପୁଣ ॥
... ଜ୍ଞାନ ହୁଏ ତାର । ଦୃଢ଼େ ଭଜଇ ସେ ନିକର ॥୨୮
... ନ୍ତୁ ହେବେ ମୁକ୍ତ । ଯତନ କରନ୍ତି ନିୟତ ॥
... ନେ ମତେ ଅଣ୍ଡା କର । ଲଗନ୍ତି ହବସ ଶର୍ବଗ୍ଧ ॥
... ଶ୍ୱୟୁ ଜାଣନ୍ତି । ପରମବ୍ରହ୍ମକୁ ଚିହ୍ନନ୍ତି ॥
... ଦେହଠାରୁ ଭିନ୍ନ । ଏକଥା ଜାଣଇ ସେ ଜନ ॥

ଏ ସବୁ ବିଷୟ ଜାଣିଲ । ଅଧିଭୂତ ଜ୍ଞାନ ତାକୁ କହି
ଯେଉଁ କର୍ମମାନ କଲେ । ଆତ୍ମାକୁ ଦେଖିପାରେ ହେଲେ
ସକଳ ତାକୁ ଯାଏ ଜଣା । ସେ କେବେ ନୁହେ ପଥବଣା ॥ ୨୯
ସକଳ ଭୂତେ ଅଛି ମୁହିଁ । ତେଣୁ ଅଧିଭୂତ ବୋଲଇ ॥
ସକଳ ଦେବମଧ୍ୟେ ମୁହିଁ । ଅଧିଦୈବ ମୁଁ ଅଟଇ ॥
ସକଳ ଯଜ୍ଞମଧ୍ୟେ ମୁହିଁ । ଅଧିଯଜ୍ଞ ତେଣୁ ବୋଲଇ ॥
ଯେ ଜାଣେ ମୋତେ ଅଧିଭୂତ । ଅଧିଦୈବ ମୁଁ ନିମୃତ ॥
ଅଧିଯଜ୍ଞ ମୁଁ ବୋଲି ଜାଣେ । ମୋଠି ଆସକ୍ତ ଅନୁକ୍ଷଣେ ॥
ଏମନ୍ତ ଜନ ମୃତ୍ୟୁକାଳେ । ମତେ ଜାଣଇ ଅବହେଳେ ॥
ମୃତ୍ୟୁ ଯନ୍ତ୍ରଣା ହେଲେ ତାର । ନ ଭୁଲେ କେବେ ନାମ ମୋର
ମୋହର ଭକତ ଯେ ଜନ । ମତେ ନ ଭୁଲଇ କଦାଚନ ।
ସେ କେବେ ନୁହେ ଯୋଗଭ୍ରଷ୍ଟ । ଏ କଥା ଜାଣ ତୁ ନିଶ୍ଚେ ॥ ୩୦
ଜଗତବନ୍ଧୁ ସିଂହ ଭଣେ । ହୋ ମନ ଥାଉ ତୋ ଚରଣେ ॥

ଇତି ଶ୍ରୀ ମହାଭାରତେ ଶତସାହସ୍ର୍ୟା ସଂହିତାୟାଂ ବୈୟା-
ସିକ୍ୟାଂ ଭୀଷ୍ମପର୍ବଣି ଶ୍ରୀଭଗବଦ୍‌ଗୀତାସୁପନିଷତ୍ସୁ
ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜ୍ଜୁନ
ସମ୍ବାଦେ ବିଜ୍ଞାନଯୋଗୋ ନାମ
ସପ୍ତମୋଽଧ୍ୟାୟଃ ।

ଅଷ୍ଟମ ଅଧ୍ୟାୟ ।

ତାରକବ୍ରହ୍ମ ଯୋଗ ।

ଅର୍ଜ୍ଜୁନ ଉବାଚ ।

ପୁଣି ପଚାରେ ଅରଜୁନ । ଶୁଣ ହେ ପୁରୁଷ ପ୍ରଧାନ
କି ବସ୍ତୁ ଅଟେ ସେହି ବ୍ରହ୍ମ । ତାହାକୁ କହନ୍ତି କରମ
ଅଧିଭୂତ ବା ଅଧିଦୈବ । କି ବସ୍ତୁ କହ ଚିହ୍ନିବ

ଏ ଶରୀରରେ । କିପରି ଅଛନ୍ତି କେଉଁଠାରେ ॥
ଯୋଗୀ ଜିତେନ୍ଦ୍ରିୟ ଭକ୍ତ । ମରଣ ହେଲେ ଉପସ୍ଥିତ ॥
ମରଣ ଯାତନା ଲଭିଣ । ହରାଉଥିବେ ସ୍ମୃତିଜ୍ଞାନ ॥
ଚେତନା ହଜିଯାଉଥିବ । ବଳେ ଅବଶ ପରି ହେବ ॥
ସେକାଳେ ଆପଣଙ୍କୁ ଜାଣେ । କିପରି ସଂଶୟ ମୋ ମନେ ॥୨॥

ଶ୍ରୀ ଭଗବାନୁବାଚ ।

ଯାହାର କ୍ଷୟ ବୃଦ୍ଧି ନାହିଁ । ସେ ବସ୍ତୁ ଅକ୍ଷର ଅଟଇ ॥
ଯେ ବସ୍ତୁ ଅକ୍ଷର ପରମ । ତାହାର ନାମ ଅଟେ ବ୍ରହ୍ମ ॥
ପ୍ରକୃତିର ଯେ ଅଧିକାରଣ । ତାହାର ନାମଟି ପରମ ॥
ସକଳ ଅନାଦି କାରଣ । ନାମ ତାହାର ଅଟେ ବ୍ରହ୍ମ ॥
ଯାହାର ନାହିଁଟି ବିନାଶ । ଯେହୁ ଅଟନ୍ତି ସ୍ୱପ୍ରକାଶ ॥
ସୃଷ୍ଟି ବ୍ୟାପି ରହିଛନ୍ତି । ଜଗତ କାରଣ ଅଟନ୍ତି ॥
ପୁଣି ଯେ ରୂପରେଖ ଶୂନ୍ୟ । ତାହାଙ୍କୁ ବ୍ରହ୍ମ ବୋଲି ଜାଣ ॥
[illegible] ଯେଉଁ ଆତ୍ମଭାବ । ଦେହକୁ ଆଶ୍ରେ କରିଥିବ ॥
[illegible] ନାମଟି ତାହାର । ଦିବ୍ୟଚିତ୍ତରେ ହେତୁ କର ॥
[illegible] ପୁଣି ଜୀବାତ୍ମା ବୋଲାଇ । ପରମେଶ୍ୱର ଅଂଶ ସେହି ॥
[illegible] ପରମ ଈଶ୍ୱର । ଜୀବ ପରମ ଏ ବେଭାର ॥
[illegible] ପ୍ରାଣୀ ଜାତ । ଏକରୁ ଅନେକ ସମ୍ଭୂତ ॥
[illegible] ପଞ୍ଚ ହୋମଦାନ । ହୁଅଇ ଦ୍ରବ୍ୟତ୍ୟାଗେ ପୁଣ ॥
[illegible]ହାରେ ଯଜ୍ଞ ହୁଏ । ସେ ପୁଣି କରମ ବୋଲାଏ ॥୩॥
[illegible] ବିନାଶ ନିଶ୍ଚିତ । ତାହାର ନାମ ଅଟେ ଭୂତ ॥
[illegible] ନାଶ ଯାଏ । ଏ ହେତୁ ସେ ଭୂତ ବୋଲାଏ ॥
[illegible] ଆଶ୍ରେ କରି । ଦେବାଦି ରହନ୍ତି ଅଗୋଚର ॥
[illegible] ତହିଁଥାଏ । ତେଣୁ ଅଧିଭୂତ ବୋଲାଏ ॥
ଯେ ପୁରୁଷ । ଦେହପୁରରେ କରେ ବାସ ॥

ପୃଥ୍ୱୀମଣ୍ଡଳମଧ୍ୟେ ଥାଏ । ଅଧିଦୈବତ ସେ ବୋଲାଏ ।
ତାହାଙ୍କ ଅଂଶରୁ ଉପୁଜି । ଅଟନ୍ତି ସର୍ବ ଦେବଗଣ ।
ବିଶ୍ୱମୂରତ ଯାହାର । ସମଷ୍ଟି ଦେବଗଣଙ୍କର ।
ଯା ଅଂଶ ସୂର୍ଯ୍ୟରୂପ ଧରେ । ବସଇ ଚକ୍ଷୁ ଇନ୍ଦ୍ରିୟରେ ।
ପ୍ରକାଶକ ତେଜ ଦିଅଇ । ହିରଣ୍ୟଗର୍ଭ ସେ ବୋଲାଇ ।
ଅଧିଦୈବତ ଏ ବ୍ୟାଖ୍ୟାନ । କହିଲୁଁ ଶୁଣ ଅରଜୁନ ।
ହେ ଦେହି ଶ୍ରେଷ୍ଠ ଅରଜୁନ । ମତେ ତୁ ଅଧିଯଜ୍ଞ ଜାଣ ।
ଏରୂପେ ଦେହମଧ୍ୟେ ମୁହିଁ । ସନ୍ତତ ବିହାର କରଇ ।
ସର୍ବଯଜ୍ଞର ମୁଁ ବିଧାତା । ପୁଣି ତହିଁର ଫଳଦାତା ।
ସର୍ବଯଜ୍ଞର ଅଭିମାନୀ । ଯଜ୍ଞସ୍ୱରୂପ ବିଷ୍ଣୁ ଜାଣି । ୪ ।
ମରଣକାଳେ ଯେଉଁ ପ୍ରାଣୀ । କେବଳ ମତେ ଚିନ୍ତେ ପୁଣି ।
ସ୍ମରଣ କରୁ କରୁ ମତେ । ଶରୀର ତେଜଇ ନିଭୃତେ ।
ମୋହର ଭାବ ମନେ ଚିନ୍ତି । ଶରୀର ତେଜି ଚଳିଯାନ୍ତି ।
ସେ ମୋର ସ୍ୱରୂପକୁ ପାଏ । ଏଥିରେ ନାହିଁଟି ସଂଶୟେ । ୫ ।
ଯେ ଯେଉଁ ଭାବ ମନେ ଚିନ୍ତି । ମରଣେ ଏ ଦେହ ଛାଡ଼ନ୍ତି ।
ସେ ସେହି ଭାବକୁ ପାଆନ୍ତି । ଅର୍ଜୁନ ଜାଣ ଏ ନିଶ୍ଚିତ । ୬ ।
ତେଣୁ ସନ୍ତତ ମୋତେ ଚିତ୍ତେ । ସ୍ମରଣ କରୁଥାଅ ନିତ୍ୟେ ।
ମୋଠାରେ ମନ ବୁଦ୍ଧି ଦେଇ । ଯୁଦ୍ଧକୁ ଯାଅ ବେଗ ହୋଇ ।
ମୋତେ ତୁ ପାଇବୁ ନିଶ୍ଚୟ । ଏଥିରେ ନାହିଁ ସଂଶୟ । ୭ ।
ଶୁଣ ହେ ପାର୍ଥ ଦେଇ ମନ । ଚଞ୍ଚଳ ନ କରିବ ମନ ।
ଚିତ୍ତ ଚୈତନ୍ୟ ମୋରେ ଦେଇ । ଏକାଗ୍ରଚିତ୍ତେ ଯେ ଭଜଇ ।
ଅଭ୍ୟାସ ଯୋଗବଳେ ନିତ୍ୟେ । ସେହୁ ସ୍ମରଣ କରେ ମତେ ।
ନିତ୍ୟ ଅଭ୍ୟାସ କରୁଥିଲେ । ସଂସ୍କାର ଜନମଇ ଭଲେ ।
ସଂସ୍କାର ଯେତେ ଦୃଢ ହୁଏ । ସ୍ମରଣଶକ୍ତିକି ବଢାଏ ।
ସଂସ୍କାରବଳେ ଯଥାକାଳେ । ଅଥବା ମରଣର ବେଳେ ।

ସ୍ମରଣପଥେ ଅବଚ୍ଛେଦରେ | ଈଶ୍ୱରଚିନ୍ତା ଉଦେ କରେ ||
ସେ ଭାବ ହୋଇଲେ ଉଦିତ | ଜୀବର ଘୁଞ୍ଚଇ ଜୀବତ୍ୱ ||
ପରମ ପୁରୁଷରେ ସ୍ଥିତ | ଲଭଇ ଜୀବ ମୋକ୍ଷଗତି | ୮ |
ଈଶ୍ୱର ପରମ ପୁରୁଷ | ଆଦିତ୍ୟପରି ସ୍ୱପ୍ରକାଶ ||
ସର୍ବଜ୍ଞ ଅନାଦି ଅନନ୍ତ | ସକଳ ଲୋକର ପାଳକ ||
ଅଚିନ୍ତ୍ୟରୂପ ତାହାଙ୍କର | ଶାସନକର୍ତ୍ତା ଜଗତର ||
ଅଣୁଠୁ ଅତି ସୂକ୍ଷ୍ମ ହୋଇ | ପ୍ରକୃତିପର ସେ ଅଟଇ ||
ଏମନ୍ତ ଲକ୍ଷଣରେ ଯୁକ୍ତ | ଅଟନ୍ତି ଈଶ୍ୱର ନିଯୁତ ||
ତାଙ୍କୁ ଯେ ସ୍ମରଣ କରନ୍ତି | ତାଙ୍କଠାରେ ସେ ଲୀନ ହୋନ୍ତି | ୯ |
ଯେ ଲୋକ ମରଣକାଳରେ | ନିଶ୍ଚଳମନେ ମତେ ସ୍ମରେ ||
ସେ ଅବା ଭକତିରେ ମତେ | ମରଣସମୟରେ ଚିନ୍ତେ ||
ଯୋଗବଳରେ ମୃତ୍ୟୁକାଳେ | ଯେ ପ୍ରାଣାୟାମ କରେ ହେଲେ
ସୁଷୁମ୍ନାନାଡ଼ି ବାଟ ଦେଇ | ପ୍ରାଣବାୟୁକୁ ଆକର୍ଷଇ ||
ଦୁଇଭ୍ରୂଲତା ମଧ୍ୟସ୍ଥଳେ | ଦ୍ୱିଦଳ ଲଲାଟକମଳେ ||
ପ୍ରାଣବାୟୁକୁ ତହିଁ ସ୍ଥିର | ରଖିଣ ସ୍ମରଇ ଈଶ୍ୱର ||
ଏମନ୍ତ ଯୋଗୀ ଜ୍ଞାନୀ ଭକ୍ତ | ମତେ ସେ ହୁଅନ୍ତି ପ୍ରାପତ | ୧୦ |
ବେଦଜ୍ଞ ପଣ୍ଡିତ ନିକର | ଯାହାକୁ କହନ୍ତି ଅକ୍ଷର ||
ବିଷୟାସକ୍ତିଶୂନ୍ୟ ଯତି | ଯାହାଙ୍କଠାରେ ଲୀନ ହୋନ୍ତି ||
ଯାହାଙ୍କୁ ଜାଣିବାର ପାଇଁ | ସାଧକ ବ୍ରହ୍ମଚାରୀ ହୋଇ ||
ସଂକ୍ଷେପେ କହିବା ବୁଝାଇ | କି କି ଉପାୟେ ତାଙ୍କୁ ପାଇ | ୧୧ |
ନିରୋଧି ସକଳ ଇନ୍ଦ୍ରିୟ | ନ ଗୃହେ ଯେପରି ବିଷୟ ||
ମନକୁ ବିଷୟରୁ ଆଣି | ବନ୍ଦି କରିବ ହୃଦେ ପୁଣି ||
ଚଞ୍ଚଳ ମନ କର ଥୟ | ଅଭ୍ୟାସବଳେ ଏହା ହୁଏ ||
[illegible] ବାସନା ତେଜିବ | ବିଷୟଚିନ୍ତା ନ କରିବ | ୧୨ |
[illegible]ପବନ ଭ୍ରୂରୁମଧ୍ୟେ | ରଖିବ ଇନ୍ଦ୍ରିୟ ନିରୁଦ୍ଧେ ||

...ଗଟରେ ବସିବ । ଓଁ ଏକାକ୍ଷର ଉଚ୍ଚାରିବ ॥
। ସ୍ମରଣ କର ମନେ । ତେଜିବ ଶରୀର ଯତନେ ॥
...ମ ଗତି ସେ ପାଇବ । ଏ ତଥ୍ୟ ଅଟଇଟି ଧ୍ରୁବ ।୧୩
...ୟ ଉପାୟ ଏବେ ଶୁଣ । କହୁବା ଅଛେ ଅରଜୁନ ॥
...ଳ ଉପାୟ ତେଜଣି । ଯେ ମତେ କରଇ ସ୍ମରଣ ॥
...ଃଖରେ ଅଥବା ସୁଖରେ । ସମ୍ପଦ ବିପଦକାଳରେ ॥
...ରଷ ବିଷାଦରେ ଜାଣି । ମୋ ନାମ ଯେ କରେ ସ୍ମରଣି ।
...ଆଶ୍ରା ଭରସା ଅନ ନାହିଁ । ମୋ ବିନୁ ଅନ ନ ଜାଣଇ ॥
ମୁହିଁ ତାହାର ଗତି ମୁକ୍ତି । ଏମନ୍ତେ ମତେ ସୁମରନ୍ତି ॥
ସବୁକାଳରେ ମୋର ନାମ । କରଇ ଭଜନ ସ୍ମରଣ ॥
ଏମନ୍ତ ଭକ୍ତି-ଯୁକ୍ତ ଯୋଗୀ । ସାଧଇ ହୋଇ ସର୍ବତ୍ୟାଗୀ ॥
ମୁଁ ପୁଣ ନୁହଇ ତାଙ୍କୁ ଦୂର । ସୁଲଭେ ଲଭେ ସେ ଈଶ୍ୱର ।୧୪
ମତେ ଯେ ଯୋଗୀଜନ ପାଏ । ଅନିତ୍ୟ ଜନମ ନ ପାଏ ॥
ଜନନୀ-ଜଠର କଷଣ । ନ ଲଭେ ସେହୁ କଦାଚନ ॥
ମୁକତି ଲଭଇ ସେ ଯେଣୁ । ଜନ୍ମମରଣ ନାହିଁ ତେଣୁ ।୧୫
ଅବ୍ରହ୍ମ ଚଉଦଭୁବନ । ଯେ କରେ ଯେଠାକୁ ଗମନ ॥
ଭୋଗ ସରିଲେ ଫେରଇ ସେ । ପୁଣି ଏ ମର୍ତ୍ତ୍ୟଲୋକେ ବସେ ॥
ନାନାଦି କଷ୍ଟମାନ ସହି । ଜନନୀ-ଜଠରେ ରହଇ ॥
ଲଭଇ ଅଶେଷ କଷଣି । ପୁଣି ସେ ହୁଅଇ ଜନମ ॥
ମତେ ଯେ ପାଏ ଅରଜୁନ । ତାହାର ନାହିଁ ପୁନର୍ଜନ୍ମ ।୧୬
ମନୁଷ୍ୟର ଦେବତାର । ଗୋଟିଏ ଦିବସ ଯାହାର ॥
ସହସ୍ର ଦେବଯୁଗେ ପୁଣି । ବ୍ରହ୍ମାର ଏକରାତି ଗଣି ॥
ବ୍ରହ୍ମାର ଏକ ରାତି ଦିନ । ପ୍ରକୃତ ଅହୋରାତ୍ର ଜାଣ ।୧୭
ବ୍ରହ୍ମାର ଦିବସରେ ପୁଣି । ଜଗତ ହୁଏ ଉତପନ୍ନ
ପ୍ରଳୟ ହୁଅଇ ରାତିରେ । ଏ ତତ୍ତ୍ୱ ବୁଝ ସୁଜ୍ଞାନରେ

ଜାନ୍ତ । ତହିଁରେ ହୁଏ ପୁଣି ଲୀନ ।
ଜଗତ । ସଚରାଚର ଯାତାୟାତ ।୧୮।
ସକଳ ଜଗତ । ବାରମ୍ବାର ହୁଏ ଜାତ ।
ପ୍ରଳୟେ ଥର ଭୂତପନ୍ନ । ହୋଇଣି କରମଅଧୀନ ।୧୯।
ଧାରଣ ଏହୁ ଜଗତର । ହିରଣ୍ୟଗର୍ଭ ଯେ ନାହର ।
ସେ ପୁଣି ଅବ୍ୟକ୍ତ ଅଟଇ । ପ୍ରଳୟବେଳେ ନାଶ ଯାଇ ।
ତହିଁରୁ ଅତ ସୂକ୍ଷ୍ମତର । କାରଣ ହିରଣ୍ୟଗର୍ଭର ।
ଜଗତ ପ୍ରଳୟ ହୋଇଲେ । ବିନାଶ ନ ଯାନ୍ତି ସେ ଭଲେ ।
ପରମଆତ୍ମା ତାର ନାମ । ଅଟନ୍ତି ସେ ଅଦକାରଣ ।।
ସେ ଅଟେ ବ୍ରହ୍ମ ସନାତନ । ଅନାଦ ଅନନ୍ତ କାରଣ ।
ତାହାର ରୂପ ରେଖ ନାହିଁ । ନିର୍ଗୁଣ ପୁଣି ସେ ଅଟଇ ।।
ତର୍କରେ ନ ହୁଏ ସିଦ୍ଧାନ୍ତ । ବୁଦ୍ଧି ସେଠାରେ ପରାହତ ।।
ଇନ୍ଦ୍ରିୟ ବୁଝି ନ ପାରଇ । ସ୍ୱଭାବେ ତାର ନାମ ନାହିଁ ।।
ଅଛଇ ସେ ଏହୁ ଜଗତେ । ବିନାଶ ନୁହେ କଦାଚିତେ ।୨୦
ଅବ୍ୟକ୍ତ ଅଚର ଅକ୍ଷର । ପରମଧାମ ସେ ଜୀବର ।
ସେ ମୋର ଅଟେ ଶ୍ରେଷ୍ଠସ୍ଥାନ । ସେ ସ୍ଥାନ ମୋତେ ବୋଲି ଜାଣ
ବ୍ରହ୍ମାଣ୍ଡ ମାଳ ମାଳ ହୋଇ । ଯା ଲୋମକୂପେ ବିରାଜଇ ।
ସକଳ ଘଟେ ଛନ୍ତି ପୂର । କାରଣ ଅଟନ୍ତି ସବୁର ।
ଏକାନ୍ତ ଭକ୍ତି ଯେ କରିବ । ପରମପୁରୁଷ ପାଇବ ।୨୨।
ଶୁଣ ଅର୍ଜୁନ ମନ ଦେଇ । ଭରତକୁଳ ଶ୍ରେଷ୍ଠ ତୁହି ।।
କାଳମହିମା ଏବେ ଶୁଣ । ଯେତେବେଳେ ଯାହାର ମରଣ ।।
ଯୋଗୀଏ କାଳ ଅନୁସରି । ମଲେ ଏ ସଂସାରେ ନ ଫେରି ।
ଯୋଗୀଏ ପୁଣି ଦେହ ଧରି । ଅନନ୍ତ ମର୍ତ୍ତ୍ୟଲୋକେ ଫେରି ।୨୩
ଜ୍ୟୋତି ଯେ ଦିବସ । ଉତ୍ତରାୟଣ ଛଅମାସ ।
ଶୁକ୍ଳପକ୍ଷ ପୁଣି ଯେଉଁ । ଏକାଳେ ଯାହାର ମରଣ ।

ଅର୍ଚ୍ଚିପଥ ତାର ନାମ । ଏ ପଥେ ଯେ କରେ ଗମନ ॥
ଅଗ୍ନିଲୋକରେ କରେ ବାସ । ଅଗ୍ନିଦେବଙ୍କୁ କରେ ତୋଷ ॥
ସେଠାରୁ ଜ୍ୟୋତିଲୋକେ ଯାଏ । ଜ୍ୟୋତି ଦେବତା ପ୍ରାପ୍ତ ହୁଏ ॥
ସେଠାରୁ ଗମନ କରଇ । ଦିବସଲୋକରେ ବସଇ ॥
ଦିବସ ଦେବ ତୋଷ ହେଲେ । ଉତ୍ତରାୟଣଲୋକେ ମିଳେ ॥
ସେଠାରୁ କରଇ ଗମନ । ଆଦିତ୍ୟଲୋକେ ତାର ସ୍ଥାନ ॥
ଆଦିତ୍ୟଦେବଙ୍କୁ ମନାଇଁ । ଚନ୍ଦ୍ରଲୋକରେ ବସେ ଯାଇ ॥
ଶେଷେ ବିଦ୍ୟୁତଲୋକ ପାଏ । ବିଦ୍ୟୁତ ଦେବତା ମନାଏ ॥
ପୁରୁଷ ଅମାନବ ଜାଣ । ସେଠାରେ ହୁଏ ଦରଶନ ॥
ସେ ଦେବ ଏମନ୍ତ କରନ୍ତି । ବ୍ରହ୍ମଙ୍କୁ ସାକ୍ଷାତ କରାନ୍ତି ॥
ଏତେ ଲୋକରେ ଭ୍ରମି ଭ୍ରମି । କ୍ରମମୁକ୍ତିର ଅନୁଗାମୀ ॥
ଏତେ ଦେବତା ତୋଷ କରି । ଏତେ ଲୋକରେ ସେ ବିହରି ॥
ଯୋଗିଏ ପାନ୍ତି ବ୍ରହ୍ମସ୍ଥାନ । ନାହିଁ ତାଙ୍କର ପୁନର୍ଜନ୍ମ ॥
ତେଣୁ ଉତ୍ତରାୟଣକାଳେ । ଶୁକ୍ଳପକ୍ଷ ଦିବାବେଳେ ॥
ମରଣ ହୁଅଇ ଯାହାର । ଅବଶ୍ୟ ସଦ୍ଗତି ତାର ॥
ନିଷ୍କାମକର୍ମ୍ମ ଯୋଗୀଗଣ । ଏ ପଥେ କରନ୍ତି ଗମନ ।୨୪
ସକାମକର୍ମ୍ମ ଯେ କରଇ । କୃଷ୍ଣପକ୍ଷରେ ସେ ଗମଇ ॥
ଧୂମରଜନୀ କୃଷ୍ଣପକ୍ଷ । ଦକ୍ଷିଣାୟନ ପୁଣି ଲକ୍ଷ ॥
ଏକାଳେ ଯେ ଦେହ ତେଜଇ । ପୁଣି ସେ ଜନମ ଲଭଇ ॥
ଧୂମଲୋକରେ ତାର ସ୍ଥାନ । ଧୂମଦେବତା ଦରଶନ ॥
ସେ ଦେବ ପ୍ରସନ୍ନ ହୋଇଲେ । ରାତ୍ରିଲୋକକୁ ପୁଣି ଚଳେ ॥
ରାତ୍ରିଦେବଙ୍କୁ ତୋଷ କରି । ଲଭଇ କୃଷ୍ଣପକ୍ଷପୁରୀ ॥
ଏ ଲୋକ ଦେବତା ସନ୍ତୋଷେ । ଦକ୍ଷିଣାୟନଲୋକେ ବସେ ॥
ସେଠାରୁ ପିତୃଲୋକେ ଚଳେ । ପିତୃଦେବତା ତୋଷେ ଭଲେ ॥
ପିତୃଲୋକରୁ ଚଳିଯାଇ । ଚନ୍ଦ୍ରଲୋକରେ ସେ ବସଇ ॥

[illegible] । ପୁଣି ମର୍ତ୍ତ୍ୟକୁ ଆସେ ଫେରି ॥
[illegible] । ତେଣୁ ଜନମ ତାର ନିତ୍ୟ ॥
କରମଫଳ ଭୋଗ ଶେଷେ । ସ୍ୱର୍ଗଲୋକରୁ ପୁଣି ଖସେ ॥
ପୁଣି ବାସନାସୂତ୍ର ଧରି । ସଂସାରେ ଆସେ ଫେରି ॥
ତେଣୁ ଦକ୍ଷିଣାୟନକାଳେ । କୃଷ୍ଣପକ୍ଷର ରାତ୍ରବେଳେ ॥
ମରଣ ଲଭଇ ଯେ ନର । ଏ ପଥେ ଗମନ ତାହାର ।୨୫।
ଶୁକ୍ଳ କୃଷ୍ଣ ଦୁଇପଥ । ଜଗତେ ପ୍ରସିଦ୍ଧ ନିତ୍ୟ ॥
ଶୁକ୍ଳପଥେ ଯେ ଗମଇ । ପୁଣି ଜନମ ତାର ନାହିଁ ॥
କୃଷ୍ଣପଥରେ ଯାର ଗତି । ଅବଶ୍ୟ ଜନମ ଲଭନ୍ତି ।୨୬।
ଯେ ଯୋଗୀ ଜାଣେ ମାର୍ଗତତ୍ତ୍ୱ । ନୁହନ୍ତି ସେହୁ ମୋହ ପ୍ରାପ୍ତ ॥
ଶୁକ୍ଳମାର୍ଗ ଦେବଯାନ । କୃଷ୍ଣକୁ ପିତୃଯାନ ଜାଣ ॥
ଶୁକ୍ଳପଥ ଜ୍ଞାନମୟ । ସେ ପଥେ ମୋକ୍ଷହିଁ ନିଶ୍ଚୟ ॥
କୃଷ୍ଣପଥଟି ତମୋମୟ । ସଂସାରବନ୍ଧନ ନିଶ୍ଚୟ ॥
ତେଣୁ ମୁଁ ବୋଲେ ଅର୍ଜ୍ଜୁନ । କର ତୁ ଯୋଗର ସାଧନ ।୨୭।
ଏହି ଅଧ୍ୟାୟେ ଯେଉଁ ତତ୍ତ୍ୱ । ବ୍ୟାଖ୍ୟାନ ହୋଇଛୁ ସମସ୍ତ ॥
ଶାସ୍ତ୍ର ବେଦାଦିଙ୍କ ତପ । ସକଳ ଦାନ ପୁଣ୍ୟ ଜପ ॥
ଆଦି ପୁଣ୍ୟ କର୍ମ୍ମମାନ । ନୁହେ ଏ ତତ୍ତ୍ୱର ସମାନ ॥
ଏ ତତ୍ତ୍ୱ ଯେ ଯୋଗୀ ଜାଣଇ । ପରମ ପଦକୁ ଲଭଇ ।୨୮।
[illegible] ଜଗତବନ୍ଧୁ କହୁ । ହେ ଦୀନବନ୍ଧୁ କର ସାହୁ ॥

ଇତି ଶ୍ରୀ ମହାଭାରତେ ଶତସାହସ୍ର୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଭୀଷ୍ମପର୍ବଣି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ ତାରକବ୍ରହ୍ମଯୋଗୋ ନାମ ଅଷ୍ଟମୋଽଧ୍ୟାୟଃ ।

—❀—

ରାଜଗୁହ୍ୟ ଯୋଗ

ଶ୍ରୀ ଭଗବାନୁବାଚ ।

ଶୁଣ ଅର୍ଜୁନ ଦେଇ ମନ । କହିବା ଗୁଢ଼ ତତ୍ତ୍ୱମାନ ।
ଏ ରାଜଯୋଗର ବିଜ୍ଞାନ । ଅଟଇ ଅତ୍ୟନ୍ତ ଗୋପନ ।
ନିନ୍ଦା ନ କରୁ ଯେଣୁ ତୁହି । କହିବା ତୋତେ ସମଝାଇ ।
ଶୁଣି ସେ ସବୁ ଯିବୁ ତରି । ବନ୍ଧନ ତୁଟିବ ତୋହରି ।୧।
ବିଦ୍ୟାମାନଙ୍କ ସାର ଏହି । ଅତ୍ୟନ୍ତ ଗୋପ୍ୟ ଅଟଇ ।
ଅତି ପବିତ୍ର ଏହୁ କଥା । ପ୍ରତ୍ୟକ୍ଷ ମୋକ୍ଷ-ଫଳଦାତା ।
ଅନ୍ୟ ଧରମ କଥାମାନ । ନୁହନ୍ତି ଏ ବିଦ୍ୟା ସମାନ ।
ସହଜେ ଏହା ସାଧି ପାର । କେବେହେଁ ନାଶ ନାହିଁ ତାର ।୨।
ସକଳ ଶ୍ରେଷ୍ଠ ଆତ୍ମଜ୍ଞାନ । ଅର୍ଜୁ ଧ୍ୟାନେ ଦେଇ ଶୁଣ ।୩।
ଶ୍ରଦ୍ଧା ବିହୀନ ମୂଢ଼ଜନ । ନକରେ ଏ ବିଦ୍ୟା ସାଧନ ।
ଏ ଧର୍ମ ନକରେ ବିଶ୍ୱାସ । ଉପାୟ ଥାଉଁ ଅଶେଷ ।
ତାହାଁରେ ମତେ ସେ ନପାଏ । ବୃଥାରେ ଭ୍ରମି ବୁଲୁଥାଏ ।
ମୃତ୍ୟୁ ସଂସାର ପଥ ଧରି । ଭ୍ରମଇ ଦବଣି ବେଗରି ।
ଭକ୍ତି ସହିତ ଜ୍ଞାନଧର୍ମ । ନପାଏ ଏଥିର ମରମ ।୪।
ନିଖିଳ ଜଗତ ମଧ୍ୟରେ । ବ୍ୟାପିଛି ଅବ୍ୟକ୍ତରୂପରେ ।
ଜଗତ ବାହାର ଭିତରେ । ବ୍ୟାପିଅଛି ମୁଁ ସବୁଠାରେ ।
ଜଗତ ସୃଷ୍ଟିକର ମୁଁହି । ତହିଁ ମଧ୍ୟରେ ପ୍ରବେଶଇ ।
ଇନ୍ଦ୍ରିୟଗୋଚର ମୁଁ ନୁହେଁ । ଜ୍ଞାତମଧ୍ୟେ ଘୂରିଥାଏ ।
ମୁହିଁ ଏ ଜଗତ କାରଣ । ମୋ ବିନୁ କେହି ନାହିଁ ଆନ ।
ସକଳ ଭୂତ ମୋହଠାରେ । ବସନ୍ତି ମୋ ସ୍ଥୂଳ ଶରୀରେ ।
ହେଲେ ମୁଁ ସବୁର କାରଣ । ତେଣୁ ମୋଠାରେ ଅବସ୍ଥାନ ।
ତାହାର ସଙ୍ଗେ ମୁଁ ନଥାଇ । ସବୁରି ସଙ୍ଗେ ସଙ୍ଗ ହୋଇ ।

[illegible] । [illegible]ସଙ୍ଗେ ନମିଶଇ ।୪।
[illegible] । [illegible] ଏ ଉଚିତ ॥
[illegible] । [illegible] ମୋହର ଅହଙ୍କାର ॥
[illegible] । [illegible] ଜଗତେ ମୁଁ ନାହିଁ ॥
ତୋ ମନେ ଏମନ୍ତ ହୋଇବ । ଏକଥା କିପରି ସମ୍ଭବ ॥
ସର୍ବବ୍ୟାପକ ଅଟେ ମୁଁହି । ସବୁରି ଆଶ୍ରୟ ଅଟଇ ॥
ତଥାପି କାହିଁରେ ନ ଥାଏ । ଏତ ବିରୋଧ ଜଣାପାଏ ॥
ଅର୍ଜୁନ ସଂଶୟ ନକର । ଦେଖ ମୋ ମାୟା ଅଗୋଚର ॥
ଅସାଧାରଣ ଶକ୍ତି ତାର । ଅଘଟ ଘଟାଏ ନିକର ॥
ମୋର ଯୋଗର ଏ ମହିମା । କିଏ କଳିବ ତାର ସୀମା ॥
ମୋ ଯୋଗମାୟା ଅଦଭୁତ । ତାହାର ଗୁରୁଣ ବହୁତ ॥
ତାଠାରେ ସକଳ ସମ୍ଭବେ । କିଛିହିଁ ନାହିଁ ଅସମ୍ଭବ ॥
ଯାହାକୁ ଅସମ୍ଭବ ମଣି । ସେ ସବୁ ସମ୍ଭବ ପ୍ରମାଣି ॥
[illegible]ଙ୍କୁ ଭାବ କାହିଁନାହିଁ । ଶୁଣ ତୁ କହୁଛି ବୁଝାଇ ॥
[illegible]ବ ଯେପରି ଦେହ ଧରେ । ପାଳଇ ଅତି ଯତନରେ ॥
[illegible] ସହିତ ମିଶିଥାଏ । ସକଳ ଦୁଃଖ ସୁଖ ସହେ ॥
[illegible]ର ଥାଏ ଅହଙ୍କାର । ଏ ଅଟେ ମୋହର ଶରୀର ॥
[illegible] ଅହଙ୍କାର ଥାଏ ଯେଣୁ । ଦେହ ସହିତ ଥାଏ ତେଣୁ ॥
[illegible]ଥାଏ ସେପରି ମୋହର । ଜଗତ ପ୍ରତି ଅହଙ୍କାର ॥
[illegible] ଧାରଣ ପାଳନ । କରଇ ମୁଁହି ଅର୍ଜୁନ ॥
[illegible]ଥାପି ଜଗତ ସହିତ । ମିଶି ନରହେ କଦାଚିତ ॥
[illegible] ସହିତ ମୋ ମନ । ଲିପ୍ତ ନଥାଏ କଦାଚନ ॥
[illegible]ରେ ଯଥା ଜଳ । ନ ମିଶି ରହଇ କେବଳ ॥
[illegible] ଜଗତ ସହିତ । ସର୍ବଦା ଥାଏ ମୁଁ ନିର୍ଲିପ୍ତ ।୫।
[illegible] ଆକାଶରେ ଥାଇ । ଆକାଶ ସଙ୍ଗେ ନ ମିଶଇ ॥

... ର ନ ଭିଶେ । ବାୟୁ ଯେ ନ ମିଶେ ଆକାଶେ ॥
... ରହି ସେ ପବନ । ତାର ବିନାଶ ନାହିଁ ଜାଣ ॥
ସକଳଠାରେ ବ୍ୟାପି ଥାଏ । ଦେଖିକି ଇଚ୍ଛା ଭେଦେ ଯାଏ ॥
ଯେପରି ଜାଣହେ ଅର୍ଜୁନ । ଏହୁ ସକଳ ଭୂତଗଣ ॥
ମୋଠାରେ କରନ୍ତି ଅସ୍ଥାନ । ସୋ ସଙ୍ଗେ ନ ମିଶନ୍ତି ପୁଣି ॥
ମୁଁ ହରିମୂର୍ତ୍ତି ନିରାକାର । ମୋହର ସ୍ଥିତ ନିରନ୍ତର ॥
ପବନ ଆକାଶ ସହିତ । ଯେପରି ହୋଇ ନିରତ ॥
ମୋର ସହିତ ଭୂତଗଣ । ତଥା କରନ୍ତି ଅବସ୍ଥାନ ।୬।
ପ୍ରଳୟ ବେଳେ ପ୍ରାଣୀଗଣ । ହୁଅନ୍ତି ପ୍ରକୃତିରେ ଲୀନ ॥
ପୁଣି କଳପ ଆରମ୍ଭରେ । ମୁଁ ପୁଣି ପ୍ରାଣୀ ସୃଷ୍ଟି କରେ ॥
କଳପ କଳପ ଏପରି । ସୃଷ୍ଟି ପ୍ରଳୟ ମୁଁ ହିଁ କରି ॥
ମାୟାର ଏସବୁ ଭିଆଣ । ମୁଁ ଏଥି ନୋହି ଲିପ୍ତ ଜାଣ ॥
ହେ କୁନ୍ତୀସୁତ ହେତୁବର । ଏମନ୍ତେ ଏହୁ ସମାଚାର ।୭।
ପ୍ରକୃତି ଆଶ୍ରୟରେ ମୁଁହି । ଏ ପ୍ରାଣୀ-ଜଗତ ସୃଜଇ ॥
ସଚରାଚର ଏ ଜଗତ । ସମ୍ପୂର୍ଣ୍ଣ ପ୍ରକୃତି ଆୟତ ॥
ପୂର୍ବଜନ୍ମର କର୍ମମାନ । ପ୍ରକୃତି ବୋଲି ତାକୁ ଗଣ ।୮।
ମୁଁ ନୁହେ କର୍ମର ଆୟତ୍ତ । ତେଣୁ ମୁଁ ଉଦାସ ନିୟତ ॥
ମୁଁ ଅନାସକ୍ତ ତେଣୁ ଜାଣ । ମୁଁ ନୁହେ କରମ ବନ୍ଧନ ॥
ମାତ୍ର ମୋହର ସନ୍ନିଧାନ । ପ୍ରକୃତି କରଇ ଭିଆଣ ॥
ସଚରାଚର ଏ ଜଗତ । ମାୟା ପ୍ରସବ କରେ ନିତ୍ୟ ॥
ପୁଣି ଜନମେ ପୁଣି ମରେ । କଲ୍ପାନ୍ତେ ଏହୁ ପରକାରେ ॥
ସାକ୍ଷୀ ସ୍ୱରୂପେ ଆମ୍ଭେ ଥାଉଁ । ତାହିଁରେ ଜଡ଼ିତ ନହେଉ ।
ମୋତେ ନ ମିଶି ମାନ ଧର । ମାୟାର ଏ ସବୁ ବେଭାର ।୧୦।
ହେ କୁନ୍ତୀସୁତ ମୂଢ଼ଜନ । ଭ୍ରମେ ଏ ତତ୍ତ୍ୱ ନବୁଝିଣ
ମୋତେ ମନୁଷ୍ୟ ବୋଲି ଗଣେ । ନାଦର ମତେ ଅନୁକ୍ଷଣେ

[illegible] । ନଚାରଇ । ୧୧ ।

[illegible] । ମାନଙ୍କୁ କୋଟି ରହିଛନ୍ତି ।

[illegible] । [illegible] ବିନାଶ ଯାଏ ପୁଣି ।

[illegible] । [illegible] ହୁଏ ତାର କାମ ।

[illegible] ଧାର ମନୋରଥ । [illegible] ସେ ନାସ୍ତିକ ।

[illegible] ମୂଢ଼ ତେବେ ଅଟନ୍ତି । ଅନ୍ୟ ଦେବତା ସେ ପୂଜନ୍ତି ।

ତେଣୁ ପାଇବେ ଫଳ ଆଶା । ମତେ ଭଜନ୍ତି ଭରସା ।୧୨।

ସତ୍ତ୍ୱ ପ୍ରକୃତି ଅଟେ ଯାର । ନିର୍ମଳ ଚିତ୍ତ ଅଟେ ତାର ।

ଏକଚିତ୍ତରେ କରେ ଧ୍ୟାନ । ଜାଣେ ମୁଁ ଜଗତ-କାରଣ ।

ମୋହର ନାହିଁ ଯେ ବିନାଶ । ଭଜନ୍ତି ମତେ ସେ ଅବଶ୍ୟ ।୧୩

ମୋହର ନାମ ସଙ୍କୀର୍ତ୍ତନ । କରନ୍ତି ହୋଇ ଏକମନ ।

ଅଟଳ ନିୟମରେ ରହି । ଇନ୍ଦ୍ରିୟ ସଂଯମ କରଇ ।

ମତେ କରନ୍ତି ନମସ୍କାର । ମୋ ଆରାଧନା ତତ୍ପର ।୧୪

କେହୁବା ଆତ୍ମଜ୍ଞାନ ପାଏ । ଉତ୍ତମ ଜ୍ଞାନୀ ସେ ବୋଲାଏ ।

ମୋହର ତୋହର ମଧ୍ୟରେ । ଅଭେଦ ବୋଲି ଏ ବିଶ୍ବରେ ।

ଏରୂପେ ମତେ ସେ ଭଜଇ । ଶୁଣ ଅର୍ଜୁନ ମନ ଦେଇ ।

କେ ଦ୍ୱୈତ ଅଦ୍ୱୈତ ଜ୍ଞାନରେ । ମୋହର ଆରାଧନା କରେ ।

କେହୁବା ବ୍ରହ୍ମରୂପେ ଭଜେ । ଇନ୍ଦ୍ରାଦି ଦେବତା ସହଜେ ।

[illegible] ବିଷ୍ଣୁ ରୁଦ୍ର ପୂଜା କରେ । ଭଜଇ ନାନା ପରକାରେ ।

ମୁଁ ଆତ୍ମା ଅଟେ ଜଗତର । ଏମନ୍ତ ଜ୍ଞାନ ହେତୁ କର ।

[illegible] ନଚିହ୍ନି ଏହୁ ମତେ । ଭ୍ରମରେ ଭଜେ ନାନାମତେ ।୧୫

ମୁଁ କ୍ରତୁ ମୁଁ ଯଜ୍ଞ ମୁଁ ହୋମ । ଔଷଧ ଆଜ୍ୟ ମନ୍ତ୍ର ଜାଣ ।

ଆଜ୍ୟ ମୁଁ ଅନଳ ଜାଣ । ଜଗତ-ପିତା-ମାତା ପୁଣ ।୧୬

[illegible] ମୁଁହି । ମୁଁ ପିତାମହ ଯେ ଅଟଇ ।

[illegible] ପବିତ୍ର ପ୍ରଣବ । ଋକ ସାମ ଯଜୁ ଅଥର୍ବ ।୧୭।

ମୁଁ [illegible] ଜଗତ ପତି । ମୋଠାରୁ ନାହିଁ ଅନ୍ୟଗତି ।
[illegible] ପାଳନ କରତା । ମୁଁ ପ୍ରଭୁ ସକଳ ନିୟନ୍ତା ।
ମୁଁ ସାକ୍ଷୀ ନିବାସ ଶରଣ । ସୁହୃଦ ପ୍ରଳୟ ନିଧାନ ।
ପ୍ରଭବ ପ୍ରଳୟ ଯେ ସ୍ଥାନ । ଅକ୍ଷୟ ବୀଜ ମତେ ଜାଣ ।୧୮।
ମୁଁ ହି ଉତ୍ତାପ କରେ ଦାନ । ଜଳକୁ କରଇ ଶୋଷଣ ।
କରଇ ଜଳ ବରଷଣ । ମୁଁ ଅଟେ ଜନମ ମରଣ ।
ମୁଁ ସତ ଅସତ ପ୍ରମାଣ । ଶୁଣ ହେ ବୀର ଅରଜୁନ ।୧୯।
ଋକ ଯଜୁରେ ସାମ ଛନ୍ଦ । ବେଦ ପଢଇ ଯେତେ ଜ୍ଞାନୀ ।
ଯେ ସୋମରସ ପାନ କରି । ପୁଣି ହିଁ ଯଜ୍ଞକୁ ଅଚର ।
ସ୍ୱର୍ଗ କାମନା କରୁଥାନ୍ତି । ଫଳରେ ଇନ୍ଦ୍ର ଲୋକ ପାନ୍ତି ।
ସେଠାରେ ଦେବଭୋଗମାନ । ଭୁଞ୍ଜନ୍ତି ଜାଣ ଅରଜୁନ ।୨୦।
ସେମାନେ ସ୍ୱର୍ଗପୁରେ ଥାଇ । ବିଶାଳ ସ୍ୱର୍ଗଭୋଗୀ ହୋଇ ।
କାଳେ ଯେ ପୁଣ୍ୟ ଶେଷ ହେଲେ । ଭୋଗ ସରଇ ଅବହେଳେ ।
ମର୍ତ୍ତ୍ୟଲୋକକୁ ସେ ଆସନ୍ତି । ସେଠାରେ ଜନମ ଲଭନ୍ତି ।
ବେଦ ବିହିତ ଧର୍ମମାନ । କରଇ ଯେ ଅନୁସରଣ ।
ଏମନ୍ତ ଭୋଗ କାମୀଜନ । ଭୋଗନ୍ତି ଜନମ ମରଣ ।
ଯିବାଆସିବା କରୁଥାନ୍ତି । ଲଭନ୍ତି ନାହିଁ ସେ ମୁକତି ।୨୧।
ତେଜି ସକଳ ଦୁଃଖଆଶା । ମତେ ଯେ କରନ୍ତି ଭରସା ।
ମୋଠାରୁ ଅନ୍ୟ ନ ଜାଣନ୍ତି । ମତେ ହେ ଧ୍ୟାନ କରୁଥାନ୍ତି ।
ମନ ନିଷ୍ଠରେ ମତେ ଭଜି । ମୋ ଭାବେ ଯେତେ ଥାନ୍ତି ମଜି ।
ମୁଁ ତାଙ୍କୁ ଦିଅଇ ସଦାୟ । ଅଲଭ୍ୟ ଲାଭରେ ହୋୟ ।
ଥିବା ପଦାର୍ଥ ରକ୍ଷାକର । ମୁଁ ନିଜେ ବହେ ମୋ କନ୍ଧରେ ।
ମୋକ୍ଷ ମୁଁ ପ୍ରଦାନ କରଇ । ଶୁଣ ଅର୍ଜୁନ ମନ ଦେଇ ।୨୨।
ଯେ ଜନ ଶ୍ରଦ୍ଧା ଭକ୍ତିଭାବରେ । ଅନ୍ୟ ଦେବତା ପୂଜା କରେ ।
ଅବିଧି ପୂଜା ଏ ମୋହର । ଏବେଣ ତୁ ସନ୍ଦେହ ନ କର ।

ଭୋଗରତା । ମୁଁ ପୁଣି ଅଟେ ଫଳଦାତା ।
ନ ଜାଣି ଯଥାର୍ଥ ନ ଜାଣେ ଯେଉଁ ଜନ ।
ପୁନର୍ଜନ୍ମ ବେଳେବେଳେ ନହୁଏ ଛେଦନ ।୨୪

ଦେବର୍ଷି ଧର୍ମକୁ ପୂଜନ୍ତି । ସେ ତାଙ୍କୁ ହୁଅନ୍ତି ପ୍ରାପତ ।
ପିତୃଙ୍କ ଉପାସକଗଣ । ଲଭନ୍ତି ପିତୃଲୋକ ଜାଣ ।
ଭୂତମାନଙ୍କ ଉପାସକ । ମରଣେ ଲଭେ ଭୂତଲୋକ ।
ମୋତେ ଯେ ସଦା ପୂଜୁଥାଏ । ଅନ୍ତେ ସେ ନିଶ୍ଚେ ମତେ ପାଏ ।୨୫

ନିର୍ମଳ ଚିତ୍ତ ଯାହାଙ୍କର । ନିଷ୍କାମ ଭକତ ମୋହର ।
ଭକ୍ତିରେ ପତ୍ର ପୁଷ୍ପ ଫଳ । ମନ୍ଦିଏ ଜଳ ବା କେବଳ ।
ଯେ କରେ ମତେ ସମର୍ପଣ । ସାଦରେ କରେ ମୁଁ ଗ୍ରହଣ ।
ଯେତେ ସାମାନ୍ୟ ଦ୍ରବ୍ୟ ହେଲେ। ତହାଂ ମୁଁ ଯେନବ ପ୍ରୀତରେ
ଭକ୍ତ ପ୍ରଦତ୍ତ ଦ୍ରବ୍ୟ ଯହା । ଅନୁଗ୍ରହରୁ ନିଏ ତାହା ।୨୬

ଭୋଜନ ହୋମ ତପ ଦାନ । କରିବ ଯେ କରମମାନ ।
ସକଳ ସମର୍ପିବ ମତେ । ହେ କୁନ୍ତୀସୁତ ଶୁଦ୍ଧଚିତ୍ତେ ।୨୭

ଏମନ୍ତେ ଯେ କର୍ମ କରିବ । କର୍ମବନ୍ଧନୁ ମୁକ୍ତ ହେବ ।
ଶୁଭ ଅଶୁଭ ଫଳମାନ । ସକଳ ହେବ ବିନାଶନ ।
ଧର୍ମରୁ ହୋଇଲେ ବିମୁକ୍ତ । ମତେ ତୁ ପାଇବୁ ନିଶ୍ଚିତ ।
ମୋଠାରେ କର୍ମ ସମର୍ପଣ । କର୍ମ ସନ୍ନ୍ୟାସ ବୋଲି ଜାଣ ।
ଯେଉଁ ଯୋଗ ଯେ ସାଧଇ । କର୍ମବନ୍ଧନ ତାର ନାହିଁ ।
ତାର ଯାବତ କର୍ମମାନ । ମୋଠାରେ କଲେ ସମର୍ପଣ ।
କର୍ମଜାତ ଫଳମାନ । ଭୋଗିବୁ ନାହିଁ କଦାଚନ ।
ଯୋଗେ ଯୋଗେ ଦେଲେ ଚିତ୍ତ। ମତେ ତୁ ପାଇବୁ ତୁରିତ ।୨୮

ଅର୍ଜୁନ ମନ ଦେଇ । ଏଥିରୁ ଜାଣିବୁ ତୁହି ।
ମୁଁ [illegible] ଦୁଏ । ଅବକ୍ତଜନଙ୍କୁ ନଦିଏ ।
ସମସ୍ତଙ୍କଠାରେ ମୁଁ ସମାନ । ନାହିଁ ମୋହର ଭେଦଜ୍ଞାନ ।

... ମେବ ନାହିଁ । ଭକ୍ତ ଅଭକ୍ତ ଭେଦ କାହିଁ
ଯେ ଭକ୍ତି ସହିତରେ । ମତେ ଭଜନ୍ତି ନିରନ୍ତରେ
ସେମାନେ ମୋ ହୃଦେ ବସନ୍ତି । ତାହାଙ୍କ ହୃଦେ ମୋର ସ୍ଥିତି
ଭକ୍ତର ମହିମା ଏମନ୍ତ । ମୋର ବୈଷମ୍ୟ ନାହିଁ ସତ ।
ମୋହର ନାହିଁ ପକ୍ଷପାତ । ଭକତ ଅଥବା ଅଭକ୍ତ ।
ଦେଖ ତୁ ଯେସନେ ଅନଳ । ବିନାଶ କରଇ ଅନ୍ଧାର ।
ଶୀତାଦି ଦୁଃଖ ନିବାରଣ । କରଇ ସର୍ବତ୍ରି ସମାନ ।
ଦୂର ନିକଟ ଯେହ୍ନ ଥାଏ । ପ୍ରଭେଦ ତାଙ୍କୁ ଜଣାଯାଏ ।
ଯେ ଯେତେ ଦୂରରେ ରହିବ । ଅଳପ ତାପ ସେ ଲଭିବ ।
ଅଗ୍ନିର ଦୋଷ ଏଥି ନାହିଁ । ଦୂର ତା କାରଣ ଅଟଇ ।
ଆନ ଦୃଷ୍ଟାନ୍ତ ଏବେ ଶୁଣ । କଳ୍ପ ବୃକ୍ଷ ମନେ ଘେନ
କଳ୍ପବୃକ୍ଷ ସେବା କଲେ । ଫଳ ଫଳଇ ତତ୍କାଳେ ।
ଯେ ସେବା କରେ ଫଳ ପାଏ । ବୈଷମ୍ୟ କାହିଁ ନ ଥାଏ ।
ଏ ଅନୁକ୍ରମେ ମତେ ଜାଣ । ସକଳେ ମୋହର ସମାନ ।୨୯
ହେଲେ ହେଁ ଅତି ଦୁରାଚାରୀ । ଯେବେ ଭଜଇ ଦୃଢ଼ କରି ।
ଅନ୍ୟ ଦେବତା ନ ଭଜଇ । କେବଳ ଯେ ମତେ ଭଜଇ ।
ସକଳ ଦେବପତ୍ନ ମୁହିଁ । ଏମନ୍ତ ଜ୍ଞାନେ ଯେ ଭଜଇ ।
ଅନ୍ୟ ଦେବତାଠାରେ ମନ । ନ ଦିଏ ଯେହ୍ନ କଦାଚନ ।
ତାହାଙ୍କୁ ସାଧୁ ବୋଲି ଜାଣ । ତାହାର ମତନ ଉତ୍ତମ ।୩୦
ଦେଖ କହୁଛୁ ଅର୍ଜୁନ । ହେଲେ ହେଁ ଅତି ପାପୀ ଜନ ।
ଯେବେ ମୋ ଶରଣ ପଶଇ । ଚଞ୍ଚଳ ଧାର୍ମିକ ହୁଅଇ ।
ଭୋଗ କରଇ ନିତ୍ୟ ଶାନ୍ତି । ଅନ୍ତେ ସେ ଲଭଇ ମୁକତି ।
ଯେହୁ କୁତର୍କୀ ଲୋକ ଥିବ । ଏ କଥା ଯେବେ ନ ମାନିବ ।
ତାହାଙ୍କୁ ପ୍ରତିଜ୍ଞା ସହିତ । ତାହାକୁ କହ ... ହିତ
ବିନାଶ ନାହିଁ ମୋ ଭକ୍ତର । ଏ କଥା ଅଟଇ ନିଶ୍ଚୟ ।୩୧

କୁଳରେ ଯାର ଜାତ । ଅଛୁବ ବୋଲି ଲୋକେ ଖ୍ୟାତ ।
[illegible]ରେ ଜନମ । ସ୍ତ୍ରୀ ଶୂଦ୍ର ବୈଶ୍ୟ ଆଦି ଯେନ ।
[illegible] ରେ ଶାସ୍ତ୍ରଜ୍ଞାନ । ମୋର ଆଶ୍ରୟ ନେଲେ ପୁଣ ।
[illegible] ଲଭଇ ମୁକତ । ଲଭଇ ସେ ପରମ ଗତ । ୩୨
[illegible] ଅଧିକ କି କହିବା । ବ୍ରାହ୍ମଣ ରାଜର୍ଷି ଅବା ।
[illegible] ଲଭନ୍ତି ଅବହେଳେ । ମୋଠାରେ ଦୃଢଭକ୍ତି-ବଳେ ।
[illegible] ଅନିତ୍ୟ ଅଟଇ । ଏଠାରେ ଲେଶ ସୁଖ ନାହିଁ ।
[illegible] ମର୍ତ୍ତ୍ୟଲୋକେ ତୁହି । ଜନମିଅଛୁ ଦେହ ବହି ।
କର ତୁ ମୋହର ଭଜନ । କହୁଛି ତୋତେ ଅରଜୁନ । ୩୩
[illegible]ଳ ଭୂତେ ଦେଖ ମତେ । ପୂରିରହିଛି ମୁଁ ଜଗତେ ।
[illegible] ବନୁ ନାହିଁ ଭେଦ ଆନ । ମୁଁ ଅଟେ ସକଳ ପ୍ରଧାନ ।
[illegible]ଇ ସକଳ ଅବସ୍ଥାରେ । ଦୁଃଖ କିବା ସୁଖ ସମୟରେ ।
[illegible]ମଣିବ ତୋର ଗତି । ଏମନ୍ତ ହେଉ ତୋର ମତି ।
[illegible]ଠାରେ ଦେଇ ମନପ୍ରାଣ । ଏକାଗ୍ରେ କର ତୁ ଭଜନ ।
[illegible]ଠାରେ ମନକୁ ଲଗାଅ । ମୋହର ଭକତ ତୁ ହୁଅ ।
[illegible]ତେ ତୁ ଦୃଢେ ପୂଜା କର । ମତେ ତୁ କର ନମସ୍କାର ।
[illegible] ଦୃଢେ ମୋରେ ମନ । ମୋଠାରେ ପଶ ତୁ ଶରଣ ।
[illegible] ତୁ ନିଶ୍ଚୟ ପାଇବୁ । ଘୋର ସଂସାରୁ ତରିଯିବୁ । ୩୪
[illegible] କରୁଣା ସଦା ଥାଉ । ଜଗତବନ୍ଧୁ ଦୁଃଖ ଯାଉ ।

[illegible] ଶ୍ରୀ ମହାଭାରତେ ଶତସାହସ୍ର୍ୟାଂ ସଂହିତାୟାଂ ବୈୟାସିକ୍ୟାଂ [illegible] ଶ୍ରୀ ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋ-[illegible] ଶ୍ରୀ କୃଷ୍ଣାର୍ଜୁନସମ୍ବାଦେ ରାଜଗୁହ୍ୟଯୋଗୋ ନାମ [illegible]ମୋଽଧ୍ୟାୟଃ ।

—୦—

ଦଶମ ଅଧ୍ୟାୟ

ବିଭୂତିଯୋଗ ।

ଶ୍ରୀଭଗବାନୁବାଚ ।

ହେ ମହାବାହୁ ଅର୍ଜ୍ଜୁନ । ଶୁଣ ତୁ ପୁଣି ମୋ ବଚନ ।
ପରମ ତତ୍ତ୍ୱ କଥା ମୋର । ଶୁଣ କହୁଛି ମହାବୀର ।
ଶୁଣିବାପାଇଁ ମୋ ବଚନ । ଦେଖୁଛି ଅଛି ତୋର ମନ ।
ଅମୃତ ପାନ କଲା ସମ । ପ୍ରୀତରେ ଶୁଣ ମୋ ବଚନ ।
ତୋହର ହିତ କଥାମାନ । କହୁଛି ଶୁଣ ଦେଇ ମନ ।୧।
ଭୃଗୁ ପ୍ରଭୃତି ସାତଜଣ । ସନକ ଆଦି ଗୁରୁଜଣ ।
ଯେତେ ମହର୍ଷିମାନେ ଥିଲେ । ଆଗେ ସେ ଜନମ ଲଭିଲେ ।
ସ୍ୱାୟମ୍ଭୁବାଦି ମନୁଗଣ । ଚଉଦ ମନୁ ଥିଲେ ଜାଣ ।
ଏମାନେ ମୋର ଭାବଯୁକ୍ତ । ମୋର ମାନସୁଁ ହେଲେ ଜାତ ।
ମୋର ହିରଣ୍ୟଗର୍ଭୁଁ ଜାତ । ସଂକଳ୍ପମାନଙ୍କ ନିୟତ ।
ସଂସାରଲୋକ ପ୍ରାଣିଗଣେ । ତାଙ୍କଠୁ ହୋଇଲେ ଜନମ ।
କ୍ରମେ ସଂସାର ବୃଦ୍ଧି ହେଲା । ପୁତ୍ରପୌତ୍ରାଦି ଜନମିଲା ।
ଦେବତା ଋଷିଆଦି ଯେତେ । ନ ଜାଣେ ମୋ ଜନ୍ମ କାହିଁତେ ।
ମୁଁ ଅଟେ ସକଳ ପ୍ରକାର । ମୂଳ କାରଣ ତାହାଙ୍କର ।୨।
ମୁଁ ହି ଅନାଦି ଜନ୍ମଶୂନ୍ୟ । ସକଳ ମହାପ୍ରଭୁ ଜାଣ ।
ଯେ ମତେ ଏମନ୍ତେ ଜାଣନ୍ତି । ସକଳ ପାପରୁ ତରନ୍ତି ।୩।
ବୁଦ୍ଧି ଜନମ ଜ୍ଞାନ ଦମ । ମରଣ ସୁଖ ଦୁଃଖ ଶମ ।
ମୋହଶୂନ୍ୟତା କ୍ଷମା ସତ୍ୟ । ଭୟ ଅଭୟ ଯେ ନିୟୁତ ।୪।
ଅହିଂସା ସମତା ଅଯଶ । ତପସ୍ୟା ତୁଷ୍ଟି ଦାନ ଯଶ ।
ଏମାନେ ଭିନ୍ନ ଭିନ୍ନ ହୋଇ । ମୋହରଠାରୁଁ ଜନମିଲେ ।୫।
ନାନା ପ୍ରାଣୀଙ୍କ ହେଲ ପୂର୍ଣ୍ଣ । ଏମନ୍ତ ସଂସାର ଭିଆଣ ।୬

...ତ ଯଥାର୍ଥଭାବରେ ଜାଣନ୍ତି ।
...ତ୍ତ୍ୱଜ୍ଞାନ । ସଂଶୟ ନ କର ଅର୍ଜୁନ ।୭।
...ମାନେ ଜାଣ । ଅନାଦି କାରଣ ମୁଁ ସତ ।
...ମନ୍ତ୍ର ବୋଲି ଜାଣି । ପଣ୍ଡିତେ ଭଜୁଥାନ୍ତି ପୁଣି ।୮।
...ନାମ କରନ୍ତି କୀର୍ତ୍ତନ । ଏକକୁ ଅନେକ କହନ୍ତି ।
...ମୋ କଥା ଶୁଣିଣ ସନ୍ତୋଷ । ଶାନ୍ତି ଲଭନ୍ତି ସେ ଅବଶ୍ୟ ।୯।
...ଭାବରେ ଯେ ମତେ ଭଜନ୍ତି । ଏକାନ୍ତ ମନ-ମୂନ ଦେଇ ।
...ତାଙ୍କୁ ହୁଅଇ ସଦୟେ । ନିର୍ମଳ ବୁଦ୍ଧି ତାଙ୍କୁ ଦିଏ ।୧୦।
ଯାହାଠାରେ ହୁଏ ମୁଁ ପ୍ରସନ୍ନ । ସୁବୁଦ୍ଧି ଦିଏ ହେ ଅର୍ଜୁନ ।
...ତେ ସେ ପାଇବ ଯେପରି । ଦେଖାଏ ପଥ ସେହିପରି ।
...ତାର ହୃଦୟେ ମୁଁ ପଶି । ଅଜ୍ଞାନ-ଅନ୍ଧକାର ନାଶି ।
...ଜ୍ଜ୍ୱଳ ଜ୍ଞାନ-ଦୀପ ଜାଳି । ଛଡ଼ାଏ ତାର ମନୁ କାଳୀ ।୧୧।

ଅର୍ଜୁନ ଉବାଚ ।

ବୈକୁଣ୍ଠ ହେ ପରମବ୍ରହ୍ମ । ପବିତ୍ର ତୁ ପରମଧାମ ।
ତୁ ଅଟୁ ସକଳ ପ୍ରଧାନ । ଆଦିଦେବତା ଜନ୍ମ ଶୂନ୍ୟ ।
ସର୍ବବ୍ୟାପକ ଅଟୁ ତୁହି । ନିତ୍ୟ ପ୍ରକାଶରୂପ ହୋଇ ।୧୨।
ଦେବଳ ବ୍ୟାସ ଯେ ଅସିତ । ଦେବର୍ଷି ନାରଦ ସହିତ ।
ସକଳ ଋଷି ମୁନିଗଣ । ଏପରି କରନ୍ତି ବର୍ଣ୍ଣନ ।
...ଜେତ ଆପଣି କହୁଛ । ଏଥିରେ ନାହିଁ କିଛି ମିଛ ।୧୩।
...ଯା ଉକ୍ତିଲ କେଶବ । ବୁଝିଲି ସତ୍ୟ ସେ ସର୍ବି ।
...ଦେବ ଦାନବ ଆଦିକରି । ନଜାଣନ୍ତି ମହିମା ତୋହରି ।୧୪।
...ଷ ରୂପ ଭଗବାନ । ଭୂତେଶ ହେ ଭୂତଭାବନ ।
...ଜଗତ-ପତି ଦେବଦେବ । ତୁ ତୋର ମହିମା ଜାଣିବ ।
... [illegible] ତ ଜଣା । ଆନ ହୁଅନ୍ତି ଏଥି ବଣା ।୧୫।
... ଦେବ [illegible] ଶବାନ । ବିସ୍ତାର କହନ୍ତୁ ଆପଣ ।

ମୁଁ ... ବଳରେ ବ୍ୟାପନ୍ତୁ ସାରାଜଗତରେ । ୧୬
... ଧ୍ୟାନ କଲେ ମୁଁ ହୁ । ତୋତେ ଜାଣିବ ଜୀବଗ୍ରାହୁ ।
କେଉଁ ପଦାର୍ଥ କଲେ ଧ୍ୟାନ । ଜାଣିବି ହେ ଯୋଗିପ୍ରଧାନ । ୧୭
ଶୁଣି ତୋ ଅମୃତ ବଚନ । ସନ୍ତୋଷ ନୁହେଁ ମୋର ମନ ।
ଯୋଗବିଭୂତ ସବୁ ତୋର । ବିସ୍ତାର କହ ଚକ୍ରଧର । ୧୮ ।

ଶ୍ରୀ ଭଗବାନୁବାଚ ।

ହେ କୁରୁଶ୍ରେଷ୍ଠ ଏବେ ଶୁଣ । ଠିକେ ମୋ ବିଭୂତ ବର୍ଣ୍ଣନ ।
ମୋହର ବିଭୂତ ବିସ୍ତର । ଅନ୍ତ କେ ପାଇବ ତାହାର । ୧୯
ମୁଁ ଆତ୍ମା ସକଳ ପ୍ରାଣୀର । କାରଣ ଜନ୍ମ ମରଣର । ୨୦ ।
ଅଦିତ୍ୟମଧ୍ୟେ ବିଷ୍ଣୁ ମୁଁ ହୁ । ତେଜମ୍ବୀମଧ୍ୟେ ରବି ହୋଇ ।
ନକ୍ଷତ୍ରମଧ୍ୟେ ଚନ୍ଦ୍ର ମୁଁ ହୁ । ମରୁତେ ମରୀଚି ଅଟଇ । ୨୧ ।
ବେଦମଧ୍ୟରେ ସାମ ମୁଁ ହୁ । ଦେବତାମଧ୍ୟେ ଇନ୍ଦ୍ର ହୋଇ ।
ଇନ୍ଦ୍ରିୟମଧ୍ୟେ ମୁଁ ହୁ ମନ । ପ୍ରାଣିର ମୁଁ ଅଟେ ଚୈତନ୍ୟ । ୨୨
ରୁଦ୍ରମଧ୍ୟରେ ମୁଁ ଶଙ୍କର । ଯକ୍ଷରାକ୍ଷସେ ମୁଁ କୁବେର ।
ବସୁମଧ୍ୟରେ ଅଗ୍ନି ମୁଁ ହୁ । ପର୍ବତେ ସୁମେରୁ ଅଟଇ । ୨୩ ।
ମୁଁ ଅଟେ ଶ୍ରେଷ୍ଠ ପୁରୋହିତ । ମୋ ନାମ ବୃହସ୍ପତି ସତ । ...
ମୁଁ ସେନାପତିମଧ୍ୟେ ଶ୍ରେଷ୍ଠ । ନାମେ କାର୍ତ୍ତିକେୟ ପ୍ରକଟ । ...
ଜଳାଶୟ ମଧ୍ୟେ ମୁଁ ହୁ । ସମୁଦ୍ର ଅଟେ ଜାଣ ତୁହି । ୨୪
ମହର୍ଷିମଧ୍ୟେ ଭୃଗୁ ମୁଁ ହୁ । ବାକ୍ୟରେ ଓଁକାର ଅଟଇ ।
ଯଜ୍ଞରେ ଜପଯଜ୍ଞ ମୁଁ ହୁ । ସ୍ଥାବରେ ହିମାଳୟ ହୋଇ । ୨୫
ଅଶ୍ୱତ୍ଥ ବୃକ୍ଷମଧ୍ୟେ ମୁଁ ହୁ । ଦେବର୍ଷି ନାରଦ ଅଟଇ ।
ଗନ୍ଧର୍ବମଧ୍ୟେ ଚିତ୍ରରଥ । ଏ କଥା ଜାଣ ତୁ ନିଶ୍ଚିତ ।
ସିଦ୍ଧମାନଙ୍କ ମଧ୍ୟେ ମୁଁ ହୁ । କପିଳମୁନି ମୁଁ ଅଟଇ । ୨୬ ।
ଅଶ୍ୱମାନଙ୍କ ମଧ୍ୟେ ମୁଁ ହୁ । ଉଚ୍ଚୈଃଶ୍ରବା ... ବୋଲାଇ ।
ଗଜେନ୍ଦ୍ରମାନଙ୍କ ମଧ୍ୟରେ । ଐରାବତ ... ଧରେ ...

ସେନାରେ ସ୍କନ୍ଦ ମୁଁ ହୁଏ । ଶୁଣ ଅର୍ଜୁନ ମନ ଦେଇ ।୨୬
ଆୟୁଧମଧ୍ୟେ ବଜ୍ର ମୁଁ ହୁଏ । ଧେନୁରେ କାମଧେନୁ ହୋଇ ।
... କାମଅଶ୍ୱେ ସନ୍ତାନ । ଜନମ ହୁଏ ଅରଜୁନ ।
ସେ କାମଦେବ ଅଟେ ମୁଁ ହୁଏ । ସଂଶୟ ଏଥି କିଛି ନାହିଁ ।
ଉରଗମାନଙ୍କ ମଧ୍ୟରେ । ମୁଁ ହୁଏ ବାସୁକୀରୂପ ଧରେ ।୨୮
ନାଗମାନଙ୍କ ମଧ୍ୟେ ମୁଁ ହୁଏ । ଅନନ୍ତ ମୂରତି ଧରଇ ।
ଜଳଚରଙ୍କ ମଧ୍ୟ ପୁଣି । ମୁଁ ହୁଏ ଅଟଇ ବରୁଣି ॥
ପିତୃଗଣଙ୍କ ମଧ୍ୟେ ମୁଁ ହୁଏ । ଅର୍ଯ୍ୟମା ନାମଟି ବୋଲାଇ ॥
ସଂଯମୀମାନଙ୍କ ମଧ୍ୟରେ । ଯମ ମୁଁ ଅଟଇ ନିକରେ ।୨୯।
ଦୈତ୍ୟମାନଙ୍କ ମଧ୍ୟେ ମୁହିଁ । ପ୍ରହ୍ଲାଦ ଅବଶ୍ୟ ଅଟଇ ।
ଗଣନାକାରୀମଧ୍ୟେ ଜାଣ । କାଳ ଅଟଇ ମୁଁ ହୁଏ ପୁଣ ।
ମୃଗମଧ୍ୟରେ ସିଂହ ମୁଁ ହୁଏ । ପକ୍ଷୀରେ ଗରୁଡ଼ ଅଟଇ ।୩୦।
ଦ୍ରୁତଗାମୀର ମଧ୍ୟେ ସାର । ପବନ ଅଟେ ମୁଁ ନିକର ।
ଶସ୍ତ୍ରଧାରୀଙ୍କ ମଧ୍ୟେ ମୁଁ ହୁଏ । ଶ୍ରୀରାମଚନ୍ଦ୍ର ଯେ ଅଟଇ ।
ମତ୍ସ୍ୟମାନଙ୍କ ମଧ୍ୟେ ମୁଁ ହୁଏ । ଭୀଷଣ ମଗର ଅଟଇ ।
ନଦୀମଧ୍ୟରେ ଗଙ୍ଗା ମୁଁ ହୁଏ । ବିଦ୍ୟାରେ ଅଧ୍ୟାତ୍ମ୍ୟ ଅଟଇ ।୩୧
ମୁଁ ସୃଷ୍ଟି ଆଦି ମଧ୍ୟ ଅନ୍ତ । ଯୁକ୍ତିକାରୀର ଯୁକ୍ତି ସତ ।୩୨।
ଅକ୍ଷରମଧ୍ୟେ ମୁଁ ଅକାର । ସମାସେ ଦ୍ୱନ୍ଦ ମୁଁ ନିକର ।
ଅକ୍ଷୟ କାଳ ମୁଁ ଅଟଇ । ସକଳ ଫଳଦାତା ମୁଁ ହୁଏ ।୩୩।
ମୁଁ ସର୍ବସଂହାରକ ମୃତ୍ୟୁ । ଭବିଷ୍ୟ ପ୍ରାଣୀଙ୍କର ହେତୁ ।
ନାରୀଗଣମଧ୍ୟେ ମୁହିଁ । କୀର୍ତ୍ତି, ଶ୍ରୀ, ବାଣୀ, ମେଧା ହୋଇ ।୩୪
ସ୍ମୃତି ଧୃତି କ୍ଷମା ଅଟେ । ବୃହତ ସାମ ମୁଁ ମୁକୁଟେ ।
ଛନ୍ଦ ମଧ୍ୟେ ମୁଁ ହୁଏ । ମାସରେ ମାର୍ଗଶୀର ହୋଇ ।
ଋତୁମଧ୍ୟରେ [illegible] । ଠକର ଦ୍ୟୂତ ଅଟେ ମୁଁ ତ ।୩୫।
[illegible] ମାନଙ୍କ [illegible] ତେଜ । ତେଜୀର ଜୟ ମତି ହେଜ ।

ଉଦ୍ୟୋଗୀଲୋକର ଉଦ୍ୟମ । ସାତ୍ତ୍ୱିକଲୋକଙ୍କ ସତ୍ତ୍ୱଗୁଣ ।୩୬।
ବୃଷ୍ଣି ବଂଶର ବାସୁଦେବ । ମୁନିଙ୍କମଧ୍ୟେ ବ୍ୟାସଦେବ ।
କବିମଧ୍ୟରେ ଶୁକ୍ର ମୁଁହି । ପାଣ୍ଡବେ ଅର୍ଜୁନ ବୋଲଇ ।୩୭
ଶାସନକାରୀର ଶାସନ । ଜ୍ଞାନୀର ମୁଁହି ଅଟେ ଜ୍ଞାନ ।
ଗୁପ୍ତବିଷୟମଧ୍ୟେ ମୁଁହି । ମଉନ ମୁଁହି ଯେ ଅଟଇ ।
ଯେ ଲୋକ ଜୟକୁ ଇଚ୍ଛନ୍ତି । ତାଙ୍କର ଅଟଇ ମୁଁ ନୀତି ।୩୮।
ସକଳ ଭୂତ ବୀଜ ମୁଁହି । ମୋ ତହୁଁ ଅନ୍ୟ କିଛି ନାହିଁ ।୩୯
ମୋର ଐଶ୍ୱର୍ଯ୍ୟ ଅନ୍ତ ନାହିଁ । ସଂକ୍ଷେପେ କିଛି କହିଲଇ ।୪୦।
ଅର୍ଜୁନ ତୁମ୍ଭେ ଭଲେ ଜାଣ । ଯେଉଁଠି ଯାହା ବା ପ୍ରଧାନ ।
ସୁନ୍ଦରପଣେ ଯାହା ସାର । ଗୁଣରେ ଯାହା ଶ୍ରେଷ୍ଠତର ।
ଯେଉଁଠି ଯାହା ବା ଉତ୍ତମ । ସେଠାରେ ମୋ ଶକ୍ତି ଜାଣିମ ।
ଯେଉଁଠି ଅଛି ଶ୍ରେଷ୍ଠଗୁଣ । କ୍ଷମତା ବଳ ଧନ ଧାନ୍ୟ ।
ମୋ ତେଜଅଂଶରୁ ସେ ଜାତ । ମୋର ବିଭୂତି ସେ ସମସ୍ତ ।୪୧
ଶୁଣ ଅର୍ଜୁନ ମୋର ବାଣୀ । କି ହେବ ଏତେ କଥା ଜାଣି ।
କେବଳ ଏତିକି ତୁ ଜାଣ । ଯେଣୁ ତୁ ଅଟୁ ଜ୍ଞାନବାନ ।
ମୋହର କଳାରୁ ଗୋଟିଏ । ଜଗତଯାକ ବ୍ୟାପୀ ରହେ ।୪୨
ଧ୍ୟାନ କରତ ବନ୍ଧୁ ମନ । ଦେଖନ୍ତା ଯୁଗଳ ଚରଣ ।

ଇତି ଶ୍ରୀ ମହାଭାରତେ ଶତସାହସ୍ର୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଭୀଷ୍ମପର୍ବଣି ଶ୍ରୀମଦ୍ ଭଗବଦ୍ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ ବିଭୂତିଯୋଗୋନାମଦଶମୋଽଧ୍ୟାୟଃ

——o——

ଏକାଦଶ ଅଧ୍ୟାୟ

ବିଶ୍ୱରୂପଦର୍ଶନ ଯୋଗ

ଅର୍ଜୁନ ଉବାଚ ।

ହେ କୃଷ୍ଣ କୃପା କରି ମୋତେ । କହିଲ କ[illegible]ଧେ ଯେତେ

...ଆମାଙ୍କ । କହିଲ ଅମ୍ଭ ତତ୍ତ୍ୱଜ୍ଞାନ ।
ମୁଁ ହୋଇଲି ସନ୍ତୋଷ । ମୋର ଅଜ୍ଞାନ ଗଲା ନାଶ ।୧।
ପ୍ରଭୁ କମଳଲୋଚନ । ପ୍ରାଣୀର ଜନମ ମରଣ ।
...ତୋହର ଭଣ । ତୋର ମହିମା ଅଗଣନ ।
...ମୋର କହିଲ ଶୁଣିଲି । ମୋହ ମାୟାରୁ ନିସ୍ତରିଲି ।୨।
...ଣୀ ବୃତ୍ତାନ୍ତ ଯେପରି । ଆପଣ କହିଲ ବିସ୍ତାରି ।
...ଥାର୍ଥ ହେ ପରମେଶ୍ୱର । ସଂଶୟ ଦୂରହେଲା ମୋର ।
...ଶ୍ୱର ରୂପତୋର । ଦେଖିବି ଇଚ୍ଛାହୁଏ ମୋର ।
...କୃଷ୍ଣ ହେ ପୁରୁଷୋତ୍ତମ । ସାର୍ଥକ ହେବ ମୋ ଜନମ ।୩।
...ବଳଇ ହେ ଗୋସାଇଁ । ଯୋଗ୍ୟ ଅଯୋଗ୍ୟ ନଜାଣଇ ।
...ତେ ମୁଁ ଏଥିକି ଭାଜନ । ଏପର ବୃତ୍ତାନ୍ତ ଆପଣ ।୪।
...ଆନୁ ନିଜରୂପ ମତେ । ହେ ଯୋଗେଶ୍ୱର କୃପାଚିତ୍ତେ ।

ଶ୍ରୀ ଭଗବାନ୍ ବାଚ

...ନ୍ତି ପ୍ରଭୁ ଭଗବାନ । ଦେଖ ମୋରୂପ ଅରଜୁନ ।
...ନା ବର୍ଣ୍ଣେ ବିଭୂଷିତ । ଶୁକ୍ଳ କୃଷ୍ଣ ରକ୍ତ ପୀତ ।
...ଦେବତା ରାକ୍ଷସ । ଏମନ୍ତ ଆକାର ଅଶେଷ ।
...ନ୍ୟ ବର୍ଣ୍ଣେ ଯେ ଆକାର । ଶତ ବା ସହସ୍ରପ୍ରକାର ।
...ପ୍ରକାର ରୂପ ମୋର । ଅପୂର୍ବ ଦିବ୍ୟ ମନୋହର ।
...ର୍ଥ ସାବଧାନେ ଦେଖ । ମୋରୂପ ଅଛଇ ଅସଂଖ୍ୟ ।୫।
... ମୋ ଶରୀରେ ଭରତ । ପ୍ରଚଣ୍ଡ ଦ୍ୱାଦଶ ଆଦିତ୍ୟ ।
... ରୁଦ୍ର ବସୁ ଅଷ୍ଟ । ଦୁଇ ଅଶ୍ୱିନୀ ସୁତଶ୍ରେଷ୍ଠ ।
... ପବନ ଅଣଗୁଣ । ମୋରୂପେ ଅଛେ ଗୁଡ଼ାକେଶ ।
... ପ୍ରାଚୀନ କାଳୁ କେହୁ । ଏରୂପ କେବେ ଦେଖିନାହୁଁ ।
... [illegible] । ମୋରୂପେ ବିରାଜ ଅନନ୍ତ ।
... [illegible] ଯାହା । ମୋ ବିଶ୍ୱରୂପେ ଦେଖ ତାହା ।

ଏକାଠେ ଏ ବିଶ୍ୱ ଜଗତ । ଦେଖ ମୋ ଶରୀରରେ ସ୍ଥିତ ॥
ଭୂତ ଭବିଷ୍ୟ ବର୍ତ୍ତମାନ । ଦେଖିବୁ ଯେବେ କରୁ ମନ ॥
ଦେଖିପାରିବୁ ଗୁଡ଼ାକେଶ । ମୋରୂପେ ସେସବୁ ଅବଶ ।୭।
ତୋର ଚରମ ଚକ୍ଷୁଥିଲେ । ଦେଖିବୁ ନ ପାରିବୁ ଭଲେ ॥
ତେଣୁ ମୁଁ ପ୍ରସନ୍ନ ହୋଇଲି । ଦିବ୍ୟନୟନ ତୋତେ ଦେଲି ॥
ଏବେତୁ ଦେଖ ଅରଜୁନ । ମୋ ବିଶ୍ୱ ସ୍ୱରୂପ ବେଶନ ॥
ଦେଖ ଏ ଈଶ୍ୱର ଶକତି । ଘଟାଏ ଅଘଟନ ଅତି ॥
ସଞ୍ଜୟ ବୋଲେ ହେ ରାଜନ । ଏମନ୍ତ କହି ଭଗବାନ ॥
ପରମ ରୂପ ଈଶ୍ୱରର । ଦେଖାଇଦେଲେ ଯୋଗେଶ୍ୱର ।୯।
କି ଅବା ସେ ରୂପ ମହିମା । କଳି ନହୁଏ ପାରସୀମା ॥
ଅନେକ ମୁଖ ନାଶା ନେତ୍ର । ସୁନ୍ଦର ଭୂଷଣେ ଭୂଷିତ ॥
ଅସଂଖ୍ୟ ଅସ୍ତ୍ର ଶସ୍ତ୍ର ମାନ । ହସ୍ତେ ହୋଇ ଉତ୍ତୋଳନ ॥
ଅପୂର୍ବ ନାନା ଫୁଲମାଳ । ଲମ୍ବିଛି ହୋଇ ମାଳ ମାଳ ॥
ମଣ୍ଡିଣି ପାଟ ପୀତାମ୍ବର । ଦିଶଇ ଅପୂର୍ବ ସୁନ୍ଦର ॥
କସ୍ତୁରୀ ଅଗୁରୁ ଚନ୍ଦନ । ସର୍ବାଙ୍ଗେ ହୋଇଛି ଲେପନ ॥
ରୂପ ଅଶ୍ଚର୍ଯ୍ୟମୟ ଦିଶେ । ତେଜରେ ଜଗତ ପ୍ରକାଶେ ॥
ଅନନ୍ତ ରୂପ ଅନ୍ତ ନାହିଁ । କଳନା ସହଜେ ନପାଇ ॥
ଯେଣେ ଗ୍ରହିଁଲେ ମୁଖଦେଶେ । କିଅବା ବର୍ଣ୍ଣିବା ବିଶେଷେ ।୧
ସହସ୍ରେ ରବି ଏକକାଳେ । ଆକାଶେ ଉଦୟ ହୋଇଲେ ॥
ରୂପଜ୍ୟୋତିଷ ନୁହେସର । କିଅବା କହିବା ବିସ୍ତାର ।୧
ସେରୂପେ ଦେଖନ୍ତି ଅର୍ଜୁନ । ସପ୍ତ ପାତାଳ ବିଦ୍ୟମାନ ।
ବ୍ରହ୍ମାଣ୍ଡ ଚଉଦ ଭୁବନ । ସେ ବିଶ୍ୱରୂପେ ବର୍ତ୍ତମାନ ।
ସାମାନ୍ୟ ଅବୟବ ପରି । ଏକାଂଶେ ରହିଥିଲା ପରି ।
ଦେଖିଣ ଅର୍ଜୁନ ବିସ୍ମୟ । ରୋମାଞ୍ଚିତ [illegible] ତାର ଦେହ
କରଯୋଡ଼ି ନମସ୍କାର । ଭଣି [illegible] ବୀରବର ।

[illegible] ଶ୍ରୀକୃଷ୍ଣ ପାଏ ।

[illegible] । [illegible] ବ୍ରହ୍ମା ସ୍ତୁତି ॥
[illegible] । [illegible] ତୋଷ ପାନ୍ତୁ ୧୫
[illegible] ବାଦ୍ୟ ଦୁଃଖ ନେଇ । [illegible] ନିର୍ବିଶ ॥
[illegible] ଧନ୍ୟ [illegible] । ଯାଉ ନ ପାରେ ଆଦ ଅନ୍ତ ।୧୬
[illegible] ସଦା ଚନ୍ଦ୍ରସୂର୍ଯ୍ୟ । ତେଜ ତୋହର ଅଚଳିତ ॥
ଭୂପଅଗ୍ରେ ଚଉଦଶ । ସବୃତି ହୁଅଇ ପ୍ରକାଶ ॥
ଜଳନ୍ତାଅନଳ ସମାନ । ରବି ଯେସନ ତେଜସ୍ଥାନ ॥
ତାହୁଁ ବେଜଁଠି ସୀମା ତାର । ଦଇଶା ନୃତ୍ର ମୋହର ॥
ତାହାର ଅଛଇ ଶକତ । ଦେଖିପାରିବ ଏ ମୂରତ ॥
ଉଦ୍ୟାନଯୂନ ଦେଲୁ ତୁହି । ତେଣୁ ତୋ ରୂପ ଦେଖିଲଇଁ ୧୭
ପରମବ୍ରହ୍ମ ଅଟୁ ତୁହି । ବେଦାନ୍ତ ତୋ ନାମ ଘୋଷିଇ ।
ପରମପୁରୁଷ ଉତ୍ତମ । ତୋତେ ଚିହ୍ନିବା ସାର ଧର୍ମ ।
ପରମଅକ୍ଷୟ ଶରୀର । ପାଳକ ତୁ ନିତ୍ୟଧର୍ମର ॥
ତୋହର ନାହିଁ ଯେ ବିନାଶ । ତୁ ଅଟୁ ପରମପୁରୁଷ । ୧୮॥
[illegible] ସ୍ଥିତି ଲୟ ଅନ୍ତ । ନାହିଁ ତୋହର ତୁ ଅନାଦି ॥
[illegible]ର ବୀଜର ଅନ୍ତନାହିଁ । ଅସଂଖ୍ୟ ବାହୁ ତୋର ଥାଇ ।
[illegible] ଚନ୍ଦ୍ରମା ଦୁଇ ନେତ୍ର । ଦେଖି ମୁଁ ହୋଇଲି ଚକିତ ॥
[illegible] ବଦନ ଅଦଭୁତ । ଯେସନ ଅନଳ ଜ୍ୱଳନ୍ତ ॥
[illegible]ର ତେଜରେ ଏ ଜଗତ । ତାପିତ ହେଉଛି ସନ୍ତତ ।୧୯
[illegible]ଠାରୁ ମର୍ତ୍ତ୍ୟପାଏ । ସର୍ବତ୍ର ବ୍ୟାପିଛୁ ତୋ କାଏ ॥
[illegible]ରୂପ ଅଦଭୁତ । ତ୍ରିଲୋକ ଭୟରେ କମ୍ପିତ ।୨୦।
[illegible] ଏ [illegible] । ତୋଠାରେ ପଶନ୍ତି ଶରଣ ॥
[illegible] ଭୟେ [illegible] । ହାତରେ ବୋଲେ ରକ୍ଷାକର ।

ତେ କରଯୋଡ଼ଣ କଣାଏ　　ରକ୍ଷା କରନ୍ତୁ ଦେବଗ୍ରଏ ॥
ସିଦ୍ଧସ୍ୱରୂପ ଋଷିଗଣ　　। ପଢ଼ି ମଙ୍ଗଳ ସ୍ତବମାନ ॥
କଶାନ୍ତୁ ଜଗତ ମଙ୍ଗଳ　　। ବୋଲନ୍ତୁ ରକ୍ଷ ଅଦ୍ଭୁତ । ୨୧
ରୁଦ୍ର ଆଦିତ୍ୟ ବିଶ୍ୱଦେବ　　। ଅସୁର ମରୁତ ଗନ୍ଧର୍ବ ॥
ସିଦ୍ଧ, ସାଧକ, ବସୁ, ଯକ୍ଷ　　। ଉଷ୍ମପା ପିତୃଗଣ, ରକ୍ଷ ॥
ଅଶ୍ୱିନୀକୁମାର, ଅବର　　। ଗୃହାନ୍ତି ଭୟ ଥରହର ।୨୨
ଏ ବିଶ୍ୱରୂପ ଯେ ବିଶାଳ　　। ଦିଶୁଛୁ ମୁଖ ମାଳ ମାଳ ॥
ଅନେକ ନେତ୍ର ଊରୁମାନ　　। ଉଦର ଅନେକ ଚରଣ ॥
ପ୍ରକାଣ୍ଡ ଲମ୍ବ ଦନ୍ତମାନ　　। ବିଶେଷେ ଦିଶୁଛି ଭୀଷଣ ॥
କରାଳ ଭୀମ ଭୟଙ୍କର　　। ରୂପ ଡ଼ରାଏ ନିରନ୍ତର ॥
ଦେଖି ଏ ମୂରତି ବିଶାଳ　　। ଲୋକେ ହୁଅନ୍ତି ଥରହର ॥
ମୋହର ଭୟ ହୁଏ ମନେ　　। ଏ ରୂପ ଦେଖିବି କେସନେ ॥
ନାନାବର୍ଣ୍ଣେ ବିଭୂଷିତ　　। ରୂପ ଦିଶଇ ଅଦଭୁତ ॥
ଅକାଶେ ମସ୍ତକ ଲଗିଛି　　। ତେଜରେ ଚୌଦିଗ ପୂରିଛି ॥
ପାଟି ମେଲଇ ଆଁ ଆଁ କରି　　। ତବିଷ୍ଟି ଗୃହ୍ନଛ ଯେପରି ॥
ଦେଖି ଏ ରୂପ ଭୟଙ୍କର　　। ଧୈର୍ଯ୍ୟ ନ ରହେ ମୋହର ॥
ମନ ମୋହର ବିଚଳିତ　　। ସ୍ଥିର ନ ହୁଏ କଦାଚିତ ।୨୩
ମୁଖଅ ଦାନ୍ତ ମାଳ ମାଳ　　। ଦିଶଇ ଅତ୍ୟନ୍ତ କରାଳ ॥
ପ୍ରଳୟ ଅନଳସମାନ　　। ମୁଖମଣ୍ଡଳ ଦିଶେ ପୁଣି ॥
ଏ ଭୀମରୂପ ଦେଖି ମୁହିଁ　　। କେଉଁଠି ସୁଖ ନ ଲଭଇ ॥
ଦିଗ ମୁଁ ଚିହ୍ନିପାରୁ ନାହିଁ　　। ପ୍ରସନ୍ନ ହୁଅ ହେ ଗୋସାଇଁ ॥
ଧୃତରାଷ୍ଟ୍ରର ପୁତ୍ରଗଣ　　। ସହିତେ ଭୀଷ୍ମ କର୍ଣ୍ଣ ଦ୍ରୋଣ
ମୋହପକ୍ଷର ବୀରମାନେ　　। ଯେ ଛନ୍ତି ଏ ରଣପ୍ରାଙ୍ଗଣେ
ତୋହର କରାଳ ବଦନେ　　। ପଶୁ ଅଛନ୍ତି ତତକ୍ଷଣେ ।
ଦନ୍ତ ଦିଶଇ ବିକଟାଳ　　। ପ୍ରକାଣ୍ଡ ଭୈରବ ମଣ୍ଡଳ ।

ଦନ୍ତ ମଧ୍ୟ ଗନ୍ଧୁରରେ । ପଶୁ ଅଛନ୍ତି ବୀରେ ଖରେ ॥
କେତେ ବୀର ଗର୍ଣ୍ଣି ଭାର ମୁଣ୍ଡ । ହୋଇ ଯାଉଛନ୍ତି ଖଣ୍ଡ ଖଣ୍ଡ ॥
ଦନ୍ତାଗ୍ର ସନ୍ଧିରେ ଲଗିଛନ୍ତି । କେତେ ଚୂର୍ଣ୍ଣ ଯାଉଅଛନ୍ତି । ୨୭
ନାନା ଦିଗରୁ ନଦୀମାନେ । ସମୁଦ୍ରେ ପଶନ୍ତି ଯେସନେ ॥
ତେସନ ବହୁ ବୀରମାନେ । ପଶନ୍ତି ତୋହର ବଦନେ । ୨୮
ଅନଳେ ଯେସନ ପତଙ୍ଗ । ପଡ଼ନ୍ତି ହୋଇ ଦ୍ରୁତବେଗ ॥
ତେସନ ଲୋକେ ଧାଇଁ ଆସି । ତୋମୁଖେ ଯାଉଛନ୍ତି ପଶି ୨୯
ଜଳନ୍ତା ଅନଳ ସମାନ । ଦିଶୁଛି ତୋହର ବଦନ ॥
ମେଲାଇ ସେଭୀମ ବଦନ । ଗ୍ରାସ କରୁଛୁ ସର୍ବଜନ ॥
ଓଷ୍ଠେ ଯେ ରୁଧିରେ ରଞ୍ଜିତ । ଲେହନ କରୁଛୁ ସତତ ॥
ସଂହାର ମୂରତି ତୋହର । ଉଗ୍ର ତେଜଟର କର ଜର ॥
ତୋ ତେଜ ଜଗତ ବ୍ୟାପିଛି । କେତେଣେ ସନ୍ତାପ ଦେଉଛି । ୩୦
ହେଦେବ ଦେବ ନିବେଦନ । କହନ୍ତୁ କିଏସେ ଆପଣ ॥
ଦୟା ଏ ଉଗ୍ରମୂର୍ତ୍ତି ତୋର । ଚରଣେ ତୋର ନମସ୍କାର ॥
ପ୍ରସନ୍ନ ହୋଇ ମତେ କହ । ନଜାଣେ ହେଉଛି ସନ୍ଦେହ ॥
ଅନାଦି କାରଣ ଯେ ତୁହି । ବିସ୍ତାରି କହ ଦୟାବହି ॥
ନଜାଣେ ତୋହର ଚରିତ । ଜାଣିବି ମୋଇଚ୍ଛା ନିଯୁତ ॥

ଶ୍ରୀ ଭଗବାନୁବାଚ ।

ଭକ୍ତ ବତ୍ସଳ ଭଗବାନ । କହନ୍ତି ଶୁଣ ଅରଜୁନ ॥
ସକାଳ ପ୍ରାଣୀଙ୍କି ନାଶଇ । ସେଭୀମ କାଳଅଟେ ମୁହିଁ ॥
ସଂହାର କରିବାକୁ ଜନ । ପ୍ରବୃତ୍ତ ହୋଇଛି ମୁଁ ଜାଣ ॥
ଯୁଦ୍ଧେ ମାର ବା ନ ମାର । ମରିବେ ତୋ ବିପକ୍ଷ ବୀର । ୩୨
ଉଠ ତୁ ଉଠ ଅରଜୁନ । ହେଲା ନକରି କର ରଣ ॥
ହେବୁ ବେ[illegible]ଖର । ଆନନ୍ଦେ ରାଜ୍ୟ ଭୋଗକର ॥
[illegible]ହୁବ [illegible]ଲ । ଉଠ ସମର କରଭଲ ॥

ତୋଶାନ୍ ମୋହସ୍ତେ ନିହତ । ଆଗରୁ ହୋଇଛନ୍ତି ନିହତ ।
ତୁହି ନିମିତ୍ତ ମାତ୍ର ହୋଇ । ହେ ସବ୍ୟସାଚି ମାରଯାଇ ।୩୩
ଜୟଦ୍ରଥ ଯେ ଭୀଷ୍ମ କର୍ଣ୍ଣ । ଦ୍ରୋଣ ଅବର ବୀରଗଣ ।
ମୋହେତୁ ମଲ ପରିହୋଇ । ଏମାନେ ଛନ୍ତି ଏଠି ରହି ।
ତୁ ଯାଇ ସେମାନଙ୍କୁ ମାର । ମନରେ ଭୟ ତୁ ନ କର ।
ଅବଶ୍ୟ ହେବ ତୋର ଜୟ । ଶତ୍ରୁ ଜିଣିବୁ ଧନଞ୍ଜୟ ।୩୪ ।

ସଞ୍ଜୟ ଉବାଚ ।

ସଞ୍ଜୟ ବୋଲେ ହେ ରାଜନ । ଶୁଣିଣ ଶ୍ରୀକୃଷ୍ଣ ବଚନ ।
ଅର୍ଜୁନ ଭୟେ ଥରହର । କମ୍ପିଲା ତାର କଳେବର ।
ବହିଲା ଗଦ ଗଦ ସ୍ୱର । ଶିର ନୁଆଇଁ ନମସ୍କାର ।୩୫ ।

ଅର୍ଜୁନ ଉବାଚ ।

ଅର୍ଜୁନ ବୋଲେ ହୃଷିକେଶ । ତୋହର ମହିମା ଅଶେଷ ।
ତୋହର ମହିମା କୀର୍ତ୍ତନେ । ଜଗତ ପୁଲକିତ ମନେ ।
ତୋର ପ୍ରେମରେ ବୁଡିଥାନ୍ତି । ରାକ୍ଷସ ଡରିଣ ପଳାନ୍ତି ।
ସିଦ୍ଧ ପୁରୁଷ ନମସ୍କାର । କରନ୍ତି ଯଥାର୍ଥ ତୋହର ।୩୬ ।
ହେ ମହାତ୍ମନ ହେ ଦେବେଶ । ଅନନ୍ତ ହେ ଜଗନ୍ନିବାସ ।
ଯେଣୁ ତୁ ଅବିନାଶୀ ବ୍ରହ୍ମ । ବ୍ରହ୍ମାର ଜନକ ତୁ ପୁଣ ।
ପ୍ରକୃତ ସତ ଯେ ଅସତ । ତୁ ଅଟୁ ତହିଁରୁ ଅତୀତ ।
ତେଣୁ ଏ ସିଦ୍ଧ ଯୋଗୀଜନ । ଅବଶ୍ୟେ ପୂଜେ ତୋ ଚରଣ ।[illegible]
ତୁ ଆଦ୍ୟ ଦେବ ହେ ଅନନ୍ତ । ପୁରାଣ ପୁରୁଷ ନିଶ୍ଚିତ ।
ତୁ ଜଗତର ଲୟସ୍ଥାନ । ବ୍ୟାପିଛୁ ଏ ଜଗତେ ପୁଣ ।
ପରମ ଧାମ ଅଟୁ ତୁହି । ତୋତେ ଅଜଣା କିଛି ନାହିଁ ।
ତୋତେ ଜାଣିବ ଇଚ୍ଛାକରି । ଜଗତ ସଦା ହୁଏ ଝୁରି ।[illegible]
ବରୁଣ ବାୟୁ ଅଗ୍ନି ଯମ । ତୁ ଚନ୍ଦ୍ର [illegible] ପୁଣ ।
ପିତାମହର ପିତା ତୁହି । ତୋତେ [illegible]ର ଭରି [illegible]

। କରୁଛନ୍ତି ପ୍ରଭୁ ଦୟାକର ।୩୯।
। କଲର ନାହିଁ ପରିଣାମ ।
... ତୁ ସରବ ସ୍ୱରୂପୀ ।
... ମୁଁ ହୁ ବାରମ୍ବାର ।୪୦।
... ସଖା ବୋଲିମଣି ।
... ଗର୍ବ ।
... । କେତେ ମୁଁ ଛଦସ୍ଥାର କଲି ।୪୧
... ଅସନ । ଭୋଜନ ଅବ ବେଳେଜାଣି ।
... ମୁଁ କେତେ ପରିହାସ । କ୍ଷମା କରନ୍ତୁ ହୃଷିକେଶ ।୪୨।
ଅତୁଳ ପ୍ରଭାବ ତୋହର । ତୁ ପିତା ଏହୁ ଜଗତର ।
... ପୂଜ୍ୟତୁହି । ଗୁରୁ ଗୁରୁର ଗୁରୁ ତୁହି ।
... ଲୋକେ ତୋ ସମାନ । କେଶେହେଁ କେହୁନାହିଁ ଜାଣ ।୪୩
ତେଣୁ ହେ ଜଗତର ସ୍ୱାମୀ । ସକଳ ପୂଜ୍ୟ ତୋତେ ନମି ।
ସାଷ୍ଟାଙ୍ଗେ କରେ ନମସ୍କାର । ହେ ଦେବ ଦେବ କୃପାକର ।
ମୋ ଦୋଷ କ୍ଷମାକର ତୁହି । ପିତା ପୁତ୍ରର ଭାବବହି ।
ସଖା ଯେପରି ସଖାଦୋଷ । ମାର୍ଜନା କରଇ ବିଶେଷ ।
ପତି ଯେପରି ପତ୍ନୀଦୋଷ । ଖଣ୍ଡଇ ନବହିଣ ଶେଷ ।
ଏପରି ଭାବ ମନେ ବହି । ମୋଦୋଷ କ୍ଷମାକର ତୁହି ।୪୪
ଅପୂର୍ବ ରୂପ ଦରଶନେ । ସନ୍ତୋଷ ହେଲା ମୋରମନେ ।
ଭୟରେ କମ୍ପୁଥର ହର । ବ୍ୟାକୁଳ ହୁଏ ମନମୋର ।
ଜଗତ ନିବାସ ଦେବେଶ । ପ୍ରସନ୍ନ ହୁଅ ତୁହି ଲେଶ ।
... ମନୋହର ବେଶ । ଦେଖାଅ ମତେ ହୃଷିକେଶ ।୪୫
... ବାହୁ ପ୍ରଭୁତେଜ । ଦେଖାଅ ତୋ ଚତୁରଭୁଜ ।
ଦେଖାଅ ... ହସ୍ତ । ଗଦା ପଦ୍ମରେ ବିଭୂଷିତ ।
... ମୂରତି ... । ମୋହନ ମୂରତ ଦେଖାଇ ।

ମୁକୁଟ ମଣ୍ଡିତ ତୋ ଶିର । ଦେଖାଅ ପ୍ରଭୁ ଚକ୍ରଧର ।୪୬।

ଶ୍ରୀ ଭଗବାନୁବାଚ ।

କହନ୍ତି ପ୍ରଭୁ ଭଗବାନ । ଶୁଣ ହେ ବୀର ଅରଜୁନ ॥
ମୁଁ ତେଣୁ ପ୍ରସନ୍ନ ହୋଇଲି । ତୋତେ ଏରୂପ ଦେଖାଇଲି ।
ଏରୂପ ମୋ ଯୋଗ ଭିଆଣ । ଅନାଦି ପରମ ଅସୀମ ।
ତୋହର ପୂର୍ବେ ଅନ୍ୟ କେହି । କେବେ ଏରୂପ ଦେଖିନାହିଁ ।୪୭
ବେଦ ପଠନ ଯଜ୍ଞଦାନ । କଠୋର ତପସ୍ୟା ସାଧନ ॥
ଏମାନ ସାଧି କେହି ଜନ । ନପାଏ ଏରୂପ ଦର୍ଶନ ।
ତୋହର ବିନୁ ଅନ୍ୟ କେହି । ଦର୍ଶନ ସମର୍ଥ ନୁହଇ ।୪୮
ମୋର ଏରୂପ ଭୟଙ୍କର । ଦେଖିଣ କେବେହେଁ ନଡର ।
ମନରୁ ଛାଡ଼ ଭୟଭ୍ରାନ୍ତି । ଦେଖ ମୋ ମୋହନମୂରତି ।୪୯

ସଞ୍ଜୟ ଉବାଚ ।

ସଞ୍ଜୟ ବୋଲେ ଭଗବାନ । ଏମନ୍ତ କହି ଜନାର୍ଦ୍ଦନ ।
ଅର୍ଜୁନେ ପ୍ରବୋଧି କହିଲେ । ମୋହନ ବେଶ ଦେଖାଇଲେ ॥
ଅର୍ଜୁନ ମନୁ ଭୟ ଗଲା । ଯେଣୁ ସେ ମୂରତି ଦେଖିଲା ।୫୦

ଅର୍ଜୁନ ଉବାଚ ।

ଅର୍ଜୁନ କୃତ କୃତ୍ୟ ହୋଇ । ସଧୀରେ ବଚନ ଭାଷଇ ॥
ଶାନ୍ତ ସୁନ୍ଦର ରୂପ ତୋର । ଯେଣୁ ଏ ମନୁଷ୍ୟ ଆକାର ।
ଦେଖି ଏରୂପ ନିସ୍ତରିଲି । ଚଞ୍ଚଳ ମନ ସ୍ଥିର କଲି ।୫୧।

ଶ୍ରୀ ଭଗବାନୁବାଚ ।

କହନ୍ତି ପ୍ରଭୁ ଭଗବାନ । ଅର୍ଜୁନ ସାବଧାନେ ଶୁଣ ।
ଯେ ରୂପ ଦେଖିଲୁ ତୁ ଆଜ । ଦେଖିବା ନୁହଇ ସହଜ ।
କେହି ତା କେବେ ଦେଖିନାହିଁ । ଆଜ ତେ[illegible]ବା ଛୁହି ।
ଦେବତାମାନେ ନିତ ନିତ । ଏ ରୂ[illegible]ଇଛନ୍ତି ।୫[illegible]

ତୀର୍ଥାଚରଣ ତପସ୍ୟା ଅଟଇ । ବିପୁଳ ଅର୍ଥ ଦାନଦଇ ॥
ବେଦପଠନ ଯଜ୍ଞ ଦାନ । ଅଟଇ ବହୁ ଧର୍ମ୍ମ କର୍ମ୍ମ ॥
ଏତେ ଉପାୟ କଲେ କେହି । ଏ ରୂପ ଦେଖିପାରେ ନାହିଁ ।୫୩
ଏକାନ୍ତ ଭକ୍ତି ଥାଏ ଯାର । ସେ ଦେଖେ ଏ ରୂପ ମୋହର ॥
ହେ ପରନ୍ତପ ହେ ଅର୍ଜ୍ଜୁନ । ସେ ହୁଏ ମୋହଠାରେ ଲୀନ ।୫୪
ପଣ୍ଡୁ ନନ୍ଦନ ଅରଜୁନ । ଯେ ମୋତେ ପାଏ ଏବେ ଶୁଣ ॥
ମୋପାଇଁ ଯେ କର୍ମ୍ମ କରଇ । ମୋଠାରେ ଅସକତ ରହଇ ॥
ମୋଠାରେ ଏକାନ୍ତଭକତ । ସକଳ ସଙ୍ଗ ବିବର୍ଜିତ ॥
ଯାହାର ଶତ୍ରୁ କେହି ନାହିଁ । ସଭିଙ୍କି ସମାନ ମଣଇ ।୫୫
ଦୀନ ଜଗତବନ୍ଧୁ ଭଣେ । ରକ୍ଷା କରିବେ ବନମାଳୀ ॥

ଇତି ଶ୍ରୀ ମହାଭାରତେ ଶତସାହସ୍ର୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଭୀଷ୍ମପର୍ବଣି ଶ୍ରୀଭଗବଦ୍ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜ୍ଜୁନ ସମ୍ବାଦେ ବିଶ୍ୱରୂପଦର୍ଶନୋ ନାମୈକାଦଶୋଽଧ୍ୟାୟଃ ।

———

ଦ୍ୱାଦଶ ଅଧ୍ୟାୟ ।

ଭକ୍ତି ଯୋଗ ।

ଅର୍ଜ୍ଜୁନ ଉବାଚ ।

ଅର୍ଜ୍ଜୁନ ବୋଲେ ଦେବରାୟ । କଥାଏ ଲଗିଲା ସଂଶୟ ॥
ଯେ ଭକ୍ତ [illegible] । ତୋହର ଉପାସନା କରେ ॥
[illegible] । ନିର୍ଗୁଣ ନିରାକାର ପୁଣ ॥
[illegible] ବ୍ରହ୍ମକୁ [illegible] । ହେ ପ୍ରଭୁ କେ ଶ୍ରେଷ୍ଠ ଅଟଇ ।୧

ଶ୍ରୀ ଭଗବାନୁବାଚ ।

ପୁଣି କହନ୍ତି ଭଗବାନ । ଅର୍ଜୁନ ସାବଧାନେ ଶୁଣ ॥
ମୋଠାରେ ମନମୂନ ଦେଇ । ନିଷ୍ଠାରେ ମତେ ଯେ ପୂଜଇ ॥
ଯାହାର ଶରଧା ମୋଠାରେ । ସେ ଯୋଗୀଶ୍ରେଷ୍ଠ ମୋମତରେ ।୨
ଯେଣୁ ଅକାର ନାହିଁ ତାର । ବ୍ରହ୍ମ ଅଟଇ ନିରାକାର ॥
ସେ ବ୍ରହ୍ମ କେମନ୍ତ ଅଟଇ । କେ ଚିନ୍ତା କରି ନ ପାରଇ ॥
ତେଣୁ ସେ ଅଚିନ୍ତ୍ୟ ବୋଲଇ । ଶୁଣ ଅର୍ଜୁନ ମନଦେଇ ॥
ମିଛମାୟାକୁ ସତ୍ୟ ବୁଝି । ସଂସାରେ ପ୍ରାଣୀ ଥାଏ ମଜି ॥
ଏ ମିଥ୍ୟା ସତ୍ୟପର ଦିଶେ । କୂଟ ବୋଲଏ ସେ ବିଶେଷେ ॥
ମାୟାକୂଟରେ ବନ୍ଧ ଥାଇ । ଏ ବ୍ରହ୍ମକୂଟସ୍ଥ ବୋଲାଇ ॥
ଜ୍ଞାନ ନ ପାରେ ତାକୁ ଧରି । ମନ ଯେ ନ ପାରେ ବିଗ୍ରହି ॥
ନୟନ ଦେଖି ନ ପାରଇ । ଇନ୍ଦ୍ରିୟ ଅଗୋଚର ସେହି ॥
ଜନ୍ମ ମରଣ କ୍ଷୟ ବୃଦ୍ଧି । ଏ ଅାଦି ବିକାର ନାନାଦି ॥
ଏଥିରେ ନୋହେ ବିଚଳିତ । ତେଣୁ ସେ ଅଚଳ ନିୟତ ॥
ବିନାଶ ନାହିଁ ଟି ବ୍ରହ୍ମର । ତେଣୁ ସେ ବୋଲାଏ ଅକ୍ଷର ॥
ଏମନ୍ତ ବ୍ରହ୍ମ ଯେ ପୂଜଇ । ଅବଶ୍ୟ ମୋତେ ସେ ଲଭଇ ।୩
ଇନ୍ଦ୍ରିୟ କରଣ ଦମନ । ସର୍ବତ୍ର ସମବୁଦ୍ଧି ଜ୍ଞାନ ॥
ସକଳ ପ୍ରାଣୀ ହିତେ ରତ । ଏମନ୍ତ ଅଟେ ଯେ ଭକତ ॥
ତାକେ ସେ ଅମ୍ଭଙ୍କୁ ପାଇବ । ଏ କଥା ଅନ୍ୟଥା ନ ହେବ ।୪
ନିର୍ଗୁଣବ୍ରହ୍ମ ଯେ ପୂଜନ୍ତି । ଅଧିକ କ୍ଳେଶ ସେ ଲଭନ୍ତି ॥
ଶୁଣ ହେ ବୀର ଅରଜୁନ । ଏପରି ହେବାର କାରଣ ॥
ସାକାର ଶରୀର ଯାହାର । ଧାରଣା କରନ୍ତି ସାକାର ॥
ଚିନ୍ତିଲେ ମତେ ନିରାକାର । ଧାରଣା[illegible]ହାର ॥
ଅକାର ନିରାକାର ଚିନ୍ତି । ଧାରଣା [illegible] ପାରନ୍ତି ॥

... ହେତୁ ମୂଳେ । ଧାରଣା କରେ ସେ ସହଜେ ॥
... ମଧ୍ୟେ ଯେତେ । ମୋମତେ ଶ୍ରେଷ୍ଠ ଅଟେ ସେତେ ।୬
... ଯୋଗ ମୋଠାରେ । ଅରପେ ଯେତୁ ଭକ୍ତିଭରେ ॥
... ଚତ୍ତେ ଯେ ଭଜଇ । ମୋଠାରେ ମନ ଜ୍ଞାନ ଦେଇ ।୬
ଏ ମୃତ୍ୟୁ ସଂସାରସାଗରୁ । ଅଚିରେ ସେ ଭକ୍ତକୁ ଉଦ୍ଧରୁ ॥
ମୋଠାରେ ଯେତୁ ଦିଏ ଚିତ୍ତ । ଏ ଫଳ ପାଇବ ନିଶ୍ଚିତ ।୭।
ଶୁଣ ହେ ବୀର ଅରଜୁନ । ଲଗାଅ ମୋତେ ବୁଦ୍ଧି ମନ ॥
ମରଣେ ତୁ ମତେ ପାଇବୁ । ମୋଠାରେତୁହୁଲୀନହେବୁ ।୮
ଶୁଣ ତୁ ଏବେ ଧନଞ୍ଜୟ । ଯେବେ ତୋମନ ନୁହେ ଥୟ ।
ଲଗ୍ନରେ ଅଭ୍ୟାସ କରିବ । ଚଞ୍ଚଳ ମନ ସ୍ଥିରହେବ ॥
ଅଭ୍ୟାସ ବଳେ ତୁ ଜାଣିବୁ । ଯାଇଛୁ ତାହା ତୁ ପାଇବୁ । ୯
ଅଭ୍ୟାସ କରି ନପାରିଲେ । ମୋପାଇଁ କର୍ମ କର ଭଲେ ।
ମୋ ନାମ ଶ୍ରବଣ, କୀର୍ତ୍ତନ । ମୋହର ବନ୍ଦନ, ପୂଜନ ॥
ପ୍ରଣାମ, ଦାସ୍ୟ, ସଖ୍ୟଜାଣ । ନବମ ଆତ୍ମା ସମର୍ପଣ ॥
ନଅ ପ୍ରକାରେ ଏ ଭକତି । ପ୍ରକାରେ ସାଧିଲେ ମୁକତି ॥
ମୋ ପ୍ରତି ପାଇଁ କର୍ମ କଲେ । ଚିତ୍ତ ନିର୍ମଳ ହେବ ଭଲେ ॥
ମନ ତୋହର ହେବ ସ୍ଥିର । ନିଶ୍ଚୟ ହୋଇବୁ ଉଦ୍ଧାର ।୧୦
ଏମନ୍ତ କରି ନପାରିଲେ । ମୋତେ ଶରଣ ପଶ ଭଲେ ॥
ମୋଠାରେ ଚିତ୍ତ ଦୃଢ଼କର । ଫଳକାମନା ତୁ ନକର ।୧୧
ଶୁଣ ଅର୍ଜୁନ ମନ ଦେଇ । ଅଭ୍ୟାସୁଁ ଜ୍ଞାନ ଶ୍ରେଷ୍ଠ ହୋଇ ।
ଜ୍ଞାନରୁଁ ଧ୍ୟାନ ଯେ ପ୍ରଧାନ । ଏ ତତ୍ତ୍ୱ ଦତ୍ୟଚିତ୍ତ ଘେନ ॥
କର୍ମ ଫଳ ବାଞ୍ଛା ମନେ । ଯେ ଲାଗେ କରମ ସାଧନେ ।
ଧ୍ୟାନରୁଁ ନିଷ୍କାମ କରମ । କରିବା ଶ୍ରେଷ୍ଠ ବୋଲି ଜାଣ ।
... କାମନା ... । ଶାନ୍ତି ଲଭିବୁ ତୁହିଭଲେ ।୧୨
... ଶତ୍ରୁ ... ନାହିଁ । ଯେ କାର ବଇରୀ ନୁହଇ ॥

ପରର ମଙ୍ଗଳ ସାଧନ । ସନ୍ତତ ଚେଷ୍ଟା ଯାରଜାଣ ॥
ପରର ଦୁଃଖ ଯେ ନସହେ । ତା ଦୁଖେ ଦୁଖି ହେଉଥାଏ ॥
ମୋହର ବୋଲି ଅହଂକାର । କେବେହେଁ ନାହିଁ ଯା ମନର ।
ଯେ ଦୁଃଖ ସୁଖ ସମମଣେ । କ୍ଷମା ଧରଇ ତତକ୍ଷଣେ ।
ସଦା ଆନନ୍ଦ ଚିତ୍ତ ଯାର । ଯୋଗଅଭ୍ୟାସେ ଯେଉଁ ନର
ଜିଣେ ଯେ ଇନ୍ଦ୍ରିୟ ସକଳ । ମୋଠାରେ ବିଶ୍ୱାସ ଅଚଳ ॥
ମୋଠାରେ ଦେଇ ବୁଦ୍ଧି ମନ । ଭକତି କରେ ଅନୁକ୍ଷଣ ॥
ଏମନ୍ତ ଭକ୍ତ ମୋର ପ୍ରିୟ । ଜାଣ ଅବଶ୍ୟ ଧନଞ୍ଜୟ ।୧୪
କାୟ ବଚନ ମନ ଜ୍ଞାନେ । ପୀଡ଼ଇ ନାହିଁ ଅନ୍ୟ ଜନେ ॥
ତାହାଙ୍କୁ କେହୁ ନପିଡ଼ଇ । କାହାକୁ ତାର ଭୟ ନାହିଁ ॥
ଲଭିଲେ ଯେ ଇନ୍ଦ୍ର ସମ୍ପତ୍ତି । ହରଷେ ନ ଫୁଲଏ ଛାତି ॥
ପର ଉନ୍ନତ ଦରଶନେ । ହିଂସା ଯେ ନକରଇ ମନେ ॥
ଭୂତାଦି ହିଂସ୍ର ଜନ୍ତୁ ଗଣ । ଯାହାକୁ ନ ଡରନ୍ତି ପୁଣ ॥
ସୁଖରେ ଅବା ଦୁଃଖେ ଥିଲେ । ମନ ଅକୁଳ ନୁହେ ହେଲେ ।
ଏମନ୍ତ ଲୋକ ମୋର ପ୍ରିୟ । ମରମ ଶୁଣ ଧନଞ୍ଜୟ । ୧୫
ଯାହା ବା ମିଳେ ଯେତେବେଳେ । ସନ୍ତୋଷ ଲଭେ ଯେତହିଁରେ
ଯାହାର ବାହାର ଭିତର । ପବିତ୍ର ଥାଏ ନିରନ୍ତର ॥
ଯେହୁ ଆଳସ୍ୟହୀନ ହୋଇ । ଯତନେ କର୍ତ୍ତବ୍ୟ ପାଳଇ ॥
ବଇରୀ ମିତ୍ରେ ସମଜ୍ଞାନ । ସର୍ବବିଷୟେ ଉଦାସୀନ ॥
ଫଳ ପାଇବା ଆଶେ ଯାର । ଉଦ୍ୟମ ନଥାଏ ମନର ॥
ଏମନ୍ତ ଲୋକମୋର ପ୍ରିୟ । କହିଲି ତୋତେ ଧନଞ୍ଜୟ । [illegible]
ପ୍ରିୟ ଦରବ ଯେ ଲଭିଲେ । ହରଷ ନହୁଅନ୍ତି ଛଳେ ॥
ଅପ୍ରିୟରେ ନାହିଁ ଅସନ୍ତୋଷ । ଶୋଚନା ନାହିଁ ଯାର ଲେଶ
ଯାହାର ଚିତ୍ତେ ଶୋକ ନାହିଁ । ଯେମନ୍ତ [illegible] ଚେତନର ॥
ପାପ ପୁଣ୍ୟକୁ ପରିହର । ଭକ୍ତି [illegible] ପୂଜା କରେ

ମୋର ପ୍ରିୟ । କହଇ ତୋତେ ଧନଞ୍ଜୟ ।୧୭
ସମଜ୍ଞାନ । ସମାନ ମାନ ଅପମାନ ।
ସମ ମଣେ । ସୁଖଦୁଃଖକୁ ସମ ଗଣେ ।
କାମନା ତେଜଇ । ତେଣୁ ସେ ମୋର ପ୍ରିୟ ହୋଇ ।୧୮
ପ୍ରଶଂସା ଏକ ମଣି । ଅଳପ କଥା କହେ ପୁଣି ।
ଯାହା ମିଳଇ ଯେତେବେଳେ । ସନ୍ତୋଷ ହୁଏ ତା ପାଇଲେ ।
ଏକସ୍ଥାନରେ ବେଶି ଦିନ । ରଖଇନାହିଁ ବାସସ୍ଥାନ ।
ମୋଠାରେ ବୁଦ୍ଧି କରି ସ୍ଥିର । ଭକତି କରେ ନିରନ୍ତର ।
ଏମନ୍ତ ପୁରୁଷ ମୋ ପ୍ରିୟ । ଜାଣି ତୁ ଏବେ ଧନଞ୍ଜୟ ।୧୯
ଏତେ ଲକ୍ଷଣଯୁକ୍ତ ହୋଇ । ଯେ ଏହି ଧର୍ମ ଆଚରଇ ।
ସବୁ ଶ୍ରେଷ୍ଠ ମୋତେ ଜାଣି । ଶ୍ରଦ୍ଧାଭକ୍ତିରେ ପୂଜେ ପୁଣି ।
ମୋହର ଧ୍ୟାନ କରୁଥାଇ । ଅତ୍ୟନ୍ତ ପ୍ରିୟ ସେ ଅଟଇ ।
ଏ ଧର୍ମ ଅମୃତ ସମାନ । ଶୁଣ ସୁମତିରେ ଅର୍ଜୁନ ।୨୦
ଜଗତବନ୍ଧୁ ସିଂହ ମନ । ତୋ ପାଦେ ଥାଉ ନିଶିଦିନ ।୧
ଧନ କଥାକୁ ମନ ନୋହୁ । ଭବ-ବନ୍ଧନ ତୁଟିଯାଉ ।୨

ଇତି ଶ୍ରୀ ମହାଭାରତେ ଶତସାହସ୍ର୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଭୀଷ୍ମପର୍ବଣି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ ଭକ୍ତିଯୋଗୋ ନାମ ଦ୍ୱାଦଶୋଽଧ୍ୟାୟଃ ।

—○—

ତ୍ରୟୋଦଶ ଅଧ୍ୟାୟ ।

ପ୍ରକୃତିପୁରୁଷବିବେକ ଯୋଗ ।


ଅର୍ଜୁନ ଉବାଚ ।

ପ୍ରକୃତିଂ ପୁରୁଷଂ [illegible] । କେ ବା କହ ମତେ ପୁଣି

ପ୍ରକୃତି ପୁରୁଷ କ୍ରମଣ । କହନ୍ତୁ ଅପଣ ବେଗେ ॥
କ୍ଷେତ୍ର - କ୍ଷେତ୍ରଜ୍ଞ କାକୁ କହି । ଜ୍ଞାନ ବା ଜ୍ଞେୟ କେ ବୋଲାଇ ॥
ଏହି ଯେ ତୋହର ଶରୀର । କ୍ଷେତ୍ର ବୋଲନ୍ତି ନାମ ତାର ॥
ଏହି କ୍ଷେତ୍ରକୁ ଯେ ଜାଣଇ । କ୍ଷେତ୍ରଜ୍ଞ ବୋଲି ତାକୁ କହି ॥୧॥
ସକଳ କ୍ଷେତ୍ରେ ହେ ଭାରତ । କ୍ଷେତ୍ରଜ୍ଞ ଅଟେ ମୁଁ ନିଶ୍ଚିତ ॥
କ୍ଷେତ୍ର କ୍ଷେତ୍ରଜ୍ଞ ଦୁଇ ଭିନ୍ନ । ଏହି ବିଷୟେ ଯେଉଁ ଜ୍ଞାନ ॥
ସେ ଜ୍ଞାନ ମୋ ମତରେ ସାର । ଅନ୍ୟାନ୍ୟ ଜ୍ଞାନଟି ଅସାର ॥
ଏଥିରୁ ବଳି ଅନ ଜ୍ଞାନ । କେବଳ ପାଣ୍ଡିତ୍ୟଲକ୍ଷଣ ॥
ଜୀବନଧାରଣ ହୁଅଇ । ସଂସାରେ ଜଡାଇ ରଖଇ ॥
ବନ୍ଧନ କାରଣ ଯା ନୁହେ । ପ୍ରକୃତକର୍ମ ସେ ବୋଲାଏ ॥
ଯାହାଟି ମୁକତିକାରଣ । ପ୍ରକୃତ ବିଦ୍ୟା ତାକୁ ଜାଣ ॥
ଅନ୍ୟ କରମ ଯେ କରିବ । କେବଳ ଶ୍ରମ ସାର ହେବ ॥
ଅନ୍ୟ ବିଦ୍ୟାକୁ ଯେ ସାଧଇ । ଶିଳ୍ପନୈପୁଣ୍ୟ ସାର ହୋଇ ॥
କ୍ଷେତ୍ର କ୍ଷେତ୍ରଜ୍ଞ ଜ୍ଞାନ ଜ୍ଞାନ । ସେ ଜ୍ଞାନ ମୋକ୍ଷହେତୁ ଜାଣ ॥୨॥

ଶ୍ରୀ ଭଗବାନୁବାଚ

କହନ୍ତି ପ୍ରଭୁ ଭଗବାନ । ହେ କୁନ୍ତୀସୁତ ପୁଣି ଶୁଣ ॥
ଶୁଣ ଅର୍ଜୁନ ସାବଧାନ । ଅଥବା କ୍ଷେତ୍ରର ଲକ୍ଷଣ ॥
ସ୍ୱରୂପ ଧରମ ବିକାର । କି ଅବା ଅଟେ ଏ କ୍ଷେତ୍ରର ॥
ଜାହାନ୍ତୁ ଜନମ କେହାର । କିବା ପ୍ରଭେଦ ଅଛି ଯାର ॥
କ୍ଷେତ୍ରଜ୍ଞ କି ରୂପ ଅଟଇ । ସଂକ୍ଷେପେ ତୋତେ କହିବଇ ॥
ବହୁପ୍ରକାରେ ଋଷି ଗଣ । ଛନ୍ଦେ ଯେ ଅଛନ୍ତି ବର୍ଣ୍ଣନ ॥
ବ୍ରହ୍ମସୂତ୍ରପଦ ବେଦଗ୍ରନ୍ଥ । ଏ ତତ୍ତ୍ୱ କରିଛି ନିଶ୍ଚିତ ॥
ପୃଥ୍ୱୀ ଜଳ ତେଜ ପବନ । ଆକାଶ ବାୟୁ ପଞ୍ଚ ଜାଣ ॥
ଏମାନଙ୍କୁ ମହାଭୂତ କହି । ଶୁଣି [illegible]ନ ଦେଇ ॥
ଏ ମହାଭୂତର କାରଣ । ଅହଂକାର [illegible] ଅଭିମାନ ॥

[illegible] ॥

[illegible] । [illegible] ॥

[illegible] । [illegible] ॥

[illegible] । [illegible] ॥

। ବେଦେ [illegible] ବୋଲି କହି ॥

[illegible] । ପାଞ୍ଚ ବିଷୟ ଏ ସକଳ ॥

[illegible] ଜାଣ । ବିକାରଭଙ୍ଗ ଏ ପ୍ରମାଣ ॥୬॥

[illegible] ସଙ୍ଘାତ ଚେତନା । ଦୁଃଖଟେ ସୁଖ ଅହଂକାର ॥

[illegible] ଯେଉଁ ଏ ବିକାର । ଅଟଇ ଜାଣ ଏ ଷେତ୍ରର ॥୭॥

[illegible] ଧର୍ମ ଗୁଣମାନ । ଯାହାର ନାହିଁ ଅଭିମାନ ॥

[illegible] ନ କରେ ଯେ ମନେ । ହିଂସା ନ ଥାଏ ଅନ୍ତରେ ॥

[illegible] କାଳକୁ ଯାର ଥାଇ । ସେ ପୁଣି କ୍ଷମା ଅଟଇ ॥

[illegible] ଯେତେ ନୁହେ । ସରଳଭାବ ଶୁଣ କହେ ॥

[illegible] ଶୁଚିବନ୍ତ ହୋଇ । ଉତ୍ତମଗୁରୁ ଯେ ସେବଇ ॥

[illegible] ବାହାର ଭିତର । ପବିତ୍ର ଅଟେ ନିରନ୍ତର ॥

[illegible] ପଥରେ ସଦା ଥାଏ । କେବେହେଁ ଚଳିତ ନୁହେ ॥

[illegible] ବାସନାରୁ ମନ । ଫେରାଇ ନିଏ ଯେହୁ ଜନ ॥

[illegible] ଜୟ କର । ଚିନ୍ତଇ ଧର ସର୍ବେଶ୍ୱର ॥

[illegible] ସକଳ କର୍ମମାନ । ବୋଲାଏ ଜ୍ଞାନର ସାଧନ ॥୮॥

[illegible] ଯାର ଇନ୍ଦ୍ରିୟଗଣ । ଅସକ୍ତ ନୁହେ କଦାଚନ ॥

[illegible] ନାହିଁ ଅହଙ୍କାର । ଅସାର ମଣେ ଯେ ସଂସାର ॥

[illegible] ହୋଇଲେ ଜନମ । ବୃଦ୍ଧ ବୟସ ହେବ ଜାଣି ॥

[illegible] ସୁଖ ଦୁଃଖ ରୋଗ । ଅବଶ୍ୟ କରିବ ସେ ଭୋଗ ॥

[illegible] । କରୁ ଯେ ଥାଏ ନିରନ୍ତର ॥୯॥

[illegible] । ଧନ ସମ୍ପତ୍ତି ଗୃହ ଥାଇ ॥

ମୋହର ବୋଲି ଜ୍ଞାନ କର । ନ ଥାଏ ଅଜ୍ଞାନେ ଅବୋଧ ।
ତାହାଙ୍କ ଦୁଃଖେ ଦୁଃଖୀ ନୁହେ । ସୁଖରେ ଆନନ୍ଦ ନ ପାଏ ॥
ଇଷ୍ଟ ବା ଅନିଷ୍ଟ ମିଳିଲେ । ସମାନ ଜ୍ଞାନ କରେ ଭଲେ ।୯
ମୋତେ ଯେ ଶ୍ରେଷ୍ଠ ବୋଲି ଜାଣେ । ମୋ ତହୁଁ ଅନ୍ୟଙ୍କୁ ନ ଗଣେ ।
ଦୁଷ୍କାର ବିପଦ ପଡିଲେ । ମୋ ତହୁଁ ଯା ମନ ନ ଟଳେ ।
ମୋଠାରେ ପ୍ରୀତିଯୁକ୍ତ ହୋଇ । ଏକାନ୍ତମନେ ଯେ ଭଜଇ ।
ନବସ୍ଥାନେ ବାସକରେ । ନ ରହେ ଜନସମାଜରେ ।୧୦
ଆତ୍ମାଦିଷୟେ ଯେଉଁ ତତ୍ତ୍ୱ । ଅଧ୍ୟାତ୍ମ୍ୟଜ୍ଞାନ ତା ନିତ୍ୟତ ॥
ସେ ତତ୍ତ୍ୱ ଯେ କରେ ବିଚାର । ଅଧ୍ୟାତ୍ମ୍ୟଜ୍ଞାନ ହୁଏ ତାର ।
ଏମନ୍ତ ଜ୍ଞାନେ ନିଷ୍ଠା ଯାର । ଯେ କରେ ମୋକ୍ଷର ବିଚାର ।
ଏ ସବୁ ଜ୍ଞାନର ସାଧନ । ଆଉ ସକଳ ଯେ ଅଜ୍ଞାନ ।୧୧
ଶୁଣ ଅର୍ଜୁନ ମନ ଦେଇ । ଏମନ୍ତେ ଜ୍ଞାନ ଯେ ସାଧଇ ।
ଏ ମାର୍ଗେ ଯେ କରେ ସାଧନ । ପାଏ ସେ ବ୍ରହ୍ମଦରଶନ ।
ସେ ବ୍ରହ୍ମ ଅନାଦି ପରମ । ତାର ବିଷୟ ଏବେ ଶୁଣ ।
ସତ ବା ଅସତ ସେ ନୁହେ । ଏମନ୍ତ ବୋଲି ଶାସ୍ତ୍ର କହେ ।
ଈଶ୍ୱର ଅଛନ୍ତି କହିଲେ । ଦେଖାଇ ନ ପାରିବ ଭଲେ ।
ଅବର ଈଶ୍ୱର ନାହାନ୍ତି । ଏମନ୍ତ କହି ନ ପାରନ୍ତି ।
ତେଣୁ ଈଶ୍ୱର ଅସ୍ତି ନାସ୍ତି । ଦୁଇକଥାର ମଧ୍ୟସ୍ଥିତି ।
ସତ ଅସତ ସେ ନୁହନ୍ତି । ଦୁଇରୁ ଅତୀତ ଅଟନ୍ତି ।୧୨
ସେ ବ୍ରହ୍ମ ସକଳ ଦେହରେ । ମସ୍ତକ ମୁଖ ନୟନରେ ।
ଶ୍ରବଣ ପାଦ ହସ୍ତେ ଥାଇ । ଶକତରୂପେ ବସିଜଇ ॥
ଜଡ଼ଦେହର ଯେତେ ଦେହେ । ତାହାକୁ ବ୍ୟାପି କରି ରହେ ॥
ଲକ୍ଷଣ ବ୍ରହ୍ମର ଅଶ୍ରେୟ । କର୍ମ ତହିଁରୁ ଜଡଦେହ ।୧୩
ତାର ଇନ୍ଦ୍ରିୟ କିଛି ନାହିଁ । ସେ ଇନ୍ଦ୍ରି[illegible] ଚଳାଇ ।
ବ୍ରହ୍ମର ହସ୍ତ ପାଦ ନାହିଁ । ପଦାର୍ଥ [illegible] କରଇ

[illegible] | ଲିପ୍ତ ନ ଥାଇ ଶୁଣିପାରେ ॥
[illegible] | ଏମନ୍ତେ ବ୍ରହ୍ମଙ୍କର ଗୁଣ ॥
କାହାର ସଙ୍ଗ [illegible] | ଜଗତ ଧରିଛନ୍ତି ସେହୁ ॥
ଗୁଣର ଅତୀତ ଅଟନ୍ତି | ସକଳ ଗୁଣ ପାଳୁଛନ୍ତି ।୧୪
ଜଗତ-ବାହାର ଭିତରେ | ଅଛନ୍ତି ବ୍ରହ୍ମ ସବୁଠାରେ ॥
ସ୍ଥାବର ଜଙ୍ଗମ ଅଟନ୍ତି | ଦୂରେ ନିକଟେ ରହିଛନ୍ତି ॥
ଅତି ସୂକ୍ଷ୍ମ ହେତୁ ସେହୁ | ସହଜେ ଜଣାଯାଏ ନାହିଁ ।୧୫
ସ୍ଥାବର ଜଙ୍ଗମ ପ୍ରଭୃତି | ଭୂତମାନେ ଯେ ରହିଛନ୍ତି ।
ସବୁର କାରଣ ସେ ବ୍ରହ୍ମ | ଜଗତଠାରୁ ସେ ଅଭିନ୍ନ ॥
କାରଣରୂପରେ ଅଭିନ୍ନ | କାର୍ଯ୍ୟରେ ଦେଖାଯାଏ ଭିନ୍ନ ॥
ସେ ବ୍ରହ୍ମ ସ୍ଥିତିକାଳେ ଜାଣ | ଜଗତ କରଇ ପାଳନ ॥
ସେ ପୁଣି ପ୍ରଳୟକାଳରେ | ସକଳ ଭୂତ ଗ୍ରାସ କରେ ॥
ସୃଷ୍ଟିକାଳରେ ସେହୁ ପୁଣ | ନାନାରୂପରେ ଉତ୍ପନ୍ନ ।୧୬
ଅନଳରବିଆଦି ଯେତେ | ଜ୍ୟୋତିଷ୍ପଦାର୍ଥ ଜଗତେ ॥
ସେହି ବ୍ରହ୍ମର ଦିବ୍ୟଜ୍ୟୋତି | ଜଗତେ ଆଲୋକ ଦିଅନ୍ତି ।
ମାୟାସ୍ୱରୂପ ଅନ୍ଧକାର | ବ୍ରହ୍ମରୁ ଅତୀତ ନିକର ॥
ଜ୍ଞାନସ୍ୱରୂପ ସେ ଅଟନ୍ତି | ସାଧନାବଳେ ଜଣାଯାନ୍ତି ॥
ତାଙ୍କୁ ଜାଣିବେ ଇଶ୍ୱର | ଜ୍ଞାନଏ ମନୁଆନ୍ତି ଫୁର ॥
ସକଳ ପ୍ରାଣୀ ହୃଦୟରେ | ଆତ୍ମାରୂପେ ସେ ବାସକରେ ॥
କ୍ଷେତ୍ରଜ୍ଞ ସେ ଆତ୍ମା ବୋଲାଇ | ଶୁଣ ଅର୍ଜୁନ ମନ ଦେଇ ॥
କହିଲୁ ସଂକ୍ଷେପରେ ତୋତେ | ଶରୀର ଆତ୍ମା ତତ୍ତ୍ୱ ଯେତେ ॥
ଯେ ଏହୁ ତତ୍ତ୍ୱକୁ ଜାଣନ୍ତି | ସେ ମୋର ସ୍ୱରୂପ ଲଭନ୍ତି ।୧୮
ପ୍ରକୃତିପୁରୁଷ ଏ ଦୁଇ | ବେଦରେ ଅନାଦି ଅଟଇ ॥
[illegible] ଅଟ[illegible]ତ | କ୍ଷେତ୍ରଜ୍ଞ ପୁରୁଷ ନିଶ୍ଚିତ ॥
ଦେହ ଇନ୍ଦ୍ରି[illegible]କାର | ପ୍ରକୃତିଠାରୁ ଜନ୍ମ ତାର ॥

ସୁଖଦୁଃଖର ହେତୁ ମୂଳ । ନିର୍ଗୁଣ ଅଟଇ କେବଳ ॥
ତ୍ରିଗୁଣ ପ୍ରକୃତିରୁ ଜାତ । ଏ ତତ୍ତ୍ୱ ଜାଣ ତୁ ନିଶ୍ଚିତ ।୧୯
ଦେହ ପ୍ରକୃତିବଶ ହୋଇ । ନାନାଦି କରମ କରଇ ॥
ସୁଖ ବା ଦୁଃଖ ଭୋଗମାନ । ଭୁଞ୍ଜଇ ପୁରୁଷ ପ୍ରମାଣ ।୨୦।
ଜୀବାତ୍ମା ପ୍ରକୃତିରେ ରହି । ଏ ସୁଖ ଦୁଃଖକୁ ଭୁଞ୍ଜଇ ॥
ତ୍ରିଗୁଣେ ହୁଅଇ ଆସକ୍ତ । ଯେ ଗୁଣ ପ୍ରକୃତିରୁ ଜାତ ॥
ଉତ୍ତମ ମଧ୍ୟମ ଯୋନିରେ । ଯେଣୁ ଜନମ ଲଭଇରେ ।୨୧
ପୁରୁଷ ଏ ଦେହରେ ଥାଇ । ଦେହରୁ ପୃଥକ ଅଟଇ ॥
ନିକଟେ ଥାଇ ଦେଖୁଥାଏ । ତାହିଁରେ ତା ମନ ନ ଥାଏ
ତାର ବିହୁନେ ଏ ଶରୀର । ସନ୍ତତ ହୁଅଇ ଅଚଳ ॥
ଚେତନ୍ୟ ସେ ବିଧାନକରତା । ଅବର ବୋଲାଏ ସେ ଭୋକ୍ତା ॥
ଫଳ ଅନୁଭବ କରେ । ଥାଏ ନିର୍ଲେପ ନିର୍ବିକାରେ ॥
ଆତ୍ମା ବୋଲାଏ ମହେଶ୍ୱର । ଅବର ପରମ ଈଶ୍ୱର ॥
ଜଡରୁ ଶ୍ରେଷ୍ଠ ସେ ପ୍ରଧାନ । ପରମ ଆତ୍ମା ତାର ନାମ । ୨୨
ଏହାକୁ ବୋଲି ଆତ୍ମଜ୍ଞାନ । ଶୁଣ ଅର୍ଜୁନ ସାବଧାନ ॥
ଏମନ୍ତ ଜ୍ଞାନ ଯେ ଲଭଇ । ଜନ୍ମମରଣୁ ତରିଯାଇ ॥
ଦେହ-ଆତ୍ମାର ଭେଦଜ୍ଞାନ । ଜାଣିଲେ ତୁଟଇ ଅଜ୍ଞାନ ॥
ଆତ୍ମା ବିହୀନେ ଜଡଦେହ । ଅନିତ୍ୟ ମିଥ୍ୟାଟି ନଶ୍ୱର ॥
ଆତ୍ମା ଯେ ସାକ୍ଷୀରୂପେ ଥାଇ । ଏ ଦେହ ସକଳ ଭୁଞ୍ଜଇ ॥
ଏମନ୍ତ ଜାଣି କର୍ମ କଲେ । ପ୍ରମାଦ ନ ପଡଇ ଭଲେ ॥
ମୁକତି ଲଭନ୍ତି ସେ ଜନ । ପୁଣି ସେ ନୁହନ୍ତି ଜନମ ॥
କେତେ ବା ନିଜ ଧ୍ୟାନବଳେ । ଶରୀରେ ଆତ୍ମା ଦେଖେ ହେଳେ ।
କେ ସାଂଖ୍ୟଯୋଗମାର୍ଗେ ଥାଇ । ଆତ୍ମାର ଦର୍ଶନ ଲଭଇ ॥
କେ କର୍ମଯୋଗ ବଳେ ପୁଣି । ଆତ୍ମା[illegible]ଦର୍ଶନ ।୨୪
କେ ଯେ ଏହି ପଥ ନ ଜାଣନ୍ତି । ଅନ୍ୟ[illegible]ଣ ସାଧନ୍ତି

[illegible] ଉପଦେଶ । ଶ୍ରଦ୍ଧାରେ ସାଧନ୍ତି ଅବଶ୍ୟ ।
[illegible] ଶ୍ରୁତ । ସଂସାରୁ ହୁଅନ୍ତି ମୁକତ ।
[illegible] ଜଙ୍ଗମ ସମ୍ଭୂତ । ଯା କିଛି ଜନମେ ଜଗତେ ।
[illegible] ସବୁ ଜନ୍ମର କାରଣ । ଈଶ୍ୱର ବିରାଜିତ ଜାଣ ।
[illegible] ହେଲେହେଁ ବିନାଶ । ଈଶ୍ୱର ନ ହୁଅନ୍ତି ନାଶ ।
ଏହା ଯେ ନିଶ୍ଚୟ ଜାଣନ୍ତି । ପ୍ରକୃତ ଜ୍ଞାନୀ ସେ ଅଟନ୍ତି । ୨୭
ଅଜ୍ଞାନୀ ଲୋକର ବିଚାର । ଆତ୍ମାକୁ ମଣିଣ ଶରୀର ।
ତେଣୁ ଶରୀର ନାଶ ହେଲେ । ଆତ୍ମା ବିନାଶ ବୁଝେଁ ଭଲେ ।
ଏମନ୍ତ ଯେ ଲୋକ ବୁଝଇ । ତାହାକୁ ଆତ୍ମଘାତୀ କହି ।
ତାହାର ନହୁଏ ମୁକତ । ଜ୍ଞାନୀ କେବଳ ତରିଯାନ୍ତି ।
ପୁଣି ଯେ ସମାନଭାବରେ । ଈଶ୍ୱର ଦେଖେ ସବୁଠାରେ ।
ଶରୀରସଙ୍ଗେ ଆତ୍ମା ନାଶ । ଏ କଥା ନ କରେ ବିଶ୍ୱାସ ।
ତେଣୁ ସେ ଆତ୍ମଘାତୀ ନୁହେ । ମରଣେ ମୋକ୍ଷଗତି ପାଏ । ୨୮
ଜଗତେ ଯେତେ ଯେତେ କର୍ମ । କରୁଅଛନ୍ତି ପ୍ରାଣୀଗଣେ ।
ପ୍ରକୃତି କେବଳ କରତା । ଅନ୍ୟ କେ ନୁହେ ସାମରଥା ।
ଆତ୍ମାର ଏଥି କିଛି ନାହିଁ । ଏହା ଯେ ଦେଖଇ ଦେଖଇ । ୨୯
ଦେଖ ଅଟେ ଏ ସଂସାର । ଦିଶଇ ଅନେକ ଆକାର ।
ନାନାଦି ନାମକୁ ଧରଇ । ତେଣୁ ପ୍ରଭେଦ ଦେଖାଯାଇ ।
ମାତ୍ର ଏ ସମସ୍ତ ଏକକ । ଏକଇ ପ୍ରକୃତିରେ ସ୍ଥିତ ।
ପ୍ରକୃତିଠାରୁ ଜାତ ହୁଏ । ପୁଣି ପ୍ରକୃତିଠାରେ ଲୟେ ।
ଜଗତ ଦେଖେ ବ୍ରହ୍ମମୟ । ପ୍ରକୃତଜ୍ଞାନୀ ସେ ନିଶ୍ଚୟ । ୩୦ ।
ପରମ ଆତ୍ମା ଦେହେ ଥାଇ । କରମ ନ କରନ୍ତି ସେହି ।
ଯେଣୁ ସେ ନିର୍ଗୁଣ ଅତୀତ । ନୁହନ୍ତି କାହିଁରେ ଜଡ଼ିତ ।
ଅନାଦି ଅ[illegible]ତ । ଶୁଣ ତୁ ଏବେ କୁନ୍ତୀସୁତ । ୩୧ ।
ଆକାଶ ସର୍ବ[illegible]ଏ । କାହାର ସଙ୍ଗେ ଲିପ୍ତ ନୁହେ ।

ସେପରି ଆତ୍ମା ଦେହେ ଥାଇ । ତାହାଁରେ ଲିପ୍ତ ନ ହୁଅଇ ।୩୨
ଏକଇ ସୂର୍ଯ୍ୟ ହେ ଭାରତ । ପ୍ରକାଶେ ସକଳ ଜଗତ ।
ତଥା ଏ ଦେହେ ଆତ୍ମା ଥାଇ । ସକଳ ଦେହ ପ୍ରକାଶଇ ।
ଲଭି ଆତ୍ମାର ସନ୍ନିଧାନ । ଏ ଦେହ ହୁଏ ସଚେତନ ।୩୩
କ୍ଷେତ୍ର କ୍ଷେତ୍ରଜ୍ଞ ଭେଦାଭେଦ । ଜାଣନ୍ତି ଭଲେ ଯେ ଗୋବିନ୍ଦ ।
ଜଡ଼ପ୍ରକୃତିରୁଁ ମୋକ୍ଷ ପାଇ । ଯେ ଏହି ଉପାୟ ଜାଣଇ ।
ଜ୍ଞାନଚକ୍ଷୁରେ ପାରେ ଜାଣି । ପରମପଦ ଲଭେ ପୁଣି ।୩୪
ଅତେ ଜଗତଚକ୍ଷୁ ସହି । ତାକୁ ସେ ଜ୍ଞାନଚକ୍ଷୁ ଦିଅ ।

ଇତି ଶ୍ରୀ ମହାଭାରତେ ଶତସାହସ୍ର୍ୟାଂ ସଂହିତାୟାଂ ବୈୟାସି-କ୍ୟାଂ ଭୀଷ୍ମପର୍ବଣି ଶ୍ରୀଭଗବଦ୍ଗୀତାସୂପନିଷତ୍ସୁ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜ୍ଜୁନସମ୍ବାଦେ ପ୍ରକୃତିପୁରୁଷବିବେକଯୋଗୋ ନାମ-ତ୍ରୟୋଦଶୋଽଧ୍ୟାୟଃ ।



ଚତୁର୍ଦ୍ଦଶ ଅଧ୍ୟାୟ

ଗୁଣତ୍ରୟବିଭାଗ ଯୋଗ ।

ଶ୍ରୀ ଭଗବାନୁବାଚ

ଶୁଣ ଅର୍ଜୁନ ସାବଧାନ । କହିବା ତୋତେ ଶ୍ରେଷ୍ଠଜ୍ଞାନ ।
ଯେ ଜ୍ଞାନ ଲଭି ମୁନିଜନ । ଛେଦିଲେ ସଂସାରବନ୍ଧନ ।
ଏହି ଜ୍ଞାନକୁ ଯେ ଲଭଇ । ମୋର ସ୍ୱରୂପ ସେହି ପାଇ ।
ସୃଷ୍ଟିକାଳରେ ଜାତ ନୁହେ । କଷଣ ନ ପାଏ ପ୍ରଳୟେ ।୨
ତ୍ରିଗୁଣ ଜଡ଼ିତ ପ୍ରକୃତି । ମହତ ବ୍ରହ୍ମ ସେ ବୋଲନ୍ତି ।
ଯେଣୁ ଏ ବିଶାଳ ପ୍ରକୃତି । ଜଗତ ଅବୋଧ ଅଛନ୍ତି ।
ଜଗତଠାରୁ ବଡ଼ ସେହି । ତେଣୁ ସେ ମହତ ବୋଲାଇ ।
ଜଗତେ ଯେତେ ଜନ୍ମମାନ । ସକଳ ପ୍ର[illegible]ଧୀନ ।
ତେଣୁ ତାହାକୁ ବ୍ରହ୍ମ କହି । ବ୍ରହ୍ମ[illegible] ସେହି ।

ମୋହର ଗର୍ଭଧାନ ସ୍ଥାନ । ଏହୁ ପ୍ରକୃତ ବୋଲି ଜାଣ ।
ମୁହିଁ ବୀଜ ମୁଁ ବୁଣିଲେ । ପ୍ରାଣୀ ସକଳ ଜାତ ହେଲେ ।
ମୋହର ଚିଦାଭାସ ଜାଣ । ବୀଜ ଅଟଇ ଅର୍ଜୁନ ।
ମୋହର ଯେଉଁ ପ୍ରତିବିମ୍ବ । ଚିଦାଭାସ ବୋଲି ଜାଣିବ ।୩
ଉତ୍ତମ ମଧ୍ୟମ ଅଧମ । ନାନା ଯୋନିରେ ପ୍ରାଣୀ ଜନ୍ମ ।
ଧରଇ ନାନାଦି ମୂରତ । ସଂସାରେ ଜନମ ହୁଅନ୍ତ ।
ପ୍ରକୃତ ଅଟେ ତାଙ୍କ ମାତା । ମୁହିଁ ଜନମଦାତା ପିତା ।୪।
ସତ୍ତ୍ୱ ଯେ ରଜ ତମଗୁଣ । ପ୍ରକୃତଠାରୁ ଏ ଜନମ ।
ଏ ଗୁଣମାନ ଅର୍ଜୁନ । କରନ୍ତି କସ ଏତେ ଶୁଣ ।
ବିନାଶ ନାହିଁ ପୁରୁଷର । ତାଙ୍କୁ କରନ୍ତି ହରବର ।
ଦେହରେ କରନ୍ତି ବନ୍ଧନ । ଭୁଲେ ସେ ତେଣୁ ଅମ୍ଭ ଜ୍ଞାନ ।୫
ତିଗୁଣମଧ୍ୟେ ସତ୍ତ୍ୱଗୁଣ । ସ୍ୱଚ୍ଛ ନିର୍ମ୍ମଳ ବୋଲି ଜାଣ ।
ଏ ଗୁଣେ ଉପଦ୍ରବ ନାହିଁ । ତେଣୁ ସେ ଶାନ୍ତ ଯେ ଅଟଇ ।
ଆତ୍ମାକୁ ଭେଦ କରପାଇ । ଆତ୍ମାର ଜ୍ୟୋତି ପ୍ରକାଶଇ ।
ଏମନ୍ତ ଯେହୁ ସତ୍ତ୍ୱଗୁଣ । ଅମ୍ଭଙ୍କୁ କରଇ ବନ୍ଧନ ।
ସୁଖାନୁଭବ ଜ୍ଞାନ ଦୁଇ । ଏ ଡୋର ଆତ୍ମାକୁ ବାନ୍ଧଇ ।
ନିଜକୁ ସୁଖୀ ବୋଲି ମଣେ । ତେଣୁ ଜୀବାତ୍ମା ସବୁ ଜାଣେ ।୬
ଶୁଣହେ ବୀର କୁନ୍ତୀସୁତ । ରଜଗୁଣର ଯେ ଚରିତ ।
ରଜଗୁଣର ତୃଷ୍ଣା ଜାତ । ଅବର ଅନୁରାଗ ସତ ।
ନିଜର ଯେଉଁ ଦ୍ରବ୍ୟ ନାହିଁ । ବ୍ୟାକୁଳେ ତାହା ଖୋଜୁଥାଇ ।
ଏହା ଯେ ଇଚ୍ଛା ମାନବର । ତୃଷ୍ଣା ବୋଲିଣ ତାକୁ ଧର ।
ପାଇଣ ପଦାର୍ଥେ ପୀରତି । ତାହାକୁ କହନ୍ତି ଆସକ୍ତି ।
ତେଣୁ ଶରଧା ଅନୁରାଗ । ରଜଗୁଣରେ ହୁଏ ଯୋଗ ।
ପାଇଲା ଧନ [illegible] । ଅଲଭ୍ୟ ଲାଭ ହେଉଥିବ ।
ଏମନ୍ତ ଚିନ୍ତା [illegible] । ଦେଖଇ ଧନ ସେ ସ୍ୱପନେ ।

ଏଥିକୁ ଆଶ୍ରୟି ଭରମ । ଚେତନ୍ୟହୀନ ଏହା କର୍ମ
ଆତ୍ମାକୁ କରଇ ବନ୍ଧନ । ଜାଣିଲ ହେତୁ ରଜଗୁଣ । ୭
ସତକୁ ମିଛ କୋଳି ମଣି । ଏହାକୁ ତମଗୁଣ ଶୁଣି ।
ଅଜ୍ଞାନୁ ଜାତ ତମଗୁଣ । ମୋହ ଜନ୍ମାଏ କ୍ଷଣେ କ୍ଷଣ ।
ପ୍ରମାଦ ଆଲସ୍ୟ ଶୟନ । ତମଗୁଣର ଏ ଧରମ ।
ଆତ୍ମାକୁ ଅଜ୍ଞାନେ ବନ୍ଧନ । କରଇ ତେଣୁ ତମଗୁଣ । ୮ ।
ଅହେ ଭାରତ ଏବେ ଶୁଣ । ସୁଖରେ ବାନ୍ଧେ ସତ୍ତ୍ୱଗୁଣ ।
କର୍ମରେ ବାନ୍ଧେ ରଜଗୁଣ । ତମର ଅଜ୍ଞାନ ବନ୍ଧନ । ୯ ।
କାହାର ପୁଣି କେଉଁ ଗୁଣ । ପ୍ରବଳ ହୁଏ ଅର୍ଜୁନ ।
କାହାର ସତ୍ତ୍ୱଗୁଣ ବେଶି । ରଜ ତମକୁ ଦିଏ ନାଶି ।
ଯାହାର ରଜ ବୃଦ୍ଧି ପାଏ । ସତ୍ତ୍ୱ ତମକୁ ଦଳଦିଏ ।
କାହାର ବେଶି ତମଗୁଣ । ରଜସତ୍ତ୍ୱକୁ ନାଶେ ପୁଣ ।
ଯେ ଗୁଣ ହୁଅଇ ପ୍ରଧାନ । ସେ କରେ ତା କାର୍ଯ୍ୟ ସାଧନ । ୧୦ ।
ଶରୀର ସକଳ ଦୁଆରେ । ଜ୍ଞାନ ପ୍ରକାଶେ ଯେଉଁ କାଳେ ।
ଜ୍ଞାନଇନ୍ଦ୍ରିୟମାନେ ଯାର । ଜ୍ଞାନ ଲଭନ୍ତେ ଅନୁକୂଳ ।
ସୁଖଶାନ୍ତିରେ ଦିନ ନେଇ । ଜ୍ଞାନଚରଚା କରୁଥାଇ ।
ଜାଣିବ ଏମନ୍ତ ଲୋକର । ସତ୍ତ୍ୱ ଯେ ଅଟଇ ପ୍ରବଳ । ୧୧ ।
ଧନ ସମ୍ପତ୍ତି ଯେତେ ହୁଏ । ଲୋଭ ଅଧିକ ବଢୁଥାଏ ।
ଧନଅର୍ଜନେ ସ୍ପୃହାବାନ । କରମ କରୁଥାଏ ପୁଣ ।
କାହାର ପରର ସମ୍ପତ୍ତି । ଲୋଭିବ ସଦା ଯାର ମତି ।
ଯେତେ ଧନ ସେ ଅର୍ଜଇ । ସନ୍ତତ ଅଶାନ୍ତିରେ ଥାଇ ।
କାହାର କେଉଁ ଉପାୟରେ । ଧନ ଆସିବ ନିରନ୍ତର ।
ସୁନ୍ଦର ବଡ଼ଘର ତୋଳି । ଭେଟେ ହେନ ପାଏ ସମ୍ଭାଳି ।
ନାନା ଆରମ୍ଭ କରୁଥାଏ । ଉତ୍କଳ ବଳ[illegible] ।
ଏମନ୍ତ ଲକ୍ଷଣ ଯାହାର । ରଜ ଯେ ପ୍ର[illegible]ହାର । ୧୨ ।

ଏ ତ୍ରିଗୁଣ ଯାଏ । ତାର ବଚନ ହୃଦୟେ ॥
ମୋର ଅମୃତ । ତପସ୍ୟାରେ ଜାତ ହେନ୍ତ ॥
ଥାନ୍ତି ଜାତି ଶୁଣି । ତଥି ରେ ନ ହୁଏ କାରଣି ॥
ଭାବ ବୋଲି ଭାକ୍ତି ବଲେ । ମନେ ନ ଧରନ୍ତ କାଳବଳେ ॥
ଥାନ୍ତି ଭାବ ମନେ । ଏହେ ଲକ୍ଷଣ ଭଗବାନେ ୧୩
ସତ୍ତ୍ୱଗୁଣର ବୃଦ୍ଧିକାଳେ । ଯାର ମରଣ ହୁଏ ଭଲେ ॥
ଦେବଲୋକଙ୍କର ତାର ସ୍ଥାନ । ଅଟଇ ଅବଶ୍ୟ ଅର୍ଜୁନ ॥
ସେ ଲୋକ ସନ୍ତତ ପୂଜିବ । ହିରଣ୍ୟଗର୍ଭାଦି ଦେବ ॥
ଦେହ ତେଜନ୍ତି ସେହି ନର । ପାଇ ଏ ସ୍ଥାନ ସୁନ୍ଦର ॥
ପ୍ରକାଶମୟ ଏହି ସ୍ଥାନ । ଲଭନ୍ତି ସତ୍ତ୍ୱଗୁଣୀ ଜନ ।୧୪।
ରଜଗୁଣର ବୃଦ୍ଧି ବେଳେ । ଏ ନରଦେହ ତେଜାଗଲେ ॥
ମନୁଷ୍ୟ ଯୋନିରେ ଜନମ । ଦେବ ଅବଶ୍ୟ ଅର୍ଜୁନ ॥
ତମଗୁଣର ବୃଦ୍ଧିକାଳେ । ମନୁଷ୍ୟ ମରଣ ଲଭିଲେ ॥
ପଶୁ ପ୍ରଭୃତି ମୂଢ଼ଯୋନି । ପାଇବ ଅଟେ ଫାଲଗୁନି ॥
ସାତ୍ତ୍ୱିକକର୍ମର ନେ ଫଳ । ଅତ୍ୟନ୍ତ ସୁଖ ସୁନିର୍ମଳ ॥
ଦୁଃଖ ରଜକର୍ମ ଫଳ । ତାମସ ଅଜ୍ଞାନ କେବଳ ॥
ସତ୍ତ୍ୱଗୁଣରୁ ଜନ୍ମେ ଜ୍ଞାନ । ରଜରୁ ଲୋଭର ଜନମ ॥
ପ୍ରମାଦ ମୋହ ଯେ ଅଜ୍ଞାନ । ତମଗୁଣରୁ ହୁଏ ଜନ୍ମ ।୧୭
ସତ୍ତ୍ୱଗୁଣୀର ଊର୍ଦ୍ଧ୍ୱ ଗତି । ସ୍ୱର୍ଗାଦିପଥେ ସେ ଗମନ୍ତି ।
ରଜଗୁଣୀର ମର୍ତ୍ତ୍ୟ ସ୍ଥାନ । ତମର ଅଧୋଗତି ଜାଣ ।୧୮।
ଯେତେବେଳେ ଜୀବ ଦେଖିପାରେ । ଗୁଣକରତା ଏ ସଂସାରେ ।
ଗୁଣର ବିନୁ ଅନ ନାହିଁ । କରମ କେହି ନ କରଇ ।
ଆତ୍ମା ଯେ ଗୁଣର ଅତୀତ । ଯେତେବେଳେ ଜାଣନ୍ତି ନିଶ୍ଚିତ ।
ସେତେବେଳେ [illegible] ଲଭଇ । ସଂସାର ବନ୍ଧନ ଛିଣ୍ଡାଇ ୧୯
ଏ ତିନିଗୁଣ [illegible] । ଦେହର ବୀଜ ବୋଲି ଜାଣି।

ଗୁଣରୁ ଦେହର ଜନମ । ଜୀବକୁ କରଇ ବନ୍ଧନ ॥
ଜନମ ମରଣ ଅଧୀନ । କରାଏ ଜୀବକୁ ଅର୍ଜୁନ ॥
ଏ ଜୀବ ଗୁଣକୁ ବଳିଲେ । ଜନ୍ମମରଣ ଜିଣିପାରେ ॥
ଜରା ବାର୍ଦ୍ଧକ୍ୟ ଦୁଃଖ ନାଶେ । ହୁଅଇ ମୋକ୍ଷଲାଭ ଶେଷେ ॥

ଅର୍ଜୁନ ଉବାଚ ।

ପୁଣି ପଚାରେ ଅରଜୁନ । କିପରି ତ୍ରିଗୁଣ ଜିଣିମ ॥
କେ ଅବା ଜିଣିଛି ଏହାକୁ । କି ଚିହ୍ନ ଚହ୍ନିବା ତାହାକୁ ॥
କିପରି ଆଚରଣ ତାର । କହ ହେ ବ୍ରହ୍ମାଣ୍ଡଠାକୁର ।୨୧

ଶ୍ରୀ ଭଗବାନୁବାଚ ।

ଶୁଣ ପାଣ୍ଡବ ଧୀରଚିତ୍ତେ । ଯାହା ତୁ ପଚାରିଲୁ ମୋତେ ॥
ସକଳ ଇନ୍ଦ୍ରିୟଦ୍ବାରେ । ଜ୍ଞାନଉଦୟ ଯେତେବେଳେ ॥
ପ୍ରକାଶ ଅଟେ ତାର ନାମ । ସତ୍ତ୍ୱଗୁଣର ସେ ଧରମ ॥
କର୍ମରେ ହୋଇଲେ ଆସକ୍ତି । ତା ନାମ ଅଟଇ ପ୍ରବୃତ୍ତି ॥
ରଜଗୁଣର ଏ ଧରମ । ମୋହ କରାଏ ତମଗୁଣ ॥
ଏ ମୋହ, ପ୍ରକାଶ, ପ୍ରବୃତ୍ତି । ମନକୁ ହେଲେ ଉତପତ୍ତି ॥
ପ୍ରବୃତ୍ତ ହୁଏ ନିଜ କର୍ମେ । ତଥାପି ନ ହୁଏ ମନେ ॥
କାଳେ ମିଳିବ ଅବା ଦୁଃଖ । ପାଇଁ ଯେ ନ ହୁଏ ବିମୁଖ ॥
ପୁଣି ଏ ତିନେହେଁ ଅନିତ୍ୟ । ମନକୁ ହୋଇଲେ ନିବୃତ୍ତ ॥
ସୁଖଆଶାକୁ ମନେ ପୋଷି । ନୁହନ୍ତି ତେଣେ ଅଭିଳାଷୀ ॥
ପ୍ରବୃତ୍ତି ନିବୃତ୍ତି ସମାନ । ମଣଇ ଯେସନ ସ୍ୱପନ ॥
କାହାରେ ଶରଧା ନ କରେ । ବଇରିଭାବ ନ ଆଚରେ ॥
ଏମନ୍ତ ଲକ୍ଷଣେ ଯେ ଯୁକ୍ତ । ସେ ଅଟେ ଗୁଣର ଅତୀତ ।୨୨
ଭକ୍ତର ମତରେ ସମାନ । ଯେ ଅଟେ ସଦା ଉଦାସୀନ ॥
ଗୁଣ ସକଳ କର୍ମ କରେ । ଏମନ୍ତ ଜ୍ଞାନ[illegible]ବସ୍ତୁରେ ॥
ଆତ୍ମାର ଏଥି କିଛି ନାହିଁ । ଏହା [illegible] କାଣିଇ ॥

ମାନାପମାନ । ଯେତେକ ଗୁଣର ଉଅଣ ॥
ଯାହାଙ୍କ ଥାଏ । କାହିଁରେ ବିଚଳିତ ନୁହନ୍ତ ॥
ସମ ଅବସ୍ଥାନ କରୁଛି । ଏଥିରେ ମୋହର କି ଅଛି ॥
ଏମନ୍ତ ଜ୍ଞାନ ଯାହାଙ୍କର । ଗୁଣଅତୀତ ସେହୁ ନର ।୨୩
ଧାତାନ୍ତରେ ସମଜ୍ଞାନ । ସମାନ ମୃତ୍ତିକା କାଞ୍ଚନ ॥
ପ୍ରିୟ ଅପ୍ରିୟ ଯାର ନାହିଁ । ନିନ୍ଦା ପ୍ରଶଂସା ନ ଶୁଣଇ ॥
ଧ୍ରୁଶିଲେ କରେ ସମଜ୍ଞାନ । ଆତ୍ମାରେ ଯାର ଅବସ୍ଥାନ ॥
ଆତ୍ମାକୁ ଜାଣେ ମୂଳକର । ଏ ସବୁ ସ୍ୱପନ ବିଗ୍ରହ ॥
ସ୍ଥିରବୁଦ୍ଧିରେ ଯେ କାଳଇ ଗୁଣର ଅତୀତ ସେ ହୋଇ ।୨୪
ଯାହାର ମାନ ଅପମାନ । ସକଳ ଅଟଇ ସମାନ ॥
ମିତ୍ର ବଇରି ସମଜ୍ଞାନ । କରଇ ନ ଦୀଅନ ମନ ॥
ଅଦୃଷ୍ଟବଶ ଘଟେ ଯାହା । ଆନନ୍ଦେ ସହ୍ୟାଏ ତାହା ॥
ଏମନ୍ତ ଲୋକ ଗୁଣାତୀତ । ଜାଣି ଅର୍ଜୁନ ତୁ ନିଶ୍ଚିତ ।୨୫
ମତେ ଯେ ଏକାନ୍ତେ ଭଜଇ । କାହିଁରେ ବିଚଳିତ ନୋହି ॥
ମୋ ତହୁଁ ନ ଜାଣେ ଯେ ଅନ । ଗୁଣକୁ ଜିଣେ ସେ ଅର୍ଜୁନ ॥
ହୁଏ ସେ ମୋକ୍ଷଅଧିକାରୀ । ବୁଝ ତୁ ଏହା ଦୃଢ କରି ।୨୬
ଅଖଣ୍ଡ ସୁଖ ନିତ୍ୟ ମୋକ୍ଷ । ବ୍ରହ୍ମ ଅକ୍ଷୟ ଧର୍ମ ଲକ୍ଷ ॥
ମୁଁ ଅଟେ ଅଶ୍ରୟ ଏହାର । ମୁକ୍ତିକାରଣ ମୋତେ ଧର ॥
ମୋ ତହୁଁ ଆନ କେହି ନାହିଁ । ତେଣୁ ଯେ ମତେ ଭଜୁଥାଇ ॥
ସେହୁ ଏ ଗୁଣର ଅତୀତ । ଏ କଥା ଜାଣ ତୁ ନିଶ୍ଚିତ ।୨୭
କହଇ ଦୀନ ଜଗବନ୍ଧୁ । କରୁଣା କର ଦୀନବନ୍ଧୁ ॥
ଇତି ଶ୍ରୀମହାଭାରତେ ଶତସାହସ୍ର୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଭୀଷ୍ମପର୍ବଣି ଶ୍ରୀଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣ[illegible]ସମ୍ବାଦେ ଗୁଣତ୍ରୟବିଭାଗଯୋଗୋ ନାମ ଚତୁର୍ଦ୍ଦଶୋଽଧ୍ୟାୟଃ

ପଞ୍ଚଦଶୋଽଧ୍ୟାୟ ।

ପୁରୁଷୋତ୍ତମଯୋଗ

ଶ୍ରୀଭଗବାନୁବାଚ

କହନ୍ତି ଦେବ ଭଗବାନ । ରହସ୍ୟ କଥା ଏକ ଶୁଣ ॥
ଜାଣ ତୁ ଏ ଭବ-ସଂସାର । ଅଶ୍ୱତ୍ଥ ବୃକ୍ଷ ପ୍ରକାର ॥
ଅନ୍ୟ ବୃକ୍ଷର ମୂଳ ତଳେ । ଏ ବୃକ୍ଷ ମୂଳଟି ଉପରେ ॥
ଓଲଟ ବୃକ୍ଷ ଅଟେ ଯେଣୁ । ଡାଳ ପତ୍ର ତଳେ ତେଣୁ ॥
ମୂଳ ଅଟଇ ସନାତନ । ଅନାଦି ପୁରୁଷ ଉତ୍ତମ ॥
ହିରଣ୍ୟଗର୍ଭ ଅଧଃପତ । ବୃକ୍ଷର ଡାଳ ଯେ ବୁଝିବ ॥
ପତ୍ର ତାର ବେଦମାନେ । ଯେ ଜାଣେ ସେହି ବେଦ ଜାଣେ ॥୧॥
ବୃକ୍ଷର ହୁଅଇ ବିନାଶ । ଜୀବପକ୍ଷରେ ସେ ଅକ୍ଷୟ ॥
ଯାବତ ଆତ୍ମଜ୍ଞାନ ନୁହେ । ଜୀବଯେ ମୁକତି ନ ପାଏ ॥
ତେବେ ହୋଇବ ଆତ୍ମଜ୍ଞାନ । ଯେ କହୁଯାଉଛି ପ୍ରମାଣ ॥
ଯାବତ ନୁହେ ଆତ୍ମଜ୍ଞାନ । ନ ତୁଟେ ଜନମ ମରଣ ॥
ପୁଣି ଜନମି ପଣି ମରେ । କେବେହେଁ ସଂସାର ନ ସରେ ॥
ପ୍ରଳୟେ କାରଣେ ଲୀନ । ପୁଣି ହୁଅଇ ଉତ୍ପନ୍ନ ॥
ସୂକ୍ଷ୍ମର ସ୍ଥୂଳ ସୃଷ୍ଟ ତ । ସଂସାର ଯେଣୁ ହୁଏ ଜାତ ॥
ଏମନ୍ତ ସଂସାର ପ୍ରବାହ । ନ ସରେ ରହେ ଅହରହ ॥
ଏଣୁ ଏ ନୁହେଁ ଚିରସ୍ଥାୟୀ । ଅବର ଅବ୍ୟୟ ବୋଲଇ ॥
ଏ ବୃକ୍ଷ ଅଟଇ ବିଚିତ୍ର । ଶୋଭଇ ନାନା ପୁଷ୍ପ ପତ୍ର ॥
ବୁଦ୍ଧି ହୋଇ ସ୍କନ୍ଧ ଜାଣ । ଇନ୍ଦ୍ରିୟ କୋଟର ପ୍ରମାଣ ॥
ଆକାଶ ଆଦି ପଞ୍ଚଭୂତ । ଗୁଡ଼ର ଶାଖାମାନେ ଜାତ ॥
ଶବଦ ସ୍ପରଶ ବିଷୟ । ବୃକ୍ଷର ପତ୍ର ବୋଲି କହ ॥
ଧର୍ମ୍ମ ଅଧର୍ମ୍ମ କର୍ମ୍ମ ଦୁଇ । ବୃକ୍ଷର [illegible] ॥
ଫଳଇ ସୁଖ ଦୁଃଖ ଫଳ । ପ୍ରାଣିର [illegible] ॥

। ଶ୍ରୀଭଗବାନଙ୍କ ବଚନ । ଅହଂକାର ମୂର୍ଖ ଅଜ୍ଞାନ ॥
[illegible] ଏ ପରମ ଈଶ୍ୱର । ଚିନ୍ତି [illegible] ଅଧିକାର ॥
ଊର୍ଦ୍ଧ୍ୱ ପ୍ରବଳ ଦେଖୁଥାଇ । ତାହାର ସଙ୍ଗ ନ ମିଳଇ ॥
ସେହି ବୃକ୍ଷର ଯେତେ ଡାଳ । ମେଲଇ ଉପରକେ ତଳ ॥
ଡାଳ ତ୍ରିଗୁଣ ରସ ପାଇ । ମହା ଆନନ୍ଦେ ବଢ଼ୁଥାଇ ॥
ଶବଦ ମୃଗାକ୍ଷ ଯେ ରସ । ଏ ଆଦି ବିଷୟ ବିଶେଷ ॥
କୋମଳ ପଲ୍ଲବ ଏ ଜାଣ । ଉପର ତଳକୁ ମେଲିଣ ॥
ବାସନା କର୍ମ ଫଳ ଜାଣ । ଚେର ଓହଳ ବୋଲି ଗଣ ॥
ଏ ବୃକ୍ଷ ସାଧୁଙ୍କୁ ବିସ୍ତରି । ରହିଛନ୍ତି ଜଗତ ଅବୋରି ।୨।
ଏ ବୃକ୍ଷମୂଳ ତଳ ନାହିଁ । ଆଦି ଅନ୍ତ କେ ନ ଜାଣଇ ।
କେଉଁଠି କାହିଁରେ ରହିଛି । ଏ ତତ୍ତ୍ୱ ନ ଜାଣେ କେ କିଛି ।
ମୂଳ ଦୋହାର ଦୃଢ଼ ଅଶ୍ମ । ବୈରାଗ୍ୟ ଶସ୍ତ୍ରେ ଯାକୁ କାଟେ ।୩।
ଆଦିପୁରୁଷ ପୁରାତନ । ଯାହାରୁ ଏ ବୃକ୍ଷ ଉତ୍ପନ୍ନ ॥
ତାହାରେ ଶରଣ ପଶିବ । ଶରଣ ପଶିଲି କହିବ ॥
ଏମନ୍ତ ଏକାନ୍ତ ଭକ୍ତିରେ । ବ୍ରହ୍ମାନନ୍ଦ ଯେ ଲଗ୍ନଚରେ ।
ସେ ସ୍ଥାନ ଲଭଇ ଯେ ଜନ । ଫେରି ନ ଆସେ କଦାଚନ ।୪।
ଯାହାର ନାହିଁ ଅହଂକାର । ମୋହ ବିଭ୍ରମ ନାହିଁ ଯାର ॥
ଧନଜନରେ ଆସକତି । ଛାଡ଼ିଣ ନ ଦଏ ତିଳେ ମତି ।
ଯେ ସଦା ଆତ୍ମଜ୍ଞାନେ ରତ । କାମନାବିହୀନ ସନ୍ତତ ।
ସୁଖଦୁଃଖରେ ସମଜ୍ଞାନ । ଏମନ୍ତ ବିବେକୀ ଯେ ଜନ ।
ଏମନ୍ତେ ସେ ଦିନ ବଞ୍ଚଇ । ପରମ ପଦ ସେ ଲଭଇ ।୫।
ଅନଳ ରବି ଚନ୍ଦ୍ର ତେଜ । ଯହିଁ ପ୍ରକାଶ ନାହିଁ ହେଜ ।
ଯେଉଁ ସ୍ଥାନକୁ ଯୋଗୀ ଗଲେ । ବାହୁଡ଼ି ନ ଆସନ୍ତି ତଳେ ।
ପରମ ପଦ [illegible] ସେହି । ଶୁଣ ଅର୍ଜୁନ ମନ ଦେଇ ।୬।
ଜୀବ ଯେ ମୋ [illegible]ଇ । ପ୍ରାଣିର ଦେହରେ ରହଇ ।

ଗର୍ଭେ ଥାଏ ଜ୍ଞାନ । ଷଡ଼ଇନ୍ଦ୍ରିୟ ଘେନି ମନ ।
ଜୀବାତ୍ମା ଗୋଚରେ ନୋଇ ପାଇ । ବଳେ ଇନ୍ଦ୍ରିୟ ଆକର୍ଷଇ ॥ ୭
ପୁଷ୍ପରୁ ସୁଗନ୍ଧ ପବନ । ହରଣ କରଇ ମଗନ ।
ଯେ ପୁଷ୍ପରେ ଯେତେ ଗନ୍ଧ ଥାଏ । ପବନ ସେ ଗନ୍ଧ ନେଇ ଯାଏ ।
ଫୁଲରୁ ଦେଲେହେଁ ଅନ୍ତର । ବାସନା-ଜଡ଼ିତ ନାକର ।
ଷଡ଼ଇନ୍ଦ୍ରିୟ ଫୁଲପରି । ଜୀବାତ୍ମା ପବନର ସରି ।
ଜୀବାତ୍ମା ଯନ୍ତ୍ର ଗଲେ ଉଡ଼ି । ବାସନା ତାର ଅଙ୍ଗ ଜଡ଼ି ।
ଅନ୍ୟ ଘଟକୁ ଗଲାବେଳେ । ବାସନା ସଙ୍ଗେ ନେଇ ଚଳେ ॥୮
ନାସିକା ଶ୍ରବଣ ନୟନ । ରସନା ତ୍ୱଚା ସେ ମନ ।
ଲଭିଣ ଏହାର ଆଶ୍ରୟ । ଜୀବାତ୍ମା ଭୁଞ୍ଜଇ ବିଷୟ ॥୯॥
ଏ ତତ୍ତ୍ୱ ମୂଢ଼ ନ ଜାଣନ୍ତି । ଜୀବାତ୍ମା ଦେଖି ନ ପାରନ୍ତି ।
ଯେ ଆତ୍ମା ସେହି ଦେହେ ଥାଏ । ଅଥବା ଅନ୍ୟ ଦେହେ ଯାଏ ।
ବିଷୟଭୋଗେ ଆସକତ । ଅଥବା ତ୍ରିଗୁଣେ ଜଡ଼ିତ ।
ଜ୍ଞାନନୟନ ଅଛି ଯାର । ସେ ଦେଖେ ଆତ୍ମାର ବେଭାର ॥୧୦
ଧ୍ୟାନ କରନ୍ତି ଯୋଗିଜନ । ନିର୍ମଳ ଯାହାଙ୍କର ମନ ।
ନିଷ୍କାମକରମ ସାଧିଣ । ନିର୍ମଳ କରନ୍ତି ଯେ ମନ ।
ଦେହରେ ଆତ୍ମାର ବସତି । ଜ୍ଞାନଚକ୍ଷୁରେ ସେ ଦେଖନ୍ତି ।
ମଳିନ ଅଟେ ଯାର ମନ । କଲେହେଁ ନାନାବିଧ ଯତନ ।
ନ ପାଏ ଆତ୍ମା ଦରଶନ । ଯେଣୁ ଚଞ୍ଚଳ ତାର ମନ ॥୧୧
ସୂର୍ଯ୍ୟରେ ଯେଉଁ ତେଜ ଥାଇ । ଜଗତ ପ୍ରକାଶ କରଇ ॥
ଚନ୍ଦ୍ର ଅନଳେ ତେଜ ଅଛି । ସେ ସବୁ ମୋଠାରୁ ଜନ୍ମିଛି ॥୧୨
ମୋର ଶକତିବଳେ ମୁହିଁ । ପ୍ରାଣୀଙ୍କି ଧାରଣ କରଇ ।
ଯେ ରସ ଚନ୍ଦ୍ରଦେହୁଁ ବହି । ଔଷଧ ସୃଷ୍ଟି କରୁଥାଇ ।
ସେ ସେ ମୋହର ବିଭୂତି । ଶୁଣ ଅ[illegible]ମତ ॥୧୩
ପ୍ରାଣୀଙ୍କ ଦେହେ ଅରଜୁନ । ଅନଳରୂ[illegible]ରହିଣ ।

। ଯେଉଁ ମୁଁ ... ।୧୪

। ମୁଁ ... ।

। ... ଅନ କେହି ନାହିଁ ।୧୫

... । କ୍ଷର ହେଉ ଅକ୍ଷର ଏହିରେ ।
... । ଜୀବାତ୍ମା ଅଟଇ ଅକ୍ଷର ।
... ତାର ଯାଇ । ଅକ୍ଷର ଅବିନାଶୀ ହୋଇ ।୧୬
ଏ ଦୁହିଁ ପୁରୁଷୋତ୍ତମ । ପରମାତ୍ମା ବୋଲି ଜାଣ ।
ସାରନଅଧୀଶ ଈଶ୍ୱର । ପାଳନ କରେ ତିନିପୁର ।
ଈଶ୍ୱର ଅବିନାଶୀ ହୋଇ । ତ୍ରିଲୋକେ ସୁବେଶ କରଇ ।
ଜଗତ କରଇ ଧାରଣ । ଏ କଥା ବୁଝ ଭଲ ଜାଣ ।୧୭
କ୍ଷରଠାରୁ ମୁହିଁ ଭିନ୍ନ । ଜୀବାତ୍ମାଠାରୁ ମୁଁ ପ୍ରଧାନ ।
ତେଣୁ ମୁଁ ପୁରୁଷୋତ୍ତମ । ଏମନ୍ତେ ଖ୍ୟାତ ମୋର ନାମ ।
ବେଦର ପୁରୁଷୋତ୍ତମ । ମୋତହୁଁ କେହି ନାହିଁ ଅନ ।୧୮
ସାଧୁଜନମାନେ ଯେବେ ଜନ । ଜାଣେଣି ମୁଁ ପୁରୁଷୋତ୍ତମ ।
ସର୍ବଜ୍ଞ ବୋଲି ତାକୁ କହୁ । ସକଳଭାବରେ ଭଜଇ ।୧୯
ଏ ଅତି ଗୋପ୍ୟ ଜ୍ଞାନ । ତତେ କହିଲି ଅର୍ଜୁନ ।
ଯେ ଏହା ଜାଣଇ ନିର୍ମଳ । ହୋଇଲ ସେ କୃତାର୍ଥ ହୁଅଇ ।
ହୋଇ ଏ ବୁଦ୍ଧି ବୁଦ୍ଧିମନ୍ତ । ଏହା ତୁ ଜାଣ ଦୃଢ଼େ ପାର୍ଥ ।
କୃଷ୍ଣଚରଣେ ଚିତ୍ତ ମତ । ଜଗତବନ୍ଧୁଙ୍କ ଏ ମତ ।

ଇତି ଶ୍ରୀ ମହା... ଶତସାହସ୍ର୍ୟାଂ ସଂହିତାୟାଂ ବୈୟାସିକ୍ୟାଂ
ଭୀଷ୍ମପର୍ବଣି ...ସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗ-

ଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ ପୁରୁଷୋତ୍ତମଯୋଗୋ ନାମ ପଞ୍ଚଦଶୋଽଧ୍ୟାୟଃ ।



ଷୋଡ଼ଶ ଅଧ୍ୟାୟ ।

ଦେବାସୁର ସମ୍ପଦବିଭାଗ ।

ଶ୍ରୀ ଭଗବାନୁବାଚ ।

ଶୁଣି ଅର୍ଜୁନ ଦେଇ ମନ । ଦଇବୀସମ୍ପଦ ଭେ ପୁଣି ॥
ଅଭୟ ଚିତ୍ତଶୁଦ୍ଧି ଜ୍ଞାନ । ଯୋଗରେ ନିଷ୍ଠା, ଯଜ୍ଞ ଦାନ ॥
ତପସ୍ୟା ଇନ୍ଦ୍ରିୟସଂଯମ । ସରଳ ଅଟେ ଯାର ମନ ।୧।
ଅହିଂସା ଶାନ୍ତ ଉଦାସୀନ । ଅକ୍ରୋଧ କ୍ଷମା ଦୟା ପୁଣି ॥
ପରର ନିନ୍ଦା ନ କରଇ । ପ୍ରାଣୀଙ୍କଠାରେ ଦୟା ବହଇ ॥
ଚଞ୍ଚଳ ନୁହେ ଯାର ମନ । ଲୋକଲଜ୍ଜକୁ ଡରେ ପୁଣି ॥
ନିର୍ଲୋଭପଣେ ଯେହୁ ଜନ । ସନ୍ତତ ବଞ୍ଚୁଥାଏ ଦିନ ।୨।
ତିତିକ୍ଷାଶକ୍ତି ଯାର ଥାଇ । ପୁଣି ସେ କ୍ଷମା ଆଚରଇ ॥
ତେଜ ତାହାର ଫୁଟି ଦିଶେ । ମୁଁ ବଡ଼ ଗର୍ବ ନାହିଁ ଲେଶେ ॥
ଈର୍ଷ୍ୟାପୂର୍ଣ୍ଣ ଯା ହୃଦୟ । କାହାକୁ ନ କରଇ ଦ୍ରୋହ ॥
ସ୍ୱଜନ ଶୁଚିବନ୍ତ ହୋଇ । ଆପଣା କରମ କରଇ ॥
ଦଇବୀସମ୍ପଦ ଯାହାର । ଏ ଗୁଣମାନ ଥାଏ ତାର ।୩।
ଦମ୍ଭ, ଦରପ, ଅଭିମାନ । କ୍ରୋଧ ନିଷ୍ଠୁର ଆଚରଣ ॥
ଅଜ୍ଞାନଅନ୍ଧାରେ ଜଡ଼ିତ । ଅସୁରସମ୍ପଦରେ ଖ୍ୟାତ ।୪।
ଦଇବୀସମ୍ପଦ ଯାହାର । ମୋକ୍ଷର ହେତୁ ସେ ତାହାର ॥
ଦ[illegible]ବୀସମ୍ପଦରୁ [illegible] । ଜନମିଅଛୁ [illegible]ଗୁଣୀ ॥
ଶୋକ ନ କର ଅରଜୁନ । ଏ ତ[illegible] ହେନ ।୫।
ଦେବ ଅସୁର ସୃଷ୍ଟି ଦୁଇ । ଏ ଲୋ[illegible]ରେ ଅଛଇ ॥

...ସ୍ତ୍ରୀ ତଥା ମୂର୍ଖ । ବିସ୍ତାର ତୋତେ କହୁଲଇଁ ।
୮ ...ଷ୍ଟ ତତ୍ତ୍ୱମାନ । କହୁବା ଶୁଣ ଅର୍ଜୁନ ।୬।
...ଂଶ ଯେ ଜନମ । ନ ଜାଣେ ଧରମ କରମ ।
...ର୍ମେ ବଳାନ୍ତି ସେ ମନ । ଏମାନେ ଅଶୁଚ-ବସ୍ତ୍ରୀନ ।
ସକଳା ମେଳଛ ହୁଅନ୍ତି । ଶୁଚିବନ୍ତ ସେ ନ ହୁଅନ୍ତି ।
ମିଥ୍ୟାକଥାକୁ ରସୁଥାନ୍ତି । ସତ୍ୟରେ ମନ ନ ବଳାନ୍ତି ।୭
ଈଶ୍ୱର ନାହାନ୍ତି ବୋଲନ୍ତି । ଥିଲେ ସେ କି କରିପାରନ୍ତି ।।
ସ୍ତ୍ରୀ ପୁରୁଷ ସଙ୍ଗ ହେଲେ । ଏ ସୃଷ୍ଟି ଉପୁଜଇ ଭଲେ ।
କାମ ଏ ସବୁର କାରଣ । ନାହିଁ ଅନ୍ତ ଅଧିକ ପ୍ରମାଣ ।
ଏତେକ ବ୍ୟବସ୍ଥା ଦେଖାଇ । ନଷ୍ଟିକର୍ମେ ରତ ହୋଇ ।୮।
ଋଷି ଅତରେ ନ ଦେଖିଲେ । ପରତେ ନ ଯାନ୍ତି ସେ ଭଲେ ।
ଦେହକୁ ମଣନ୍ତି ସେ ସାର । ଦେହରକ୍ଷାରେ ତତପର ।
ପରର ଧନ ଅପହର । ପ୍ରାଣୀର ହିଂସାକୁ ଆଦର ।
ଏମନ୍ତ ଅଳ୍ପବୁଦ୍ଧିଜନ । କରନ୍ତି ଉଗ୍ର କର୍ମମାନ ।
ଜଗତଵଇରି ହୁଅନ୍ତି । କାଳେ ସେ ବନାଶ ହୁଅନ୍ତି ।
ବ୍ୟାଘ୍ରଭଲ୍ଲୁକ ରୂପ ଧର । ପୁଣି ଜନ୍ମନ୍ତି ଦେହ ଧରି ।
ଜଗତପ୍ରାଣୀର ବନାଶ । ସାଧନ କରନ୍ତି ଅବଶ୍ୟ ।୯।
ମନରେ ବଡ଼ ଅହଂକାର । ବହୁତ ଅଭିମାନ ତାର ।
ଗରବେ ଛାତିକି ଫୁଲଇ । ମୋହରେ ବୁଡି ରହିଥାଇ ।
ପୂର୍ଣ୍ଣ ନ ହୁଏ ଯେତେ ବାଞ୍ଛା । ଶଙ୍କାରେ କରେ ତାହା ଇଚ୍ଛା ।
ସେହି କାମନା ଆଶ୍ରୟରେ । ଉପଦେବତା ପୂଜା କରେ ।
ଯେ ଶାସ୍ତ୍ର ଏ ଧର୍ମ ଅଛଇ । ତାହାକୁ ସାନ ଗ୍ରନ୍ଥ କହୁ ।
ମୁମ୍ଭ ଅବର ମୋହନ । କି ଅଛି ବେଦି ବେଦାନ୍ତ ।
ଶାନ୍ତତନ୍ତ୍ରୀ... । କି ଅବା ପ୍ରେତର ସାଧନ ।
ମିଥ୍ୟାଚଥାରେ... ଦେଇ । ନାନା ଅଡମ୍ବ କରୁଥାଇ ।

ଶାସ୍ତ୍ରନିଷିଦ୍ଧ କର୍ମ ଧ୍ୟାନ । ଅନନ୍ତେ ବଢ଼ଇ ସାଧନ । ୧୦
ନାନାପ୍ରକାର ଚିନ୍ତା ମନ । ବାସନା ପୋଷଇ ସଜନେ ।
ମରଣକାଳଯାଏ ତାର । ବାସନା ଥାଏ ନିରନ୍ତର ।
ସ୍ୱର୍ଗନରକ କିଛି ନାହିଁ । ଏ ଦେହ ସାର ଯେ ଅଟଇ ।
ଏମନ୍ତ ସିଦ୍ଧାନ୍ତ କରନ୍ତି । ଭୋଗବିଳାସେ ରତ ହୋନ୍ତି ।
ଭୋଗ୍ୟ କି ଧନ ସୁ-ସ୍ଥାପନ । କରନ୍ତି ନାନା ଅଚରଣ । ୧୧
ଆଶା ପାଶରେ ବନ୍ଧୀ ହୋଇ । କାମର ଅଧୀନ ହୁଅଇ ।
କ୍ରୋଧରେ ହୋଇ ଜରଜର । କରଇ ନାନାଦି ବେଭାର ।
ଅନ୍ୟାୟ ଉପାୟରେ ଧନ । କରୁଥାଏ ସେ ଉପାର୍ଜ୍ଜନ । ୧୨
ଧନ ଲାଳସା ବଳୁଥାଏ । ପେଟଭ ପାଇଲେ ତୃପ୍ତ ନୁହେ ।
ଆଜି ପାଇଲି ଏତେ ଧନ । ଜ୍ୟାସ୍ୟ ବଢ଼ିବ ଦ୍ୱିଗୁଣ ।
କାଲିକି ଅଧିକ ପାଇବି । ପରଧନକୁ ଯତ୍ନ ନେବି ।
ବାପ ରଖିଛନ୍ତି କେତେ ଧନ । ଏସବୁ ଠୁଳ କଲେ ଜାଣି ।
ବେପାରବଣିଜେ ଖଟାଇ । ଦେବି ମୁଁ ସେ ଧନ ବଢ଼ାଇ ।
ସୁଧ ମିଳିବ ଏଥୁ କେତେ । ଅପାର ଧନ ହେବ ହାତେ ।
ହାତୀ ଝୁଲିବ ମୋର ଦ୍ୱାରେ । ଗଢ଼ିବି ପଲଙ୍କ ଉପରେ ।
ଖଣ୍ଡୁଏ ଖଟ ପକାଇବି । ତହିଁ ଉପରେ ନିଦ୍ରା ଯିବି ।
ସୁନ୍ଦରୀ ରମଣୀଲଭନ । ରଖିବି ଗଣ୍ଡାଗଣ୍ଡା ପୁଣ ।
ଏମନ୍ତ ଅସୀମ ଚିନ୍ତାରେ । ବୁଡ଼ି ରହନ୍ତି ସେମନ୍ତ ନରେ । ୧୩
ଆଜି ଏ ଶତ୍ରୁ ମଲା ପୁଣି । ଅନ୍ୟଙ୍କୁ କାଲି ଦେବି ହାଣି ।
ତାହାର ଧନଦ୍ରବ୍ୟ ଆଣି । ମୋ ଘରେ ପୂରାଇବି ପୁଣି ।
ମୋଠାରୁ କିଏ ବଳସ୍ୱାର । ମୁଁ ଟସ ଏ ମର୍ତ୍ତ୍ୟ ଈଶ୍ୱର ।
ମୋଠାରୁ ବଳି ସୁଖୀ ନାହିଁ । ମୁଁ ସିଦ୍ଧପୁରୁଷ ଅଟଇ ।
କେ ଅଛି ମନୁଷ୍ୟମଧ୍ୟରେ । ମୋହ[illegible]ଇପାରେ । ୧୪
କେ ହେବ ମୋ ସଙ୍ଗେ ସମାନ । ମୁଁ [illegible] କୁଳୀନ ।

[illegible] ବହୁଧର୍ମୀ । କାହାକୁ ମନ୍ଦିରେ ନ ଗଣି ।
[illegible] କରିବି । ଯଶପତାକା ଉଡ଼ାଇବି ॥
[illegible] ଫିଟାଇବି । ମନଇଚ୍ଛାରେ ଦାନ ଦେବି ॥
[illegible] କେତେ କେତେ ଜନ । ଗାଧୁଳ ନାହିଁ ମୋ ପରି ପୁଣ ॥
[illegible] ମୋଠାରୁ ବହୁଧନ । କହଇ ମୋ ମନ ଗାଧୁନ ॥
[illegible] ଅନନ୍ତ ମନେ ହେବ । ମୋ ସଙ୍ଗେ କେ ସରିହୋଇବ ।୧୬
[illegible] ନାନା ଚିନ୍ତା କରି । ମୋହରେ ଦେଉଥାନ୍ତି ଘାରି ॥
[illegible]-ଜାଲେ ସେ ପଡ଼ନ୍ତି । କୋମବିଳାସ ମତ୍ତ ହୋନ୍ତି ।
[illegible] ଏ ଗତ । ଲ୍ମାପିତ ନରକେ ପଡ଼ନ୍ତି ॥
[illegible] ନିଜ ବଡ଼ ମଣି । ଅଟେ ବୋଲାନ୍ତି ବଡ଼ ଧଣୀ ॥
[illegible]ଗରବରେ ମତ୍ତ ହୋଇ । ନାନାଦି କର୍ମ ଆରମ୍ଭଇ ॥
[illegible] ଯେ ବଧିବାଧନ । ତାହା ନ ମାନେ ସେହି ଜନ ।
[illegible] ପୂଜାଗ୍ୟ ମଣେ । ଗୁରୁଜନଙ୍କୁ ସେ ନ ଗଣେ ।
[illegible] କରିବା ଆନେ ନାମ । କରନ୍ତି ଯାଗ ଯଜ୍ଞ ହୋମ ।
[illegible] ଧର୍ମଭାବ ନାହିଁ । ତାହାଙ୍କର ହୁଅନ୍ତି ଦେଖାଇ ।୧୭
[illegible] ଯେ ଗୁଣ ଅହଙ୍କାର । ରହିଣି କରେ ଅହଙ୍କାର ।
[illegible] ଦରପ କ୍ରୋଧ କାମ । ଜନ୍ମାଏ ମନର ବିଭ୍ରମ ।
[illegible] ଦୋଷେ ସେ ଦୋଷୀ ଅଟନ୍ତି । ମୋହର ନିନ୍ଦା କରୁଥାନ୍ତି ।
[illegible] ଭକ୍ତମାନଙ୍କୁ ନିନ୍ଦନ୍ତି । ଗୁରୁ ଆଦେଶ ନ ଶୁଣନ୍ତି ।
[illegible] ନିର୍ଲଜ ଠକ ବନ୍ଧୁ । ଭକ୍ତଙ୍କୁ ନିନ୍ଦା କରୁଥାଇ ।୧୮
[illegible] ପର-ନିନ୍ଦାକାରୀ । ଏ ଲୋକ ମୋହର ବଇରୀ ।
[illegible] ତାଙ୍କୁ ଏମନ୍ତ କରଇ । ଅସୁରଯୋନିରେ ଜନ୍ମାଇ ।
[illegible] ତାଙ୍କ କରଇ । ଜନମ ଦିଏ ଏ ସଂସାରେ ।୧୯
[illegible]ସୁରଯୋନି[illegible] । ମୋତେ ନ ପାଇ ଅଚାରନ୍ତି ।
[illegible]-ଅନ୍ଧା[illegible] । ନିଗମ ପଥ ଯାନ୍ତି ହୁଡ଼ି ।

ଜନମ ଜନ୍ମାନ୍ତରେ ନସନ୍ତ । ମତେ ସେ କେବେହେଁ ନ ପାଇ ।
ଶୀଘ୍ର ନୀଚ ଯୋନି ପାଏ । ଅଜ୍ଞାନେ ମତ୍ତ ଘାଣ୍ଟି ହୁଏ ॥
କାମ ଯେ ବୋଧ ଲୋଭ ପୁଣ । ତିନିହେଁ ବିନାଶ କାରଣ ॥
ନରକଦ୍ୱାର ଏହୁ ଜାଣ । ଏ ପଥେ ପାଏ ନୀଚଯୋନି ॥
ଅସୁରସମ୍ପତ୍ତିର ମୂଳ । ଏ ତିନି ଅଟନ୍ତି କେବଳ ॥
ତଲେହେଁ ହୋଇଲେ ପ୍ରବଳ । ଅମ୍ଭାକୁ କରେ କଲବଲ ॥
ଅସ୍ମାର ଅଧୋଗତି ହୁଏ । ସ୍ୱର୍ଗସୁଖ ସେ ନ ପାଏ ॥
ମୋକ୍ଷଗତିକି ଯେ ଇଚ୍ଛିବ । ଏ ତିନି ଦୋଷକୁ ତେଜିବ ॥
ଏ ତିନିରୂପକୁ ଜିଣିଲେ । ମୋକ୍ଷ ଲଭିବ ଲୋକ ଭଲେ ।୨୧
ଏ ତିନି ନରକର ଦ୍ୱାର । ତେଜି ପାରିବ ଯେଉଁ ନର ॥
ଆପଣା ମଙ୍ଗଳ ସାଧନ । ସନ୍ତତେ କରିବ ସେ ଜନ ॥
ମୁକତି ଲାଭ ହେବ ତାର । ଶୁଣ ଏ ତତ୍ତ୍ୱ ହୋଇ ସ୍ଥିର ।୨୨
ଯେ ଶାସ୍ତ୍ରବିଧି ଛାଡିଦେଇ । ମନକୁ କର୍ମ ଆଚରଇ ॥
ମୋକ୍ଷ ଅଥବା ତତ୍ତ୍ୱଜ୍ଞାନ । ନ ଲଭେ ସେହୁ କଦାଚନ ।୨୩
ତେଣୁ ତୁ ଶୁଣ ଅର୍ଜୁନ । ଶାସ୍ତ୍ରେ ଯେ ପ୍ରଧାନ ପ୍ରମାଣ ।
କି କର୍ମ କରିବା ଉଚିତ । କିଏ ଅଥବା ଅନୁଚିତ ।
ଶାସ୍ତ୍ରର ଭଲ ମନ୍ଦ ବାଣୀ । ଶୁଣି କରମ କର ପୁଣି । ୨୪
ଜ୍ଞାନ ଜଗତବନ୍ଧୁ ଭଣେ । ଭୋ ବନା ଅନକୁ ନ ଗଣେ ।

ଇତି ଶ୍ରୀ ମହାଭାରତେ ଶତସାହସ୍ର୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ଭୀଷ୍ମପର୍ବଣି ଶ୍ରୀମଦ୍‌ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ ଦୈବାସୁରସମ୍ପଦ୍ୱିଭାଗଯୋଗୋ ନାମ ଷୋଡ଼ଶୋଽଧ୍ୟାୟଃ ।

ସପ୍ତଦଶ ଅଧ୍ୟାୟ ।

ଶ୍ରଦ୍ଧାତ୍ରୟବିଭାଗ ଯୋଗ ।

ଅର୍ଜ୍ଜୁନ ଉବାଚ ।

ପୁଣି ପଚାରେ ଅର୍ଜ୍ଜୁନ । ଯେ ଛାଡ଼ି ଶାସ୍ତ୍ରର ବିଧାନ ।
ଶ୍ରଦ୍ଧାରେ ଯଜ୍ଞ ଆଚରନ୍ତି । ଶ୍ରଦ୍ଧାଚିତ୍ତେ କରମ ଭଜନ୍ତି ।
ଯେ ପଥେ ଗଲେ ମହାଜନ । ସେ ପଥେ କରନ୍ତି ଗମନ ।
ଏମାନଙ୍କ ଲୋକର ବିଶ୍ୱାସ । ଅଟେ ରାଜସ କି ତାମସ ।
ଅଥବା ସାତ୍ତ୍ୱିକ ତା ମନ । କହ କୃଷ୍ଣ କହ ମତେ ପୁଣ ।୧।

ଶ୍ରୀ ଭଗବାନୁବାଚ

କହନ୍ତି ପ୍ରଭୁ ଭଗବାନ । ଶୁଣିହ ବୀର ଅର୍ଜ୍ଜୁନ ।
ପ୍ରାଣୀର ପୂର୍ବର ଜନମ । ସଂସ୍କାରବଳେ ଉତପନ୍ନ ।
ଶ୍ରଦ୍ଧା ତିନି ପରକାର । ଗୁଣଭେଦରେ ଅଟେ ବୀର ।
ସାତ୍ତ୍ୱିକ ରାଜସ ତାମସ । ସଂଶୟ ନ କର ତୁ ଲେଶ ।୨।
ପୂର୍ବ ଜନମ କର୍ମ୍ମମାନ । ଅଟଇ ହୃଦେ ସାବଧାନ ।
ଯେମନ୍ତ କର୍ମ୍ମ ସେ କରଇ । ତା ଶ୍ରଦ୍ଧା ସେମନ୍ତ ହୁଅଇ ।
ଯାହାର ଯେମନ୍ତ ଚେଭ୍ରର । ଚେଷ୍ଟା ସେମନ୍ତ ତାହାର ।
ସାତ୍ତ୍ୱିକଭାବ ଯାର ଥାଏ । ତ ଶ୍ରଦ୍ଧା ସାତ୍ତ୍ୱିକ ବୋଲାଏ ।
ରାଜସ ତାମସ ଯା ଭାବ । ତା ଶ୍ରଦ୍ଧା ସେମନ୍ତ କହାଇବ ।
ଜୀବାତ୍ମା ଅଟଇ ଶ୍ରଦ୍ଧାମୟ । ଯେମନ୍ତ ଗୁଣର ଉଦୟ ।୩।
ଯାହାର ଥାଏ ସତ୍ତ୍ୱଗୁଣ । ସେ ଭଜେ ଦେବତା ସୁଜନ ।
ଯାହାର ରଜୋଗୁଣ ଥାଏ । ଯକ୍ଷ ରାକ୍ଷସ ପୂଜୁଥାଏ ।
ତମଗୁଣରେ ଯେ ଜଡ଼ିତ । ପୂଜଇ ସେହୁ ଭୂତ ପ୍ରେତ ।୪।
ଶାସ୍ତ୍ରବିଧିକି ଛାଡ଼ିଦେଇ । ଅହଙ୍କାରରେ ମତି ହୋଇ ।
କାମ ଆସକ୍ତି [illegible] । ଦମ୍ଭରୁ ପ୍ରାଣୀକି ଅଶେଷ ।
ଘୋର ତ[illegible] । କାଳ ଅଛନ୍ତି ଜ୍ଞାନହୀନ ।୫।

ଅଶାସ୍ତ୍ର ତପ ଆଚରନ୍ତି । ବହୁତ କଷ୍ଟ ସହନ୍ତି ॥
କରନ୍ତି ନାନା ଉପବାସ । ପୀଡ଼ନ୍ତି ଦେହକୁ ବିଶେଷ ॥
ତେଣୁ ଶରୀର ଶୁଷ୍କ ହୁଏ । ଅସ୍ଥାପେ ବହୁ କ୍ଲେଶ ପାଏ ॥
ନ ଜାଣେ ମୁଁ ଅଛି ଅନ୍ତରେ । ମୋତେ ପୀଡ଼ଇ ନିରନ୍ତରେ ॥
ମୋ ଶାସ୍ତ୍ରବିଧି ଲଙ୍ଘେ ତେଣୁ । ମୋତେ କଷଣ ମିଳଇ ତେଣୁ ॥
ଏମନ୍ତ ଅବିବେକୀ ଜନ । ଅସୁର ବୋଲି ତାକୁ ଜାଣ ॥୬॥
ପୁଣି କହନ୍ତି ଭଗବାନ । ଅର୍ଜୁନ ସାବଧାନେ ଶୁଣ ॥
ଭୋଜନ ଯଜ୍ଞ ତପ ଦାନ । ଗୁଣଭେଦରେ ହୁଏ ଭିନ୍ନ ॥
ଏମାନେ ତିନି ପ୍ରକାର । ଶୁଣ ଅର୍ଜୁନ ବୀରବର ॥୭॥
ଯେବଣ ଆହାର ଭୁଞ୍ଜିଲେ । ଆୟୁଷ ବୃଦ୍ଧି ହୁଏ ଭଲେ ॥
ଉତ୍ସାହ ବଳ ବୃଦ୍ଧି ହୋଇ । ନାନାଦି ରୋଗ ନାଶ ଯାଇ ॥
ମନର ହୁଅଇ ତୃପତ । ମନ ପ୍ରସନ୍ନ ଥାଏ ନିତ ॥
ସୁସ୍ୱାଦୁ ଚିକ୍କଣ ମିଶ୍ରିତ । ଉତ୍ତମରସେ ଲସନ୍ତ ॥
ଯେଉଁ ଖାଦ୍ୟର ଗୁଣମାନ । ଦେହରେ ରହେ ବହୁଦିନ ॥
ଦୁର୍ଗନ୍ଧ ଅପବିତ୍ର ନୁହେ । ଦେଖିଲେ ମନ ମୋହିହୁଏ ॥
ଯାହାର ଥାଏ ସତ୍ତ୍ୱଗୁଣ । ଏମନ୍ତ ଖାଦ୍ୟ ତାର ପ୍ରେମ ॥୮॥
ଅତି ଆମ୍ବିଳ ଅତି ଉଷ୍ଣ । ଅତ୍ୟନ୍ତ ପିତା ଅତି ଲୁଣି ॥
ଅତି ରୁଗୁଆ ଅଟକଣି । ଝାଲ ସୋଷେ ଅଧ ପୂର୍ଣ୍ଣ ॥
ଏ ଜାତି ଖାଦ୍ୟ ଯେ ଭୁଞ୍ଜନ୍ତି । ଦୁଃଖରୋଗ ଛଟପଟ ହୋନ୍ତି ॥
ସନ୍ତାପ ପରପାକ ନୁହେ । ନାନାଦି ଗ୍ଲାନି ଜନମାଏ ॥
ଶେଷେ ବହୁତ ରୋଗ ଜାତ । ରଜଗୁଣୀର ପ୍ରିୟ ସତ ॥୯॥
ଶୀତଳ ନୀରସ ଆହାର । ଅଇଁଠା ଚଢ଼ିଅ ଅବର ॥
ପଲାଣ୍ଡୁ ମଦ୍ୟ ମାଂସ ଜାଣି । ଏଆଦି ଅମେଧ୍ୟ ଭୋଜନ ॥
ଯାହାର ତମଗୁଣ ଥାଏ । ଏସବୁ [illegible] ॥୧୦॥
ଶୁଣହେ ପଣ୍ଡୁର ନନ୍ଦନ । ସାତ୍ତ୍ୱି[illegible]ଧାନ ॥

ଅନୁସର । ଯେ ଯଜ୍ଞ କରନ୍ତି ଅତର ॥
...ମ୍" ବୋଲି କରେ । ଫଳକାମନା ପରିହରେ ।୧୧
...ଧ ଲାଭ ପାଇଁ । ଲୋକେ ବା ପ୍ରଶଂସା ମିଳଇ ॥
... ହୁଏ ଅଚରିତ । ସେ ଯଜ୍ଞ ରାଜସ ନିଶ୍ଚିତ ।୧୨
...ବିଧାନ ଛାଡ଼ିକରି । ମନ ମାଫିକେ କର୍ମ କରି ॥
...ବିହୀନ ଶ୍ରଦ୍ଧାହୀନ । ନ କରେ ପୁଣ୍ୟ ଅନ୍ନ ଦାନ ॥
...ଣା ନ ଦିଏ କଳ୍ପିତ । ଏ ଯଜ୍ଞ ତାମସ ନିଶ୍ଚିତ ।୧୩
...ଦେବତା ଗୁରୁ ଯେ ବ୍ରାହ୍ମଣ । ଅବର ସୁପଣ୍ଡିତ ଜନ ॥
...ଜାବ ଏହାଙ୍କୁ ଯତନେ । ସରଳ ଶୁଚିବନ୍ତମନେ ॥
ପାଳନ୍ତି ବ୍ରହ୍ମଚର୍ଯ୍ୟ ବ୍ରତ । ପ୍ରାଣି ହିଂସାରେ ନୁହେ ରତ ॥
ଶରୀରତପ ଏ ବୋଲାଇ । ଶୁଣ ଅର୍ଜୁନ ମନ ଦେଇ ।୧୪
ଅମୀୟ ମଧୁର ବଚନ । କହି ତୋଷିବ ପ୍ରାଣିମନ ॥
ପରର ହିତକଥାମାନ । କହିବ ସତ୍ୟ ନ ତେଜଣ ॥
ବେଦଅଭ୍ୟାସ ଅବା ଜାଣ । ବଚନ ତପ ବୋଲି ମଣ ।୧୫
ମନନିର୍ମଳ ନମ୍ରଭାବ । ମଉନେ ଅସ୍ମାକୁ ଭାବିବ ॥
ସକଳ ପ୍ରାଣୀହିତ ଚିନ୍ତା । ବିଷୟେ ନ କରିବ ରତ ॥
ତେଜ କପଟ ବ୍ୟବହାର । ମାନସ ତପ ଏ ନିକର ।୧୬
ମନରୁ ଫଳବାଞ୍ଛା ତେଜି । ଏକାନ୍ତ ଶ୍ରଦ୍ଧାଭାବେ ମଜି ॥
କଲେ ଏ ତ୍ରିବିଧ ତପ ସାଧନ । ସାତ୍ତ୍ୱିକ ତପ ବୋଲି ଜାଣ ।୧୭
ପ୍ରଶଂସା ମିଳିବା ଆଶାରେ । ମାନ ମର୍ଯ୍ୟାଦା ମିଳିପାରେ ॥
ଏମନ୍ତ ଦମ୍ଭ ମନେ ଧରି । ଯେ ଅବା ଏ ତପ ଆଚରି ॥
ଅସ୍ଥାୟୀ ଅନିଶ୍ଚିତ ଯେଣୁ । ରାଜସ ତପ ବୋଲି ତେଣୁ ।୧୮
ମନାସି ବିନାଶ ପରର । ତପସାଧନେ ତତପର ॥
ଅଜ୍ଞାନୀ ଦୁରା[illegible]ରେ । କଠୋର ତପକୁ ଆଚରେ ॥
ଦେହକୁ ଦେଇ[illegible]କ୍ଲେଶ । ଏ ତପ ତାମସ ଅବଶ୍ୟ ।୧୯

ଦାନ କରିବା ବିଧି ଜାଣି । ଦାନ କରନ୍ତି ଯେତୁ ପ୍ରାଣୀ ॥
ବିଚାରି ଦେଶକାଳପାତ୍ର । ଯେ ଦାନ କରଇ ନିସ୍ପୃହ ॥
କିଅବା ଦେଶ କାଳ ପାତ୍ର । କହୁବା ଶୁଣ ଅହେ ପାର୍ଥ ॥
ପୁରୁଷୋତ୍ତମ କୁରୁକ୍ଷେତ୍ର । କାଶୀ ଯେ ଗଙ୍ଗା ଗୟାତୀର୍ଥ ॥
ଏ ଆଦି ପୁଣ୍ୟକ୍ଷେତ୍ରମାନ । ଦେଶଅର୍ଥରେ ଏତେ ଘେନ ॥
ଅମାବସ୍ୟା ପୂର୍ଣ୍ଣିମା ଗ୍ରହଣ । ସଂକ୍ରାନ୍ତିଆଦି କାଳ ଜାଣ ॥
ପଣ୍ଡିତ ତପସ୍ୱୀ ଯେ ଜନ । ପାତ୍ର ଅର୍ଥରେ ତାଙ୍କୁ ଘେନ ॥
ଆଶା ନ ଥିବ ଦାତାଙ୍କର । ପାତ୍ର କରିବେ ଉପକାର ॥
ତେଣୁ ଏ ଦାନ ତାଙ୍କୁ ଦେବା । ଜଗତେ ବିଖ୍ୟାତ ହୋଇବା ॥
ଏମନ୍ତ ପାଇଁ ଦାନ ଦେଲେ । ବିଅର୍ଥ ହୁଏ ତାହା ଭଲେ ॥
ନ ଥିଲା କେବେ ଉପକାରୀ । ଏମନ୍ତ ପାତ୍ର ବାଛି କର ॥
ଅନୁପକାରୀ ଯେଉଁ ଲୋକ । ଦାନ ଗ୍ରହଣେ ସେ ଅଧିକ ॥
ଏ ଦାନ ସାତ୍ତ୍ୱିକ ବୋଲାଇ । ଶୁଣ ଅର୍ଜୁନ ମନ ଦେଇ ।୨୦।
ଯାହାକୁ ଦାନ ଦିଆଯାଏ । ପ୍ରତ୍ୟୁପକାର ଆଶା ଥାଏ ॥
ସ୍ୱରଗ ଲଭିବା ଆଶାରେ । ମନଃ କଷ୍ଟରେ ଦାନ କରେ ॥
ରାଜସଦାନ ସେ ବୋଲାଇ । ଶୁଣ ଅର୍ଜୁନ ମନଦେଇ ।୨୧।
ଅଦେଶ ଅକାଳ ଅପାତ୍ର । ସତ୍କାର ନାହିଁ ତଳେ ମାତ୍ର ॥
ଦକ୍ଷିଣା ଦିଏ ତିରସ୍କାର । ତାମସଦାନ ସେ ଅବର ।୨୨।
ବ୍ରହ୍ମର ତିନିଗୋଟି ନାମ । ଓଁ ତତ୍ ସତ୍ ବୋଲି ଜାଣ ॥
ସୃଷ୍ଟିକାଳରେ ବ୍ରହ୍ମା ପୁଣ । ଏ ତିନିନାମ ଉଚ୍ଚାରଣ ॥
ସର୍ଜିଲେ ବେଦ ଯଜ୍ଞ ପୁଣ । ସର୍ଜିଲେ ଅବର ବ୍ରାହ୍ମଣ ।୨୩।
ତେଣୁ ଏ ବ୍ରହ୍ମବାଦିମାନେ । ଯଜ୍ଞାଦି କର୍ମ ଆଚରଣେ ॥
ଉଚ୍ଚାରି ଓଁକାର ସହିତ । କରମେ ହୁଅନ୍ତି ନିଯୁକ୍ତ ।୨୪।
ତପ ନେଇ ମୋକ୍ଷବାଞ୍ଛା କରେ । ତତ [illegible] ଉଚ୍ଚାରେ ॥
[illegible] ମାନ ତେଜି । ଯଜ୍ଞାଦି [illegible] ମଜି ।୨୫।

ଶ୍ରେୟ ଅର୍ଥେସତ । ଶବଦ ହୁଅଇ ପ୍ରଯୁକ୍ତ ॥
ଅଦ ଯେତେ । ମଙ୍ଗଳକର୍ମ ଏ ଜଗତେ ॥
କର୍ମ ଅରମ୍ଭରେ ଜାଣ । ସତ ଶବଦ ଉଚ୍ଚାରଣ ।୨୭।
ତପସ୍ୟା ଦାନକର୍ମ । ଯେ ନିଷ୍ଠା ଥାଏ ଲୋକମାନେ ॥
ସେ ନିଷ୍ଠା ନାମ ଅଟେ ସତ । ତେଣୁ ସେ କର୍ମ ସତ ସତ ॥
ଯଜ୍ଞ ତପସ୍ୟା ହୋମ ଦାନ । ଶ୍ରଦ୍ଧାରେ ନ ହେଲେ ସାଧନ ॥
ଅସତ ବୋଲି ସେ ବୋଲାଏ । କେଉଁହେଁ ଫଳ ସେ ନ ଦିଏ ।୨୮
ଦୀନ ଜଗତବନ୍ଧୁ ଭାବ । ଅସତ ଗୁଣ ନାଶ ଯିବ ॥
ଇତ ଶ୍ରୀ ମହାଭାରତେ ଶତସାହସ୍ର୍ୟାଂ ସଂହିତାୟାଂ ବୈୟାସି-
କ୍ୟାଂ ଭୀଷ୍ମପର୍ବଣି ଶ୍ରୀଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ-
ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସମ୍ବାଦେ ଶ୍ରଦ୍ଧାତ୍ରୟବିଭାଗ ଯୋ-
ଗୋନାମ ସପ୍ତଦଶୋଽଧ୍ୟାୟଃ ।

—※—

ଅଷ୍ଟାଦଶୋଽଧ୍ୟାୟଃ ।

ମୋକ୍ଷ ଯୋଗ

ଅର୍ଜୁନ ଉବାଚ

ପୁଣି ପୁଚ୍ଛଇ ଅରଜୁନ । ହେ ପ୍ରଭୁ କେଶିନିସୂଦନ ॥
ହେ ମହାବାହୁ ହୃଷିକେଶ । ତ୍ୟାଗ ତତ୍ତ୍ୱ କି ସନ୍ନ୍ୟାସ ॥
କହନ୍ତୁ ଭିନ୍ନ ଭିନ୍ନ କରି । ଏ ଦୁଇ ତତ୍ତ୍ୱ ଭଲକରି ।୧।

ଶ୍ରୀଭଗବାନୁବାଚ

କହନ୍ତି ପ୍ରଭୁ ଭଗବାନ । ଶୁଣହେ ପଣ୍ଡୁର ନନ୍ଦନ ॥
ଯେ କାମ୍ୟ କର୍ମକୁ ତେଜନ୍ତି । ସେମାନେ ସନ୍ନ୍ୟାସୀବୋଲନ୍ତି ॥
କରମଫଳ ପରତ୍ୟାଗୀ । ବୋଲନ୍ତି ପଣ୍ଡିତରେ ତ୍ୟାଗୀ ॥
ଏମନ୍ତେ କେ[illegible]ଶନ୍ତି । ସନ୍ନ୍ୟାସ ତ୍ୟାଗର ପ୍ରଭେଦ ।୨
କେଥାବାଏ ପଣ୍ଡି[illegible] । ତେଜିବ ସକଳ କରମ ॥

ବେଦ ବୋଲନ୍ତି ଯଜ୍ଞଦାନ । ତପସ୍ୟା ଆଦି କର୍ମମାନ ॥
ଛାଡ଼ିବା ଉଚିତ ନୁହଇ । ଶୁଣ ଅର୍ଜୁନ ମନ ଦେଇ ।୩
ତ୍ୟାଗ ବିଷୟେ ମୋ ସିଦ୍ଧାନ୍ତ । କହିବା ତୋତେ ଏହୁ ତତ୍ତ୍ୱ ॥
ଶୁଣ ପୁରୁଷଶ୍ରେଷ୍ଠ ତୁହି । ତିନିପ୍ରକାର ତ୍ୟାଗ ହୋଇ ।୪
ଯଜ୍ଞ ତପସ୍ୟା ଦାନଯେତେ । କରମ ଅଛି ଏଜଗତେ ॥
ଏ ସବୁ ତ୍ୟାଗ ନ କରିବ । ଏମାନ ଅବଶ୍ୟ କରିବ ॥
ଯେ ଜ୍ଞାନୀ ଏମାନ କରଇ । ଅବଶ୍ୟ ପବିତ୍ର ହୁଅଇ ।୫
ମୁଁ କଲି ବୋଲି ଅଭିମାନ । କେବେହେଁ ନ କରିବ ପୁଣ ॥
ଫଳ କାମନା ନ କରିବ । ଯଜ୍ଞାଦି କରମ କରିବ ॥
ଶ୍ରେଷ୍ଠ ସିଦ୍ଧାନ୍ତ ମୋର ମତ । ଏହାରୁ ଜାଣହେ ନିଶ୍ଚିତ ।୬
ନିତ୍ୟ କର୍ମକୁ ନ ଛାଡ଼ିବ । ଅଜ୍ଞାନେ ତମ ତ୍ୟାଗ ହେବ ।୭
କର୍ମ କେବଳ ଦୁଃଖଦାୟୀ । ଭୟରେ ଯେ କର୍ମ ଛାଡ଼ଇ ।୮
ରାଜସତ୍ୟାଗ ସେ ବୋଲାଇ । କେବେହେଁ ତା ଫଳ ନ ପାଇ
ମୁଁ କଲି ବୋଲି ଅଭିମାନ । ନ ଥାଏ ଯାର ଲେଶ ଜାଣ ॥
ଫଳକାମନା ଯେ ଛାଡ଼ଇ । ସାତ୍ତ୍ୱିକ ତ୍ୟାଗ ସେ ବୋଲାଇ ।୯
ଯେ ସବୁ ନିତ୍ୟକର୍ମମାନ । ଶାସ୍ତ୍ରରେ ହୋଇଛି ବିଧାନ ।
ସାତ୍ତ୍ୱିକ ତ୍ୟାଗୀ ବୁଦ୍ଧିମାନ । ମନ ସଂଶୟ ତେଜି ପୁଣ ॥
ସେ କର୍ମମାନ ଆଚରଇ । ତା ପ୍ରତି ଦ୍ୱେଷ ନ କରଇ ॥
ସୁଖଜନକ କରମରେ । ପ୍ରୀତି ନ ଥାଏ ଅନ୍ତରେ ।୧୦।
ଯାବତ ଥିବ ଦେହ ଧରି । କରମ ତେଜିବ କି ପରି ॥
ସମ୍ପୂର୍ଣ୍ଣ କରମ ତେଜିବ । ଏ କଥା ଅତି ଅସମ୍ଭବ ।
ତେଣୁ କରମଫଳତ୍ୟାଗୀ । ଅଟନ୍ତି ଯଥାର୍ଥରେ ତ୍ୟାଗୀ ।୧୧
କରମ ଯେହୁ ନ ତେଜନ୍ତି । ତିନିପ୍ରକାରେ ଫଳ ପାନ୍ତି ॥
ଶୁଭ ଅଶୁଭ ମିଶ୍ରଫଳ । ସନ୍ନ୍ୟା[illegible] ଫଳ ।୧୨
ହେ ମହାବାହୁ ଏବେ ଶୁଣ । ଅଛି [illegible] କାରଣ ॥

ସର୍ବକର୍ମର ସିଦ୍ଧିପାଇଁ । ସାଂଖ୍ୟ ବେଦାନ୍ତ ଛନ୍ତି କହି ।୧୩
ଆତ୍ମା ଦଇବ ଅହଂକାର । ପାଞ୍ଚଇନ୍ଦ୍ରିୟ ଏ ଈଶ୍ୱର ।
ଏ ପଞ୍ଚ କାରଣ ଅଟଇ । କର୍ମର ସିଦ୍ଧି ଲାଭପାଇଁ ।୧୪
କାୟ ବଚନ ମନ ଦେଇ । ଶରୀର ଯେ କର୍ମ କରଇ ।
ଶୁଭ ବା ଅଶୁଭ କରମ । ଏ ପଞ୍ଚ ତାର ହେତୁ ଜାଣ ।୧୫
ଏମନ୍ତ ପ୍ରମାଣ ଅଛଇ । ମୂଢ଼ ତା ଜାଣି ନ ପାରଇ ।
ଆତ୍ମାକୁ କର୍ତ୍ତା ବୋଲି ମଣେ । ଯେଣୁ ତା ସ୍ୱରୂପ ନ ଜାଣେ ।୧୬
ଯାହାର ନାହିଁ ଅଭିମାନ । ମୁଁ କଲି ବୋଲି କର୍ମମାନ ।
ଯାହାର ବୁଦ୍ଧି ପାପପୁଣ୍ୟ । କର୍ମେ ଲିପ୍ତ ନୁହେ ଜାଣ ।
କଲେ ସକଳ ଜନ ନାଶ । ନ ଲାଗେ ତାଙ୍କୁ ହତ୍ୟାଦୋଷ ।
ବନ୍ଧନ ନ ହୁଏ ତାଙ୍କର । ଶୁଣ ତୁ ଏ ତଥ୍ୟ ନିକର ।୧୭
ଜାଣିବା ଶକତି ଅବର । ଜାଣିବା ଲୋକ ଯେ ନିକର ।
ଜାଣିବାଯୋଗ୍ୟ ବସ୍ତୁ ତିନି । କର୍ମ କରନ୍ତି ଫାଲ୍‌ଗୁନି ।
ଇନ୍ଦ୍ରିୟ କର୍ମ କର୍ତ୍ତା ନୟ । କର୍ମର ଅଟନ୍ତି ଆଶ୍ରୟ ।୧୮।
ଜ୍ଞାନ କରମ କର୍ତ୍ତା ତିନି । ପ୍ରତ୍ୟେକେ ଗୁଣଭେଦେ ତିନି
ଶୁଣହେ ବୀର ଅର୍ଜୁନ । ସେ ତତ୍ତ୍ୱ ଏବେ ବିସ୍ତରେଣ ।୧୯
ଏକଇ ଆତ୍ମା ଭିନ୍ନଦେହେ । ଯେ ଜ୍ଞାନବଳେ ଦେଖାଯାଏ ।
ସାତ୍ତ୍ୱିକ ଜ୍ଞାନ ସେ ବୋଲାଇ । ଶୁଣ ଅର୍ଜୁନ ମନ ଦେଇ ।୨୦
ନାନା ପ୍ରାଣୀର ନାନା ଭାବ । ଯେ ଜ୍ଞାନବଳେ ଦେଖାଯିବ ।
ରାଜସଜ୍ଞାନ ତାର ନାମ । ଶୁଣ ଅର୍ଜୁନ ସାବଧାନ ।୨୧
ଏକଦେହରେ ଆତ୍ମା ଥାଏ । ଅନ୍ୟତ୍ର ସେ ଦେଖା ନ ଯାଏ ।
ଏମନ୍ତ ତୁଚ୍ଛ ମିଥ୍ୟାଜ୍ଞାନ । ତାମସ ଅଟେ ସେ ପ୍ରମାଣ ।୨୨।
ଫଳକାମନା ଯହିଁ ନାହିଁ । ବଇରୀଭାବକୁ ନ ବହି ।
ଶ୍ରଦ୍ଧାରେ [illegible]ନ । କରନ୍ତି ଯାହା ଅନୁଷ୍ଠାନ ।
ସାତ୍ତ୍ୱିକ କର୍ମ [illegible]ନ୍ତି । ସଂଶୟ କିଛି ନାହିଁ ଏଥି ।୨୩

ଯେ ଅହଂକାରୀ ଫଳକାମୀ । ଅଟଇ ବଡ ପରିଶ୍ରମୀ
ସେ ଯେଉଁ କରମ କରଇ । ରାଜସକର୍ମ ସେ ଅଟଇ ।୨୪
ମାୟାମୋହରେ ଅନ୍ଧ ହୋଇ । ନିଜ ଶକତି ନ ଜାଣଇ ।
ପରପୀଡାକୁ ନ ବିଚାରି । ହାନିଲାଭରେ ସମ ସରି ।
ଏ ଭାବେ କଲା କର୍ମମାନ । ତାମସ ବୋଲି ତାକୁ ଜାଣ ।୨୫
ଫଳକାମନା ମନେ ନାହିଁ । ଗରବ ବଚନ ନ କହି ।
ଉଦ୍ୟମ କରେ ଧୈର୍ଯ୍ୟ ଧରି । ସିଦ୍ଧି ଅସିଦ୍ଧି ନ ବିଚାରି ।
ସାତ୍ତ୍ୱିକକର୍ତ୍ତା ସେ ବୋଲାଇ । ଶୁଣ ଅର୍ଜୁନ ମନ ଦେଇ ।୨୬
ବିଷୟେ ଅନୁରାଗୀ ହୋଇ । ଫଳକାମନା ମନେ ବହି ।
ଲୋଭୀ ହିଂସକ ଅପବିତ୍ର । ହର୍ଷ ଶୋକରେ ସଦା ଯୁକ୍ତ ।
ରାଜସକର୍ତ୍ତା ତାକୁ କହି । ଶୁଣ ଅର୍ଜୁନ ମନ ଦେଇ ।୨୭
ଅସାବଧାନ ଅବିବେକ । ଉଦ୍ଧତ ଅଳସ ବଞ୍ଚକ ।
ପରକୁ ଅପମାନ ଦିଏ । ଦିନକକାର୍ଯ୍ୟ ମାସେ ନିଏ ।
ଶୋକରେ ସଦା ହୁଏ ଯୁକ୍ତ । ତାମସକର୍ତ୍ତା ସେ ନିଶ୍ଚିତ ।୨୮
ଗୁଣଭେଦରେ ହୁଏ ତିନି । ବୁଦ୍ଧି ଧଇର୍ଯ୍ୟ ଫାଲଗୁନି ।୨୯
ଯେ ବୁଦ୍ଧିବଳେ ଅରଜୁନ । ପ୍ରବୃତ୍ତି ନିବୃତ୍ତି କ ଚିହ୍ନ ।
କାର୍ଯ୍ୟ ଅକାର୍ଯ୍ୟ ଜାଣିପାର । ପ୍ରଭେଦ ଭୟ ଅଭୟର ।
ବନ୍ଧନ ମୁକତି ଲକ୍ଷଣ । ସାତ୍ତ୍ୱିକବୁଦ୍ଧି ତାକୁ ଜାଣ ।୩୦
ସନ୍ଦେହଭାବେ ହୁଏ ଜଣା । ଧର୍ମ ଅଧର୍ମ ଚିହ୍ନଣା ।
କାର୍ଯ୍ୟ ଅକାର୍ଯ୍ୟ ଏହିମତେ । ଯେ ବୁଦ୍ଧି ଜାଣେ ଅଯଥାର୍ଥେ ।
ସେହି ବୁଦ୍ଧି ରାଜସ ବୋଲାଇ । ଶୁଣ ଅର୍ଜୁନ ମନ ଦେଇ ।୩୧
ଯେଉଁ ବୁଦ୍ଧି ତମରେ ଜଡ଼ିତ । ହିତକୁ ମଣେ ବିପରୀତ ।
ଅଧରମକୁ ଧର୍ମ ମଣେ । ଶାସ୍ତ୍ରକୁ ଅଶାସ୍ତ୍ରେ ଗଣେ ।୩୨
ଅର୍ଜୁନ ଧାରଣା ଶକତି । ଧୃତି [illegible] ଖ୍ୟାତି ।
ଯେ ଧୃତି ଯୋଗବଳ ପାଇ । ଅବା[illegible] ନ ରମଇ ।

ଯେଉଁ ଇନ୍ଦ୍ରିୟ ମନ ପ୍ରାଣ । ଏହାର ଯେତେ କ୍ରିୟାମାନ ।
ଯେବେ ସେ ଧୃତ ସାହା ହୁଏ । ଅପଥେ କେବେହେଁ ନ ଯାଏ ।
ଶାସ୍ତ୍ରବିହିତପଥେ ଗୃଲ । ସାତ୍ତ୍ୱିକ ଧୃତ ତାକୁ ବୋଲ ।୩୩
ଯେ ଧୃତବଳ ପାଇ ଜନ । ମୁଁ କର୍ତ୍ତା କରେ ଅଭିମାନ ।
ଫଳ ପାଇବ ମନେ ପାଞ୍ଚି । ଧର୍ମ୍ମାର୍ଥ କାମ ଆଚରୁଛି ।
ରାଜସଧୃତ ତାକୁ କହ । ଶୁଣ ଅର୍ଜୁନ ଧୀର ହୋଇ ।୩୪
ଯେ ଧୃତ ହେତୁ ଅରଜୁନ । ଶୟନ ନ ହୁଏ ବର୍ଜନ ।
ଶୋକ ବିଷାଦ ଗର୍ବ ଭୟ । ଛାଡ଼ି ନ ପାରେ ସେ କଷ୍ଟୟ ।
ସେ ଧୃତ ତାମସ ବୋଲଇ । ଅର୍ଜୁନ ତୋତେ କହିଲଇଁ ।୩୫
ଶୁଣ ଅର୍ଜୁନ ବୀରବର । ସୁଖ ଯେ ତିନିପରକାର ।
ଅଭ୍ୟାସେ ଯହିଁ ରତ ହୋଇ । ଦୁଃଖସାଗରୁ ପାର ଯାଇ ।୩୬
ପ୍ରଥମେ ବିଷପରି ଲାଗେ । ଶେଷେ ଅମୃତଫଳ ଭୋଗେ ।
ନିର୍ମଳ ଆତ୍ମବୁଦ୍ଧି ଯାର । ତହୁଁ ଜନମ ଏ ସୁଖର ।
ସାତ୍ତ୍ୱିକସୁଖ ତାକୁ କହ । ଶୁଣ ଅର୍ଜୁନ ମନ ଦେଇ ।୩୭
ବିଷୟେ ସଂଯୋଗ ଇନ୍ଦ୍ରିୟ । ତହୁଁ ଯେ ସୁଖର ଉଦୟ ।
ପ୍ରଥମେ ଅମୃତ ସମାନ । ଶେଷରେ ବିଷଫଳ ଜାଣ ।
ରାଜସସୁଖ ତାର ନାମ । ଅର୍ଜୁନ ହୁଅ ସାବଧାନ ।୩୮
ପ୍ରମାଦ ଆଳସ୍ୟ ଶୟନ । ଏଥୁଁ ଯେ ସୁଖ ଉତପନ୍ନ ।
ପ୍ରଥମେ ଶେଷେ ସୁଖ ଦେଇ । ବୁଦ୍ଧିକି ମୋହିତ କରଇ ।
ତାମସସୁଖ ସେ ବୋଲାଇ । ଶୁଣ ଅର୍ଜୁନ ମନ ଦେଇ ।୩୯
ମର୍ତ୍ତ୍ୟ ସ୍ୱରଗ ଦେବଲୋକ । ଏଠାରେ ନାହିଁ କେହି ଲୋକ ।
ସ୍ଥାବର ଅଥବା ଜଙ୍ଗମ । ଏ ତିନିଗୁଣକୁ ଜିଣିମ ।୪୦
ଶୁଣହେ ବୀର ଅରଜୁନ । କ୍ଷତ୍ରିୟ ବୈଶ୍ୟ ଯେ ବ୍ରାହ୍ମଣ ।
ଶୂଦ୍ର ଅବ[illegible] । ବିଭିନ୍ନ କର୍ମ ଏ କହନ୍ତି ।
ସ୍ୱଭାବ ଗୁଣ[illegible] । ବିଭିନ୍ନ କର୍ମକୁ ଅଚରି ।୪୧

ଅନ୍ତର ଇନ୍ଦ୍ରିୟ ସଂଯମ । ତେଜଣି ଲୋଭ କ୍ରୋଧ କାମ ॥
ଶୌଚ ବାହାର ଭିତର । ସଦା ସରଳ ବ୍ୟବହାର ॥
ସତତ କ୍ଷମା ଆଚରଣ । ଦଣ୍ଡିବା ଶକ୍ତି ଥାଇ ପୁଣି ॥
ବେଦାଦିଶାସ୍ତ୍ରର ପଠନ । ଯହିଁରୁ ଲାଭ ତତ୍ତ୍ୱଜ୍ଞାନ ॥
ସେ ଜ୍ଞାନ ଅନୁଭବେ ଅଣି । ଲଭିବ ଅତ୍ମଜ୍ଞାନ ପୁଣି ॥
ଅଛଇ ପରମଈଶ୍ୱର । ଅବର ଅଛି ପରକାଳ ॥
ଏମନ୍ତ ବିଶ୍ୱାସମନର । ଏମାନ କର୍ମ ବ୍ରାହ୍ମଣର ॥
ଶୁଣ ଅର୍ଜୁନ ମନ ଦେଇ । କ୍ଷତ୍ରିୟ କର୍ମ କି ବୋଲାଇ ॥
ଥିବ ଅଦ୍ଭୁତ ପରାକ୍ରମ । ପ୍ରବୃତ୍ତି ବଳିଷ୍ଠ ଜାଟିମ ॥
ଦେଖିଲେ ଶତ୍ରୁ ଭୟ ପାଇ । ଏମନ୍ତ ତେଜଥିବ ବହୁ ॥
ଭୀଷଣ ବିପଦ ପଡ଼ିଲେ । ଧୈର୍ଯ୍ୟ ଧରିପାରେ ଭଲେ ॥
ଦାଇବେ କାର୍ଯ୍ୟ ପଡ଼ିଗଲେ । ହେଲେ କଥଇ କଉଗଲେ ॥
ଗଲେହେଁ ଯାଏ ତା ଜୀବନ । ରଣୁ ନ କରେ ପଳାୟନ ॥
ଗୋରୁ ସ୍ୱର୍ଣ୍ଣ ଭୂମି ଅନ୍ନ । ସୁପାତ୍ର ଦେଖି ଦିଏ ଦାନ ॥
ପ୍ରଜା ପାଳଇ ଦୁଷ୍ଟ ଦଳି । ପ୍ରଭୁତ୍ୱଗୁଣେ ରାଜ୍ୟ ପାଳି ॥
ତେଣୁ ତାହାର ଏ ସ୍ୱଭାବ । ଆପଣାଛୁଏ ଜାତ ହେବ ।୪୩
ନାନାଦି ଶସ୍ୟ ଉତ୍ପାଦନ । ବାଣିଜ୍ୟ ପଶୁର ପାଳନ ॥
ବୈଶ୍ୟର ସ୍ୱାଭାବିକ କର୍ମ । ଶୂଦ୍ର ସେବକ ତିନିବର୍ଣ୍ଣ ।୪୪।
ଯେ ଯାହା କର୍ମେ ରତ ଥିଲେ । ସମ୍ପୂର୍ଣ୍ଣ ସିଦ୍ଧି ଲଭେ ଭଲେ ।୪୫
ଯାହାଙ୍କଠାରୁ ଏ ଜଗତ । ଉତ୍ପତ୍ତି ହୁଅଇ ନିୟତ ॥
ତାହାଙ୍କୁ କରେ ଯେ ଅର୍ଚ୍ଚନ । କରି ଆପଣା ବର୍ଣ୍ଣ କର୍ମ ॥
ଅବଶ୍ୟ ସିଦ୍ଧି ସେ ଲଭଇ । ଶୁଣ ଅର୍ଜୁନ ମନ ଦେଇ ।୪୬
ଯାହାର ଯେମନ୍ତ ସ୍ୱଭାବ । ତେମନ୍ତ କର୍ମ ସେ କରିବ ॥
ତହିଁରେ ପାପ ଲେଶ ନାହିଁ । ତେଣୁ [illegible] ହୋଇ ॥
ମନ୍ଦଭାବରେ ହେଲେ ହେବ । ତହିଁ [illegible] ନ ଲାଗିବ ॥

ସ୍ଵ... ...ତିର ଯେ କରମ । ଭଲେ ପାଳିଲେ ଅଧରମ ।୪୭
...ବେ କର୍ମ-ଦୋଷଯୁକ୍ତ । ତଥାପି ନ...... ନାସ୍ତ ।
...ମବସ୍ତାନେ ଅଗ୍ନି ନାହିଁ । ତେସନ କର୍ମେ ଦୋଷ ଥାଇ ।୪୮
ମନୁ ଆସକ୍ତି ଛାଡ଼ିଦେଇ । ମୁଁ କଲି ବୋଲି ନ ବୋଲଇ ॥
ଫଳକାମନା ଛାଡ଼ିଦେଇ । ନିଷ୍କାମେ କର୍ମ କରୁଥାଇ ।
ଉତ୍ତମ ସନ୍ନ୍ୟାସୀ ବୋଲଇ । ସତ୍ତ୍ୱଶୁଦ୍ଧିକି ସେ ଲଭଇ ।୪୯
ଶୁଣ ଅର୍ଜୁନ ମନ ଦେଇ । କପରି ବ୍ରହ୍ମ ପ୍ରାପ୍ତି ହୋଇ ।
ଜ୍ଞାନର ଶେଷସୀମା ଏହି । ସଂକ୍ଷେପେ କହିବା ବୁଝାଇ ।୫୦
ବିଶୁଦ୍ଧ ବୁଦ୍ଧିଯୁକ୍ତ ହୋଇ । ଧୀରେ ଇନ୍ଦ୍ରିୟ ସଂଯମଇ ।
ବିଷୟ ପରିତ୍ୟାଗ କରେ । ରାଗଦ୍ୱେଷକୁ ଫିଙ୍ଗେ ଦୂରେ ।
ଏମନ୍ତ ଗୁଣ ଥାଏ ଯାର । ବ୍ରହ୍ମପ୍ରାପତ ଯୋଗ ତାର ।୫୧
ପବିତ୍ରସ୍ଥାନରେ ରହନ୍ତି । ଲଘୁ ଆହାର ଯେ କରନ୍ତି ।
ବଚନ ଶରୀର ଯେ ମନ । ଏହାକୁ କଲେ ଯେତେ ଜନ ।
ପରମଅତ୍ମାଙ୍କ ଧ୍ୟାନରେ । ନିଯୁକ୍ତ ଥାଏ ନିରନ୍ତରେ ।
ପୂର୍ଣ୍ଣ ବୈରାଗ୍ୟ ଅନୁସରି । ବଞ୍ଚେ ଯେ ଦରପ ଟର୍ବି ।
ଦରପ ବଳ ଅହଂକାର । ସମ୍ପୂର୍ଣ୍ଣ ପରିତ୍ୟାଗ କରି ।
ଅବର ତ୍ୟଜ କ୍ରୋଧ କାମ । ଦାନାଦି ନ କରି ଗ୍ରହଣ ।
ଶାନ୍ତ ମମତାଶୂନ୍ୟ ହେବ । ବ୍ରହ୍ମ ପାଇବା ଯୋଗ୍ୟ ହେବ ।୫୩
ବ୍ରହ୍ମ ଭାବରେ ଯେ ନିଶ୍ଚଳ । ମନ ତାହାର ନିରମଳ ।
ବିଷୟେ ଅଭିଳାଷ ନାହିଁ । ଅଭାବେ ଶୋଚନା ନ ଥାଇ ।
ସକଳ ପ୍ରାଣୀରେ ସମାନ । ବେଭାର ତାହାଙ୍କର ପୁଣି ।
ତେଣୁ ମୋଠାରେ ଶ୍ରେଷ୍ଠଭକ୍ତି । ମୋ ଭକ୍ତଶ୍ରେଷ୍ଠ ସେ ଅଟନ୍ତି ।୫୪
ଲଭିଣ ଉତ୍ତମ ଭକତି । କପରି କିଏ ମୁଁ ଚିହ୍ନନ୍ତି ।
ଏମନ୍ତେ ଯେ [illegible]ରେ । ମରଣେ ଲୀନ ମୋହଠାରେ ।୫୫
ମତେ ଯେ [illegible] । ମୁଁ ତାକୁ କରେ ଅନୁଗ୍ରହ ।

କଲେହେଁ ସକଳ କରମ । ଅନାଦ୍ୟ ମୋକ୍ଷ ପାଏ ଜାଣ ।୫୬
ଶୁଣ ଅର୍ଜୁନ ସାବଧାନ । ଜାଣ ମୁଁ ପୁରୁଷ ଉତ୍ତମ ।
ତୋର ସକଳ କର୍ମମାନ । ମୋତେ ତୁ କର ସମର୍ପଣ ॥
ମନରୁ ତେଜ କର୍ମଫଳ । ବୁଦ୍ଧିଆଶ୍ରୟେ କର୍ମ କର ।
ମୋଠାରେ ମନକୁ ନିବେଶ । ରହୁବନାହିଁ ତୋ କଲୁଷ ।୫୭
ମୋଠାରେ ଚିତ୍ତ ଅରପିଲେ । ମୋ କୃପା ପାଇବୁ ତୁ ଭଲେ ।
ସକଳ ଦୁଃଖ ଯିବ ନାଶ । ଏ କଥା ଘଟିବ ଅବଶ୍ୟ ।
ଯେବେ ମୋ କଥା ନ ଶୁଣିବ । ଶୁଣିବା ଅବଜ୍ଞା କରିବ ।
ମନରେ ଥିଲେ ଅହଂକାର । ନଷ୍ଟ ହୋଇବ ନିରନ୍ତର ।୫୮
ଯେ ଅହଂକାର ମନେ ବହୁ । "ବୋଲୁଛୁ" ମୁଁ ଯୁଝିବି ନାହିଁ ।
ଏମନ୍ତ ଯାହା କରୁ ମନ । ବୃଥା ଏ ବ୍ୟବସାୟ ଜାଣ ।
ସ୍ୱଭାବ ତୋତେ ବଳାଇବ । ଯୁଦ୍ଧରେ ନିଯୁକ୍ତ କରିବ ।୫୯
ମିଛ ମୋହରେ ପଡ଼ି ତୁହି । ଯାହୁଛୁ ଯା କରିବୁ ନାହିଁ ।
ଶେଷରେ ଅଟଣୀ ସ୍ୱଭାବ । ଧକ୍କା ଦେଇ ତା କରାଇବ ।୬୦
ହେ ଅରଜୁନ ପୁଣି ଶୁଣ । ସର୍ବାନ୍ତର୍ଯ୍ୟାମୀ ନାରାୟଣ ।
ଈଶ୍ୱର ନିଜ ମାୟାବଳେ । ଭ୍ରମାନ୍ତି ଏ ଜୀବଙ୍କୁ ହେଳେ ।
ଶରୀରଧାରୀ ଯେତେ ପ୍ରାଣୀ । ଯନ୍ତ୍ରଅରୁଢ଼ ତାଙ୍କୁ ଜାଣି ।
ଶରୀରଯନ୍ତ୍ରମଧ୍ୟେ ଥାନ୍ତି । ଯନ୍ତ୍ରଅରୁଢ ସେ ବୋଲାନ୍ତି ।
ସେ ଯାହା କର୍ମେ ପ୍ରବର୍ତ୍ତାଇ । ସକଳ ହୃଦରେ ବସଇ ॥
ଦେହାଭିମାନୀ ଜୀବଗଣ । ମୋ ଦେହ ବୋଲି ଅଭିମାନ ॥
ଏ ମୋର ଅଟଇ ଶରୀର । ମନରେ ଥାଏ ଅହଂକାର ॥
ତ୍ରିଗୁଣମାୟାରଜ୍ଜୁ ଧରି । ମୂର୍ଗୀ ଜଗୁଏ ନରହରି ।
ପିତୁଳାପରି ପ୍ରାଣିମାନେ । ଭ୍ରମନ୍ତି ସଂସାର–କାନନେ ।
ସ୍ୱସ୍ୱଭାବଅନୁସାରେ କର୍ମ । ବଳେ [illegible]ଯୀଗଣ ।୬୧
ଏମନ୍ତ ଯେ ପରମେଶ୍ୱର । ଶରଣ [illegible]ଙ୍କର ।

ଙ୍କ କରୁଣା ଲଭି କୁଳେ । ପରମ ଶାନ୍ତି ଲଭି ହେଲେ ।
ରମ ଧାମ ତୁ ପାଇବୁ । ଘୋର ସଂସାରୁ ତରିଯିବୁ ।୬୨
ଏ ଅତି ଗୂଢ଼ ତତ୍ତ୍ୱମାନ । କହିଲି ତୋତେ ଅରଜୁନ ।
ବୁଦ୍ଧିରେ କର ତୁ ବିଚାର । ଯାହା ତୋ ଇଛା ତାହା କର ।
ପୁଣି ତୁ ଶୁଣ ଅରଜୁନ । ଯେଣୁ ତୁ ମୋର ପ୍ରିୟଜନ ।୬୩
ଭକ୍ତରେ ମୋ ବଚନ ଶୁଣ । ମଙ୍ଗଳ ତୋହର ନିଦାନ ।୬୪
ମନ ନିବେଶ ମୋହଠାରେ । ମୋହର ଭକ୍ତ ହୁଅ ତାରେ ।
ମୋପାଇଁ ଯାଗଯଜ୍ଞମାନ । କର ତୁ ସଦା ଅନୁଷ୍ଠାନ ।
କର ତୁ ମତେ ନମସ୍କାର । ମତେ ତୁ ପାଇବୁ ନିକର ।
ଯେଣୁ ମୋ ପ୍ରିୟ ଅଛୁ ତୁହି । ପ୍ରତିଜ୍ଞା କରି କହିଲଇଁ ।୬୫
ଧର୍ମ ଅଧର୍ମ ବିଧିମାନ । ସକଳ ଛାଡ଼ି ଅରଜୁନ ।
ଭଗବାନଙ୍କ ଭକ୍ତିବଳେ । ସକଳ ସିଦ୍ଧି ମିଳିପାରେ ।
ଏ ଦୃଢ଼ ବିଶ୍ୱାସ ତୁ କର । କେବଳ ମୋତେ ଆଶ୍ରା କର ।
ଦୃଢ଼ ବିଶ୍ୱାସ ତୋର ଥିଲେ । ଲାଗିବ ନାହିଁ ପାପ ଛଳେ ।
ଶୋକ ନ କର ଅରଜୁନ । ପାପ ନ ହେବ କଦାଚନ ।
ସକଳ ପାପରୁ ମୁକତ । କରିବି କହୁଛି ନିଶ୍ଚିତ ।
ଶରଣ ନିଅ ତୁ ମୋହର । ସକଳ ପାପ ହେବ ଦୂର ।୬୬
ଶୁଣ ଅର୍ଜୁନ ଦେଇ ମନ । କହିଲି ଗୀତା ତତ୍ତ୍ୱମାନ ।
ତପସ୍ୟାହୀନ ଭକ୍ତିଶୂନ୍ୟ । ଗୁରୁଙ୍କୁ ନ ସେବେ ଯେ ଜନ ।
ମୋହର ନିନ୍ଦା ଯେ କରଇ । ତାକୁ ଏ ତତ୍ତ୍ୱ ନ ଶୁଣାଇ ।୬୭
ଏକାନ୍ତ ଭକ୍ତି ମୋତେ ଥାଇ । ମୋ ଭକ୍ତ ଆଗେ ବଖାଣଇ ।
ସେ ମତେ ଅବଶ୍ୟ ପାଇବ । ଏଥି ସଂଶୟ ନ କରିବ ।୬୮ ।
ସେ ମୋର ଅତ୍ୟନ୍ତ ପ୍ରିୟ ହୋଇ । ନ ଥିଲା ତା ସମାନ କେହି ।
ନ ହେବ ନା[illegible] । ତା ଭିନ୍ନ ଅନ୍ୟ ପ୍ରିୟଜନ ।୬୯
ତୋ ମୋର [illegible]ସମ୍ବାଦ । ପଠନ କରେ ଯେ କୋବିଦ ।

ସେ ମୋର ଜ୍ଞାନଯଜ୍ଞ କରେ । ତହିଁକି ନାହିଁ ସମସର ।୭୦
ଶ୍ରଦ୍ଧାରେ ଏହା ଯେ ଶୁଣଇ । ମୋହର ନିନ୍ଦା ନ କରଇ ॥
ସମସ୍ତ ପାପ କ୍ଷୟ ଯାଏ । ଉତ୍ତମ ଲୋକ ସେହୁ ପାଏ ।୭୧
ଏକାଗ୍ରମନେ ଧନଞ୍ଜୟ । ଶୁଣିଲୁ ଟିକି ଏ ବିଷୟ ॥
ଅଜ୍ଞାନ ମୋହ ଭ୍ରମ ତୋର । ନାଶ କି ହୋଇଲା ନିକର ।୭୨

ଅର୍ଜୁନଉବାଚ ।

ଅର୍ଜୁନ ବୋଲେ ଭଗବାନ ଯେ ତତ୍ତ୍ୱ କହିଲ ଆପଣ ॥
ମୋହର ଭ୍ରମ ହେଲା ଦୂର । ସ୍ମରିଲା ଆତ୍ମଜ୍ଞାନ ମୋର ॥
ମନୁ ସଂଶୟ ଗଲା ଦୂର । ପାଳିବି ବଚନ ତୁମ୍ଭର ।୭୩।

ସଞ୍ଜୟ ଉବାଚ ।

ସଞ୍ଜୟ ବୋଲେ ହେ ରାଜନ । କୃଷ୍ଣ ଅର୍ଜୁନ କଥାମାନ
ଶୁଣିଲି ମୁହିଁ ନିରନ୍ତର । ରୋମାଞ୍ଚ ଜାତହୁଏ ମୋର ।୭୪
ବ୍ୟାସଦେବଙ୍କ ଅନୁଗ୍ରହ । ଶୁଣିଲି କଥା ଗୋପନୀୟ ॥
ସ୍ୱୟଂ ଶ୍ରୀକୃଷ୍ଣ କହୁଥିଲେ । ମୁଁ ତାହା ଶୁଣିଲି କର୍ଣ୍ଣରେ ।୭୫
ସେହି ଅଶ୍ଚର୍ଯ୍ୟ କଥାମାନ । ଶୁଣି ହରଷ ମୋର ମନ ॥
ପୁଣି ସେ କଥା ମନେ କଲେ । ରୋମାଞ୍ଚ ଜାତହୁଏ ଭ୍ ଲ ।୭୬
ମନେ ପଡ଼ିଲେ ବିଶ୍ୱରୂପ । ବିସ୍ମୟ ଜନମେ ଅମାପ ॥
ସ୍ମରି ସେ ପୂର୍ଣ୍ଣ ମୂରତି । ପ୍ରଫୁଲ୍ଲ ହୁଏ ମୋର ମତି ।୭୭
ଶୁଣ ରାଜନ ସାବଧାନ । ଦେଖି ଶୁଣି ଏ କଥାମାନ ॥
ଏମନ୍ତ ହୁଏ ମୋର ମନେ । ଜାଣିବେ ପଣ୍ଡୁ ପୁତ୍ରମାନେ ॥
ଯେଉଁ ପକ୍ଷରେ ଯୋଗେଶ୍ୱର । ଶ୍ରୀହରି ଶ୍ରୀକୃଷ୍ଣ ନିକର ॥
କୃଷ୍ଣଙ୍କ ଉପଦେଶ ଘେନି । ଯୁଝିବେ ବୀର ଫାଲଗୁନୀ ॥
ସେ ପକ୍ଷ ଜିଣିବ ନିଶ୍ଚୟ । କେ[illegible]ଧୀର ସଂଶୟ ॥
ରାଜ୍ୟ ଲକ୍ଷ୍ମୀଙ୍କି ସେ ପାଇବ । ସମ[illegible]ଜ୍ୟ ଦେବ ॥

ସଂସାର ଲଭିବେ ଜନନ । ବର୍ଣ୍ଣିବ ତାଙ୍କର ସମ୍ମାନ ୬
ଗୀତାଭକ୍ତ ସେ ରଖିବେ । ନ୍ୟାୟରେ ସମତାକରିବେ ୭
ଯେ ପକ୍ଷେ ଶ୍ରୀକୃଷ୍ଣ ଅର୍ଜୁନ । ସେ ପକ୍ଷ ଜୟପାଏ ଜାଣ ୭୮
ଯାହାଙ୍କ ଉପଦେଶ ଶୁଣି । କର୍ତ୍ତବ୍ୟ ବିମୁଖ ଫାଲ୍‌ଗୁନୀ ।୧
ମନରୁ ସଂଶୟ ତେଜିଲେ । କର୍ତ୍ତବ୍ୟପଥେ ଚାଲିଗଲେ ।୨
ବନ୍ଦଇ ତାଙ୍କ ଶ୍ରୀପଦ୍ମର । ଶ୍ରୀକୃଷ୍ଣ ପରମ ଈଶ୍ୱର ।୩।
ନ ଥିଲେ ତାହାଙ୍କ କରୁଣା । ବ୍ରହ୍ମା ଶଙ୍କର ହୋନ୍ତି ବଣା ।୪।
ଯେଣୁ ସେ କୃପା କଲେ ମୋରେ । ଗାଇଲି ଗୀତା ମୁଁ ଭାଷାରେ ।୫
ସୁଜନେ ପଢ ଦେଇ ମନ । ସହଜେ ତୁଟିବ ଅଜ୍ଞାନ ।୬
ଭବ ବନ୍ଧନ ଫିଟିଯିବ । ପଥ ସୁଗମ ଦେଖାଯିବ ।୭
ଜଗତବନ୍ଧୁ ଦୁଃଖୀ ଯାଉ । କୃଷ୍ଣଚରଣେ ମତି ରହୁ ।୮।
ସତେକି କରୁଣା ହୋଇବ । ଯୁଗଳପଦ ଦେଖାଯିବ ।୯।

ଇତି ଶ୍ରୀ ମହାଭାରତେ ଶତସାହସ୍ର୍ୟାଂ ବୈୟାସିକ୍ୟାଂ ଭୀଷ୍ମ-ପର୍ବଣି ଶ୍ରୀ ଭଗବଦ୍‌ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗ-ଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦେ ମୋକ୍ଷଯୋଗୋ ନାମ ଅଷ୍ଟା-ଦଶୋଽଧ୍ୟାୟଃ ।

ସ୍ୱସ୍ତି ପ୍ରଜାଭ୍ୟ ପରିପାଳୟନ୍ତୁ
ନ୍ୟାଯେ୍ୟନ ମାର୍ଗେଣ ମହୀଂ ମହୀଶାଃ
ଗୋ ବ୍ରାହ୍ମଣେଭ୍ୟଃ ଶୁଭମସ୍ତୁ ନିତ୍ୟଂ
ଲୋକା ସମସ୍ତା ସୁଖିନୋଭବନ୍ତୁ ।
କାଲେ ବର୍ଷନ୍ତୁ ପର୍ଜନ୍ୟଃ ପୃଥିବୀ ଶସ୍ୟଶାଳିନୀ
ଦେଶୋଽୟଂ କ୍ଷୋଭରହିତୋ ବ୍ରାହ୍ମଣାଃ ସନ୍ତୁ ନିର୍ଭୟାଃ ।।

—o—

ଗୀତା ମାହାତ୍ମ୍ୟ ।

ଗୀତା ସୁଗୀତା କର୍ତ୍ତବ୍ୟା କିମନ୍ୟୈଃ ଶାସ୍ତ୍ର ବିସ୍ତରୈଃ
ଯା ସ୍ୱୟଂ ପଦ୍ମନାଭସ୍ୟ ମୁଖ ପଦ୍ମାଦ୍ ବିନିଃସୃତା

ପଦ୍ମ ନାଭଙ୍କ ମୁଖପଦ୍ମୁ । ଗଳନ୍ତି ଯେଉଁ ଗୀତାମଧୁ ।୧।
ସକଳ ଶାସ୍ତ୍ର ଯିଙ୍ଗି ଦେଇ । ପବିତ୍ର ହୁଅ ତାହା ପିଇ ।୨।

ଋଷୟଃ ଊଚୁଃ ।

